କଟକ
ଗୁରୁବାର ୯ ଅକ୍ଟୋବର, ୨୦୨୫
ପ୍ରାତଃ ସଂସ୍କରଣ

October 9, 2025 Cuttack
Vol - XXIII, Issue - 189
Price: Rs.5/- (8 + 4 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995

ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ

ସମବାୟ ବ୍ୟାଙ୍କ ସମ୍ପାଦକଙ୍କ କ୍ୟାଡର ଗଠନ ହେବ

ଭୁବନେଶ୍ୱର,୮।୧୦(ନି.ପ୍ର): ରାଜ୍ୟରେ ସମବାୟ ବ୍ୟାଙ୍କ ସମ୍ପାଦକଙ୍କ କ୍ୟାଡର ଗଠନ ହେବ। କ୍ୟାଡର ଗଠନ ପରେ ସମ୍ପାଦକମାନଙ୍କର ବଦଳି ହେବ। ଏହି ସୂଚନା ଦେଇଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ। ସମବାୟ ବ୍ୟାଙ୍କକୁ ଦୁର୍ନୀତିମୁକ୍ତ କରିବାକୁ ଯୋଜନା କରିଛନ୍ତି ରାଜ୍ୟ ସରକାର। ରାଜ୍ୟରେ ରହିଛି ୫୨୪୨ଟି ସମବାୟ ସେବା ସମିତି।

ସାଧାରଣ ଲୋକଙ୍କୁ ଶାସନର ସର୍ବାଗ୍ରେ ରଖିଛନ୍ତି ସରକାର

ବାଙ୍କୀ ମହୋତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନ

ବାଙ୍କୀ,୮।୧୦(ନି.ପ୍ର): ସାଧାରଣ ଲୋକଙ୍କୁ ଆମ ସରକାର ଶାସନର ସର୍ବାଗ୍ରେ ରଖିଛନ୍ତି। ସେମାନଙ୍କ ଅଭିଯୋଗ ଓ ସମସ୍ୟାକୁ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟସ୍ତରରୁ ଆରମ୍ଭକରି ଜିଲ୍ଲା ସ୍ତର ପର୍ଯ୍ୟନ୍ତ ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ଲୋକଙ୍କ ସମସ୍ୟା ଶୁଣି ସମାଧାନ କରିବା ପାଇଁ ପଦକ୍ଷେପ ନିଆଯାଉଛି। ଆମ ସରକାର ମଧ୍ୟ ନିଯୁକ୍ତି ପ୍ରଦାନକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ରାଜ୍ୟରେ ଯୁବ ବର୍ଗ ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉଛି। ମାତ୍ର ୧୫ ମାସରେ ସରକାରୀ କ୍ଷେତ୍ରରେ ଆମେ ସମୁଦାୟ ୩୦,୧୨୮ଟି ସରକାରୀ ନିଯୁକ୍ତି ପ୍ରଦାନ କରିଛୁ। ୨ ବର୍ଷରେ ୬୫ ହଜାର ସରକାରୀ ପଦବୀ ପୂରଣ କରିବା ପାଇଁ ଆମର ଲକ୍ଷ୍ୟ ରହିଛି। ବାଙ୍କୀ ମହୋତ୍ସବରେ ଯୋଗଦେଇ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଓଡ଼ିଶାର ପ୍ରାଚୀନ ସଂସ୍କୃତି, ଐତିହ୍ୟ ଓ ସାମାଜିକ ସମ୍ମେଳନର ପ୍ରତୀକ ବାଙ୍କୀ ମହୋତ୍ସବର ରୌପ୍ୟ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଏହି ଉତ୍ସବର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବାଙ୍କୀ ଅଞ୍ଚଳ ଶିଳ୍ପ ସମୃଦ୍ଧ ହେବ। ଏଠାକାର ଯୁବକ ଯୁବତୀ ନିଯୁକ୍ତି ପାଇବା ସହିତ ସମୃଦ୍ଧ ହେବ ବାଙ୍କୀ। ବାଙ୍କୀ ମହୋତ୍ସବ କେବଳ ଏକ ଉତ୍ସବ ନୁହେଁ, ଏହା ଓଡ଼ିଶାର ସାହିତ୍ୟ, ସଂସ୍କୃତି ଓ ମୂଲ୍ୟବୋଧର ଜୀବନ୍ତ ପ୍ରତୀକ। ଆମ ରାଜ୍ୟର ଉନ୍ନୟନର ମୂଳ ଶକ୍ତି ହେଉଛନ୍ତି ଲୋକେ। ବାଙ୍କୀ ମହୋତ୍ସବ ଲୋକଶକ୍ତି, ଲୋକସଂସ୍କୃତି ଓ ସଂପ୍ରୀତିର ମହାଉତ୍ସବ।

ଯୁବ ସମାଜକୁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ଯୁବ ସମାଜ ନିଜ ମାଟି, ନିଜ ଜନ୍ମଭୂମି ପାଇଁ ଗର୍ବ ଅନୁଭବ କରନ୍ତୁ। ଓଡ଼ିଶା ଆଜି ନୂତନ ସ୍ୱପ୍ନ ଦେଖୁଛି– ଉନ୍ନତି, ସୁଶାସନ ଓ ସମାନତାର ସ୍ୱପ୍ନ।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ବାଙ୍କୀ ଅଞ୍ଚଳର ଜନସାଧାରଣଙ୍କ ସହଭାଗିତା ଓ ଅତିଥି ସତ୍କାରର ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ବାଙ୍କୀର ଲୋକେ ଯେପରି ଆତ୍ମୀୟତା ଓ ଅତିଥି ସତ୍କାର ଦେଖାଇଛନ୍ତି, ତାହା ଓଡ଼ିଆ ଆତ୍ମାର ସତ୍ୟ ଚିତ୍ର। ବର୍ତ୍ତମାନ ରାଜ୍ୟରେ ଶିଳ୍ପ, ପର୍ଯ୍ୟଟନ ଓ ସାଂସ୍କୃତିକ ଉନ୍ନତି ଏକ ନୂତନ ଦିଗକୁ ଯାଉଛି ଏବଂ ବାଙ୍କୀ ମହୋତ୍ସବ ଏହି ଯାତ୍ରାର ଗୌରବମୟ ଅଂଶ। କଟକ ଜିଲ୍ଲାର ବିକାଶରେ ବାଙ୍କୀର ପ୍ରମୁଖ ଭୂମିକା ରହିବ। ବାଙ୍କୀର ଅସ୍ମିତା ଓ ଗୌରବକୁ ଆଧାର କରି ଏ ଅଞ୍ଚଳର ଆବଶ୍ୟକୀୟ ଭିତ୍ତିଭୂମିଠାରୁ ଆରମ୍ଭକରି ସମସ୍ତ ପ୍ରକାର ମୌଳିକ ସୁବିଧା ସୁଯୋଗର ବିକାଶ କରାଯିବ। ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ବିଜୁଳି ଓ ଗମନାଗମନ ଭଳି ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ଆମ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସେ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନ୍ୟାୟଧୀଶ ଶ୍ରୀ ନିଶାମଣି ପୃଷ୍ଟି ଓ ଚିକିତ୍ସକ ଡାକ୍ତର ହରିହର ପଣ୍ଡାଙ୍କୁ ବାଙ୍କୀ ମହୋତ୍ସବର ପ୍ରସିଦ୍ଧ ପୁରସ୍କାର ଚର୍ଚ୍ଚିକା ସମ୍ମାନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କଟକ ସାଂସଦ ଭର୍ତ୍ତୃହରି ମହତାବ ଓ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଉପସ୍ଥିତ ଥିଲେ।

ରସାୟନ ବିଜ୍ଞାନରେ ୩ ଜଣଙ୍କୁ ନୋବେଲ ପୁରସ୍କାର

ନୂଆଦିଲ୍ଲୀ,୮।୧୦(ନି.ପ୍ର): ମେଡ଼ିସିନ ଓ ପଦାର୍ଥ ବିଜ୍ଞାନ ପରେ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପାଇବା ପାଇଁ ୩ ଜଣ ବୈଜ୍ଞାନିକଙ୍କ ନାମ ଘୋଷଣା କରାଯାଇଛି। ରସାୟନ ବିଜ୍ଞାନରେ ୩ବୈଜ୍ଞାନିକଙ୍କୁ ମିଳିଲା ନୋବେଲ ପୁରସ୍କାରଛ 'ମେଟାଲ ଅର୍ଗାନିକ୍ ଫ୍ରେମ୍ୱାର୍କ (ଏମଓଏଫ)' ଉପରେ କାମ କରି ଜାପାନର କ୍ୟୋଟୋ ବିଶ୍ୱବିଦ୍ୟାଳୟର ସୁସୁମୁ କିଟାଗାୱା, ଅଷ୍ଟ୍ରେଲିଆର ମେଲବର୍ଣ୍ଣ ବିଶ୍ୱବିଦ୍ୟାଳୟର ରିଚାର୍ଡ ରବସନ ଏବଂ ଆମେରିକାର ବର୍କଲୀର କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଓମାର ଏମ୍ ୟାଘିଙ୍କୁ ମିଳିତ ଭାବେ ଏହି ମର୍ଯ୍ୟାଦାଜନକ ପୁରସ୍କାର ପ୍ରଦାନ କରାଯିବ। ସ୍ୱିଡିଶ ଏକାଡେମୀ ଅଫ୍ ସାଇନ୍ସେସ ପକ୍ଷରୁ ଏହି ଘୋଷଣା କରାଯାଇଛି। ପୁରସ୍କାର ସ୍ୱରୂପ ସେମାନଙ୍କୁ ୧୧ ନିୟୁତ ସ୍ୱିଡିସ୍ କ୍ରାଉନ୍ (ପ୍ରାୟ ୮.୭ ଲକ୍ଷ ପାଉଣ୍ଡ) ପ୍ରଦାନ କରାଯିବ। ମେଟାଲ ଅର୍ଗାନିକ ଫ୍ରେମୱାର୍କ (ଏମ୍‌ଓଏଫ୍) ଉପରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ଏହି ୩ ବୈଜ୍ଞାନିକ ନୋବେଲ ପୁରସ୍କାରରେ ସମ୍ମାନିତ ହେବେ। ସେମାନେ ଏକାଠି ମିଶି ବିଭିନ୍ନ ଅଣୁଗୁଡ଼ିକୁ ନିର୍ଦ୍ଦିଷ୍ଟ ଉପାୟରେ ମିଶ୍ରଣ କରି କିଭଳି ଏକ ସଂରଚନା ସୃଷ୍ଟି କରାଯାଇପାରିବ, ତାହା ଉପରେ ରିସର୍ଚ୍ଚ କରିଥିଲେ। ସେମାନଙ୍କ ରିସର୍ଚ୍ଚ ଭବିଷ୍ୟତରେ ପ୍ରଯୁକ୍ତିବିଦ୍ୟା ପୃଥିବୀରେ ଜଳ ଅଭାବ, ଜଳବାୟୁ ପରିବର୍ତ୍ତନ ଏବଂ ଶିଳ୍ପ ପ୍ରଦୂଷଣର ମୁକାବିଲାରେ ଏକ ବଡ଼ ପରିବର୍ତ୍ତନକାରୀ ପ୍ରମାଣିତ ହେବ। ୧୯୦୧ରୁ ୨୦୨୪ ମଧ୍ୟରେ ୧୯୫ ଜଣଙ୍କୁ ରସାୟନ ବିଜ୍ଞାନରେ ୧୧୬ଟି ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି।




ବିଶ୍ୱରେ ଭାରତ ଦ୍ୱିତୀୟ ବୃହତ୍ତମ ୫ଜି ମାର୍କେଟ

ଦେଶରେ ନିବେଶ କରିବାକୁ ଏବେ ଉପଯୁକ୍ତ ସମୟ : ମୋଦୀ

ଇଣ୍ଡିଆ ମୋବାଇଲ କଂଗ୍ରେସ ଉଦ୍‌ଘାଟିତ

ନୂଆଦିଲ୍ଲୀ,୮।୧୦(ବିନୋଦ ନିଗମ): ଦେଶରେ ଦିନେ ବହୁ ଜିଲ୍ଲା ୨ଜି ସେବା ପାଇଁ ସଂଘର୍ଷ କରୁଥିଲେ। ଆଜି ଦେଶର ପ୍ରାୟ ପ୍ରତ୍ୟେକ ଜିଲ୍ଲାରେ ୫ଜି। ବିଶ୍ୱରେ ଭାରତ ଦ୍ୱିତୀୟ ବୃହତ୍ତମ ୫ଜି ମାର୍କେଟ। ନୂଆଦିଲ୍ଲୀରେ ଯଶୋଭୂମି କନ୍‌ଭେନସନ ସେଣ୍ଟରରେ ଇଣ୍ଡିଆ ମୋବାଇଲ କଂଗ୍ରେସ (ଆଇଏମ୍‌ସି) ଉଦ୍‌ଘାଟନ କରି ଏହା କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।

ଇଣ୍ଡିଆ ମୋବାଇଲ କଂଗ୍ରେସର ଏହା ନବମ ସଂସ୍କରଣ। ଏହା ମଧ୍ୟ ଏସିଆର ସର୍ବବୃହତ୍ତ ଟେଲିକମ ଓ ପ୍ରଯୁକ୍ତି ବିଦ୍ୟା କାର୍ଯ୍ୟକ୍ରମ। ଏଥିରେ ୧୫୦ ଦେଶର ପ୍ରାୟ ୪୦୦ କମ୍ପାନୀ ଯୋଗ ଦେଇଛନ୍ତି।

ମୋଦୀ କହିଛନ୍ତି, ଆଜି ଭାରତରେ ଏକ ଚା' କପ୍‌ଠାରୁ ମଧ୍ୟ ମୋବାଇଲ ଡାଟା ଶସ୍ତା। ପ୍ରତି ବ୍ୟବହାରକାରୀ ଡାଟା କଞ୍ଜପସନରେ ଭାରତ ଆଜି ଆଗୁଆ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ରହିଛି। ଭାରତରେ ମୋବାଇଲ ମ୍ୟାନୁଫ୍ୟାକ୍‌ଚରିଂ ୨୮ ଗୁଣ ବୃଦ୍ଧି ପାଇଛି ଏବଂ ରପ୍ତାନୀ ବୃଦ୍ଧି ପାଇଛି ୨୭ ଗୁଣ। ଗତ ଏକ ଦଶନ୍ଧିରେ ମୋବାଇଲ ଫୋନ୍ ମ୍ୟାନୁଫ୍ୟାକ୍‌ଚରିଂ ସେକ୍ଟର ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ୨୦୧୪ରୁ ଭାରତର ଇଲେକ୍‌ଟ୍ରୋନିକ୍ସ ଉତ୍ପାଦନ ୬ ଗୁଣ ବଢ଼ିଛି।

ନିବେଶକାରୀଙ୍କୁ ଆହ୍ୱାନ ଦଇ ମୋଦୀ କହିଛନ୍ତି, ଭାରତରେ ନିବେଶ କରିବା ପାଇଁ ଏହା ଉପଯୁକ୍ତ ସମୟ। ଭାରତ ତିଆରି ୪ଜି ଷ୍ଟାକ୍ ଏବେ ରପ୍ତାନୀ ପାଇଁ ପ୍ରସ୍ତୁତ। ବିଶ୍ୱର କେବଳ ୫ଟି ଦେଶ ଏହି ଟେକ୍ନୋଲୋଜିରେ ସମୃଦ୍ଧ। ସ୍ୱଦେଶୀ ୪ଜି ଓ ୫ଜି ଷ୍ଟାକ୍‌ରେ ଭାରତ କେବଳ ସିମ୍‌ଲେସ୍ କନେକ୍‌ଟିଭିଟି ନିଶ୍ଚିତ କରିବନାହିଁ, ହାଇସ୍ପିଡ ଇଣ୍ଟରନେଟ ଓ ବିଶ୍ୱସନୀୟ ସେବା ମଧ୍ୟ ନାଗରିକମାନଙ୍କୁ ପ୍ରଦାନ କରିବ। ୪ଜି ଷ୍ଟାକ୍ ମଧ୍ୟ ଭାରତର ୨୦୩୦ ସୁଦ୍ଧା ୬ଜି ଭିଜନ ଲକ୍ଷ୍ୟ ହାସଲରେ ସହାୟତା କରିବ।

କାର୍ଯ୍ୟକ୍ରମରେ କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ମଧ୍ୟ ସାମିଲ ହୋଇଥିଲେ। ସିନ୍ଧିଆ କହିଥିଲେ, ୧.୫ ବିଲିୟନ ସବ୍‌ସ୍କ୍ରାଇବରଙ୍କ ସହ ବିଶ୍ୱର ମୋବାଇଲ ପପୁଲେସନର ୨୦% ଭାରତରେ।

ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ

୧୧୯ ଜଣଙ୍କ ଜାମିନ ଆବେଦନ ଖାରଜ

ବ୍ରହ୍ମପୁର,୮।୧୦(ନି.ପ୍ର): ପୋଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲାରେ ଗିରଫ ହୋଇଥିବା ସମସ୍ତ ୧୧୯ ଜଣଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଛି। ସେମାନଙ୍କ ମଧ୍ୟରେ ୧୧୪ ଜଣ ପରୀକ୍ଷାର୍ଥୀ ଏବଂ ୫ଜଣ ଦଲାଲ। ସମସ୍ତ ଅଭିଯୁକ୍ତଙ୍କ ଜାମିନ ଆବେଦନ ବ୍ରହ୍ମପୁର ଜିଲା ଓ ସେସନ୍ସ ଜଜ କୋର୍ଟ ଖାରଜ କରିଦେଇଛନ୍ତି। ଆବେଦନ ଖାରଜ ହୋଇଯିବା ପରେ ସମସ୍ତ ଅଭିଯୁକ୍ତଙ୍କୁ ନ୍ୟାୟିକ ହେପାଜତକୁ ପଠାଇ ଦେଇଛନ୍ତି। ଏହି କେଳେଙ୍କାରୀର ତଦନ୍ତ କରୁଛି କ୍ରାଇମବ୍ରାଞ୍ଚ। ତଦନ୍ତ ମଧ୍ୟ ଜାରି ରହିଛି।

ଲାଞ୍ଚ ନେବାବେଳେ ଧରାପଡ଼ିଲେ ଓଏଏସ୍ ଅଧିକାରୀ, ଭିଜିଲାନ୍ସ ଚଢାଉ

ବ୍ରହ୍ମପୁର,୮/୧୦(ନି.ପ୍ର): ଭିଜିଲାନ୍ସ ହାବୁଡ଼ରେ ପଡ଼ିଛନ୍ତି ରାଜ୍ୟରେ ଆଉ ଜଣେ ସରକାରୀ ବାବୁ, ଓଏଏସ୍ ଅଧିକାରୀ। ଗଞ୍ଜାମ ବେଲଗୁଣ୍ଠା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବନମାଳୀ ଶତପଥୀ ୨୫ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାବୁଡ଼ରେ ପଡ଼ିଛନ୍ତି। ଜଣେ କର୍ମଚାରୀଙ୍କ ରିଲିଜ ଅର୍ଡର ଓ ଏରିୟର କରାଇ ଦେବାକୁ ସେ ଏହି ଲାଞ୍ଚ ନେଉଥିଲେ। ଧରାପଡ଼ିବା ପରେ ଏନ୍‌ଏସି ଅଧିକାରୀଙ୍କ କାର୍ଯ୍ୟାଳୟ ଓ ବାସଭବନ ସମେତ ତିନିଟି ଠିକଣାରେ ଭିଜିଲାନ୍ସ ରେଡ୍ ଆରମ୍ଭ ହୋଇଛି। ତାଙ୍କୁ ଅଧିକ ଜେରା ପାଇଁ ବ୍ରହ୍ମପୁର ଏସ୍‌ପି ଅଫିସକୁ ନିଆଯାଇଛି।

ଜଳିଗଲା ୩୦ ଇଭି

କୋଣାର୍କ,୮।୧୦(ନି.ପ୍ର): ଶୋ' ରୁମ୍‌ରେ ଗୋଟିଏ ପରେ ଗୋଟିଏ ୩୦ଟି ଇଭି ଜଳିଯାଇଛି। କୋଣାର୍କ ଏନଏସି ମାଧିପୁର ଛକ ନିକଟରେ ଏକ ଇଭି ଶୋ' ରୁମରେ ବୁଧବାର ଘଟିଛି ଏହି ଅଗ୍ନିକାଣ୍ଡ। ସୂଚନା ଅନୁଯାୟୀ, ଅଚାନକ ଏକ ନୂଆ ଗାଡ଼ିର ବ୍ୟାଟେରୀ ଫାଟି ନିଆଁ ଲାଗି ଜଳିବା ଆରମ୍ଭ କରିଥିଲା। ଏହି ନିଆଁ ଗୋଟିଏ ପରେ ଗୋଟିଏ ଇଭିରେ ଲାଗିଥିଲା। ବ୍ୟାଟେରୀଗୁଡ଼ିକ ଜୋର୍‌ରେ ବିସ୍ଫୋରିତ ହୋଇ ନିଆଁ ଉଗ୍ରରୂପ ଧାରଣ କରିଥିଲା। ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କିନ୍ତୁ ଗାଡ଼ି ଓ ଶୋ' ରୁମ୍‌ର ଆସବାବପତ୍ର ଜଳି ପାଉଁଶ ହୋଇଯାଇଥିଲା। ଜଳିଯାଇଥିବା ୩୦ଟି ଇଭି ମଧ୍ୟରେ ରହିଛି ୨୫ଟି ଇ-ବାଇକ ଓ ୫ଟି ସର୍ଭିସିଂ ପାଇଁ ରଖାଯାଇଥିବା ପୁରୁଣା ଗାଡ଼ି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

ନୋ ଡ୍ରୋନ୍ ଜୋନ୍ ଘୋଷଣା ହେଲା ବାଲିଯାତ୍ରା ଗ୍ରାଉଣ୍ଡ

କଟକ,୮।୧୦(ନି.ପ୍ର): କଟକର ଐତିହାସିକ ବାଲିଯାତ୍ରା ଗ୍ରାଉଣ୍ଡକୁ ନୋ ଡ୍ରୋନ ଜୋନ୍ ଘୋଷଣା କରିଛନ୍ତି କଟକ ଜିଲ୍ଲାପାଳ। ବାଲିଯାତ୍ରା କ୍ରାଉଣ୍ଡର ୫ କିମି ପରିଧି ମଧ୍ୟରେ ଏହି କଟକଣା ରହିବ। ଡ୍ରୋନ୍ ଆଦି ଉଡ଼ିପାରିବ ନାହିଁ। ନଭେମ୍ବର ୫ ରୁ ୧୨ ଯାଏ ଆରମ୍ଭ ହେଉଛି ଐତିହାସିକ ବାଲିଯାତ୍ରା। ଏହି କଟକଣା ନଭେମ୍ବର ୧ରୁ ୧୫ ଯାଏ ଲଗାଯାଇଛି। ବାଲିଯାତ୍ରାକୁ ୫୦ ଲକ୍ଷ ଲୋକ ଆସିବାକୁ ଥିବାରୁ ଏହାକୁ ଦୃଷ୍ଟିରେ ରଖି ଗ୍ରହଣ କରାଯାଇଛି ଏହି ପଦକ୍ଷେପ। ଡ୍ରୋନ୍ ସହ ପାରା ଗ୍ଲାଇଡର୍ସ, ପାରା ମୋଟର୍ସ, ପାୱାର ହ୍ୟାଙ୍ଗ ଗ୍ଲାଇଡର୍ସ, ମାଇକ୍ରୋ ଲାଇଟ୍ ଏୟାରକ୍ରାଫ୍ଟ, ହଟ୍ ଏୟାର ବେଲୁନ, ୟୁଏଭି ଉଡ଼ାଣ ମନା କରାଯାଇଛି।

ବାଣ କାରଖାନାରେ ଅଗ୍ନିକାଣ୍ଡ,୬ ମୃତ

ନୂଆଦିଲ୍ଲୀ,୮।୧୦(ନି.ପ୍ର): ଆନ୍ଧ୍ରପ୍ରଦେଶର ପୂର୍ବ ଗୋଦାବରୀରେ ଏକ ବାଣ କାରଖାନା ଅଗ୍ନିକାଣ୍ଡରେ ଜଳିଯାଇଛି। ଏଥିରେ ୬ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୮ ଜଣ ଆହତ ହୋଇଛନ୍ତି। ବୁଧବାର ଅପରାହ୍ନରେ ଘଟିଛି ଏହି ଛାତିଥରା ଘଟଣା। ଶ୍ରମିକମାନେ ବାଣ ତିଆରି କରୁଥିବା ସମୟରେ ଅଗ୍ନିକାଣ୍ଡ ଘଟିଥିଲା। ବାଣ ତିଆରି ପାଇଁ ବ୍ୟବହୃତ ଅତ୍ୟଧିକ ଜ୍ୱଳନଶୀଳ ରାସାୟନିକ ପଦାର୍ଥ ଯୋଗୁ ନିଆଁ ଦ୍ରୁତ ଗତିରେ ବ୍ୟାପି ଯାଇଥିଲା। କେତେଜଣ ଶ୍ରମିକ ଫସି ରହିଯିବାରୁ ମୃତ୍ୟୁସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଆହତମାନଙ୍କୁ ରାଜମୁନ୍ଦ୍ରି ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏ ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ଚନ୍ଦ୍ର ବାବୁ ନାଇଡୁ। ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାସହ ତୁରନ୍ତ ଚିକିତ୍ସା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଘଡ଼ଘଡ଼ି ସହ ରାଜଧାନୀରେ ପ୍ରବଳ ବର୍ଷା

ରେଡ୍ ଆଲର୍ଟ ଜାରି

ଭୁବନେଶ୍ୱର,୮।୧୦(ନି.ପ୍ର): ରାଜ୍ୟରେ ବର୍ଷା ଲାଗି ରହିଛି। ବୁଧବାର ରାଜଧାନୀ ଭୁବନେଶ୍ୱରରେ ଘଡ଼ଘଡି ସହ ପ୍ରବଳ ବର୍ଷା ହୋଇଛି। ଘଣ୍ଟାଏ କାଳ ଜାରି ରହିଥିଲା ବର୍ଷା ବିପ୍ରାତ। ଚଳଚଞ୍ଚଳ ରାଜଧାନୀର ଗତି ଠପ ହୋଇଯାଇଥିଲା। ରାସ୍ତାରେ ଚାଲିଥିଲା ବର୍ଷା ପାଣିର ସ୍ରୋତ। ଚଳିଆ ଅଞ୍ଚଳ ଜଳମଗ୍ନ ହୋଇଯାଇଥିଲା। ଲୋକଙ୍କ ଘରେ ବି ପଶିଯାଇଥିଲା ପାଣି। ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ଘଣ୍ଟାଏ କାଳ ମନରେ ଭୟ ସଞ୍ଚାର କରିଥିଲା ବିଜୁଳି ଓ ଘଡ଼ଘଡ଼ି। ଭୁବନେଶ୍ୱର ପାଇଁ ମଧ୍ୟ ରେଡ୍ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ। ପୁଣି ବର୍ଷା ଓ ଘଡ଼ଘଡ଼ିର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୨୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୧୦ ତାରିଖ ପାଇଁ ସବୁ ଜିଲ୍ଲାକୁ ଜାରି କରାଯାଇଛି ୟେଲୋ ୱାର୍ଣ୍ଣିଂ।

ପୁଣି ଥରେ ମା’ ହେବେ ଭାରତୀ

ପୁଣି ଥରେ ମା’ ହେବେ ହାସ୍ୟ ଅଭିନେତ୍ରୀ ଭାରତୀ ସିଂହ। ଭାରତୀ ଦ୍ୱିତୀୟ ଥର ପାଇଁ ଗର୍ଭବତୀ ଥିବା ଘୋଷଣା କରିଛନ୍ତି। ସେ ସୋସିଆଲ ମିଡିଆରେ ଏକ ଫଟୋ ଶେୟାର କରି ଏହି ଘୋଷଣା କରିଛନ୍ତି। ଭାରତୀ ଇନଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସେ ତାଙ୍କ ବେବି ବମ୍ପ ଦେଖାଉଥିବା ଦେଖାଯାଉଛି । ତାଙ୍କ ସ୍ୱାମୀ ହର୍ଷ ଲିମ୍ବାଚିୟା ମଧ୍ୟ ତାଙ୍କ ସହିତ ଠିଆ ହୋଇଛନ୍ତି।

ଭାରତୀ ସିଂହ ଏବଂ ହର୍ଷ ଲିମ୍ବାଚିୟା ଇନଷ୍ଟାଗ୍ରାମରେ ଏକ ମିଳିତ ପୋଷ୍ଟ ଶେୟାର କରିଛନ୍ତି, ଯେଉଁଥିରେ ଦମ୍ପତି ପାହାଡ଼ ମଧ୍ୟରେ ଠିଆ ହୋଇ ଫଟୋ ପାଇଁ ପୋଜ୍ ଦେଇଛନ୍ତି। ଏହି ଫଟୋ ସହିତ ସେମାନଙ୍କର ଦ୍ୱିତୀୟ ଗର୍ଭଧାରଣ ବିଷୟରେ ଘୋଷଣା କରି ଦମ୍ପତି ଲେଖିଛନ୍ତି, ଆମେ ପୁଣି ଥରେ ଗର୍ଭବତୀ। ଏହି ଖୁସି ଖବର ଶୁଣି ପ୍ରଶଂସକମାନେ ବହୁତ ଖୁସି ହେବା ସହ ଦମ୍ପତିଙ୍କୁ ଅଭିନନ୍ଦନ ଜଣାଇବା ଆରମ୍ଭ କରିଛନ୍ତି।

ଭାରତୀ ସିଂହ ଏବଂ ହର୍ଷ ଲିମ୍ବାଚିୟାଙ୍କ ପୁଅ ଲକ୍ଷ୍ୟ ଲିମ୍ବାଚିୟା ମଧ୍ୟ ବଡ଼ ଭାଇ ହେବା ନେଇ ତାଙ୍କର ଉତ୍ସାହ ପ୍ରକାଶ କରିଛନ୍ତି। ଲକ୍ଷ୍ୟ ତାଙ୍କ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଏକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସେ ଏକ ଲାଲ ରଙ୍ଗର ଟି-ସାର୍ଟ ପିନ୍ଧିଛନ୍ତି। ପିନ୍ଧିଥିବା ଟି-ସାର୍ଟରେ ଲେଖାଯାଇଛି ଯେ, ମୁଁ ବଡ଼ ଭାଇ ହେବାକୁ ଯାଉଛି। ଫଟୋ ସହିତ ଥିବା କ୍ୟାପସନରେ ଲେଖା ଅଛି, ଏବେ ମୋଠାରୁ ଛୋଟ ଜଣେ ଆସୁଛନ୍ତି।

ତେନ୍ତୁଳିରୁ ମିଳିବ ଅନେକ ଫାଇଦା

ତେନ୍ତୁଳିରେ ଭିଟାମିନ୍ ଏ, ଭିଟାମିନ୍ ସି, ଫାଇବର, ଆଇରନ, କ୍ୟାଲସିୟମ, ପୋଟାସିୟମ, ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟିବ୍ୟାକ୍ଟେରିଆଲ ଭଳି ଅନେକ ଉପାଦାନ ରହିଥାଏ। ଏହା ଶରୀରକୁ ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ। ତେବେ ଆସନ୍ତୁ ତେନ୍ତୁଳି ଖାଇବା ଲାଭ ସମ୍ପର୍କରେ ଜାଣିବା...

ତେନ୍ତୁଳି ରକ୍ତ ଅଭାବକୁ ପୂରଣ କରିବାରେ ଲାଭଦାୟକ। ଶରୀରରେ ରକ୍ତ ଅଭାବକୁ ପୂରଣ କରିବା ପାଇଁ ଏହାକୁ ଖାଇବା ଉଚିତ୍। କାରଣ ଏଥିରେ ଲୌହ ବା ଆଇରନ ପ୍ରଚୁର ପରିମାଣରେ ମିଳିଥାଏ, ଯାହା ଶରୀରରେ ରକ୍ତ ଅଭାବକୁ ପୂରଣ କରିବାରେ ସାହାଯ୍ୟ କରିଥାଏ। ଏହା ରକ୍ତରେ ଶର୍କରା ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ। ହୃଦୟ ବା ହାର୍ଟ ସୁସ୍ଥ ରଖିବା ପାଇଁ ତେନ୍ତୁଳି ଖାଇବା ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। ତେନ୍ତୁଳି ଏହା ହାର୍ଟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।

ତେନ୍ତୁଳି ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ମଜବୁତ ହୁଏ। ଏଥିରୁ ଭିଟାମିନ୍ ସି ପ୍ରଚୁର ପରିମାଣରେ ମିଳିଥାଏ, ଯାହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରିଥାଏ। ହଜମ ପ୍ରକ୍ରିୟାକୁ ମଜବୁତ କରିବା ପାଇଁ ତେନ୍ତୁଳି ଖାଇବା ଅତ୍ୟନ୍ତ ଜରୁରୀ। କାରଣ ଏଥିରେ ଫାଇବର ଥାଏ, ଯାହା ହଜମ ପ୍ରକ୍ରିୟାକୁ ମଜବୁତ କରେ। ଏଥିରେ ଅନେକ ପ୍ରକାର ପୋଷକ ତତ୍ତ୍ୱ ରହିଛି। ଏହିସବୁ ସମସ୍ୟାର ସମାଧାନ ପାଇଁ ଡାକ୍ତରମାନେ ତେନ୍ତୁଳି ଖାଇବାକୁ ପରାମର୍ଶ ଦେଇଥାଆନ୍ତି।

ସୌନ୍ଦର୍ଯ୍ୟକୁ ବଢାଇବା ପାଇଁ ଆମେ ମୁହଁରେ ବହୁତ କିଛି ବ୍ୟବହାର କରିଥାଉ। ଯାହା ଆମ ତ୍ୱଚା ପାଇଁ ବେଷ୍ଟ ହୋଇଥାଏ। ଏହାକୁ ସେବନ କରିବା ଦ୍ୱାରା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସମସ୍ୟାକୁ ଦୂର କରିଥାଏ। ଏଥିରେ ଭିଟାମିନ୍-ସି ଭରପୂର ମାତ୍ରାରେ ରହିଥାଏ। ଯାହା ଚର୍ମର ଗଠନକୁ ସଜାଡ଼ିବାରେ ସାହାଯ୍ୟ କରିବ। ଯଦି ଏହିସବୁ ସମସ୍ୟା ଦେଖାଦେଉଛି ତେବେ ତେନ୍ତୁଳି ଖାଆନ୍ତୁ।

ବଦଳାନ୍ତୁ କଥା କହିବାର ତରିକା

ଦାମ୍ପତ୍ୟରେ ଭରିଦେବ ଖୁସି

ଏମିତି କିଛି ଛୋଟ ଛୋଟ ମିଛ ଥାଏ ଯାହା କହିବା ଦ୍ୱାରା ସମ୍ପର୍କ ମଜଭୁତ ହୋଇଥାଏ। ଦେଖାଯାଏ, ଯେଉଁ ଜୀବନ ସାଥି ପରସ୍ପରକୁ କିଛି ମିଛ କହିଥାନ୍ତି ଯାହା ସେମାନଙ୍କ ଜୀବନକୁ ରୋମାଣ୍ଟିକ୍‌ଭରା ଓ ମଜଭୁତ କରିଥାଏ...

- ଯଦି ଆପଣ ଦୁହିଁଙ୍କ ମଧ୍ୟରେ କୌଣସି କଥାକୁ ନେଇ ଯୁକ୍ତିତର୍କ ହେଉଥାଏ ଓ ଯେତେ ବି ଦୁହେଁ ନିଜ ଯାଗାରେ ଠିକ୍ ରହିଥାନ୍ତୁ ନା କାହିଁକି ଯୁକ୍ତିତର୍କ ଲାଗିବା ସମୟରେ ଜଣଙ୍କୁ ଝଗଡା ବନ୍ଦ କରିବାକୁ ତମେ ଠିକ୍ ବୋଲି କହିବାକୁ ପଡିବ। ଏହା କହିବା ଦ୍ୱାରା ସାମ୍ନାରେ ଥିବା ଲୋକ ଠିକ୍ ଭୁଲ୍ ନିଜେ ଜାଣିପାରିବେ।
- ସାଥୀଙ୍କ ବେଶ ଆପଣଙ୍କୁ ଭଲ ନଲାଗୁ ପଛେ କିନ୍ତୁ ଖୁସି କରିବା ପାଇଁ ନିହାତି ଏହି ମିଛ କୁହନ୍ତୁ କି ବହୁତ ଭଲ ଲାଗୁଛ। କଥା କହିବାର ବହୁତ ତରିକା ଥାଏ। ଯଦି ଆପଣ ଆପଣଙ୍କ ସାଥୀଙ୍କୁ ବିଲକୁଲ ଭଲ ଲାଗୁନାହାନ୍ତି ବୋଲି କହି ଦିଅନ୍ତି ତେବେ ଏହି କଥା ସାଥୀଙ୍କ ମନକୁ ଆଘାତ ଦେଇଥାଏ। ଏସବୁ ନକହି ଏହା ମଧ୍ୟ କହିପାରିବେ କି ଏମିତି ସଜ ହେଲେ ତମେ ଅଧିକ ସୁନ୍ଦର ଲାଗିବ। ଏମିତିରେ ତ ତମେ ଯାହା ବି ପିନ୍ଧ ବହୁତ ସୁନ୍ଦର ଲାଗ।
- ବେଳେବେଳେ ଏମିତି ହୁଏ ସାଥି ରାନ୍ଧିଥିବା ଖାଇବା ପାଟିକୁ ସ୍ୱାଦିଷ୍ଟ ଲାଗିନଥାଏ କିନ୍ତୁ ଏହା ସିଧାସଳଖ ଭାବେ ସାଥିଙ୍କୁ କହିବା ଦ୍ୱାରା ତାଙ୍କ ମନରେ କଷ୍ଟ ହୋଇଥାଏ। ଏମିତି କହିବେ ତମେ ବହୁତ ଭଲ ଖାଇବା ରାନ୍ଧୁଛ। କଥା କହିବାର ତରିକା ବଦଳାନ୍ତୁ ଦେଖିବେ ବହୁତ ଖୁସିରେ ରହିବେ।

ଲିପଷ୍ଟିକ୍‌ରେ ଲୁଚିଛି ଫୁସ୍‌ଫୁସ୍ କର୍କଟ ବିପଦ

ବିଶ୍ୱବ୍ୟାପୀ ସବୁଠାରୁ ଅଧିକ ବ୍ୟବହୃତ ପ୍ରସାଧନ ସାମଗ୍ରୀ ମଧ୍ୟରୁ ଲିପ୍‌ଷ୍ଟିକ୍ ହେଉଛି ଅନ୍ୟତମ। ଏହା ମୁଖମଣ୍ଡଳକୁ ଆକର୍ଷଣୀୟ କରିବା ସହ ବ୍ୟକ୍ତିତ୍ୱକୁ ପରିମାର୍ଜିତ କରିଥାଏ। ତେବେ ଏହାର ଆକର୍ଷଣ ତଳେ ଲୁଚି ରହିଥିବା ବିପଦ କଥା ହୁଏତ ଅନେକେ ଜାଣିନାହାନ୍ତି। ମହିଳାଙ୍କ ପାଇଁ ଅପରିହାର୍ଯ୍ୟ ପାଲଟିଥିବା ଏହି ସାମଗ୍ରୀରେ ରହିଛି ସୀସା ଓ କ୍ୟାଡ୍‌ମିୟମ୍ ଭଳି ବିଷାକ୍ତ ପଦାର୍ଥ। ଏଗୁଡ଼ିକ ଗମ୍ଭୀର ସ୍ୱାସ୍ଥ୍ୟସଙ୍କଟ ସୃଷ୍ଟିକରେ ବୋଲି ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଏହି ଲୋଭନୀୟ ସାମଗ୍ରୀର ଦୀର୍ଘକାଳୀନ ବ୍ୟବହାର ଫୁସ୍‌ଫୁସ୍‌କୁ ପ୍ରଭାବିତ କରି କର୍କଟ ଭଳି ବିପଦର ଆଶଙ୍କା ସୃଷ୍ଟି କରେ ବୋଲି ଜଣାପଡ଼ିଛି।

ଏ ସମ୍ପର୍କିତ ଅଧ୍ୟୟନ ଅନୁଯାୟୀ, ବଜାରରେ ଉପଲବ୍ଧ ଅନେକ ଜଣାଶୁଣା କମ୍ପାନିର ଲିପ୍‌ଷ୍ଟିକରେ ସୀସା, କ୍ୟାଡ୍‌ମିୟମ୍, କ୍ରୋମିୟମ୍, ବେରିଲିୟମ୍ ଓ ଥାଲିୟମ୍ ଭଳି କର୍କଟ ସୃଷ୍ଟିକାରୀ ଧାତୁ ଥାଏ। ଏପରିକି ପରୀକ୍ଷିତ ୯୬% ଲିପ୍‌ଷ୍ଟିକ୍‌ରେ ସୀସା, ୫୧% କ୍ୟାଡ୍‌ମିୟମ୍, ୯୦% ବେରିଲିୟମ୍ ଓ ୬୧% ଥାଲିୟମ୍ ରହିଛି। ଏହି ଧାତୁଗୁଡ଼ିକ ଚର୍ମ, ଖାଦ୍ୟଗ୍ରହଣ ବା ଶ୍ୱାସକ୍ରିୟା ମାଧ୍ୟମରେ ଶରୀରକୁ ଯାଇଥାଏ। ସୀସା ଏକ କର୍କଟ ସୃଷ୍ଟିକାରୀ ଧାତୁ ଓ ନ୍ୟୁରୋଟକ୍ସିନ୍ ହୋଇଥିବା ବେଳେ କ୍ୟାଡ୍ମିୟମ୍ ଏକ ଗ୍ରୁପ୍ ୧ ମାନବ କର୍କଟ ରୋଗ ସୃଷ୍ଟିକାରୀ ଧାତୁ। ଦୀର୍ଘସମୟ ବ୍ୟବହାର କଲେ ଫୁସ୍‌ଫୁସ୍, ସ୍ତନ ଓ ଏଣ୍ଡୋମେଟ୍ରିଆଲ୍ କର୍କଟ ଆଶଙ୍କା ସୃଷ୍ଟି ହୋଇଥାଏ। ଏହି କ୍ରମରେ କ୍ୟାଡ୍‌ମିୟମ୍ ଅତ୍ୟନ୍ତ କ୍ଷତିକାରକ ବୋଲି ବିଶେଷଜ୍ଞ ଡାକ୍ତର ଚେତାବନୀ ଦେଇଛନ୍ତି।

ଏହା ଫୁସ୍‌ଫୁସ୍ କର୍କଟ, ବୃକକ୍ କ୍ଷତି ଓ ଶ୍ୱାସକ୍ରିୟା ସମସ୍ୟା ସୃଷ୍ଟି କରେ।ଭାରତୀୟ ଔଷଧ ଓ ପ୍ରସାଧନ ସାମଗ୍ରୀ ଆଇନ ଏଗୁଡ଼ିକର ବ୍ୟବହାର ସୀମା ଧାର୍ଯ୍ୟ କରିଛି। ସେଥିମଧ୍ୟରେ ୨୦ ପିପିଏମ୍ ପର୍ଯ୍ୟନ୍ତ ସୀସା ଏବଂ ୧୦୦ ପିପିଏମ୍ ପର୍ଯ୍ୟନ୍ତ ମୋଟ୍ ଭାରୀ ଧାତୁ (ସୀସା ବ୍ୟତୀତ) ବ୍ୟବହାର ହୋଇପାରିବ। ତଥାପି ଲିପ୍‌ଷ୍ଟିକ୍ ଉତ୍ପାଦନରେ କ୍ୟାଡ୍‌ମିୟମ୍ ଭଳି କିଛି ଧାତୁ ପାଇଁ ସ୍ପଷ୍ଟ ଭାବେ ନିର୍ଦ୍ଦିଷ୍ଟ ସୀମା ଧାର୍ଯ୍ୟ କରାଯାଇନାହିଁ। ତେବେ ଏ ବାବଦରେ ତନଖି ବ୍ୟବସ୍ଥା ଅତି ଦୁର୍ବଳ ଏବଂ ନିର୍ମାତାମାନେ ପ୍ରକୃତତତ୍ତ୍ୱର ପ୍ରକାଶ କରିବାକୁ ବାଧ୍ୟ ନୁହନ୍ତି। ତେଣୁ ବିଷାକ୍ତ ରାସାୟନିକ ଲିପ୍‌ଷ୍ଟିକ୍ ବଦଳରେ ପ୍ରାକୃତିକ ଉପାଦାନରେ ତିଆରି ଲିପ୍‌ଷ୍ଟିକ୍ ଶ୍ରେୟସ୍କର ବୋଲି ଡାକ୍ତରମାନେ କହିଛନ୍ତି।

ଉପକାରୀ କାଙ୍କଡ଼

କାଙ୍କଡ଼ ଖାଇବାକୁ ଯେତିକି ସ୍ୱାଦିଷ୍ଟ ସେତିକି ପୁଷ୍ଟିକର। ସୁସ୍ଥ ରହିବା ପାଇଁ ବିଶେଷଜ୍ଞମାନେ ସବୁଜ ପନିପରିବା ଖାଇବାକୁ ପରାମର୍ଶ ଦିଅନ୍ତି। ଆୟୁର୍ବେଦ ଅନୁସାରେ, ଏଥିରେ ପ୍ରୋଟିନ, ସୁସ୍ଥ ଚର୍ବି, ଫାଇବର, କାର୍ବୋହାଇଡ୍ରେଟ୍, ପୋଟାସିୟମ, ସୋଡିୟମ, କ୍ୟାଲସିୟମ ଭଳି ଅନେକ ପୁଷ୍ଟିକର ପଦାର୍ଥ ମିଳିଥାଏ। ପନିପରିବାରେ ନିରାମିଷ ଖାଦ୍ୟ ଅପେକ୍ଷା ୫୦ ପ୍ରତିଶତ ଅଧିକ ପ୍ରୋଟିନ ଥାଏ।

- **ତ୍ୱଚା:** କାଙ୍କଡ ତ୍ୱଚାକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ। ଏଥିରେ ବିଟା କ୍ୟାରୋଟିନ, ଲ୍ୟୁଟିନ ଏବଂ ଜିଆକ୍ସାନ୍ଥିନ ପରି ବିଭିନ୍ନ ଫ୍ଲାଭୋନଏଡ୍ ପ୍ରଚୁର ପରିମାଣରେ ଥାଏ। ଏହି ଫ୍ଲାଭୋନଏଡ୍ ସଫାକାରୀ ଭାବରେ କାର୍ଯ୍ୟ କରେ। ଏହାବ୍ୟତୀତ ଏଥିରେ ବାର୍ଦ୍ଧକ୍ୟ ବିରୋଧୀ ଗୁଣ ମଧ୍ୟ ଅଛି। ତ୍ୱଚାକୁ ଦୀର୍ଘ ସମୟ ପାଇଁ ଯୁବ ରଖିବାରେ ସାହାଯ୍ୟ କରେ।
- **ମଧୁମେହ:** ମଧୁମେହ ପୀଡିତ ଲୋକଙ୍କ ପାଇଁ ପନିପରିବା ଖାଇବା ବହୁତ ଲାଭଦାୟକ ହୋଇପାରେ। କାଙ୍କଡ ରକ୍ତ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଏହା ମଧୁମେହ ଆଶଙ୍କା ହ୍ରାସ କରେ। ଏହାବ୍ୟତୀତ ଏଥିରେ ଫାଇବରର ପରିମାଣ ଅଧିକ ଥିବାରୁ ଏହା ଅନ୍ତନଳୀର ସ୍ୱାସ୍ଥ୍ୟକୁ ଉନ୍ନତ କରିବାରେ ମଧ୍ୟ ସାହାଯ୍ୟ କରେ। କାଙ୍କଡ଼ ନିୟମିତ ସେବନ ମଧ୍ୟ ପାଚନ ଶକ୍ତିକୁ ଉନ୍ନତ କରିବାରେ ସାହାଯ୍ୟ କରେ।
- **ରକ୍ତଚାପ:** କାଙ୍କଡରେ ଥିବା ପୋଟାସିୟମ୍ ଏବଂ ଲୌହ ଶରୀରରେ ରକ୍ତ ସଞ୍ଚାଳନକୁ ଉନ୍ନତ କରିବାରେ ସାହାଯ୍ୟ କରେ। ପୋଟାସିୟମ୍ ରକ୍ତଚାପ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ ଏବଂ ହିମୋଗ୍ଲୋବିନ୍ ସ୍ତରକୁ ବୃଦ୍ଧି କରେ। ଯାହା ରକ୍ତ ସଞ୍ଚାଳନକୁ ଉନ୍ନତ କରେ। କାଙ୍କଡ଼ରୁ ଜୁସ୍ ପ୍ରସ୍ତୁତ କରି ପିଇପାରିବେ।
- **ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି:** କାଙ୍କଡରେ ଥିବା ଭିଟାମିନ୍ ସି ଏବଂ କ୍ୟାରୋଟିନୋଏଡ୍ ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିବାରେ ସାହାଯ୍ୟ କରେ। ଏହାର ସେବନ ଅକ୍ସିଡେଟିଭ୍ ଚାପକୁ ହ୍ରାସ କରେ। ଚର୍ମ ଏବଂ ଆଖିକୁ ସୁରକ୍ଷିତ ରଖିଥାଏ। ଲ୍ୟୁଟିନ୍ ଏବଂ ବିଟ୍ କାରୋଟିନ୍ ମ୍ୟାକୁଲାର ଡିଜେନେରେସନ୍ ରୋକିବାରେ ସାହାଯ୍ୟ କରେ।
- **କର୍କଟ ରୋଗକୁ ରୋକେ:** କାଙ୍କଡରେ ଲ୍ୟୁଟିନ୍ ପ୍ରଚୁର ପରିମାଣରେ ମିଳିଥାଏ। ଏହା କର୍କଟ ରୋଗକୁ ରୋକେ। ଏହାସହିତ କୁର୍ତ୍ତୁଲା ଭିଟାମିନ୍ ସିର ଏକ ଭଲ ଉତ୍ସ। ଶରୀରରୁ ବିଷାକ୍ତ ପଦାର୍ଥକୁ ବାହାର କରେ। ଏହା କର୍କଟ ରୋଗର ଆଶଙ୍କାକୁ ବହୁ ପରିମାଣରେ ହ୍ରାସ କରେ।
- **ଓଜନହ୍ରାସ:** ଯେଉଁମାନେ ମେଦ ବହୁଳତାରେ ପୀଡିତ, ସେମାନେ କାଙ୍କଡ ଖାଇ ଦ୍ୱାରା ଓଜନ ହ୍ରାସ କରିବାରେ ସାହାଯ୍ୟ ହୋଇପାରିବ। ଏଥିରେ ଥିବା ଫାଇବର ପେଟକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ରଖିବାରେ ସାହାଯ୍ୟ କରେ। ଏହା ଅତ୍ୟଧିକ ଖାଇବାର ଇଚ୍ଛାକୁ ହ୍ରାସ କରେ। ଯାହା ଓଜନ ହ୍ରାସ କରିବାରେ ସାହାଯ୍ୟ କରେ। କାଙ୍କଡରେ କ୍ୟାଲୋରୀ କମ୍ ଏବଂ ଫାଇବର ଅଧିକ ଥାଏ।
- **ପାଚନ ସମସ୍ୟା:** ନିୟମିତ ଭାବରେ କାଙ୍କଡ ଖାଇବା ଦ୍ୱାରା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ। ପେଟକୁ ସଫା ରଖିବାରେ ସାହାଯ୍ୟ କରେ। କୋଷ୍ଠକାଠିନ୍ୟ ଏବଂ ପାଚନ ସମସ୍ୟାରେ ପୀଡିତ ଲୋକଙ୍କ ପାଇଁ ଭଲ। ଏହା ଉଭୟ ସମସ୍ୟାର ସମାଧାନ କରେ।

କିପରି କଟିବ ଆଜିର ଦିନ

୯ ଅକ୍ଟୋବର ୨୦୨୫

ମେଷ: ଶିଳ୍ପ, ବାଣିଜ୍ୟ, ପରିବହନ ଓ ଆନୁଷ୍ଠାନିକ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଭୁଲ୍ ବୁଝାମଣାଜନିତ ଅଶାନ୍ତି, କଳହ ଆଶଙ୍କା ରହିଛି । ସାହିତ୍ୟ, ସାମ୍ବାଦିକତା, କଳା, ସଙ୍ଗୀତ କ୍ଷେତ୍ରରୁ ପ୍ରଶଂସିତ ହେବେ।

ବୃଷ: ଅନ୍ୟମାନଙ୍କୁ ଭଲରେ ରଖିବାକୁ ଚେଷ୍ଟାକଲେ ମଧ୍ୟ ସମୟ ଓ ପରିସ୍ଥିତି ସବୁକିଛି ବିଗାଡ଼ିଦେବ। ମୂଲ୍ୟବାନ ଜିନିଷ କ୍ରୟରୁ ଖର୍ଚ୍ଚ ପରିମାଣ ବୃଦ୍ଧି ପାଇବ। କଳା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସମସ୍ୟା ଉପୁଜିବ।

ମିଥୁନ: ଅସାବଧାନତା କିମ୍ବା ଅନ୍ୟମନସ୍କ ହେତୁ ସମସ୍ୟାର ସମ୍ମୁଖୀନ ହେବେ। ବୃଥା ସନ୍ଦେହଜନିତ କାରଣରୁ ବନ୍ଧୁଙ୍କ ସହ କଳହର ସୂଚନା ରହିଛି। ଜମିଜମା କାରବାର କରିବା ପାଇଁ ଆଜି ହେଉଛି ପ୍ରକୃଷ୍ଟ ଦିନ।

କର୍କଟ: ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିବାକୁ ପଡ଼ିପାରେ। ବ୍ୟବସାୟ, ବାଣିଜ୍ୟ କ୍ଷେତ୍ରରେ ଉନ୍ନତମାନର ସୁଫଳ ପାଇବେ। ଶିକ୍ଷା, ସନ୍ତାନ କ୍ଷେତ୍ରରେ କିଛିଟା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

ସିଂହ: ବ୍ୟବସାୟରେ ପ୍ରତିବନ୍ଧକ ଦେଖାଦେବାରୁ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ବନ୍ଧୁଙ୍କ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ଆନୁଷ୍ଠାନିକ କାମରେ ସହଯୋଗ କରି ପ୍ରଶଂସିତ ହୋଇପାରନ୍ତି।

କନ୍ୟା: ଆର୍ଥିକ ଉନ୍ନତି ସହ ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ। କିନ୍ତୁ ମାନସିକ ସ୍ତରରେ ନିରୁତ୍ସାହିତ ରହିବେ। ଅଟକି ରହିଥିବା କାମକୁ ନିର୍ଦ୍ଦିଷ୍ଟ ସମୟରେ ସମ୍ପନ୍ନ କରିପାରିବେ ନାହିଁ। ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହେବ ।

ତୁଳା: ଦୀର୍ଘଦିନର ଅଭିଳାଷ ପୂରଣ ଦିଗରେ ଚେଷ୍ଟାକଲେ ସଫଳତା ପାଇବେ। ବନ୍ଧୁଙ୍କ ଆମନ୍ତ୍ରଣ ଆପଣଙ୍କ ବିଚାରକୁ ବିଗାଡ଼ି ଦେଇପାରେ। ଶାରୀରିକ ସୁସ୍ଥତା ରହିବା ହେତୁ ମନ ସାମୟିକ ହାଲୁକା ରହିବ ।

ବିଛା: ସନ୍ତାନହେତୁକ ଦୁଶ୍ଚିନ୍ତା ଦୂର ହେବ। ନିଜ ପ୍ରତି ସମ୍ମାନ ଓ ଭକ୍ତି ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କ ବେଖାତିର କଥା କଷ୍ଟ ଦେଇପାରେ। ଆତ୍ମୀୟମାନେ ବିରୁଦ୍ଧାଚରଣ କରିପାରନ୍ତି। ଛାତ୍ରଛାତ୍ରୀମାନେ ପାଠପଢ଼ା ପ୍ରତି ଆଗ୍ରହୀ ହେବେ।

ଧନୁ: ଘରେ ଅଶାନ୍ତିର ବାତାବରଣ ଦେଖାଦେବ। କୌଣସି ବନ୍ଧୁଙ୍କ କଥା ରକ୍ଷା କରିବାକୁ ଯାଇ ନିଜ କାମକୁ ଅବହେଳା କରିପାରନ୍ତି। ଆନୁଷ୍ଠାନିକ କାମ, କଳା, ସାହିତ୍ୟ, ଚଳଚ୍ଚିତ୍ର ଓ ସଙ୍ଗୀତ କ୍ଷେତ୍ରରୁ ଉପଯୁକ୍ତ ଭାବେ ସମ୍ମାନିତ ହେବେ।

ମକର: ପାରିବାରିକ ସ୍ଥିତି ମନ୍ଦ ନହେଲେ ମଧ୍ୟ ମତାନ୍ତର ଆଶଙ୍କା ରହିଛି । ବନ୍ଧୁଙ୍କ ସାହାଯ୍ୟରେ ପାରିବାରିକ ସମସ୍ୟା ସମାଧାନ କରିପାରିବେ। ସମ୍ପର୍କୀୟଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବ। ଦୂରଯାତ୍ରା ଯୋଗ ରହିଛି।

କୁମ୍ଭ: ଘରେ କୌଣସି ଦ୍ରବ୍ୟ ନଷ୍ଟ ହୋଇପାରେ। ସାମାଜିକ ସ୍ତରରେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କୌଣସି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବେ। ଦୀର୍ଘଦିନର ଅଭିଳାଷ ପୂର୍ଣ୍ଣ ହେବାରୁ ଆନନ୍ଦିତ ହେବେ।

ମୀନ: ଆଜି ଆପଣଙ୍କର ମନ ଭଲ ରହିବ ନାହିଁ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ ନକଲେ ଚିନ୍ତା ବଢ଼ିଯିବ। ସଙ୍ଗୀତ, ସାହିତ୍ୟଚର୍ଚ୍ଚା, ଶାସ୍ତ୍ରାଲୋଚନା, ସତ୍‌ସଙ୍ଗ, ଆଧ୍ୟାତ୍ମିକ ଚିନ୍ତନର ସୁଯୋଗ ପାଇବେ।

ପୋଲିସର ପକ୍ଷପାତିତା ଓ ଖଣ୍ଡପଡ଼ା ଏସଡିପିଓଙ୍କ କାର୍ଯ୍ୟଧାରାକୁ ବିରୋଧ

ପରିସ୍ଥିତି ନସୁଧୁରିଲେ ଜନ ଆନ୍ଦୋଳନ: ଅରୁଣ ସାହୁ

ନୟାଗଡ଼,୮।୧୦, (ନି.ପ୍ର.): ନୟାଗଡ଼ ଜିଲ୍ଲାର ପ୍ରମୁଖ ବିଜେଡି ନେତାମାନେ ବୁଧବାର ନୟାଗଡ଼ ଆରକ୍ଷୀ ଅଧିକ୍ଷକ ଏସ୍ ସୁଶ୍ରୀଙ୍କୁ ସାକ୍ଷାତ କରି ଜିଲ୍ଲାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ଏହା ସହିତ ପୁଲିସର ଏକପାଖିଆ ନୀତିକୁ ବିରୋଧ କରିଛନ୍ତି । ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ଜିଲ୍ଲା ବିଜେଡି ସଭାପତି ତଥା ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ବରିଷ୍ଠ ନେତ୍ରୀ ଇରାନୀ ରାୟ, ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ସମେତ ବହୁ ନେତା ସାମିଲ ହୋଇଥିଲେ । ଖଣ୍ଡପଡ଼ା ପୁଲିସ ଉପଖଣ୍ଡରେ ସୃଷ୍ଟି ହୋଇଥିବା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତିକୁ ନେଇ ସରଗରମ ଆଲୋଚନା ହୋଇଥିଲା । ଖଣ୍ଡପଡ଼ା ଏସଡିପିଓ ମଦନ ମୋହନ ପ୍ରଧାନ ଦଳୀୟ କାର୍ଯ୍ୟକର୍ତ୍ତା ଭଳି ଲୋକଙ୍କୁ ବ୍ୟବହାର କରିବା, ବିନା କାରଣରେ ବିଜୁ ଜନତା ଦଳ ସୋସିଆଲ ମିଡିଆ କର୍ମୀଙ୍କୁ କାର୍ଯ୍ୟାଳୟକୁ ଡକାଇ ଧମକ ଦେବା, ଯୁବକଙ୍କ ମୋବାଇଲ ଗୁଡ଼ିକୁ ଜବରଦସ୍ତ ନିଜ ପାଖରେ ରଖିବା ଏବଂ ପ୍ରତ୍ୟେକ ମାମଲାରେ ପକ୍ଷପାତିତା କରିବାକୁ ନେଇ ଏସପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ସାଧାରଣ ଲୋକଙ୍କୁ ଖଣ୍ଡପଡ଼ା ଓ ଫତେଗଡ଼ ଥାନାରେ ନ୍ୟାୟ ମିଳି ପାରୁନଥିବା ନେଇ ଏସପିଙ୍କୁ ଅଭିଯୋଗ କରାଯାଇଛି । ଏହା ସହିତ ଚାନ୍ଦପୁର ଥାନା ଅଞ୍ଚଳରେ ପୁଲିସ ଆଦିବାସୀ ଲୋକଙ୍କ ଉପରେ ବଳ ପ୍ରୟୋଗ କରି ସେମାନଙ୍କ ଜମି ଛଡ଼ାଇ ନେବାରେ ବ୍ୟବସାୟୀଙ୍କୁ ସହଯୋଗ କରୁଥିବା ନେଇ ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଏସପିଙ୍କୁ ଜଣାଇଥିଲେ । ପୁଲିସର ପକ୍ଷପାତିତା ବିରୁଦ୍ଧରେ ଜନଆନ୍ଦୋଳନକୁ ଏଡ଼ାଇ ଦେଇ ହେବ ନାହିଁ ବୋଲି କହିଥିଲେ । ସାଧାରଣ ଲୋକେ ନ୍ୟାୟ ନପାଇଲେ ଆଇନକୁ ହାତକୁ ନେବେ । ଯାହା ଦ୍ୱାରା ଶାନ୍ତି ପ୍ରିୟ ନୟାଗଡ଼ର ଗାରିମା କ୍ଷୁର୍ଣ୍ଣ ହେବ ବୋଲି କହିଥିଲେ । ଏହି ବୈଠକରେ ବିଜୁ ଜନତା ଦଳ ମହିଳା ନେତ୍ରୀ ବିରଜା ଲକ୍ଷ୍ମୀ ସାହୁ, ଜିଲ୍ଲା ଛାତ୍ର ବିଜେଡି ସଭାପତି ନୀଳମାଧବ ପଣ୍ଡା, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇଙ୍କ ସମେତ ଅନେକ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଜିଲ୍ଲା ପରିଷଦ ସଦସ୍ୟ ଉପସ୍ଥିତ ରହିଥିଲେ ।

ଓକିଲ ସଂଘର କଲମ ଛାଡ ଆନ୍ଦୋଳନ

କାର୍ଯ୍ୟାନୁଷ୍ଠାନ ଦାବିରେ ସ୍ମାରକପତ୍ର

ଖୁଣ୍ଟା,୮।୧୦, (ନି.ପ୍ର.): ଗତ ୯ ତାରିଖରେ ବରହମପୁର ବାର ଆସୋସିଏସନ୍‌ର ଜଣେ ବରିଷ୍ଠ ଆଇନଜୀବୀ ତଥା ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ପୀତବାସ ପଣ୍ଡାଙ୍କ ଉପରେ ହୋଇଥିବା ବର୍ବରୋଚିତ ଗୁଳି ଚାଳନା ଏବଂ ତାଙ୍କର ମୃତ୍ୟୁରେ ଗତ ୭ତାରିଖରେ ଅନୁଷ୍ଠିତ ଆଇନଜୀବୀ ପରିଷଦର ବୈଠକର ପ୍ରସ୍ତାବ ଅନୁଯାୟୀ ଆଜି ପ୍ରତିବାଦ ସ୍ୱରୂପ କଲମ ଛାଡ ଆନ୍ଦୋଳନ ଉଦଳା ଓକିଲ ସଂଘ ପକ୍ଷରୁ କରାଯାଇଛି। ପୂଜା ଛୁଟି ଖୋଲିବା ପରେ ଆଜି ସମସ୍ତ ଆଇନଜୀବୀ ମାନେ କଲମ ଛାଡ ଆନ୍ଦୋଳନ କରି କୋର୍ଟ କାର୍ଯ୍ୟରେ ଯୋଗ ଦେଇନଥିଲେ ରାଜ୍ୟ ଆଇନଜୀବୀ ପରିଷଦର ଗୃହୀତ ପ୍ରସ୍ତାବକୁ ସମର୍ଥନ କରି ଆଇନଜୀବୀ ମାନେ ସରକାରଙ୍କୁ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ ପଦକ୍ଷେପ ନେବାକୁ ସଂଘ୍ ତରଫରୁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସ୍ୱର୍ଗତ ପୀତବାସ ପଣ୍ଡାଙ୍କ ଅମର ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରାଯାଇଥିଲା।

ପଥର ବୋଝେଇ ଟ୍ରାକ୍ଟର ଜବତ କଲା ବନ ବିଭାଗ, ଦୁଇଭାଇ ଗିରଫ

ଓଡଗାଁ,୮।୧୦, (ନି.ପ୍ର.): ଓଡ଼ଗାଁ ବନାଞ୍ଚଳ ଅଧିନସ୍ଥ କାଣୀପଡ଼ା ସଂରକ୍ଷିତ ଜଙ୍ଗଲରୁ ଏକ ପଥର ବୋଝେଇ ଟ୍ରାକ୍ଟରକୁ ଜବତ କରିଛି ବନ ବିଭାଗ । ବେଆଇନି ପଥର ଚାଲାଣ ଅଭିଯୋଗରେ ଗିରଫ ହୋଇଛନ୍ତି ଦୁଇଭାଇ । ଘଟଣା ଅନୁଯାଇ ଗତକାଲି ସକାଳ ସମୟରେ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଓଡି ୨୫ ୧୭୬୯ ନମ୍ବର ବିଶିଷ୍ଟ ଏକ ସୋନାଲିକା ଟ୍ରାକ୍ଟର ଯାହାରକି ଡାଲା ନମ୍ବର ଓଡି ୨୫ ୧୭୭୦ ପଥର ଲୋଡ଼ କରୁଥିବା ସମୟରେ, ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରେଞ୍ଜ ଅଫିସର ଅଭିମନ୍ୟୁ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ସରିତା ବରାଡ଼ଙ୍କ ନେତୃତ୍ୱରେ ଗାର୍ଡ ସୌମ୍ୟରଞ୍ଜନ ଦଳେଇ, ପ୍ରୋଟେକ୍ସନ ସ୍କାର୍ଡ କର୍ମଚାରୀ ବିନୟ ରଞ୍ଜନ ମିଶ୍ର, ରବିନାରାୟଣ ସାହୁ ପ୍ରମୁଖ ପହଞ୍ଚି ଗାଡିଟିକୁ ଜବତ କରିବା ସହ, ମଦନଗଡ଼ିଆ ଗ୍ରାମର ରମେଶ ପ୍ରଧାନ ଓ ତାଙ୍କ ଭାଇ ମାନସ ପ୍ରଧାନଙ୍କୁ ଗିରଫ କରି ନିଜ ହେପାଜତକୁ ଆଣିଥିଲେ । ଓଆର୍ ୫୦/୨୦୨୫ରେ ଏକ ମକଦ୍ଦମା ରୁଜୁ କରାଯାଇ ବେଆଇନ ଜଙ୍ଗଲଜାତ ଦ୍ରବ୍ୟ ପରିବହନ ଲାଗି ଟ୍ରାକ୍ଟର ଟିକୁ ୫୬ ଧାରାରେ ଅଟକ ରଖାଯିବା ସହ ଦୁଇ ଭାଇଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ରେଞ୍ଜ ଅଫିସର ଶ୍ରୀ ମଲ୍ଲିକ ଜଣାଇଛନ୍ତି ।

ଆଇନଜୀବୀଙ୍କ ହତ୍ୟାକାଣ୍ଡକୁ ନେଇ ଓକିଲଙ୍କ କଲମଛାଡ଼ ଆନ୍ଦୋଳନ

ଓଡଗାଁ,୮।୧୦, (ନି.ପ୍ର.): ବ୍ରହ୍ମପୁରରେ ବରିଷ୍ଠ ଆଇନଜୀବୀ ତଥା ବାରକାଉନସିଲ୍ ସଦସ୍ୟ ପୀତବାସ ପଣ୍ଡାଙ୍କୁ ଗୁଳିକରି ନିର୍ମମ ଭାବେ ହତ୍ୟା କରାଯିବା ପ୍ରତିବାଦରେ ଓଡଗାଁ ବାର ଆସୋସିଏସନର ସଦସ୍ୟ ଥିବା ସମସ୍ତ ଓକିଲ ମାନେ କଲମ ଛାଡ଼ ଆନ୍ଦୋଳନ କରିଛନ୍ତି । ଏହାଦ୍ୱାରା କୋର୍ଟ କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ଠପ୍ ହୋଇଯାଇଛି । ଆଜି ନିର୍ଦ୍ଧାରିତ ସମୟରେ ସମସ୍ତ ଓକିଲମାନେ କୋର୍ଟ ପରିସରରେ ଉପସ୍ଥିତ ରହି ପ୍ରଥମେ ସ୍ୱର୍ଗତ ପଣ୍ଡାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ । ପରେ ବାର କାଉନସିଲ ସମ୍ପାଦକ ବଟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଶ୍ରୀ ପଣ୍ଡାଙ୍କ ହତ୍ୟା ବିରୁଦ୍ଧରେ ଏକ ନିନ୍ଦା ପ୍ରସ୍ତାବ ଆଗତ କରାଯିବା ସହ ଜିଲ୍ଲା ଏବଂ ରାଜ୍ୟ ପ୍ରଶାସନକୁ ହତ୍ୟାକାରୀ ମାନଙ୍କୁ ଆଗାମୀ ୪୮ଘଣ୍ଟା ମଧ୍ୟରେ ଗିରଫ କରିବା ପାଇଁ ଲିଖିତ ମହଲତ ପ୍ରଦାନ କରାଯାଇଥିଲା । ନଚେତ୍ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ ବୋଲି ସମସ୍ତ ସଦସ୍ୟ ମତବ୍ୟକ୍ତ କରିଥିଲେ ।

ଆଇନଜୀବୀଙ୍କ ହତ୍ୟାକାରୀକୁ ତୁରନ୍ତ ଗିରଫ କର: ନୟାଗଡ଼ ଓକିଲ ସଂଘ

ନୟାଗଡ,୮।୧୦, (ନି.ପ୍ର.): ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ସଭ୍ୟ ତଥା ବ୍ରହ୍ମପୁର ଲୋକପ୍ରିୟ ଆଇନଜୀବୀ ସ୍ୱର୍ଗତ ପୀତବାସ ପଣ୍ଡାଙ୍କୁ ଗତ ୦୬ ଅକ୍ଟୋବର ରାତ୍ର ୧୦ ଘଟିକା ସମୟରେ ବର୍ବରଚିତ୍ତ ହତ୍ୟାକୁ ଜିଲ୍ଲା ଓକିଲ ସଂଘ ସଦସ୍ୟ ମାନେ ତୀବ୍ର ନିନ୍ଦା କରିଛନ୍ତି । ହତ୍ୟାକାରୀଙ୍କୁ ୪୮ ଘଣ୍ଟା ମଧ୍ୟରେ ଗିରଫ କରିବା ସହିତ ମାନ୍ୟବର ଓଡିଶା ହାଇକୋର୍ଟ ନ୍ୟାୟାମୂର୍ତିଙ୍କଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ କରାଯିବା ସହ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବିଚାର ପ୍ରକ୍ରିୟା ସମାପ୍ତ ପାଇଁ ସମୟ ଧାର୍ଯ୍ୟ କରାଯାଉ । ସ୍ୱର୍ଗତ ପଣ୍ଡାଙ୍କ ପରିବାରକୁ ରାଜ୍ୟ ସରକାର ୧ କୋଟି ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ରାଜ୍ୟର ଅନ୍ୟାନ୍ୟ ପୀଡିତା ଆଇନଜୀବୀ ପରିବାରଙ୍କୁ ମଧ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଉ ଏବଂ ସାରା ରାଜ୍ୟର ୫୦ ହଜାର ଆଇନଜୀବୀଙ୍କ ସୁରକ୍ଷା ପାଇଁ ଓକିଲ ସୁରକ୍ଷା ଆଇନ ପ୍ରଣୟନ କରାଯାଉ । ଜିଲ୍ଲା ଓକିଲ ସଙ୍ଘ ସଭାପତି ରଣଜିତ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକସଭାରେ ଓକିଲ ମାନେ ଦୁଇ ମିନିଟ ନୀରବ ପ୍ରାର୍ଥନା କରି ବରିଷ୍ଠ ଆଇନଜୀବୀ ବ୍ରଜକିଶୋର ପ୍ରଧାନ, ଅମୀୟ ପଟ୍ଟନାୟକ, କାର୍ତ୍ତିକ ନାୟକ, ଦେବାଶିଷ ପଟ୍ଟନାୟକ ଏବଂ ସୁଶାନ୍ତ ମାଝୀ ଏବଂ ସମ୍ପାଦକ ସ୍ୱଦେଶ ମିଶ୍ର ସମ୍ମାନ ସହ ପ୍ରମୁଖ ସ୍ତୁତିଚାରଣ କରିଥିଲେ ଝ ସମ୍ପାଦକ ସ୍ୱଦେଶ ମିଶ୍ର ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଆସନ୍ତା କାଲି ସନ୍ଧ୍ୟାରେ ଆଇନଜୀବୀ ମାନେ କ୍ୟାଣ୍ଡେଲ ଶୋଭାଯାତ୍ରା ରେ ସହର ପରିକ୍ରମା କରବେ ବୋଲି ସଂଘ ସର୍ବସମ୍ମତ କ୍ରମେ ନିଷ୍ପତି କରାଯାଇଛି । ବାର କାଉନସିଲ ନିଷ୍ପତି ଆଧାରରେ ଆଜି ଜିଲ୍ଲା କୋର୍ଟ ସହିତ ସମସ୍ତ ଅଦାଲତରେ ଓକିଲ ମାନେ କଲମ ଛାଡ଼ ଆନ୍ଦୋଳନ ଜାରି ରଖିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଓକିଲ ସଂଘ ସଭାପତି ରଣଜିତ ଦାଶ, ଉପସଭାପତି ସନ୍ତୋଷ କୁମାର ରାଉତରାୟ, ସମ୍ପାଦକ ସ୍ୱଦେଶ ମିଶ୍ର ଏବଂ ସହ-ସମ୍ପାଦକ ଆଶୁତୋଷ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ ।

ଟେଣ୍ଟ ହାଉସ ମାଲିକ ସଂଘର ନୂତନ କର୍ମକର୍ତ୍ତା

ବରୁଣ ଚେୟାରମ୍ୟାନ, ପ୍ରେମଜିତ କୁମାର ହେଲେ ସଭାପତି

ବଲାଙ୍ଗିର,୮।୧୦, (ନି.ପ୍ର.): ବଲାଙ୍ଗିର ସହରର ଏକ ଘରୋଇ ହେଟେଲ ରେ ଜିଲ୍ଲା ଟେଣ୍ଟ ହାଉସ ମାଲିକ ସଂଘ ଏକ ସଭା ଅନୁଷ୍ଠିତ ଅନୁଷ୍ଠିତ ହୋଇଥିଲା । ବିଗତ ବର୍ଷର ଆୟ ବ୍ୟୟ ଓ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ଜିଲ୍ଲାରେ କଳା ସଂସ୍କୃତି ଉପଭୋଗ କରିବା ପାଇଁ ବିଭନ୍ନ ସାମଗ୍ରୀ ଓ ନୂତନ ସମଗ୍ରୀ ଦର୍ଶକଙ୍କୁ କିଭଳି ଆକର୍ଷିତ କରିବ ତା ବିଷୟରେ ଆଲୋଚନା ହୋଇଥିଲା । ସର୍ବ ସମ୍ମତିକ୍ରମେ ବରୁଣ କୁମାର ହେର୍ଣ୍ଣା ଚେୟାରମେନ ରୂପେ ମନୋନିତ ହୋଇଥିବା ବେଳେ ସଭାପତି ଭାବେ ପ୍ରେମଜିତ କୁମାର, ଉପ-ସଭାପତି ନିରଞ୍ଜନ ବାଗ, ସଂପାଦକ ସୁଦାମ ଦାଶ, ସହ ସଂପାଦକ ଶଶାଙ୍କ ଶେଖର ମେହେର, କୋଷାଧ୍ୟକ୍ଷ ଶୁଶାନ୍ତ କୁମାର ପୁରୋହିତ ମନୋନିତ ହୋଇଥିଲେ ଏବଂ ବଲାଙ୍ଗିର ଜିଲ୍ଲାର ସକ୍ରିୟ ସଭ୍ୟ ଅଶୋକ କୁମାର ସାହୁ, ଶରତ କୁମାର ତ୍ରିପାଠି ଓ ରଂଜିତ ବେହେରା, ନିକଦିମ ଛତ୍ରିଆ ଅଂଶ ଗ୍ରହଣ କରିଥିଲେ । ନଗେନ୍ଦ୍ର କୁମାର ନିହାଲ, ହୃଦା ଗଡତ୍ୟା, ବାପି ପୋଡ ।

୪ ଦିନିଆ ଜିଲ୍ଲାସ୍ତରୀୟ ବନ୍ଧୁକ ଚାଳନା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ବଲାଙ୍ଗିର,୮।୧୦, (ନି.ପ୍ର.): ବଲାଙ୍ଗିର ସ୍ଥାନୀୟ ଆର୍.ଏନ୍. ସିଂହଦେଓ ସ୍ପୋର୍ଟ୍ସ କଂପ୍ଲେକ୍ସ ପରିସର ସ୍ଥିତ ସୁଟିଂ ରେଞ୍ଜର ଜିଲ୍ଲା ବନ୍ଧୁକ ଚାଳନା ସଂଘ ପକ୍ଷରୁ ୪ ଦିନିଆ ଜିଲ୍ଲା ସ୍ତରୀୟ ବନ୍ଧୁକ ଚାଳନା ପ୍ରଶିକ୍ଷଣ ଶିବିର ଓ ପ୍ରତିଯୋଗିତା ଉଦ୍ୟାପିତ ହୋଇଯାଇଛି । କାର୍ଯ୍ୟକ୍ରମ ପରିଚାଳକ ସୟେଦ୍ ଅଫତାବ ହୁସେନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ୟାପନୀ ସଭାରେ ଜାତୀୟ ବନ୍ଧୁକ ଚାଳନା ସଂଘ ସଭାପତି ତଥା ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ମୁଖ୍ୟ ଅତିଥି, ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ, ଜିଲା ବନ୍ଧୁକ ଚାଳନା ସଂଘ ସମ୍ପାଦକ ନିହାର ସ୍ୱାଇଁ ଯୁବ ସଂଗଠକ ଦେବଦତ୍ତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କମିଟି ସଦସ୍ୟ ଗୁଞ୍ଜ ଖାନ୍ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠିତ ପ୍ରତିଯୋଗିତାରେ ପୁରୁଷ କନିଷ୍ଠ ବର୍ଗରେ ଦିବ୍ୟରଞ୍ଜନ ଚୌଧୁରୀ ସ୍ୱର୍ଣ୍ଣ, ପଦକ ହାସଲ କରିଥିବା ବେଳେ ଆଶୁତୋଷ ଦର୍ଜି ରୌପ୍ୟ, ସ୍ୱୟଂସିଦ୍ଧ ମିଶ୍ର କାଂସ୍ୟ ପଦକ ଲାଭ କରିଥିଲେ । ମହିଳା କନିଷ୍ଠ ବର୍ଗରେ ଲୁବ୍ନା ବେଗମ ସ୍ୱର୍ଣ୍ଣ, ନୀଲାକ୍ଷୀ ଠାକୁର ରୌପ୍ୟ, ରୀମା ପଧାନ କାଂସ୍ୟ ପଦକ ପାଇଥିଲେ । ବରିଷ୍ଠ ମହିଳା ବର୍ଗରେ ମଧୁସ୍ମିତା ମାଝୀ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ବରିଷ୍ଠ ପୁରୁଷ ବର୍ଗରେ ମହମ୍ମଦ ସଫିରାଜ୍ ସ୍ୱର୍ଣ୍ଣ, ସାୟେଦ୍ ଶାବୀର ହୁସେନ୍ ରୌପ୍ୟ ଓ ସାହାଣି କାଂସ୍ୟ ପଦକ ବିଜୟୀ ହୋଇଥିଲେ । ପୁରୁଷ ମାଷ୍ଟର ବର୍ଗରେ ବୁଦ୍ଧଦେବ ମେହେର ସ୍ୱର୍ଣ୍ଣ, ତଭିଦ ଖାନ ରୌପ୍ୟ ଓ ଡ.ରଞ୍ଜନ ଭୋଇ କାଂସ୍ୟ ପଦକ ଲାଭକରିଥିଲେ । ସାୟିଦ୍ ଜମିଲ୍ ହୁସେନ୍, ଲ୍ୟୁଟନାଣ୍ଟ ମାନସ ରଞ୍ଜନ ବାବୁ ଓ ବିକାଶ ଅଗ୍ରାଲ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଦେବା ସହ ପ୍ରତିଯୋଗିତା ପରିଚାଳନା କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଶ୍ରୀ ସିଂହଦେଓ ପୁରସ୍କୃତ କରିଥିଲେ ।

କ୍ରୀଷ୍ଣା ବିକାଶ ହସ୍ପିଟାଲର ତ୍ୱରିତ ସେବା: ବଞ୍ଚିଲେ ହୃଦରୋଗୀ

ସମ୍ବଲପୁର,୮।୧୦, (ନି.ପ୍ର.): ସୁଶାନ୍ତ ମହାପାତ୍ର – ବୈଦାରନୂଆପାଲି ଗତ ୧ ଅକ୍ଟୋବର ୨୦୨୫ରେ ପୁରୁଣାକଟକର ୪୭ ବର୍ଷିୟ ସୁରେନ୍ଦ୍ର କୁମାର ସାହୁ ନାମକ ଜଣେ ବ୍ୟକ୍ତି ନିଜକୁ ସୁସ୍ଥ ଭାବି ଅଳ୍ପ କ୍ଳାନ୍ତିର ଅଭିଯୋଗ ନେଇ ସମ୍ବଲପୁରର କ୍ରୀଷ୍ଣା ବିକାଶ ହସ୍ପିଟାଲକୁ ଆସିଥିଲେ। ଅପେକ୍ଷାକକ୍ଷରେ ବସିଥିବା ସମୟରେ ସେ ହୃଦଘାତରେ ଅଚେତ ହୋଇପଡ଼ିଥିଲେ। ତାଙ୍କ ହୃଦଗତି ତିବ୍ର ହେଲା, ପରେ ଧୀରେ ହେଲା ଏବଂ ଅବଶେଷରେ ସମ୍ପୂର୍ଣ୍ଣ ଥମିଗଲା। ଏହି ସଂକଟମୟ ସମୟରେ ହସ୍ପିଟାଲର ଏମରଜେନ୍ସିଟିମ୍, ବରିଷ୍ଠ ହୃଦରୋଗ ବିଶେଷଜ୍ଞ ଡା. ଲକ୍ଷ୍ମୀପ୍ରସାଦ ଦାଶ ଓ ମେଡିକାଲ୍ ଡାଇରେକ୍ଟର ଡା. ପ୍ରବୀର କୁମାର ରାୟଙ୍କ ନେତୃତ୍ୱରେ ତ୍ୱରିତ ସିପିଆର ଓ ଆଧୁନିକ ଚିକିତ୍ସା ହସ୍ତକ୍ଷେପ ଆରମ୍ଭ ହେଲା । ସମୟୋପଯୁକ୍ତ ପଦକ୍ଷେପ ଫଳରେ ସୁରେନ୍ଦ୍ର ସାହୁଙ୍କ ହୃଦଗତି ପୁନଃ ଚାଲୁ ହେଲା ଓ ସେ ସୁସ୍ଥ ହୋଇ ଆଜି ଘରକୁ ଫେରିଛନ୍ତି। ଡା. ପ୍ରବୀର କୁମାର ରାୟ କହିଛନ୍ତି – ଏହି ଘଟଣା ଆମକୁ ଶିଖାଏ ଯେ ହୃଦ୍ଘାତ ହେଲେ ପ୍ରଥମ ୩-୫ ମିନିଟ ଅତ୍ୟନ୍ତ ମୂଲ୍ୟବାନଛ ସେହି ସମୟରେ CPR ଆରମ୍ଭ କଲେ ଜୀବନ ବଞ୍ଚା ଯାଇପାରିବ। ଡା. ଲକ୍ଷ୍ମୀପ୍ରସାଦ ଦାଶ ଅବଗତ କରେଇଛନ୍ତି ଯେ ସିପିଆର କେବଳ ଡାକ୍ତର ନୁହେଁ, ସାଧାରଣ ଲୋକମାନେ ମଧ୍ୟ ଶିଖିପାରନ୍ତି। ପ୍ରତ୍ୟେକ ସେକେଣ୍ଡ ମୂଲ୍ୟବାନ, ପ୍ରତ୍ୟେକ ହୃଦ୍ସ୍ପନ୍ଦନ ମୂଲ୍ୟବାନ। ନିୟମିତ ହୃଦ୍ ପରୀକ୍ଷା ଓ ସମତୋଳ ଜୀବନଶୈଳୀ ହିଁ ହୃଦ୍ରୋଗ ପ୍ରତିରୋଧର ଉପାୟ, ହସ୍ପିଟାଲ୍ ପକ୍ଷରୁ ଡି. ବିବେକ କୁମାର, (ପରିଚାଳନା ନିର୍ଦ୍ଦେଶକ, କ୍ରୀଷ୍ଣା ବିକାଶ ଗ୍ରୁପ୍) ଡାକ୍ତର ଓ ଷ୍ଟାଫ୍‌ଙ୍କ ଦୃଢ଼ ପରିଶ୍ରମ ପାଇଁ ଧନ୍ୟବାଦ ଜଣାଇଛନ୍ତି। ସେହି ସମୟରେ ଡା. ସିଏଚ୍. ରବିକୁମାର ହୃଦୟ ଯତ୍ନ ଓ ପ୍ରାଥମିକ ଚିକିତ୍ସା ସଜାଗତା ବିଷୟରେ ଜନ ସଚେତନତା ଆହ୍ୱାନ କରିଥିଲେ। (ସିପିଆର୍) କ'ଣ ? – ଏହା ହେଉଛି ଏକ ଜୀବନରକ୍ଷା ପ୍ରକ୍ରିୟା ଯାହା ଅସୁସ୍ଥ ବ୍ୟକ୍ତିଙ୍କ ଶ୍ୱାସ ବା ହୃତ୍ସ୍ପନ୍ଦ ବନ୍ଦ ହୋଇ ଯାଇଥିଲେ ତାହାକୁ ପୁନଃ ଚାଲୁ କରାଯାଏ। ଏହାର ମୁଖ୍ୟ ତିନୋଟି ପଦକ୍ଷେପ –ଯଥା ୧. ପ୍ରଥମେ ଅସୁସ୍ଥ ବ୍ୟକ୍ତିକୁ ଯାଞ୍ଚ କରନ୍ତୁ ଓ ଏମ୍ବୁଲାନ୍ସ କିମ୍ବା ଡାକ୍ତରଙ୍କୁ ଡାକନ୍ତୁ। ଛାତିରେ ଦୃଢ଼ ହାତ ଦେଇ ତିବ୍ର ଗତିରେ (ପ୍ରାୟ ୧୦୦-୧୨୦ ପ୍ରେସ୍ ପ୍ରତିମିନିଟ୍) ଚାପ ଦିଅନ୍ତୁଛ ୩. ବ୍ରେଥ ସଂପର୍କ ଯଦି ଜାଣିଛନ୍ତି, ମୁଖ ଦ୍ୱାରା ଶ୍ୱାସ ଦେଇ ହୃଦ୍ ଓ ଫୁସଫୁସକୁ ଅକ୍ସିଜେନ୍ ଯୋଗାନ୍ତୁ। ସିପିଆର୍ ଜାଣିଥିଲେ ଜୀବନ ବଞ୍ଚାଇପାରିବ। ଏହି ଘଟଣା ତାହାର ଏକ ଜୀବନ୍ତ ଉଦାହରଣ ଅଟେ।

ଦୁଷ୍କର୍ମ ଉଦ୍ୟମ

ଅଭିଯୋଗରେ ଜେଲ ଗଲେ ଯୁବକ

କାକଟପୁର,୮।୧୦, (ନି.ପ୍ର.): କାକଟପୁର ଥାନା ଅନ୍ତର୍ଗତ କୁଣ୍ଡେଇ ପଞ୍ଚାୟତ ହରିଦାସପୁର ବାଲିସାହି ଗ୍ରାମର ୧୩ ବର୍ଷର ନାବାଳିକା କନ୍ୟା ଛଦ୍ମନାମ ମିନୁ ମଙ୍ଗଳବାର ସକାଳ ୮ ଘଟିକା ସମୟରେ ଗ୍ରାମ ନିକଟରେ ଥିବା ଦୋକାନକୁ ସଉଦା ପାଇଁ ଯାଇଥିବା ବେଳେ ଛୋଟରାୟପୁର ଗ୍ରାମର ହାପି ନାୟକ ଓରଫ ସନ୍ତୋଷ ମିନୁକୁ ଜୋରଜବରଦସ୍ତ ନିକଟସ୍ଥ ଜଙ୍ଗଲକୁ ଭିଡ଼ିନେଇ ଦୁଷ୍କର୍ମ ଉଦ୍ୟମ କରିଥିବାବେଳେ ପୀଡିତା ଜୋରରେ ଚିତ୍କାର କରିବାରେ ପୀଡ଼ିତାଙ୍କ ମା ଆସିଯିବାରୁ ଅଭିଯୁକ୍ତ ହାପି ନିଜର ନମ୍ବର ବିହୀନ ଗ୍ଲାମର ମଟର ସାଇକେଲ ଛାଡି ଦୌଡ଼ି ପଳାଇଥିଲା । ଘଟଣା ସମ୍ପର୍କ ରେ ପୀଡିତାଙ୍କ ମା କାକଟପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ କାକଟପୁର ଥାନା ଆଇଆଇସି ବସନ୍ତ କୁମାର ସାହୁ ଘଟଣାକୁ ଗୁରୁତର ସହ ନେଇ ମାତ୍ର ୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତକୁ ଗିରଫ କରିଥିଲେ । ଏ ସଂକ୍ରାନ୍ତରେ ପୋସ୍କୋ ଆକ୍ଟରେ ଏକ କେଶ ୨୯୪/୨୦୨୫ ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ପୁରୀ ମୁଖ୍ୟ କାରାଗାରକୁ ପଠାଇ ଦିଆଯାଇଛି ।

ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ପକ୍ଷରୁ ବିଶେଷ ଅଭିଯାନ ୫.୦ ଆରମ୍ଭ

ଭୁବନେଶ୍ୱର,୮।୧୦(ନି.ପ୍ର): ଭାରତୀୟ ରେଲୱେର ଜାତୀୟ ସ୍ୱଚ୍ଛତା ଅଭିଯାନ ସହ ସମନ୍ୱୟ ରଖି, ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ବିଶେଷ ଅଭିଯାନ ୫.୦ ର ଆରମ୍ଭ ୨ ଅକ୍ଟୋବର ୨୦୨୫ ଠାରୁ କରାଯାଇଛି । ଏହାର ଶୁଭାରମ୍ଭ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ଅଲୋକ ତ୍ରିପାଠୀଙ୍କ ନେତୃତ୍ୱରେ କାର୍ଯ୍ୟକାରୀ କରାଯାଇଅଛି।ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ସ୍ୱଚ୍ଛତା, ସ୍ଥାନ ବ୍ୟବସ୍ଥାପନ, ଡିଜିଟାଲ୍ ରେକର୍ଡ ସଂରକ୍ଷଣ ଓ ନାଗରିକ ଅଂଶଗ୍ରହଣ ମାଧ୍ୟମରେ ଏକ ସ୍ୱଚ୍ଛ, ସବୁଜ ଓ କାର୍ଯ୍ୟକ୍ଷମ କାର୍ଯ୍ୟପରିବେଶ ଗଠନ କରିବା ।କୋଚିଂ ଟର୍ମିନାଲ୍, କ୍ରିଉ ଲବି, କାର୍ଯ୍ୟାଳୟ ଓ ଷ୍ଟେସନ ପରିସର ଭଳି ନିର୍ଦ୍ଦିଷ୍ଟ ସ୍ଥାନଗୁଡିକରେ ବିଶେଷ ସ୍ୱଚ୍ଛତା ଅଭିଯାନ । ପୂର୍ବ ଓ ପରେ ଛବି ମାଧ୍ୟମରେ ସଫଳତା ଦର୍ଶାଇବା ।ସ୍ଥାନ ବ୍ୟବସ୍ଥାପନ ଓ କାର୍ଯ୍ୟାଳୟ ସୌନ୍ଦର୍ଯ୍ୟ କରଣ ରେଳ ମଣ୍ଡଳର ସମସ୍ତ କାର୍ଯ୍ୟାଳୟ ଓ ରେଲୱେ ସଂସ୍ଥାନ ଗୁଡିକର ପୁଙ୍ଖାନୁପୁଙ୍ଖ ସଫାଇ । ଅଫିସ ସ୍ପେସ ଅପଟିମାଇଜେସନ ଓ ସୌନ୍ଦର୍ଯ୍ୟ କରଣ ଉଦ୍ୟମ ମାଧ୍ୟମରେ ଦୃଶ୍ୟମାନ ପରିବର୍ତ୍ତନ ।ସେହିପରି ସ୍କ୍ରାପ୍ ଓ ଇ-ୱେଷ୍ଟ ନିଷ୍ପତ୍ତି ମାଧ୍ୟମରେ ଅତିରିକ୍ତ ଆୟ ସୃଷ୍ଟି କରିବା । ପରିବେଶ ସୁରକ୍ଷା ଓ ସ୍ଥିର ଉନ୍ନୟନ ପାଇଁ ୱେଷ୍ଟ-ଟୁ-ୱେଲଥ ଧାରଣାର ପ୍ରଚାର କରିବା ।ଇ-ଫାଇଲଗୁଡିକର ସମୀକ୍ଷା, ଅପ୍ରୟୋଜନୀୟ ଫାଇଲଗୁଡିକୁ ବିଲୋପ କରିବା ଏବଂ ସମସ୍ତ ଦଲିଲକୁ ଡିଜିଟାଲ୍ ରୂପେ ସଂରକ୍ଷଣ କରି କାର୍ଯ୍ୟକ୍ଷମ ପରିଚାଳନା ସୁନିଶ୍ଚିତ କରାଯାଉଛି।ମାମଲା ଓ ଜନସାଧାରଣଙ୍କ ଅଭିଯୋଗମାନଙ୍କ ଶୀଘ୍ର ଓ ସମୟୋପଯୁକ୍ତ ନିଷ୍ପତ୍ତି ଉପରେ ଗୁରୁତ୍ୱ ଦିଆଯାଉଛି ।ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅଧୀନରେ ସମସ୍ତ ପ୍ରମୁଖ ଷ୍ଟେସନ ମାନଙ୍କରେ ଅମୃତ ସମ୍ବାଦ ଆୟୋଜନ କରାଯାଉଅଛି । ଏହି ଅଭିଯାନର କାର୍ଯ୍ୟକଳାପ ଓ ସଫଳତା ସୋସିଆଲ୍ ମିଡିଆ, ସ୍ଥାନୀୟ ପ୍ରେସ ଓ ଇଲେକ୍ଟ୍ରୋନିକ ମିଡିଆ ମାଧ୍ୟମରେ ସାଧାରଣ ଜନତାଙ୍କ ମଧ୍ୟରେ ପ୍ରଚାର କରାଯିବ । ବିଶେଷ ଅଭିଯାନ ୫.୦ କେବଳ ସ୍ୱଚ୍ଛତା ପାଇଁ ନୁହେଁ ଏହା ଆମ କାର୍ଯ୍ୟସ୍ଥଳ ଓ ପରିବେଶକୁ ପରିବର୍ତ୍ତନ କରି ଏକ ପାରଦର୍ଶୀ, କାର୍ଯ୍ୟକ୍ଷମ ଓ ନାଗରିକ-ସହଜ ପ୍ରଣାଳୀ ଗଠନ କରିବାର ଅଭିଯାନ । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଏହି ଅଭିଯାନକୁ ସ୍ଥିର ରେଲୱେ ପ୍ରଚଳନର ଏକ ଆଦର୍ଶ ମଡେଲ୍ ରୂପେ ପରିଣତ କରିବା ପ୍ରତି ବଦ୍ଧପରିକର ଅଟେ ।ଏହି ଅଭିଯାନ ଅକ୍ଟୋବର ମାସ ଭରି ଚାଲୁରହିବ ଯେଉଁଥିରେ ପ୍ରତିଦିନ ସ୍ୱଚ୍ଛତା ସମ୍ବନ୍ଧୀୟ କାର୍ଯ୍ୟକ୍ରମ, ନିରୀକ୍ଷଣ ଓ ସଚେତନତା ଅଭିଯାନ ଆୟୋଜନ ହେବ, ଯାହା ଦୀର୍ଘକାଳୀନ ପରିଣାମ ଓ ଦୃଶ୍ୟମାନ ପରିବର୍ତ୍ତନ ସୁନିଶ୍ଚିତ କରିବ ।

ସମ୍ବଲପୁର-ବାରଣାସୀ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନର ଶୁଭାରମ୍ଭ

ସମ୍ବଲପୁର,୮।୧୦, (ନି.ପ୍ର.): ରାଜ୍ୟ ପର୍ଯ୍ୟଟନ ବିଭାଗ, ରେଳବାଇ ବିଭାଗ ଏବଂ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ, 'ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା' ଅଧୀନରେ ୭୭୫ ଜଣ ତୀର୍ଥଯାତ୍ରୀଙ୍କୁ ନେଇ ସମ୍ବଲପୁର ରେଳଷ୍ଟେସନ ଠାରୁ ଅଯୋଧ୍ୟା ବାରଣାସୀ ଅଭିମୁଖେ ଏକ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଶୁଭ ଅବସରରେ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରି ନାୟକ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୂ , ସମ୍ବଲପୁର, ସମ୍ବଲପୁର ମହାନଗର ନିଗମର ଆୟୁକ୍ତ ରେହାନ କ୍ଷତ୍ରି , ଡ଼ିଆରଏମ ସୁବାଶ ଚନ୍ଦ୍ର ଚଉଧୁରୀ ପ୍ରମୁଖ ମଞ୍ଚାସୀନ ଥିଲେ। ପଞ୍ଚାୟତିରାଜ ଓ ପାନୀୟଜଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ, ଓଡ଼ିଶା ସରକାର ରବିନାରାୟଣ ନାଏକ, ନିଜ ଅଭିଭାଷଣରେ ଆଜି ଓଡିଶାରର ବିଭିନ୍ନ ସ୍ଥାନରୁ ପ୍ରାୟ ୮୦୦୦ ପାଖାପାଖି ବୟୋଜ୍ୟେଷ୍ଠ ବ୍ୟକ୍ତି ବିଶେଷ ଓଡିଶା ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ରେ ବିଭିନ୍ନ ତୀର୍ଥ ସ୍ଥାନକୁ ଯାତ୍ରା କରିବାର ସୁଯୋଗ ପାଇଛନ୍ତି ବୋଲି କହି ସମସ୍ତଙ୍କର ସଫଳ ଏବଂ ମଙ୍ଗଳ ଯାତ୍ରା ପାଇଁ ପ୍ରାର୍ଥନା କରିଥିଲେ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିଜ ଅଭିଭାଷଣରେ ରାଜ୍ୟରେ ଆର୍ଥିକ ଅନଗ୍ରସର ଓ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ବରିଷ୍ଠ ନାଗରିକ, ଯେଉଁମାନେ ତୀର୍ଥଯାତ୍ରା କରିପାରୁନାହାନ୍ତି, ସେମାନଙ୍କୁ ସେମାନଙ୍କର ଆଧ୍ୟାତ୍ମିକ ଆକାଂକ୍ଷା ପୂରଣ ନିମନ୍ତେ ରାଜ୍ୟ ସରକାର ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ପ୍ରଣୟନ କରି ସେମାନଙ୍କୁ ଦେଶର ବିଭିନ୍ନ ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପ୍ରଦାନ କରି, ନିଜ ପୁତ୍ର ପୁତ୍ରୀର ଦାୟିତ୍ୱ ବହନ କରିଛନ୍ତି ।ସମସ୍ତଯାତ୍ରୀଙ୍କୁ ସ୍ୱାଗତ କରି ସେମାନଙ୍କର ରହଣି, ସ୍ୱାସ୍ଥ୍ୟ ପରୀକ୍ଷା, ଖାଦ୍ୟପେୟ ବ୍ୟବସ୍ଥା, ଭୋଜନ, ସନ୍ଧ୍ୟା ଜଳଖିଆ ଇତ୍ୟାଦି ସମସ୍ତ ସୁବିଧାର ବ୍ୟବସ୍ଥା ଜିଲ୍ଲା ପ୍ରଶାସନ ତରଫରୁ କରାଯାଇଛି ବୋଲବୋଲି କହିଥିଲେ । ସମସ୍ତଙ୍କର ଯାତ୍ରା ସୁଖମୟ ହେଉ ବୋଲି ପ୍ରଭୁଙ୍କ ଠାରେ କାମନା କରିବା ସହିତ ସାଥିରେ ଯାଉଥିବା ଏସ୍କର୍ଟ ଅଧିକାରୀମାନଙ୍କୁ ତୀର୍ଥଯାତ୍ରୀଙ୍କ ଯେପରି କୌଣସି ଅସୁବିଧା ନହେବ ସେଥିପ୍ରତି ଧ୍ୟାନ ଦେବାକୁ କରିଥିଲେ । ସୂଚନା ଅନୁଯାୟୀ ଏହି ଯୋଜନା ମାଧ୍ୟମରେ ସମ୍ବଲପୁର ରେଳଷ୍ଟେସନ ଠାରୁ ଅଯୋଧ୍ୟା-ବାରଣାସୀ ଅଭିମୁଖେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଟ୍ରେନ୍ ସମ୍ବଲପୁର ଜିଲ୍ଲାରୁ ୮୯ ଯାତ୍ରୀ ସୁବର୍ଣ୍ଣପୁର-୫୨, ଦେଓଗଡ଼-୨୭, ଅନୁଗୁଳ- ୧୦୯ ଜଣ,ଝାରସୁଗୁଡ଼ା-୫୦, ସୁନ୍ଦରଗଡ଼-୧୮୦, ବଲାଙ୍ଗିର-୧୪୧, ବରଗଡ-୧୨୭ ଅଦ୍ୟାବଧି ୭୭୫ ଜଣ ଯାତ୍ରୀ ବରିଷ୍ଠ ନାଗରିକ, ଅଯୋଧ୍ୟା ଓ ବାରଣାସୀ ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପାଇଛନ୍ତି । ଯାତ୍ରୀ ମାନଙ୍କ ପାଇଁ ଖାଦ୍ୟ, ପାନୀୟ, ଏବଂ ଆଶ୍ରୟସ୍ଥଳୀର ବ୍ୟବସ୍ଥା କରାଯାଇଛି ଏହା ସହିତ ସ୍ୱାସ୍ଥ୍ୟ ଜନିତ ସମସ୍ୟା ନିମନ୍ତେ ଏକ ଡାକ୍ତରି ଟିମ ଏବଂ ୨୫ ଜଣ ଏସ୍କର୍ଟ୍ ଅଧିକାରୀ ମଧ୍ୟ ରହିଛନ୍ତି ।

ଅନୁଚିହ୍ନ

ବୃଦ୍ଧ ସମୟରେ ଖର୍ଚ୍ଚ କରିବା ପାଇଁ
ଯୌବନ ସମୟରେ ସଞ୍ଚୟ କର ।

ସମ୍ପାଦକୀୟ

ଭାରତ-ରୁଷ ବନ୍ଧୁତା

ଭାରତ-ରୁଷ ବନ୍ଧୁତା ଦୀର୍ଘ ବର୍ଷରୁ ରହିଛି ସୋଭିଏତ ସଂଘର ବିଭାଜନ ପୂର୍ବରୁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରୁଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସମୟରେ ଏହି ବନ୍ଧୁତା ଆହୁରି ଦୃଢ଼ ହୋଇଛି । ନିକଟରେ ମୋଦୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ ପୁଟିନ । ଏବେ ପୁଟିନଙ୍କ ଜନ୍ମଦିନରେ ବି ଶୁଭେଚ୍ଛା ଜଣାଇଛନ୍ତି ମୋଦୀ । ଆସନ୍ତା ଡିସେମ୍ବରରେ ଭାରତ ଗସ୍ତରେ ଆସିବେ ପୁଟିନ । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ୱାର୍ ସମୟରେ ପୁଟିନଙ୍କ ଏହି ଗସ୍ତ ଭାରତ-ରୁଷ ଦ୍ୱିପାକ୍ଷିକ ସମ୍ପର୍କ ଦୃଷ୍ଟିରୁ ଅବଶ୍ୟ ଗୁରୁତ୍ୱପୂର୍ଣ୍ଣ । ଅକ୍ଟୋବର ୨ରେ ରୁଷର ସୋଚୀରେ ଅନୁଷ୍ଠିତ 'ଭାଲଦାଇ ମହାଧିବେଶନ'ରେ ପୁଟିନ ଭାରତ ଓ ମୋଦୀଙ୍କୁ ନେଇ କେତେକ କଥା କହିଛନ୍ତି । ମୋଦୀଙ୍କୁ ତାଙ୍କର ପ୍ରିୟ ମିତ୍ର ଏବଂ ବିଶ୍ୱସନୀୟ ପାର୍ଟନର ଭାବେ ବର୍ଣ୍ଣନା କରିଛନ୍ତି । ଡିସେମ୍ବରରେ ମୋଦୀଙ୍କ ସହ ହେବାକୁ ଥିବା ସାକ୍ଷାତକୁ ନେଇ ସେ ଖୁବ୍ ଉତ୍ସାହିତ ବୋଲି କହିଛନ୍ତି। ଭାରତର ରାଷ୍ଟ୍ରବାଦୀ ସରକାରର ପ୍ରଶଂସା କରିବା ସହ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସନ୍ତୁଳିତ, ବୁଦ୍ଧିମାନ ଓ ରାଷ୍ଟ୍ର ହିତୈଷୀ ନେତା ଭାବେ ବର୍ଣ୍ଣନା କରିଛନ୍ତି ।

ପୁଟିନ ରୁଷ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମିତ୍ର ଦେଶ ଭାରତକୁ ସହଯୋଗ କରିବା ପାଇଁ କେଉଁ କ୍ଷେତ୍ର ସବୁଠାରୁ ଭଲ ଏହା ଉପରେ ବିଚାର କରିବାକୁ । ରୁଷ ଓ ଭାରତ ମଧ୍ୟରେ ଆର୍ଥିକ ସହଯୋଗର ଅପାର ସମ୍ଭାବନା ରହିଥିବା କହିଛନ୍ତି ପୁଟିନ ।

ମୋଦୀଙ୍କ ସହ କଥାବାର୍ତ୍ତା ସମୟରେ ନିଜକୁ ଖୁବ୍ ସହଜ ଅନୁଭବ କରନ୍ତି ବୋଲି କହିଛନ୍ତି । ଆମେରିକାର ଟାରିଫ ଓ ପ୍ରତିବନ୍ଧ ଉପରେ ପୁଟିନ କହିଛନ୍ତି, ଭାରତୀୟମାନେ ଏହା କେବେ ବରଦାସ୍ତ କରିବେ

ନାହିଁ ଯେ ନିଜ ଦେଶକୁ ଏବଂ ଦେଶର ରାଷ୍ଟ୍ରୀୟ ହିତ ଓ ପ୍ରାଥମିକତାର ବିପରୀତ କୌଣସି ନିଷ୍ପତ୍ତି ନେବା ପାଇଁ କେହି ବାଧ୍ୟ କରୁ । ଭାରତ କେବେ କାହାକୁ ଅପମାନିତ କରେନାହିଁ କି ତାକୁ କେହି ଅପମାନିତ କରୁ ଏହା ମଧ୍ୟ ଚାହିଁବନାହିଁ। ପୁଟିନ କହିଛନ୍ତି, ଆମେରିକା ଲଗାଇଥିବା ଟାରିଫ କାରଣରୁ ଭାରତର ଯେଉଁ କ୍ଷତି ହେବ ତାହାର ଭରଣା ରୁଷରୁ ତୈଳ ଆମଦାନୀରେ ହୋଇପାରିବ । ଏହାସହ ଏକ ସ୍ୱତନ୍ତ୍ର ଓ ସ୍ୱାଭିମାନୀ ରାଷ୍ଟ୍ର ଭାବେ ଭାରତର ପ୍ରତିଷ୍ଠା ମଧ୍ୟ ବୃଦ୍ଧି ପାଇବ । ବାଣିଜ୍ୟ ଅସନ୍ତୁଳନକୁ ଦୂର କରିବା ପାଇଁ ରୁଷ ଭାରତରୁ କିଣିବ ଅଧିକ କୃଷି ଉତ୍ପାଦ ଓ ଔଷଧ। ପୁଟିନ ମଧ୍ୟ ରୁଷ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମିତ୍ର ଦେଶ ଭାରତକୁ ସହଯୋଗ କରିବା ପାଇଁ କେଉଁ କ୍ଷେତ୍ର ସବୁଠାରୁ ଭଲ ଏହା ଉପରେ ବିଚାର କରିବାକୁ । ରୁଷ ଓ ଭାରତ ମଧ୍ୟରେ ଆର୍ଥିକ ସହଯୋଗର ଅପାର ସମ୍ଭାବନା ରହିଥିବା କହିଛନ୍ତି ପୁଟିନ।

ପରମାଣୁ ଦାୟ ଫଣ୍ଡ

ଭାରତ ସରକାର ୧୫୦୦ କୋଟିରୁ ଅଧିକ ଟଙ୍କାର ନ୍ୟୁକ୍ଲିୟର ଲାଏବିଲିଟି ଫଣ୍ଡ (ପରମାଣୁ ଦାୟ ଫଣ୍ଡ) ଗଠନ କରିବାକୁ ଯୋଜନା କରୁଥିବା ଜଣାଯାଇଛି । ଏହାର ଉଦ୍ଦେଶ୍ୟ କୌଣସି ଦୁର୍ଘଟଣା ଘଟିଲେ କ୍ଷତିପୂରଣ ବା ସହାୟତା ରାଶି ପ୍ରଦାନ କରାଯାଇପାରିବ । ଏହାଫଳରେ ବୈଶ୍ୱିକ ମାନଦଣ୍ଡ ଅନୁଯାୟୀ କରାଯାଇପାରିବ ଦେଶର କ୍ଷତିପୂରଣ ବ୍ୟବସ୍ଥା। ପରମାଣୁ ଉଦ୍ୟୋଗରେ ଦୀର୍ଘ ସମୟ ଧରି ଅଟକ ରହିଥିବା ଘରୋଇ ଓ ବିଦେଶୀ ନିବେଶକୁ ମଧ୍ୟ ଗତି ମିଳିପାରିବ । ଆଗାମୀ ଡିସେମ୍ବରରେ ସଂସଦର ଶୀତକାଳୀନ ଅଧିବେଶନରେ ଏହି ବିଧେୟକ ଉପସ୍ଥାପିତ ହୋଇପାରେ। ପରମାଣୁ ଊର୍ଜା ଉତ୍ପାଦନ ଓ ୟୁରାନିୟମ ଖନନ କ୍ଷେତ୍ରରେ ଘରୋଇ କମ୍ପାନୀଗୁଡ଼ିକୁ ମଧ୍ୟ ଆକର୍ଷିତ କରିବା ଏହାର ଅନ୍ୟ ଏକ ଉଦ୍ଦେଶ୍ୟ । ୨୦୪୭ ସୁଦ୍ଧା ଦେଶର ପରମାଣୁ ଊର୍ଜା କ୍ଷମତା ୧୨ ଗୁଣ ବୃଦ୍ଧି କରିବାକୁ ଭାରତର ଲକ୍ଷ୍ୟ ରହିଛି । ପରମାଣୁଜନିତ ଦୁର୍ଘଟଣାରେ ପୀଡ଼ିତ ଓ ସେମାନଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବା ନିହାତି ଜରୁରୀ । ଏଥିପାଇଁ ସରକାରଙ୍କ କ୍ଷମତା ମଧ୍ୟ ବୃଦ୍ଧି ପାଇବା ଆବଶ୍ୟକ । ଦେଶର ପରମାଣୁ ଊର୍ଜା କ୍ଷମତା ବୃଦ୍ଧି ଏବଂ ପରମାଣୁ ଉଦ୍ୟୋଗରେ ଘରୋଇ ଓ ବିଦେଶୀ ନିବେଶ ମଧ୍ୟ ନିହାତି ଜରୁରୀ । ସବୁ ଦୃଷ୍ଟିକୁ ବିଚାର କରି ନ୍ୟୁକ୍ଲିୟର ଲାଏବିଲିଟି ଫଣ୍ଡ ଗଠନ ପାଇଁ ବିଚାର କରାଯାଉଛି । ବୈଶ୍ୱିକ ମାନଦଣ୍ଡକୁ ମଧ୍ୟ ଦୃଷ୍ଟିରେ ରଖାଯାଇଛି। ଅପେକ୍ଷା ରହିଛି ସଂସଦର ଶୀତ ଅଧିବେଶନକୁ ।

ସାମ୍ପ୍ରତିକୀ

● **ନାମ ପୂର୍ବରୁ 'ମହାରାଜ', 'ରାଜକୁମାରୀ' ଉଲ୍ଲେଖ ନକରିବାକୁ ରାଜସ୍ଥାନ ହାଇକୋର୍ଟଙ୍କ ନିର୍ଦ୍ଦେଶ :** ଏବେ ରାଜୁଡ଼ା ଶାସନ ନାହିଁ କି ରାଜପରିବାର ଶାସନ କରୁଥିବା ରାଜ୍ୟ ମଧ୍ୟ ନାହିଁ । କିନ୍ତୁ 'ମହାରାଜ', 'ରାଜକୁମାରୀ' ଶବ୍ଦ ପ୍ରଚଳିତ ରହିଛି । ଏହା ଉପରେ ଏବେ ରାଜସ୍ଥାନ ହାଇକୋର୍ଟଙ୍କର ନିର୍ଦ୍ଦେଶ ଆସିଛି । ଜଷ୍ଟିସ ମହେନ୍ଦ୍ର କୁମାର ଗୋଏଲ ପୂର୍ବତନ ଜୟପୁର ରାଜପରିବାରକୁ କହିଛନ୍ତି, ପିଟିସନରୁ 'ମହାରାଜ' ଓ 'ରାଜକୁମାରୀ' ହଟାଇ ଦେବାକୁ । ନହେଲେ ୨୪ ବର୍ଷର ମକଦମା ଡିସମିସ ହୋଇଯିବ। ଏଥିପାଇଁ ପିଟିସନରଙ୍କୁ ମଧ୍ୟ ସମୟ ଦେଇଛନ୍ତି । ଆଇନଗତ ଉତ୍ତରାଧିକାରୀକୁ ନେଇ ୨୦୦୧ର ଏକ ମାମଲାର ଶୁଣାଣି ବେଳେ ଏହା କହିଛନ୍ତି ହାଇକୋର୍ଟ ।



● **ପିଏମ୍ ଇ-ବିଦ୍ୟାରେ ପିଲାଙ୍କ ଟ୍ୟୁସନ ଖର୍ଚ୍ଚ ବଞ୍ଚିବ :** ସ୍କୁଲ ପିଲାଙ୍କ ମଧ୍ୟରେ ବୃଦ୍ଧି ପାଉଥିବା କୋଚିଂ ସଂସ୍କୃତିରେ ରୋକ ଲଗେଇବା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି କେନ୍ଦ୍ର ସରକାର । ପିଲାଙ୍କ ପାଇଁ ବାଲ୍‌ବାଟିକାରୁ ଦ୍ୱାଦଶ ଯାଏ ସବୁ ବିଷୟର ଅଧ୍ୟୟନ ସାମଗ୍ରୀ ପିଏମ୍ ଇ-ବିଦ୍ୟାରେ ଆରମ୍ଭ ହୋଇଥିବା ଟିଭି ଚ୍ୟାନେଲ ଓ ମୋବାଇଲ ଆପ୍‌ରେ ଉପଲବ୍ଧ ହୋଇପାରିବ । ପିଲା ନିଜ ସୁବିଧା ଅନୁଯାୟୀ ଏହାକୁ ଦେଖିପାରିବେ ଓ ପଢ଼ିପାରିବେ । ଯଦି ପଢ଼ିବା ସମୟରେ ପିଲାଙ୍କ ମନରେ କୌଣସି ପ୍ରଶ୍ନ ଆସେ ତେବେ ଚ୍ୟାଟ୍ ଜରିଆରେ ଏହାର ମଧ୍ୟ ଉତ୍ତର ପାଇପାରିବେ । ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଆଇଆଟି)ର ଦେଖାରେଖାରେ ସ୍କୁଲ ପିଲାଙ୍କ ପାଇଁ ଏହି ସୁବିଧା କରାଯାଇଛି। ଟିଭି ଚ୍ୟାନେଲ ସହ ମୋବାଇଲ ଆପ୍ ମଧ୍ୟ ପ୍ରସ୍ତୁତ କରାଯାଇଛି । ଏହାକୁ ଆଇଓଏସ୍ ଏବଂ ଆଣ୍ଡ୍ରଏଡ୍ ଏହି ଦୁଇ ପ୍ରକାର ମୋବାଇଲ ଫୋନରେ ଡାଉନଲୋଡ୍ କରାଯାଇପାରିବ । ବାଲବାଟିକା ବା ପ୍ରି-ପ୍ରାଇମେରୀ ପାଇଁ ମଧ୍ୟ ପ୍ରଥମଥର ଏକ ସମର୍ପିତ ଚ୍ୟାନେଲ ଓ ମୋବାଇଲ ଆପ୍ ପ୍ରସ୍ତୁତ କରାଯାଇଛି ।

ମନେପଡ଼ନ୍ତି ଦାସେ ଆପଣେ

ହିମାଂଶୁ ଶେଖର ଆଚାର୍ଯ୍ୟ

ପୁରୀ ଜିଲ୍ଲା ସୁଆଣ୍ଡୋ ଗ୍ରାମରୁ ସତ୍ୟବାଦୀ ବନବିଦ୍ୟାଳୟ – ଏହାହିଁ ଥିଲା ୫୧ବର୍ଷ କାଳର ଜୀବନଯାତ୍ରା। ସେ ଯାତ୍ରାର ଆରମ୍ଭ ହୋଇଥିଲା ୯ ଅକ୍ଟୋବର ୧୮୭୭ରୁ, ଯାତ୍ରାର ସମାପ୍ତି ଘଟିଲା ୧୭ ଜୁନ୍ ୧୯୨୮ ପବିତ୍ର ନେତ୍ରୋତ୍ସବ ତିଥିରେ। ସେବା, ତ୍ୟାଗ ଓ ତିତିକ୍ଷାରେ ବିତିଗଲା ଜୀବନ। ମଣିଷ ପଣିଆର ନିଚ୍ଛକ ଉଦାହରଣ ଭିତରେ ହଜିଗଲା ଜୀବନ। ଜୀବନ ସିନା ହଜିଗଲା, ହେଲେ ସେ ରହିଛନ୍ତି ଆମ ଭିତରେ ତାଙ୍କ ସୁକର୍ମ ପାଇଁ ଆଉ ଜିଇଁ ରହିଥିବେ ସବୁଦିନ ପାଇଁ। ସେ ହେଉଛନ୍ତି ମହାନ ଦେଶଭକ୍ତ, ଯୋଗଜନ୍ମା ସାଧକ, ମାନବବାଦୀ କବି, ଆର୍ତ୍ତଜନତାର ବନ୍ଧୁ ଉତ୍କଳମଣି ଗୋପବନ୍ଧୁ ଦାସ ସର୍ବୋପରି ସବୁରି ପ୍ରିୟ ଦାସେ ଆପଣେ । ଓଡିଶା ଓ ଓଡିଆଙ୍କ ହୃଦୟରେ ସେ ଯେଉଁ ଆସନ ପାଇଛନ୍ତି ତାହା ଚିରଦିନ ଅତୁଟ ଓ ଅକ୍ଷୟ ରହିଥିବ।

କର୍ମମୟ ଜୀବନହିଁ ମଣିଷକୁ ଅମର କରେ ଓ ସେଥିରେ ଜୀବନର ସାର୍ଥକତା ଥାଏ। ସେଥିପାଇଁ ସେ ଲେଖିଛନ୍ତି ମଣିଷ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ, କର୍ମେ ଜିଏଁ ନର କର୍ମ ଏକା ତା'ର ଜୀବନର ମାନଦଣ୍ଡ।''ଏହି କଥାକୁ ବାସ୍ତବରେ ପ୍ରତିଫଳିତ କରିଥିଲେ ସେ ନିଜ ଜୀବନରେ। କୈଶୋରରୁ ତାଙ୍କର ସମାଜସେବା ମନୋବୃତ୍ତିର ସୁରାକ ମିଳିଥିଲା। ନିଜ ଗାଁର ଅବସ୍ଥାରୁ ସେ ସାରାରାଜ୍ୟର ସମକାଳୀନ ଚିତ୍ରକୁ ପଢ଼ିପାରିଥିଲେ। ବନ୍ୟା, ବାତ୍ୟା ଓ ଦୁର୍ଭିକ୍ଷରେ ପ୍ରପୀଡ଼ିତ ଜନତାଙ୍କ କରୁଣ ଓ ଅସହାୟ ଅବସ୍ଥା ଦେଖି ସେ ବିଚଳିତ ହୋଇଯାଉଥିଲେ। ସେମାନଙ୍କ ଦୁର୍ଦ୍ଦଶାର ଅନ୍ତ ଘଟାଇବା ପାଇଁ ଓ ଜନମାନସରେ ଦେଶପ୍ରେମ ଭାବନା ଜାଗ୍ରତ କରିବା ପାଇଁ ସେ ଅନେକ ଅନୁଷ୍ଠାନ ଗଠନ କରିଥିଲେ। ପୁରୀ ସେବା ସମିତିଠାରୁ ଆରମ୍ଭକରି କୋଲକାତାର ନିର୍ଯାତିତ ଓଡ଼ିଆମାନଙ୍କ ପାଇଁ ଓଡ଼ିଆ ଶ୍ରମିକ ସଂଘ, ଯୁବଉତ୍କଳ ସଂଘ ଓ ଓଡ଼ିଆ ଶିକ୍ଷା ସଂଗଠନ ମାଧ୍ୟମରେ ସେ ସେବାର ଯେଉଁ ପରମ୍ପରା ଆରମ୍ଭ କରିଥିଲେ ତାହା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା। ପ୍ରକୃତରେ ସେ ଥିଲେ ସେବା ଓ ତ୍ୟାଗର ଦୀପ୍ତିମନ୍ତ ପୁରୁଷ।

ଅଶିକ୍ଷା, କୁସଂସ୍କାର ଓ ଦାରିଦ୍ର୍ୟ ହିଁ ସମାଜର ମୁଖ୍ୟ କଳଙ୍କ ବୋଲି ମର୍ମେ ମର୍ମେ ଅନୁଭବ କରିଥିଲେ ଗୋପବନ୍ଧୁ। ଏଥିରୁ ମୁକ୍ତିପାଇଁ ସେ ୧୯୦୯ ଅଗଷ୍ଟ ୧୨ ତାରିଖରେ ସତ୍ୟବାଦୀର ବକୁଳ ଛୁରିଅନା କୁଞ୍ଜତଳେ ଆରମ୍ଭ କରିଥିଲେ ସତ୍ୟବାଦୀ ବନବିଦ୍ୟାଳୟ। ଗୋପବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ବିଦ୍ୟାଳୟଟି ଥିଲା ଏକ ମଣିଷ ତିଆରି କାରଖାନା। ଏହାର ମୁଖ୍ୟ ଆଭିମୁଖ୍ୟ ଥିଲା ଜାତୀୟଚେତନା, ଦେଶାତ୍ମବୋଧ ଓ ନୈତିକ ମୂଲ୍ୟବୋଧର

ପ୍ରତିଷ୍ଠା। ପଣ୍ଡିତ ନୀଳକଣ୍ଠ, ଆଚାର୍ଯ୍ୟ ହରିହର, ପଣ୍ଡିତ ଗୋଦାବରୀଶ ଓ ପଣ୍ଡିତ କୃପାସିନ୍ଧୁଙ୍କ ଭଳି ମନୀଷୀମାନଙ୍କ ନିଷ୍ଠାପର ସାଧନା ଓ ଶ୍ରମଦାନରେ ଗୁରୁକୁଳ ଶିକ୍ଷାର ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇଥିଲା। ରବୀନ୍ଦ୍ରନାଥ ଠାକୁରଙ୍କ ଦ୍ୱାରା ପ୍ରତିଷ୍ଠିତ ଶାନ୍ତିନିକେତନ ଏବଂ ଆର୍ଯ୍ୟସମାଜ ଦ୍ୱାରା ପ୍ରତିଷ୍ଠିତ ବୈଦିକ ଶିକ୍ଷାନୁଷ୍ଠାନ ଢ଼ାଞ୍ଚାରେ ଗୋପବନ୍ଧୁଙ୍କ ଦ୍ୱାରା ପ୍ରତିଷ୍ଠିତ ସତ୍ୟବାଦୀ ବନବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଏକ ବିପ୍ଳବ ସୃଷ୍ଟି କରିବାରେ ସମର୍ଥ ହୋଇଥିଲା। ଏହା ପଛରେ ଥିଲା ଗୋପବନ୍ଧୁଙ୍କ ନିରବଚ୍ଛିନ୍ନ ଉଦ୍ୟମ ଓ ସାଧନାର ଫଳଶ୍ରୁତି।

ଖଣ୍ଡବିଖଣ୍ଡିତ ଓଡ଼ିଶାରେ ଏକତ୍ରିକରଣ ପାଇଁ ତାଙ୍କର ଆନ୍ତରିକ ଅବଦାନ ରହିଥିଲା। ୧୯୧୭ ମସିହାରେ ବିହାର-ଓଡ଼ିଶା ବିଧାନସଭାରେ ସଭ୍ୟଭାବେ ନିର୍ବାଚିତ ହେବାପରେ ସେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଦୃଢ଼ ଦାବି ଉପସ୍ଥାପିତ କରିଥିଲେ। ମହାତ୍ମା ଗାନ୍ଧିଙ୍କୁ ଓଡ଼ିଶା ଆଣି ଉତ୍କଳମଣି ରାଜ୍ୟରେ ରାଜନୈତିକ ଚେତନା ସୃଷ୍ଟି କରିବା ସହ ସ୍ୱାଧୀନତା ପାଇଁ ରାଜ୍ୟବାସୀଙ୍କ ମନରେ ମୁକ୍ତିର ମଶାଲ ଜଳାଇବାର ଶୁଭାରମ୍ଭ କରିଥିଲେ। ଜାତୀୟବାଦ ପ୍ରଚାର କରିବା ଉଦ୍ଦେଶ୍ୟରେ ୧୯୧୫ରେ ଉତ୍କଳମଣି 'ସତ୍ୟବାଦୀ ମାସିକ ପତ୍ରିକା' ପ୍ରକାଶନ କରିଥିଲେ ଯେଉଁଥିରେ ଓଡ଼ିଆମାନଙ୍କର ସମସ୍ୟାଗୁଡ଼ିକୁ ଅଗ୍ରାଧିକାର ଦିଆଯାଉଥିଲା। ମୂକ ଓଡ଼ିଆକୁ କଥା କହିବାର ଶୈଳୀ ଶିଖାଇବା ଉଦ୍ଦେଶ୍ୟରେ ତାଙ୍କ ଚିନ୍ତା ଚେତନାରୁ ସୃଷ୍ଟି ହେଲା ୧୯୧୯ ମସିହାରେ ସାପ୍ତାହିକ ସମ୍ବାଦ ପତ୍ର 'ସମାଜ'। ଲାହୋରରେ ଅନୁଷ୍ଠିତ ଅଧିବେଶନରେ ଉପସଭାପତି ପଦ ଅଳଙ୍କୃତ କରିଥିଲେ ଗୋପବନ୍ଧୁ ଏବଂ ପରେ ଏହି ଅନୁଷ୍ଠାନର ଆଦର୍ଶରେ ଉଦ୍‌ବୁଦ୍ଧ ହୋଇ ସେ 'ସତ୍ୟବାଦୀ ପ୍ରେସ୍' ଓ 'ସମାଜ'ର ସମସ୍ତ ସଂପତ୍ତି ଲୋକସେବକ ମଣ୍ଡଳକୁ ଦାନ କରି ଦେଇଥିଲେ। ତାଙ୍କର ନିଃସ୍ୱାର୍ଥପର ଜନସେବା ମୂଲ୍ୟବୋଧଭିତ୍ତିକ ରାଜନୀତି ଓ ଅସାଧାରଣ ତ୍ୟାଗପୂତ ଜୀବନ ଯୋଗୁ ବିଶିଷ୍ଟ ବୈଜ୍ଞାନିକ ପ୍ରଫୁଲ୍ଲ ଚନ୍ଦ୍ର ତାଙ୍କୁ 'ଉତ୍କଳମଣି' ଉପାଧିରେ ଭୂଷିତ କରିଥିଲେ।

ରାଜନୈତିକ, ସାମାଜିକ ଓ ଜନସେବା ପରି ବିଭିନ୍ନକ୍ଷେତ୍ରରେ ଥାଇ ମଧ୍ୟ ସେ ସାହିତ୍ୟ ସେବା ପ୍ରତି ବିମୁଖ ହୋଇନଥିଲେ। ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଗୋପବନ୍ଧୁ ଥିଲେ ନୂତନ ଯୁଗର ସ୍ରଷ୍ଟା ଯାହା 'ସତ୍ୟବାଦୀ ଯୁଗ' ରୂପେ ପରିଚିତ। ଗୋପବନ୍ଧୁ ଦାସ ଓ ତାଙ୍କର ସହଯୋଗୀ ସ୍ରଷ୍ଟାମାନେ ସେମାନଙ୍କ ଲେଖାରେ ଜାତୀୟତାବାଦକୁ ଗୁରୁତ୍ୱ ଦେଇଥିଲେ। ଉତ୍କଳର ଜାତୀୟତା ଓ ସଂସ୍କୃତି ତାଙ୍କ ଶିରାପ୍ରଶିରାରେ ପ୍ରବାହିତ ହେଉଥିଲା। ଯେଉଁଥିପାଇଁ ସେ ଲେଖିଥିଲେ-ଜାତୀୟ ମମତା ବିଶ୍ୱଜନ ପ୍ରୀତି, ଉତ୍କଳବାସୀରହେଉ ଏହା ନୀତି । ତାଙ୍କ ରଚିତ ଧର୍ମପଦ, ବନ୍ଦୀର ଆତ୍ମକଥା, କାରା କବିତା, ଅବକାଶ ଚିନ୍ତା, ନଚିକେତା ଉପାଖ୍ୟାନ, ଗୋ-ମାହାତ୍ମ୍ୟ କାବ୍ୟ କବିତାରେ ଜାତୀୟତାବୋଧ, ବିଶ୍ୱପ୍ରେମ ଭାବ ଅତି ସୁନ୍ଦର ଭାବେ ପ୍ରକଟିତ ହୋଇଥିବା ଦେଖାଯାଏ। କବି ଭାବେ ସେଥିଲେ ପ୍ରଥମେ ବିଶ୍ୱପ୍ରେମୀ, ପରେ ଭାରତୀୟ ଓ ସବାଶେଷରେ ଓଡ଼ିଆ।

ଉତ୍କଳମଣି ଗୋପବନ୍ଧୁ ସାରା ଓଡ଼ିଶାର ମଉଡ଼ମଣି ଥିଲେ। ସେହି ଗୋପବନ୍ଧୁ ଯିଏ ନିଜ ପୁତ୍ରଙ୍କୁ ମୃତ୍ୟୁର ଦ୍ୱାର ଦେଶରେ ଛାଡ଼ି ଶହ ଶହ ମାଆଙ୍କ ସନ୍ତାନଙ୍କୁ ମୃତ୍ୟୁ ମୁଖରୁ ବଞ୍ଚାଇବାକୁ ଘରୁ ବାହାରି ଆସିଥିଲେ, ସେ ଆମ ଗୋପବନ୍ଧୁ, ଆମ ପାଇଁ କାଳେ କାଳେ ନମସ୍ୟ, ସବୁଦିନର ଆଦର୍ଶ।

ଜଗତସିଂହପୁର
ମୋ :୯୯୩୭୧୫୧୦୫୨

କାର୍ତ୍ତିକ ବ୍ରତ : ଓଡ଼ିଶାର ନିଆରା ପରମ୍ପରା

ଯଶସ୍ୱିନୀ ପଟ୍ଟନାୟକ

ବର୍ଷର ବାର ମାସ ମଧ୍ୟରୁ ଚାରିଟି ମାସ ଆଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ ଅତି ପବିତ୍ର ଓ ଧର୍ମ ମାସ । କାର୍ତ୍ତିକ ଶ୍ରେଷ୍ଠ ଧର୍ମ ମାସ । ଆବାଳ ବୃଦ୍ଧ ବନିତା ପ୍ରତ୍ୟୁଷରୁ ସ୍ନାନ କରି ମାସସାରା ଦେବଦର୍ଶନ କଲେ ମହାପୁଣ୍ୟ ପ୍ରାପ୍ତି ହୁଏ । ବିଧବା ଓ ସାଧବାମାନେ କାର୍ତ୍ତିକ ମାସରେ ହବିଷ୍ୟ ପାଳନ କରନ୍ତି । ହବିଷ୍ୟ ପାଳନ କରୁନଥିବା ମହିଳା ଓ ପୁରୁଷ ନିର୍ବିଶେଷରେ ସମସ୍ତେ ଆମିଷ ଭୋଜନ ପରିତ୍ୟାଗ କରନ୍ତି । ବିଧବାଙ୍କ ପାଇଁ ହବିଷ୍ୟ ପାଳନ ଏକ ବିଧି ଭାବେ ପ୍ରଚଳିତ । ପ୍ରତ୍ୟୁଷରୁ ସ୍ନାନ ଓ ଦେବଦର୍ଶନ ପରେ ଏକାଠି ହୋଇ ହବିଷ୍ୟାଳିମାନେ ଚଉରା ମୂଳେ ରାଇଦାମୋଦର ପୂଜା କରନ୍ତି ଏବଂ କାର୍ତ୍ତିକ ମାହାତ୍ମ୍ୟ ପାଠ ବା ଶ୍ରବଣ କରନ୍ତି । ସୂର୍ଯ୍ୟାସ୍ତ ପୂର୍ବରୁ ହବିଷ୍ୟ ପାଳନ କରନ୍ତି । ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ୱଳନ କାର୍ତ୍ତିକ ବ୍ରତର ଏକ ମହତ୍ତ୍ୱପୂର୍ଣ୍ଣ ଅଙ୍ଗ । ପିତୃଗଣଙ୍କୁ ପଥ ପ୍ରଦର୍ଶନ ଏବଂ ସେମାନଙ୍କ ଅନ୍ଧକାରାଚ୍ଛନ୍ନ ପଥକୁ ଆଲୋକିତ କରିବା ସକାଶେ ସୁଉଚ୍ଚ ସ୍ଥାନରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥାଏ ।

କାର୍ତ୍ତିକ ମାସରେ ତୁଳସୀ ବୃକ୍ଷକୁ ଭକ୍ତି ସହକାରେ ଆରାଧନା କରାଯାଏ । ଜଗନ୍ନାଥଙ୍କୁ ପ୍ରତିଦିନ ତୁଳସୀ ଲାଗି କରାଯାଏ । ବର୍ଣ୍ଣନା ରହିଛି ଯେ, ରାକ୍ଷସ ଜଳନ୍ଧର ନିଜ ସତୀ, ସାଧ୍ୱୀ ପତ୍ନୀ ବୃନ୍ଦାବତୀଙ୍କ ପାତିବ୍ରତ୍ୟ ବଳରେ ବଳୀୟାନ ହୋଇ ଉଠିଥିଲା । ବୃନ୍ଦାବତୀଙ୍କ ସତୀତ୍ୱ ଅମ୍ଳାନ ରହିଥିବା ପର୍ଯ୍ୟନ୍ତ ସେ ଅଜେୟ, ଅମର ରହିଥିଲା । କାର୍ତ୍ତିକ ମାସର ସୋମବାର ଦିନ ଶିବଙ୍କୁ ପୂଜା କରାଯାଏ ଏବଂ ସୋମବାର ବ୍ରତ ପାଳନ କରାଯାଏ । କାର୍ତ୍ତିକ ସୋମବାର ହବିଷ୍ୟ ପାଳନ ପୂର୍ବକ ଆଶୁତୋଷଙ୍କ ପୂଜାକଲେ ରୋଗ ଶୋକରୁ ମୁକ୍ତି ମିଳେ । କାର୍ତ୍ତିକ ବ୍ରତ ପାଳନ ଦ୍ୱାରା ସମସ୍ତ ପାପରୁ ତ୍ରାହି ମିଳେ, ଈଶ୍ୱରଙ୍କ ଆଶୀର୍ବାଦ ପ୍ରାପ୍ତି ହୋଇଥାଏ ।

ପୁରାଣ ଓ ଧର୍ମଶାସ୍ତ୍ର ଅନୁସାରେ, ଅନ୍ୟ ମାସ ଅପେକ୍ଷା କାର୍ତ୍ତିକ ମାସରେ ବ୍ରତ ଉପବାସର ମହତ୍ତ୍ୱ ଅଧିକ । ଏହି ମାସରେ ବ୍ରତ ଉପବାସ କରୁଥିବା ବ୍ୟକ୍ତିଙ୍କର ମୋକ୍ଷ ପ୍ରାପ୍ତି ହୁଏ । ଏହି ମାସରେ ଭଗବାନ ବିଷ୍ଣୁଙ୍କ ଉପାସନା କ୍ରମ ଆରମ୍ଭ ହୋଇଥାଏ। ଏହି ମାସରେ ମଧ୍ୟ ସ୍ୱାମୀଙ୍କ ରକ୍ଷା ପାଇଁ କରୱା ଚୌଥ୍, ରମା ଏକାଦଶୀ, ଗୌବତ୍ସ ଦ୍ୱାଦଶୀ, ଧନତେରସ୍, ନରକ ଚତୁର୍ଦ୍ଦଶୀ, ହନୁମାନ ଜୟନ୍ତୀ, ମା'ଲକ୍ଷ୍ମୀଙ୍କ ଦୀପାବଳି, ଅନ୍ନକୂଟ ମହୋତ୍ସବ, ଗୋବର୍ଦ୍ଧନ ପୂଜା, ଭାଇ ପୂଜା, ଛଟପୂଜା ଆଦି ପାଳିତ ହୋଇଥାଏ। ହିନ୍ଦୁ ପଞ୍ଜିକାରେ ୧୨ଟି ଚନ୍ଦ୍ରମାସ ରହିଛି । କାର୍ତ୍ତିକ ଅଷ୍ଟମ ଚନ୍ଦ୍ରମାସ । ଧର୍ମଶାସ୍ତ୍ରରେ ସବୁଠାରୁ ପୁଣ୍ୟ ମାସ ଭାବେ କାର୍ତ୍ତିକକୁ ବିବେଚନା କରାଯାଏ । ପଦ୍ମପୁରାଣରେ ଏହି ମାସ ଧର୍ମ, ଅର୍ଥ, କାମ, ମୋକ୍ଷ ପ୍ରଦାନକାରୀ ମାସ ବୋଲି ବର୍ଣ୍ଣନା ରହିଛି। କାର୍ତ୍ତିକ ମାସରେ ଦୀପଦାନ ଦ୍ୱାରା ମନୁଷ୍ୟର ସମସ୍ତ ପାପ ନଷ୍ଟ ହୋଇଥାଏ । କୁହାଯାଏ, ଏହି ମାସରେ ଯେଉଁ ବ୍ୟକ୍ତି ଦେବାଳୟ, ନଦୀକୂଳ, ତୁଳସୀ ଗଛ ମୂଳରେ କିମ୍ବା ନିଜ ଶୟନ କକ୍ଷରେ ଦୀପ ଜାଳିଥାନ୍ତି

ତାଙ୍କୁ ସମସ୍ତ ପ୍ରକାର ସୁଖ ପ୍ରାପ୍ତି ହୋଇଥାଏ । ଏହି ମାସରେ ସକାଳର ସ୍ନାନକୁ ବହୁତ ଶୁଭ କୁହାଯାଏ । ସୂର୍ଯ୍ୟୋଦୟ ପୂର୍ବରୁ ନଦୀ, ପୋଖରୀ, କୂଅ ଅଥବା ନଳକୂପ ଜଳରେ ସ୍ନାନ କଲେ ସୁଖ, ସମୃଦ୍ଧି, ଆୟୁ ବୃଦ୍ଧି ସହ ଆରୋଗ୍ୟ ପ୍ରାପ୍ତି ହୋଇଥାଏ ।

ହେମନ୍ତ ପ୍ରକୃତିର ମେଘମୁକ୍ତ ଆକାଶ ତଳେ ଧରଣୀ ରାଣୀ ପାର୍ବତୀ ନନ୍ଦନ କାର୍ତ୍ତିକେୟଙ୍କ ବନ୍ଦନାରେ ଆତ୍ମବିସ୍ମୃତ ହୋଇଉଠେ । ଦେବ ସେନାପତି ଚିରକୁମାର କାର୍ତ୍ତିକେୟଙ୍କ ଆରାଧନା ଏହି ମାସରେ କରାଯାଏ । ଏହି ମାସରେ ଅନେକ ଆମିଷ ଭୋଜନ ତ୍ୟାଗ କରିଥାନ୍ତି। ଘରେ ଆମିଷ ପଶେନାହିଁ। ଏପରି କି ଅନେକ ମଧ୍ୟ ପିଆଜ, ରସୁଣ, ଛତୁ ଆଦି ଖାଆନ୍ତି ନାହିଁ। ପ୍ରତ୍ୟହ ପ୍ରାତଃକାଳରେ ସ୍ନାନ ସମାପନ ପୂର୍ବକ ଦେବ ଦର୍ଶନ ସହ ନଗର ସଂକୀର୍ତ୍ତନ କରାଯାଏ। ପୂର୍ଣ୍ଣିମାର ଶେଷ ପାଞ୍ଚଦିନ ପଞ୍ଚକ ପର୍ବ ବା ମହାପଞ୍ଚକ। କିଛି ବ୍ୟକ୍ତି କାର୍ତ୍ତିକ ମାସରେ ଆମିଷ ସେବନ କରୁଥିଲେ ମଧ୍ୟ ଏହି ପାଞ୍ଚ ଦିନ ଆମିଷ ସ୍ପର୍ଶ କରନ୍ତି ନାହିଁ। କୁହାଯାଏ ଏହି ପାଞ୍ଚଦିନ ବଗ ମଧ୍ୟ ଆମିଷ ସ୍ପର୍ଶ କରେନାହିଁ । ଏହି ମାସର ଶୁକ୍ଳପକ୍ଷ ଏକାଦଶୀ ବା ବଡ଼ ଏକାଦଶୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଞ୍ଚଦିନ ଧରି ପଞ୍ଚକ ଅନୁଷ୍ଠିତ ହୁଏ । ଶେଷ ଦିନ ମହିଳାମାନେ ରାଇ ଦାମୋଦର ବ୍ରତ ଉଦ୍‌ଯାପନ କରିଥାନ୍ତି ।

ବର୍ଣ୍ଣନା ରହିଛି ଯେ ପ୍ରଭୁ ଶ୍ରୀରାମ ଦଣ୍ଡକାରଣ୍ୟରେ ବନବାସରେ ଥିବାବେଳେ ମୁନିଋଷିମାନେ ତାଙ୍କର କାନ୍ତି ସନ୍ଦର୍ଶନରେ ମୁଗ୍ଧ ହୋଇ ନାରୀ ରୂପେ ତାଙ୍କ ସାହଚର୍ଯ୍ୟ ଲାଭ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । ପ୍ରଭୁ ଶ୍ରୀରାମ ସେମାନଙ୍କ ଇଚ୍ଛା ପୂରଣ ହେବ ବୋଲି କହି ଦ୍ୱାପର ଯୁଗରେ ସେମାନେ ଗୋପୀ ରୂପେ ଜନ୍ମଲାଭ କରିବାକୁ ବର ପ୍ରଦାନ କରିଥିଲେ । ତଦନୁସାରେ ସେମାନେ ଗୋପୀ ରୂପେ ଜନ୍ମଲାଭ କରିଥିଲେ। ସ୍ୱୟଂ ନାରାୟଣ କୃଷ୍ଣ ରୂପେ ଆବିର୍ଭୂତ ହୋଇ ସେମାନଙ୍କ ଇଚ୍ଛା ପୂରଣ କରିଥିଲେ। ଗୋପାଙ୍ଗନାମାନେ କୃଷ୍ଣଙ୍କ ସାନିଧ୍ୟ ଲାଭ ଆଶାରେ କୁମାର ପୂର୍ଣ୍ଣିମାଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତ୍ୟହ ପ୍ରତ୍ୟୁଷରୁ ସ୍ନାନ ସମାପନ ପୂର୍ବକ ବାଲିରେ କୃଷ୍ଣଙ୍କ ମୂର୍ତ୍ତି ସ୍ଥାପନ କରିଥିଲେ । କାର୍ତ୍ତିକ ପୂର୍ଣ୍ଣିମା ଅବସରରେ କଦଳୀପଟୁଆ ନିର୍ମିତ ଡଙ୍ଗା ଭସାଇବା ବିଧି ମଧ୍ୟ ପ୍ରଚଳିତ । ଏହିଦିନ ଅତି ପ୍ରତ୍ୟୁଷରୁ ସମସ୍ତେ କଦଳୀ ବାହୁଙ୍ଗା ବା ସୋଲ ତିଆରି ଡଙ୍ଗାରେ ଦୀପ ଜାଳି ଏବଂ ସେଥିରେ ପାନଗୁଆ ଥୋଇ ଭସାଇଥାନ୍ତି ।

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ,

କୃଷ୍ଣଲୀଳା ଗୁରୁ ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁ

କେ. ସତ୍ୟନାରାୟଣ ରେଡ୍ଡୀ

କୃଷ୍ଣଲୀଳା ତଥା ଲୋକକଳା ଗୁରୁ ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁଙ୍କର ୧୦୭ ବର୍ଷ ବୟସରେ ପବିତ୍ର ବିଜୟା ଦଶମୀରେ ଜନ୍ମମାଟି ଗଞ୍ଜାମ ଜିଲ୍ଲାର ଶେରଗଡ଼ ବ୍ଲକ ଗୋବିନ୍ଦପୁର ଗାଁରେ ପରଲୋକ ହୋଇଯାଇଛି । ଶରୀରପୀଡ଼ା କାରଣରୁ ସେ ଶଯ୍ୟାଶାୟୀ ଥିଲେ । ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଖଣି, ଇସ୍ପାତ, ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତିୱାସନ, ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଗଞ୍ଜାମ ପୋଲିସ ବାହିନୀ ପ୍ରମୁଖ ତାଙ୍କର ଶେଷଦର୍ଶନ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

ରୋଗାକ୍ରାନ୍ତ ଥାଇ ଶଯ୍ୟାଶାୟୀ ଅବସ୍ଥାରେ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ମଧ୍ୟ ଗୁରୁ ଗୋପୀନାଥଙ୍କ ତୁଣ୍ଡରେ ରାମ ନାମ.. କୃଷ୍ଣ ନାମ.. ରହିଥିଲା । ଲୋକନୃତ୍ୟ ଓ ଲୋକସଂସ୍କୃତିର କେନ୍ଦ୍ରସ୍ଥଳ ଭାବରେ ସ୍ୱତନ୍ତ୍ର ମାନ୍ୟତା ପାଇଥିବା ଭଞ୍ଜମାଟିର ସୁପୁତ୍ର ଭାବେ ସେ ଚିରସ୍ମରଣୀୟ । ଅନର୍ଗଳ ଭାବେ ସେ କୃଷ୍ଣଲୀଳାକୁ ଗାନ ଓ ଅଭିନୟରେ ଦେଶ ବିଦେଶରେ ଖ୍ୟାତି ଅର୍ଜନ କରିଥିଲେ । କୃଷ୍ଣଲୀଳା ଗାୟନ ତଥା ମଞ୍ଚନାଟ୍ୟ ପରିବେଷଣ ପାଇଁ ଗୁରୁ ଗୋପୀନାଥ ବେଶ୍ ପ୍ରସିଦ୍ଧ । କୃଷ୍ଣଲୀଳାର ପ୍ରଚାର ଓ ପ୍ରସାରରେ ତାଙ୍କର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ ସେ ଜନମାନସରେ ଚିରସ୍ମରଣୀୟ ।

୧୯୧୮ ଫେବୃଆରୀ ମାସ ୧୫ ତାରିଖରେ ଗଞ୍ଜାମ ଜିଲ୍ଲାର ଶେରଗଡ ବ୍ଲକର ଗୋବିନ୍ଦପୁର ଗ୍ରାମରେ ଗୁରୁ ଗୋପୀନାଥ ସ୍ୱାଇଁ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତା ମାଗତି ସ୍ୱାଇଁ ଏବଂ ମାଆ ହାଡ଼ି ସ୍ୱାଇଁ । ନିଜ ଅଞ୍ଚଳରେ ବିଦ୍ୟାଳୟ ଶିକ୍ଷା ସମୟରେ ହିଁ ପିତା ଓ ବଡ଼ ଭାଇଙ୍କ ପ୍ରେରଣାରେ ସେ ଗାଁ ସଂକୀର୍ତ୍ତନ ଏବଂ ପରେ ସ୍ଥାନୀୟ କୃଷ୍ଣଲୀଳା ଦଳରେ ଯୋଗ ଦେଇଥିଲେ। ଆକୃଷ୍ଟ ହୋଇଥିଲେ ଲୋକକଳା ପ୍ରତି । ତାଙ୍କର ସୁଲଳିତ କଣ୍ଠ ସ୍ୱର ସମସ୍ତଙ୍କୁ ବିମୋହିତ କରି ଦେଉଥିଲା। ସେ ନାରୀ ଚରିତ୍ର ଯଶୋଦା ଭୂମିକାରେ ଅଭିନୟ କରି ଖ୍ୟାତି ଅର୍ଜନ କରିବା ପରେ ଆଉ ପଛକୁ ଫେରି ଚାହିଁନଥିଲେ । ପ୍ରଥମେ ନିଜ ବ୍ଲକ୍, ଜିଲ୍ଲା ଓ ଧୀରେ ଧୀରେ ସାରା ରାଜ୍ୟରେ ସେ ସ୍ୱତନ୍ତ୍ର ପରିଚୟ ହାସଲ କରିଥିଲେ । ପରେ କୃଷ୍ଣଲୀଳା ଗୁରୁ ଭାବେ ଦୀର୍ଘ ୯ ଦଶନ୍ଧି ଧରି ଗୋଟିଏ ପରେ ଗୋଟିଏ ପିଢ଼ିକୁ ନୃତ୍ୟାଭିନୟ,ଗାୟନ ଶିକ୍ଷାଦାନ କରି ଆସିଥିଲେ ।

ଦୀର୍ଘ ୯୦ବର୍ଷରୁ ଅଧିକ ସମୟ ଧରି ଭିନ୍ନଶୈଳୀରେ କୃଷ୍ଣଲୀଳା ଗାୟନ କରି ଗଞ୍ଜାମ ଗୌରବ କୃଷ୍ଣଲୀଳା ଗୁରୁ ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁ ଆଜି ମଧ୍ୟ ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ । ହଜାର ହଜାର ଶିଷ୍ୟ ଗଢ଼ିଛନ୍ତି ସେ । ମଞ୍ଚରେ ୧୨ ରୁ ୧୮ ଘଣ୍ଟା ଧରି ଲୋକନୃତ୍ୟ ପରିବେଷଣ କରିପାରୁଥିଲେ । ତାଙ୍କର ଶେଷ ଇଚ୍ଛା ଥିଲା ଶ୍ରୀକ୍ଷେତ୍ରରେ ଅରୁଣ ସ୍ତମ୍ଭ ଆଗରେ ଅଭିନୟ ମାଧ୍ୟମରେ କୃଷ୍ଣଲୀଳା ଗାୟନ କରିବାକୁ ।

କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ବିଭିନ୍ନ ସମୟରେ ସେ ସମ୍ବର୍ଦ୍ଧିତ ଓ ସମ୍ମାନିତ ହୋଇଥିଲେ । କୃଷ୍ଣଲୀଳା ପ୍ରତି ତାଙ୍କର ଅବଦାନ ପାଇଁ ୨୦୨୪ରେ ତାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ୍ମଶ୍ରୀରେ ସମ୍ମାନିତ କରିଥିଲେ। ତାଙ୍କ ନାତି ଅମିତ କୁମାର ସ୍ୱାଇଁ କହିଛନ୍ତି, ଗୁରୁ ଗୋପୀନାଥଙ୍କ ନାତି ଭାବେ ସେ ଗର୍ବ ଅନୁଭବ କରନ୍ତି । ତାଙ୍କର ଜେଜେଙ୍କୁ ମଧ୍ୟ କୃଷ୍ଣଲୀଳା ଶିଖାଇବା ପାଇଁ ବିଭିନ୍ନ ରାଜ୍ୟରୁ ନିମନ୍ତ୍ରଣ ଆସୁଥିଲା।

ଜଣେ ବ୍ୟକ୍ତିତ୍ୱ ଯାହାଙ୍କ ଅନେକ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନରେ ପ୍ରସାରିତ ହୋଇଥିବା ଯୋଗୁଁ ନିଜ ପରିବାର ଓ ଗାଁ ମାଟିର ଲୋକେ ଆଜି ଗର୍ବିତ । ସେହି ସମସ୍ତ କାର୍ଯ୍ୟକ୍ରମକୁ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ନିଜ ପାଖରେ ଆଗାମୀ ପିଢି ପାଇଁ ସଂରକ୍ଷଣ କରି ରଖିବାକୁ ବିଜ୍ଞ ବ୍ୟକ୍ତିଗଣ ଆହ୍ୱାନ କରିଛନ୍ତି ।

ଆକାଶବାଣୀ ଓ ଦୂରଦର୍ଶନର ଅନେକ କାର୍ଯ୍ୟକର୍ମରେ ଅଂଶ ଗ୍ରହଣ କରିଥିବା ଗୁରୁ ଗୋପୀନାଥ ସ୍ୱାଇଁଙ୍କର ଏକ ସ୍ୱତନ୍ତ୍ରତା ଥିଲା ଯେ' ତାଙ୍କ ସାଧନାରେ କୃଷ୍ଣଲୀଳାରେ ଯେଉଁ ଆଦି ପରମ୍ପରା ଥିଲା ତାହା ସେ ଅବଲମ୍ବନ କରୁଥିଲେ । ଲୀଳା ପରମ୍ପରାରେ ଗଞ୍ଜାମ ଜିଲ୍ଲାରେ ପ୍ରତ୍ୟେକ ଲୀଳାର ଗାୟନ ଶୈଳୀ ଅଲଗା । ତାଙ୍କ ଭଳି କଳାକାର ଆମ ପାଇଁ ଗର୍ବ ଓ ଗୌରବ ବୋଲି କହିଛନ୍ତି ଆକାଶବାଣୀ ବ୍ରହ୍ମପୁର କେନ୍ଦ୍ରର ପ୍ରାକ୍ତନ କାର୍ଯ୍ୟକ୍ରମ ନିଷ୍ପାଦକ ହୃଷୀକେଶ ପାଣିଗ୍ରାହୀ। ସେ କହିଛନ୍ତି, ଗୁରୁ ଗୋପୀନାଥଙ୍କ ରେକର୍ଡିଂ ସବୁ ସୁରକ୍ଷିତ କରି ରଖିବା ଆବଶ୍ୟକ ବୋଲି କହିଛନ୍ତି।

ଅତି ପ୍ରାଚୀନ ରାମନାଟକ, ରାମଲୀଳା, କୃଷ୍ଣଲୀଳା, ରାଧାପ୍ରେମଲୀଳାରୁ କିଛି କିଛି ଲୁପ୍ତପ୍ରାୟ ହୋଇଗଲାଣି । କୃଷ୍ଣଲୀଳା ଓ ରାଧାପ୍ରେମଲୀଳାରେ ବିଶେଷକରି ଛୋଟ ପିଲାଙ୍କ ଅଭିନୟ ବିଶେଷ ମାତ୍ରାରେ ଦେଖିବାକୁ ମିଳେ । ଯେଉଁଭଳି ପୂର୍ବରୁ ଚାଟଶାଳୀ ଓ ଭାଗବତ ଟୁଙ୍ଗିଥିଲା, ଠିକ୍ ସେହିଭଳି ଗଞ୍ଜାମ ଜିଲ୍ଲାର ପ୍ରତି ଗାଁରେ ଆଖଡାଘର ଥିଲା । ଏବେ ମଧ୍ୟ ଅଧିକାଂଶ ଗାଁରେ ଧର୍ମ ଚର୍ଚ୍ଚା ଓ ଆଧ୍ୟାତ୍ମିକ ଚର୍ଚ୍ଚା ରହିଛି । ଗାଁରେ ଥିବା ଆଖଡାଘରମାନଙ୍କରେ ପିଲାମାନେ କୃଷ୍ଣଲୀଳା ଶିଖୁଛନ୍ତି । ସେମାନଙ୍କ ପାଇଁ ଗୁରୁ ଗୋପୀନାଥ ପ୍ରେରଣାର ଉତ୍ସ ହୋଇରହିଛନ୍ତି ।

ସାମ୍ବାଦିକ, ଛତ୍ରପୁର

ପୂର୍ତ୍ତ ବିଭାଗ ଯନ୍ତ୍ରୀ ଓ ଠିକାଦାରଙ୍କ ବିବାଦ: ମହାବୀରଙ୍କ ଗେଟରେ ତାଲା

ଦଶପଲ୍ଲା,୮।୧୦(ନି.ପ୍ର): ଦଶପଲ୍ଲା ପୂର୍ତ୍ତ ବିଭାଗ ଓ ଠିକାଦାରଙ୍କ ବିବାଦ ଚରମ ସୀମାରେ ପହଁଚିଛି। ଯାହାର ପରିଣାମ ସ୍ୱରୂପ ଦଶପଲ୍ଲାର ଆରାଧ୍ୟ ଦେବ ପ୍ରଭୁ ଶ୍ରୀ ମହାବୀରଙ୍କ ଗେଟରେ ଝୁଲୁଛି ତାଲା। ସୂଚନା ଅନୁସାରେ ଗତ ବିଜେଡି ସରକାର ସମୟରେ ମନ୍ଦିରର ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ଚାରି କୋଟରୁ ଉର୍ଦ୍ଧ ଟଙ୍କା ବ୍ୟୟ ପାଇଁ ଅଟକଳ କରାଯାଇଥିଲା। ତେବେ ଠିକାଦାରଙ୍କ ଦ୍ୱାରା ଅଧିକାଂଶ କାମ ସରିଥିବା ବେଳେ ପୂର୍ତ୍ତ ବିଭାଗ

ତାଙ୍କର ବିଲ ବକେୟା ରଖିଛନ୍ତି। ବିଗତ ଦିନରେ ଠିକାଦାରମାନେ ମଧ ନିଜର ଅସନ୍ତୋଷ ପ୍ରକାଶ କରିବା ସହିତ ପୂର୍ତ୍ତ ବିଭାଗ ସାମ୍ନାରେ ଧରଣାରେ ବସିଥିଲେ। ତେବେ ଏଠି ପ୍ରଶ୍ନ ଉଠୁଛି ଭୁଲ କାହାର? ଯଦି ବିଭାଗର ଅର୍ଥ ନାହିଁ ତେବେ କାମ ପାଇଁ ଆଦେଶ କାହିଁକି ଦେଇଥିଲେ। ତେବେ ସମ୍ପୃକ୍ତ ଠିକାଦାର ଅନେକ ଅର୍ଥ ନିଜସ୍ୱ ହାତରୁ ଖର୍ଚ୍ଚ କରି ହତାଶ ହେବା ସ୍ୱାଭାବିକ କଥା। ତେବେ ପୂର୍ତ୍ତ ବିଭାଗ ଓ ଠିକାଦାରଙ୍କ ମଧ୍ୟରେ ବିବାଦ ଲାଗି ସାଧାରଣ ଜନତା ଆଜି ହଇରାଣ ହେଉଛନ୍ତି। ମନ୍ଦିରରେ ଅନେକ ଅନୁଷ୍ଠାନିକ କାର୍ଯ୍ୟ ସମ୍ପାଦିତ ଲୋକଙ୍କର ହୋଇଥାଏ। ଗେଟରେ ତାଲା ପଡିବା ଦ୍ୱାରା ମଧ୍ୟ ଦଶପଲ୍ଲାବାସୀଙ୍କ ମନରେ କଷ୍ଟ ହେବା ସ୍ୱାଭାବିକ। ଏଣୁ ପ୍ରଶାସନ ଏହାକୁ ଦୃଷ୍ଟିରେ ରଖି ସମସ୍ୟାର ସମାଧାନ ଶୀଘ୍ର କରିବା ଦରକାର। ଦେଖାଯାଉ କେବେ ପ୍ରଭୁ ଶ୍ରୀ ମହାବୀରଙ୍କ କୃପାରୁ ଏ ସମସ୍ୟା ସମାଧାନ ହେଉଛି ତାହା ଦେଖିବାକୁ ବାକି ରହିଲା।

ରାଜ୍ୟ ବାର କାଉନ୍‌ସିଲର ସଭ୍ୟ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣା

ଜିଲ୍ଲା ଜଜ୍ କୋର୍ଟରେ ଆଇନଜୀବୀଙ୍କ କଲମ ଛାଡ଼ ଆନ୍ଦୋଳନ

ଯାଜପୁର,୮।୧୦ (ନି.ପ୍ର): ଗତ ସୋମବାର ଦିନ ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ତଥା ରାଜ୍ୟ ବାର୍ କାଉନସିଲର ସଭ୍ୟ ପିତବାସ ପଣ୍ଡାଙ୍କୁ ୨ ଦୁର୍ବୃତ୍ତ ଗୁଳି କରି ହତ୍ୟା କରିଥିଲେ। ଏହି ଘଟଣାଟି ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ବସ୍ତୁ ପାଲଟିଥିବା ବେଳେ ଗତ ମଙ୍ଗଳବାର ଦିନ ରାଜ୍ୟ ବାର୍

କାଉନସିଲ ଓ ଭାରତୀୟ ବାର୍ କାଉନସିଲ ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ ପାଇଥିଲା। ରାଜ୍ୟ ବାର୍ କାଉନସିଲ ପକ୍ଷରୁ ୮ତାରିଖ ବୁଧବାର ସାରା ରାଜ୍ୟରେ ଆଇନଜୀବୀଙ୍କୁ କଲମ ଛାଡ଼ ଡାକରା ଦିଆଯାଇଥିଲା। ଏହି ମର୍ମରେ ଯାଜପୁର ଜିଲାର ଆଇନଜୀବୀ ସ୍ୱତଃପ୍ରବୃତ୍ତ ଭାବେ ଏହି ଡାକରାରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଯାଜପୁର ଜିଲାର ୩ଟି ବାର୍ ଆର୍ ଆସୋସିଏସନ ଯାଜପୁର ବାର୍ ଆସୋସିଏସନ, ଡିଷ୍ଟ୍ରିକ୍ଟ ଲୟର୍ସ ଆସୋସିଏସନ ଓ ଡିଷ୍ଟ୍ରିକ୍ଟ କ୍ରିମିନାଲ୍ ବାର୍ ଆସୋସିଏସନର ଆଇନଜୀବୀମାନେ ମିଳିତ ହୋଇ ଯାଜପୁର ଜିଲା କୋର୍ଟ ପରିସରରେ ସ୍ୱର୍ଗତ ପଣ୍ଡାଙ୍କ ଉଦ୍ଦେଶ୍ୟରେ ପ୍ରଥମେ ନୀରବ ପ୍ରାର୍ଥନା କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ। ରାଜ୍ୟ ବାର୍ କାଉନସିଲର ଉପସଭାପତି ରାଜୀବ ମହାନ୍ତିଙ୍କ ଆବାହକତ୍ୱରେ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବାର୍ ଆସୋସିଏସନର ସଭାପତି ପ୍ରମୋଦ କୁମାର ମହାପାତ୍ର, ସମ୍ପାଦକ କୃତିବାସ ପଣ୍ଡା, ଡିଷ୍ଟ୍ରିକ୍ଟ ଲଏର୍ସ ଆସୋସିଏସନର ସଭାପତି ପ୍ରତାପ କୁମାର ରାୟ, ସମ୍ପାଦକ ମାନ ଗୋବିନ୍ଦ ଧଳ, ଡିଷ୍ଟ୍ରିକ୍ଟ କ୍ରିମିନାଲ ଆସୋସିଏସନ ସଭାପତି କିଶୋର ଚନ୍ଦ୍ର କର, ସମ୍ପାଦକ ଉତ୍କଳ ଚନ୍ଦ୍ର ଦାସ ସମେତ ଶତାଧିକ ବରିଷ୍ଠ ଓ କନିଷ୍ଠ ଆଇନଜୀବୀମାନେ ଉପସ୍ଥିତ ରହି ସ୍ୱର୍ଗତ ପଣ୍ଡାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ମହର୍ଷି ବାଲ୍ମିକୀଙ୍କ ଜୟନ୍ତୀ ପାଳିତ

କଣାସ,୮।୧୦(ନି.ପ୍ର): ଚୁପୁରିଙ୍ଗି ପଞ୍ଚାୟତ ଅନ୍ତର୍ଗତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନାରୀ ମଙ୍ଗଳ ମହିଳା ସମିତି ତରଫରୁ ସନ୍ଥ ମହର୍ଷି ବାଲ୍ମିକୀଙ୍କ ଜନ୍ମ ଜୟନ୍ତୀ ଧୁମଧାମରେ ପାଳିତ ହୋଇଯାଇଛି। ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ଅଧିନସ୍ଥ ଡ. ଆମ୍ବେଦକର ଫାଉଣ୍ଡେସନ ସହାୟତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସଡସାହି ସରପଞ୍ଚ ବିଭୁତି ଭୂଷଣ ବେବର୍ତ୍ତା ଯୋଗ ଦେଇ ବାଲ୍ମିକୀଙ୍କ ସାଧନା ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ

ମଧ୍ୟରେ ମୁଖ୍ୟ ବକ୍ତା ପ୍ରଦୀପ୍ତ ଦତ୍ତ, ସମ୍ମାନିତ ଅତିଥି ପ୍ରେମାନନ୍ଦ ସାହୁ ଓ ବିଶ୍ୱଜିତ ବଡଜେନା ଉପସ୍ଥିତ ରହି ଜନ୍ମ ଜୟନ୍ତୀର ମହତ୍ତ୍ୱ ଉଲ୍ଲେଖ କରିଥିଲେ। ମା ଅଷ୍ଟଭୂଜା ଗୋଟିପୁଅ ସାଂସ୍କୃତିକ ସଂଗଠନ ଦ୍ୱାରା ପାରମ୍ପରିକ ନୃତ୍ୟଗୀତ ପରିବେଷଣ କରାଯାଇଥିଲା। ଶେଷରେ ବାଲ୍ମିକୀଙ୍କ ଜୀବନୀ ପ୍ରବନ୍ଧରେ ପାରଦର୍ଶୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସଂଗଠନର ଉପଦେଷ୍ଟା ଗୁଣନିଧି ବରାଳ ମଞ୍ଚ ପରିଚାଳନା କରିଥିଲେ ଓ ଉପଦେଷ୍ଟା ପ୍ରକାଶ କୁମାର ସାମନ୍ତରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଚୁପୁରିଙ୍ଗି ପଞ୍ଚାୟତ ଓ ଆଖପାଖ ଗ୍ରାମରୁ ପ୍ରାୟ ୨୦୦ ମହିଳା, ପୁରୁଷ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

ଶାନ୍ତିନଗରରେ ଗଜଲକ୍ଷ୍ମୀ ପୂଜା ଉତ୍ସବ ମୁଖର

ଛତ୍ରପୁର,୮।୧୦(ନି.ପ୍ର): ଛତ୍ରପୁର ସହରର ସନ୍ନିକଟ ଶାନ୍ତିନଗରରେ ଗଜଲକ୍ଷ୍ମୀ ପୂଜା ପାର୍ବଣ ଉତ୍ସ ମୁଖର ହୋଇଉଠିଛି । ଏହିଅଞ୍ଚଳରେ ୫ଦିନ ଧରି ସମାହିତ ହେଉଥିବା ମା'ଧନଧାତ୍ରୀ ଗଜଲକ୍ଷ୍ମୀ ପୂଜା ବର୍ଣ୍ଣାଢ୍ୟ ସମାରୋହରେ ପାଳିତ ହେଉଥିବା ବେଳେ ଦୈନିକ ସନ୍ଧ୍ୟାରେ ଦେବୀଙ୍କ ମହାଆଳତୀ ବନ୍ଦାପନା ବେଳେ ବହୁ ଲୋକଙ୍କ ସମାଗମ ହୋଇଥାଏ । ଦେବୀଙ୍କ ଆରତୀ ଦର୍ଶନ, ହୋମ, ଯାଗଯଜ୍ଞ, ବେଦପାଠ, ଷୋଡ଼ଶ ଉପଚାରରେ ଦେବୀଙ୍କୁ ପୂଜା ଆରାଧନା ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା ଆଦି ସମାହିତ ହୋଇଆସୁଛି । ବ୍ରାହ୍ମଣ ପଣ୍ଡିତଙ୍କ ବେଦମନ୍ତ୍ରରେ ସ୍ଥାନଟି ପ୍ରକମ୍ପିତ ଉଠିଛି । ସନ୍ଧ୍ୟା ସମୟରେ ଆରତୀ ବନ୍ଦାପନା, ପୂଜାର୍ଚ୍ଚନା ଅନୁଷ୍ଠିତ ହେଉଥିବା ବେଳେ ବହୁ ସଂଖ୍ୟାରେ ମହିଳାମାନଙ୍କ ଗହଳ ଚହଳ, ଶଙ୍ଖ, ହୁଳହୁଳି ଧ୍ୱନିରେ ମୁଖରୀତ ହୋଇଥାଏ। ବାସ୍ତବିକ୍ ପାର୍ବଣ ସମ୍ଭାର ଏହି ଅଞ୍ଚଳକୁ ଆଧାତ୍ମ୍ୟିକ ଭାବନାରେ ଜନତାଙ୍କୁ ଜାଗୃତି କରିଛି।

ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ହିଞ୍ଜିଳିକାଟୁ ଉତ୍ସବମୁଖର

ହିଞ୍ଜିଳିକାଟୁ,୮।୧୦(ନି.ପ୍ର): ହିଞ୍ଜିଳି ବ୍ଲକ ରାଳବ ଗ୍ରାମରେ ଗଜଲକ୍ଷ୍ମୀଙ୍କ ପାରମ୍ପରିକ ପୂଜାର୍ଚ୍ଚନା ମହାଆଡମ୍ବରରେ ଶୁଭାରମ୍ଭ ହୋଇଛି। ଗତ ସୋମବାର ଠାରୁ ଆରମ୍ଭ ହୋଇଥିବା ଗଜଲକ୍ଷ୍ମୀଙ୍କ ପୂଜା ଶୁକ୍ରବାର ଦିନ ସମାପନ

ହେବ। ରାଳବ ଗ୍ରାମବାସୀ ଓ ଗଜଲକ୍ଷ୍ମୀ ପୂଜା କମିଟିଙ୍କ ଆଧାତ୍ମିକ ନିଷ୍ଠା ଓ ଉଦ୍ୟମ କ୍ରମେ ପଞ୍ଚ ଦିନାତ୍ମକ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଛି। ସୁଶୋଭିତ ପୂଜା ମଣ୍ଡପରେ ଗଜ ଲକ୍ଷ୍ମୀଙ୍କ ଦିବ୍ୟ ଓ ଭବ୍ୟ ମୃଣ୍ମୟ ପ୍ରତିକୃତି ସ୍ଥାପିତ କରାଯାଇ ପୂଜାର୍ଚ୍ଚନା ନୀତି ଆରମ୍ଭ ହୋଇଛି। ମୁଖ୍ୟ ପଣ୍ଡିତ ଅକ୍ଷୟ କୁମାର ପାଠୀ, ଚନ୍ଦନ ଦାଶ, ଗୌର ଚନ୍ଦ୍ର ପାଢ଼ୀ ଓ ସିଦ୍ଧାନ୍ତ ତ୍ରିପାଠୀଙ୍କ ସହଯୋଗରେ ପ୍ରଥମ ଦିବସରେ ଜଳ ଯାତ୍ରା, ସୂର୍ଯ୍ୟ ପୂଜା, ମଣ୍ଡଳ ପୂଜା, ଲଡୁ ଭୋଗନୀତି ସମ୍ପନ୍ନ ହୋଇଛି। ଦ୍ୱିତୀୟ ଦିବସରେ ନିତ୍ୟ ପୂଜା, ହୋମ ଓ କ୍ଷୀରି, କାକରା ଭୋଗ ନୀତି ସମ୍ପନ୍ନ ହୋଇଛି। ବୁଧବାର ଦିନ ନିତ୍ୟ ପୂଜା, ହୋମ ଓ ୧୦୦୮ଦ୍ୱୀପ ପ୍ରଜ୍ୱଳନ ଓ ହାଲୁଆ ଭୋଗ ମାଙ୍କୁ ଲାଗି ହୋଇଛି। ଗୁରୁବାର ଦିନ ନିତ୍ୟ ପୂଜା, ହୋମ ସହ ଅନ୍ନ ଭୋଗ ଓ ପ୍ରସାଦ ସେବନ ଅନୁଷ୍ଠିତ ହେବ। ଶୁକ୍ରବାର ଶେଷ ଦିବସରେ ନିତ୍ୟ ପୂଜା, ହୋମ ସହ ପୂର୍ଣ୍ଣାହୁତି ଓ ଗଜଲକ୍ଷ୍ମୀ ମେଲାଣି ନେବେ। ପୂଜା ଉପଲକ୍ଷେ ପୂଜା ସ୍ଥଳ ଲୋକାରଣ୍ୟ ହୋଇପଡିଛି। ଗାଁ ସମେତ ଆଖପାଖ ଅଞ୍ଚଳର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ଲାଗି ରହିଛି। ପୁଷ୍ପ, ସୁଗନ୍ଧିତ ଧୂପ ଓ ନୈବେଦ୍ୟ ଅର୍ପଣ କରି ମା ଗଜଲକ୍ଷ୍ମୀଙ୍କ ଅପରୂପ ସୌନ୍ଦର୍ଯ୍ୟକୁ ଭକ୍ତ, ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀ ଶ୍ରଦ୍ଧା ଓ ଭକ୍ତିର ସହିତ ଦର୍ଶନ କରି କୃପା ଭିକ୍ଷା କାମନା କରୁଛନ୍ତି। ଅନୁରୂପ ଭାବେ ହିଞ୍ଜିଳି ବ୍ଲକ ଦୁର୍ବନ୍ଧ ଗ୍ରାମୋନ୍ନତି ପାଠାଗାର ମୁଖ୍ୟ ବଜାର ଛକଠାରେ ଗଜ ଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଛି। ଗତ ୯ ବର୍ଷ ଧରି ଆୟୋଜିତ ହେଉଥିବା ପୁଜା ଉତ୍ସବ ଚଳିତ ବର୍ଷ ଅଧିକ ଆକର୍ଷଣୀୟ ହୋଇଛି। ମୁଖ୍ୟ ପୂଜକ ଜିତେନ୍ଦ୍ର କୁମାର ପାଠୀ ଓ ସହଯୋଗୀ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା ସମ୍ପାଦନ କରୁଥିବା ବେଳେ ସମାଜ ସେବୀ ତଥା ଆଧାତ୍ମିକ ନିଷ୍ଠ ରାମହରି ଶର୍ମା, ସତ୍ୟନାରାୟଣ ପଟ୍ଟନାୟକ, ସୁଶାନ୍ତ କୁମାର ମହାନ୍ତି, ଗୋବିନ୍ଦ ସାହୁ, ନୀଳାଚଳ ସାହୁ ଓ ଅଲେଖ ସାହୁ ପ୍ରମୁଖ ସହଯୋଗ ଓ ପରିଚଳନା କରୁଛନ୍ତି।

ତହସିଲଦାରଙ୍କୁ ଦାବି ଜଣାଇଲା ଜୟଚଣ୍ଡୀ କୃଷକ ସଭା କମିଟି

ଦଶରଥପୁର, ୮।୧୦(ନି.ପ୍ର): ବୁଧବାର ୧୨ ଘଣ୍ଟିକା ସମୟରେ ମା ଜୟଚଣ୍ଡୀ କୃଷକ ସଭାର ସଦସ୍ୟ ମାନେ ଦଶରଥପୁର

ତହସିଲଦାରଙ୍କୁ ଭେଟି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କପି ପ୍ରଦାନ କରିଥିଲେ। ତତ୍ ସହିତ କମାରଡିହି, କାୟାଁ, ଖାନନଗର ପଞ୍ଚାୟତ ବନ୍ୟା ଜନିତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତିପୂରଣର ସହାୟତା ତୁରନ୍ତ ପ୍ରଦାନ କରାଯାଉ ବୋଲି ଦାବି ଜଣାଇଥିଲେ ନଚେତ୍ ବାଧ୍ୟ ହୋଇ ଚାଷୀମାନେ ଅନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ସୂଚନା ଦେଇଥିଲେ। ତହସିଲଦାରଙ୍କୁ ଚୌବନ୍ ବାରିକ, ମଳୟ କୁମାର ପଣ୍ଡା, କମାରଡ଼ିହି କୃଷି ସମବାୟ ସମିତିର ସଭାପତି ଭାଗିରଥି ସାହୁ, ଚନ୍ଦ୍ରକାନ୍ତ ଦାସ, ୬ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟା ମାମିନା ମାଲିକ, ଖାଗେଶୋର ନାୟକ, ସର୍ବେଶ୍ୱର ପଣ୍ଡା, ଅଲେଖ ଦାସ, ସଞ୍ଜୀବ ସାହାଣୀ ପ୍ରମୁଖ ଦାବି ଜଣାଇଥିବା ବେଳେ ତହସିଲଦାର ମହୋଦୟ ପୁନର୍ବାର ତଦନ୍ତ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତେବେ ତହସିଲଦାର କଣ ନେଉଛନ୍ତି ପଦକ୍ଷେପ ଦେଖିବା ପାଇଁ ବାକି ରହିଲା।

ଆଇନଜୀବୀ ପିତବାସ ପଣ୍ଡାଙ୍କ ବିୟୋଗରେ ଶୋକସଭା ଓ କ୍ୟାଣ୍ଡଲ୍ ଶୋଭାଯାତ୍ରା

ବୁଗୁଡ଼ା,୮।୧୦(ନି.ପ୍ର): ବରିଷ୍ଠ ଆଇନଜୀବୀ ପିତବାସ ପଣ୍ଡାଙ୍କ ବିୟୋଗରେ ବୁଗୁଡା ଓକିଲ ସଂଘ ପକ୍ଷରୁ ଶୋକସଭା ଓ କ୍ୟାଣ୍ଡଲ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସଭାପତି ଅମର କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶୋକସଭା ଅବସରରେ ସ୍ୱର୍ଗତ ପଣ୍ଡାଙ୍କ ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ ସହ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା ଓ ସ୍ମୃତିଚାରଣ କରାଯାଇଥିଲା। ଏଥି ସହ

ବରିଷ୍ଠ ଅଧିବକ୍ତା ପିତବାସ ପଣ୍ଡା କୁମାର ପୂର୍ଣ୍ଣିମା ଦିନ ଅଜଣା ଆତତାୟୀଙ୍କ ଗୁଳିମାଡର ଶିକାର ହେବା ଘଟଣାକୁ ତୀବ୍ର ନିନ୍ଦା କରି ପୁଣି ସନ୍ଧ୍ୟା ସମୟରେ ଓକିଲ ସଂଘର ସଦସ୍ୟଗଣ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରୁ ଏକ କ୍ୟାଣ୍ଡଲ୍ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା ପୂର୍ବକ ସ୍ୱର୍ଗତ ପଣ୍ଡାଙ୍କ ସଦଗତି କାମନା କରିଥିଲେ।

ବର୍ଷୀୟାନ କମ୍ୟୁନିଷ୍ଟ ନେତାଙ୍କ ପରଲୋକ

ଦଶରଥପୁର,୮।୧୦(ନି.ପ୍ର): ପୂର୍ବ ଯାଜପୁରର ବର୍ଷୀୟାନ ସିପିଆଇ ନେତା ଅଜାମ୍ବର ପରିଡ଼ାଙ୍କର ୮୦ବର୍ଷ ବୟସରେ ବାସଭବନରେ ପରଲୋକ ହୋଇଯାଇଛି। ସୂଚନା ଯୋଗ୍ୟ ତାଙ୍କ ଘର ଦଶରଥପୁର ବ୍ଲକର ଅଭିଭକ୍ତ ଦୁଦୁରାଅନ୍ତା ପଞ୍ଚାୟତ,ଯାହା ବର୍ତମାନର ଦଉପୁର ପଞ୍ଚାୟତର ଦେଓ୍ୱାନ ପାଟଣା ଗ୍ରାମ। ବହୁ ଘାତ

ପ୍ରତିଘାତ ଓ ଅଭାବ ମଧ୍ୟରେ ସେ ସିପିଆଇର ଆଜୀବନ ସଭ୍ୟ ରହିଥିବା ବେଳେ ବହୁଥର ଦୁଦୁରାଅନ୍ତା ଜୋନ ସମ୍ପାଦକ, ମଙ୍ଗଳପୁର ଜୋନାଲ କମିଟିର ସଦସ୍ୟ ଥିଲେ। ଜମିଦାର ଶାସନ ବିରୁଦ୍ଧରେ ହୋଇଥିବା ଆନ୍ଦୋଳନ ଲଙ୍ଗଳ ଯାହାର ଜମି ତାହାରରେ ତାଙ୍କ ଭୂମିକା ଥିଲା ବହୁ ଗୁରୁତ୍ୱପୂର୍ଣ୍ଣ। ଶ୍ରୀଯୁକ୍ତ ପରିଡାଙ୍କ ସହଯୋଗରେ ଅର୍ଦ୍ଧାଉଳିଆ, ଶାସନ ଜମିଦାର ଓ ଅଶୋକ ଦାସଙ୍କ ଭଳି ଜମିଦାରଙ୍କ ଠାରୁ ପ୍ରାୟ ୩୦୦ଏକର ଜମି ଛଡେଇ ଆଣି ଗରିବ ଅସହାୟମାନଙ୍କୁ ବଣ୍ଟା ଯାଇଥିଲା। ମୃତ୍ୟୁ ସମୟରେ ତାଙ୍କ ନିକଟରେ ଦୁଇ ପୁଅ ଓ ଏକମାତ୍ର ଝିଅ ଉପସ୍ଥିତ ଥିଲେ। ସ୍ୱର୍ଗତ ପରିଡାଙ୍କ ମର ଶରୀରକୁ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର କର୍ମୀମାନେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ଶ୍ମଶାନରେ ଦାହ କରାଯାଇଥିଲା। କମ୍ୟୁନିଷ୍ଟ ପାର୍ଟିର ନୀତି ଅନୁସାରେ ଶ୍ରୀଯୁକ୍ତ ପରିଡାଙ୍କ ମର ଶରୀରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସଂକେତ ଦା-ହାତୁଡି ପତାକା ଦିଆଯାଇ ସମ୍ମାନିତ କରାଯାଇଥିଲା। ଶୋଭାଯାତ୍ରାରେ ମଙ୍ଗଳପୁର ଜୋନାଲ କମିଟି ସମ୍ପାଦକ ଶିଶିର କୁମାର ଶତପଥୀ, ଦୁଦୁରାଅନ୍ତା ପଞ୍ଚାୟତ ପ୍ରାକ୍ତନ ସମିତି ସଭ୍ୟ ଜିତେନ୍ଦ୍ର ମଲ୍ଲିକ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଦଉପୁର ଜୋନ ସମ୍ପାଦକ ରାଧାଶ୍ୟାମ ରାଉତ, ସମାଜସେବୀ ବିକ୍ରମ କୁମାର ରାଉତ, ସିପିଆଇ ଯୁବନେତା ସୁରେନ୍ଦ୍ର ମଲିକ, କାର୍ତିକ ଚନ୍ଦ୍ର ପରିଡା, ଉତ୍ତମ କୁମାର ରାଉତ ପ୍ରମୁଖ ୫୦ କର୍ମୀ ଉପସ୍ଥିତ ଥିବାବେଳେ ଶ୍ରୀଯୁକ୍ତ ପରିଡାଙ୍କ ବିୟୋଗରେ ବିଂଝାରପୁର ବିଧାୟିକାଙ୍କ ପ୍ରତିନିଧି ପ୍ରଶାନ୍ତ ମହାନ୍ତି, ଦଉପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ମନୋରଞ୍ଜନ ପରିଡା, ବର୍ଷୀୟାନ କମ୍ୟୁନିଷ୍ଟ ନେତା ପୀତବାସ ବେହେରା, କମାରଡିହ ପ୍ରାକ୍ତନ ସମିତି ସଭ୍ୟ ତଥା ଯାଜପୁର ଜିଲ୍ଲା କମ୍ୟୁନିଷ୍ଟ ପାର୍ଟି ସଭ୍ୟ ମଳୟ ପଣ୍ଡା, ବରିଷ୍ଠ ସିପିଆଇ ନେତା ନବକିଶୋର ବେହେରା, ଶିକ୍ଷକ ନେତା ଧର୍ମାନନ୍ଦ ମଲ୍ଲିକ, ବରିଷ୍ଠ ବିଜେଡି ନେତା ଗଦାଧର ନାୟକ, ବିଜେପି ଯୁବନେତା ଅଜୟ ରାଉତ, ବିଜେଡି ଯୁବନେତା ତୁଷାର ସାମଲ ପ୍ରମୁଖ ଶୋକବ୍ୟକ୍ତ ପ୍ରକାଶ କରିଛନ୍ତି।

ବିଧାୟକ ସନତ କୁମାର ଗଡତୀୟଙ୍କ ଜନ୍ମଦିନ ପାଳିତ

ବିଜେପୁର,୮।୧୦(ନି.ପ୍ର): ବରଗଡ଼ ଜିଲ୍ଲା ବିଜେପୁର ଅଞ୍ଚଳର ଜନପ୍ରିୟ ବିଧାୟକ ସନତ କୁମାର ଗାଡତୀୟଙ୍କ ଜନ୍ମଦିନ ଅବସରରେ ଆନନ୍ଦର ଲହରୀ ଦେଖିବାକୁ ମିଳିଛି।ଆଖପାଖ ଗାଁର ଲୋକଙ୍କ ସହିତ ବିଭିନ୍ନ ସଂଗଠନ, ସମାଜସେବୀ ସଂସ୍ଥା, ଯୁବ ସଂଘ, ମହିଳା ମଣ୍ଡଳୀ, ବିଜେପି କାର୍ଯ୍ୟକର୍ତ୍ତା ବିଧାୟକଙ୍କ ବାସଭବନକୁ ଆସି ଫୁଲମାଳା, ଉପହାର ଓ ଶାଲ ଦେଇ ଶୁଭେଚ୍ଛା ଅଭିନନ୍ଦନ ଜଣାଇ ଥିଲେ ।

ଏହି ଅବସରରେ ବିଭିନ୍ନ ସଂଗଠନ ମାନେ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଅଞ୍ଚଳର ଗରିବ ଓ ଅସହାୟ ଲୋକମାନଙ୍କ ମଧ୍ୟରେ ଫଳ, ବସ୍ତ୍ର ଓ ଶିଶୁମାନଙ୍କ ପାଇଁ ଖାଦ୍ୟ ବଣ୍ଟନ କରାଯାଇଥିଲା। ଏହାସହ ଅନେକ ସମାଜସେବୀ ଦଳ ପକ୍ଷରୁ ବୃଦ୍ଧାଶ୍ରମ ଓ ଅନାଥ ଆଶ୍ରମରେ ଖାଦ୍ୟ ବଣ୍ଟନ ହୋଇଥିଲା। ବିଜେପୁର ଅଞ୍ଚଳର ଅନେକ ମନ୍ଦିର ଓ ଧାମରେ ବିଶେଷ ପୂଜା ଓ ପ୍ରାର୍ଥନା ଅନୁଷ୍ଠିତ ହୋଇ ବିଧାୟକଙ୍କ ଦୀର୍ଘାୟୁ ଓ ସୁସ୍ୱାସ୍ଥ୍ୟ କାମନା କରାଯାଇଥିଲା। ବିଧାୟକ ସନତ କୁମାର ଗାଡତୀୟ କହିଛନ୍ତି ଯେ ଜନସେବା ହିଁ ମୋର ପ୍ରଧାନ ଲକ୍ଷ୍ୟ। ମୁଁ ଯେପର୍ଯ୍ୟନ୍ତ ଜନତାଙ୍କ ଭଲପାଇବା ଓ ଆଶୀର୍ବାଦ ପାଉଛି, ସେପର୍ଯ୍ୟନ୍ତ ମୁଁ ଏହି ଅଞ୍ଚଳର ଉନ୍ନତି ପାଇଁ ଦିନ ରାତି ମେହନତ କରିବି। ଜନତାଙ୍କ ଭଲପାଇବା ହିଁ ମୋ ପାଇଁ ସବୁଠାରୁ ବଡ଼ ଉପହାର।

ଜନ୍ମଦିନ ଅବସରରେ ଆୟୋଜିତ ଅଭିନନ୍ଦନ ସଭାରେ ଜିଲ୍ଲାପରିଷଦ ସଦସ୍ୟ ସୁଶାନ୍ତ ଗଡତୀୟ, ମଣ୍ଡଳ ସଭାପତି ବୀରକିଶୋର ସାହୁ, ବିଜେପି ନେତା ଯୋଗୀନ୍ଦ୍ର ପଧାନ, ମହେଶ ଦେବତା ଓ ଅନ୍ୟାନ୍ୟ ବିଜେପି କାର୍ଯ୍ୟକର୍ତ୍ତାମାନେ ଜନସେବାରେ ବିଧାୟକଙ୍କ ଅବଦାନକୁ ପ୍ରଶଂସା କଲେ। ଅନେକ ଜଣେ ସ୍ଥାନୀୟ ଜନପ୍ରତିନିଧି ଓ ବୁଦ୍ଧିଜୀବୀମାନେ ଗଡତୀୟଙ୍କୁ ଅଞ୍ଚଳର ଉନ୍ନତି ଓ ଶାନ୍ତି ପାଇଁ ସମର୍ପିତ ନେତା ବୋଲି ବର୍ଣ୍ଣନା କଲେ। ବିଧାୟକଙ୍କ ନିତ୍ୟ ଅଭିଗମ, ସାଧାରଣ ଲୋକଙ୍କ ସହ ସହଜ ସମ୍ପର୍କ ଓ ନିଷ୍ଠାପୂର୍ଣ୍ଣ କାମକୁ ଲୋକେ ଜନସେବାର ନିଧି ଭାବେ ଦେଖନ୍ତି। ସୋସିଆଲ ମିଡିଆରେ ମଧ ବିଧାୟକଙ୍କ ଜନ୍ମଦିନ ଅଭିନନ୍ଦନ ବାର୍ତ୍ତା ଦେଖିବାକୁ ମିଳୁଛି। ବିଧାୟକ ଗଡତୀୟଙ୍କ ନେତୃତ୍ୱରେ ଅଞ୍ଚଳର ଅବିରତ ଉନ୍ନତି ଓ ସାମାଜିକ ସେବା ଚାଲିଥିବାରୁ ଅଞ୍ଚଳବାସୀ ଗର୍ବ ଅନୁଭବ କରୁଛନ୍ତି।

ପାଗଳ କୁକୁର କାମୁଡ଼ାରେ ୪ ଆହତ

ହିଞ୍ଜିଳିକାଟୁ, ୮।୧୦(ନି.ପ୍ର): ହିଞ୍ଜିଳିକାଟୁ ବ୍ଲକ୍ ସିକିରି ଗ୍ରାମରେ ବୁଧବାର ସନ୍ଧ୍ୟାରେ ପାଗଳ କୁକୁର ଆତଙ୍କ ଦେଖାଦେଇଛି। ପାଗଳ କୁକୁର କାମୁଡ଼ାରେ ୪ ଆହତ ହୋଇଛନ୍ତି। ଆହତମାନେ ହେଲେ ହିଞ୍ଜିଳି ଥାନା ସିକିରି ଗ୍ରାମର ପପୁ ବରଡ, କ୍ରୀଷ୍ଣା ଦାସ, ଶୁଭେନ୍ଦୁ ଦାସ, କୈଳାସ ଚନ୍ଦ୍ର ବେହେରା । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ବୁଧବାର ସନ୍ଧ୍ୟାରେ ସିକିରି ଗ୍ରାମ ନୂଆ ଦାସ ସାହି ରାସ୍ତାରେ ସଂପୃକ୍ତ ସାହିର କିଛି ଯୁବକ ଖେଳୁଥିବା ବେଳେ ପାଗଳ କୁକୁରଟି ବହୁ ଯୁବକଙ୍କୁ କାମୁଡି ଦେଇଥିଲାଛ ଗ୍ରାମର ଆହୁରି ୩/୪ ଜଣ ଯୁବକଙ୍କୁ ପାଗଳ କୁକୁର କାମୁଡ଼ା ଥିବା ଜଣାପଡିଛିଛ ବନବିଭାଗ ପକ୍ଷରୁ ସଂପୃକ୍ତ ପାଗଳ କୁକୁରକୁ କାବୁ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ରାଜା ସାହେବ କ୍ଲବରେ ହବିଷ୍ୟାଳୀଙ୍କ ପାଇଁ ବ୍ୟବସ୍ଥା

ଦଶପଲ୍ଲା,୮।୧୦(ନି.ପ୍ର): କାର୍ତ୍ତିକ ମାସରେ ହବିଷ୍ୟାଳିଙ୍କ ପାଇଁ ବ୍ୟବସ୍ଥା କରିବା ବହୁତ ମହତ୍ତ୍ୱ ପୂର୍ଣ୍ଣ ଧାର୍ମିକ କାର୍ଯ୍ୟ ଅଟେ। ଦୂରଦୂରାନ୍ତରୁ ଆସିଥିବା ମା, ମାଉସୀଙ୍କ ପାଇଁ ଦଶପଲ୍ଲା ରାଜବାଟୀ ନିକଟସ୍ଥ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଥିବା ରାଜା ସାହେବ କ୍ଲବଠାରେ ୪୦ ହବିଷ୍ୟାଳୀ ଏକ ମାସ ପାଇଁ ରହିବା, ଖାଇବା ଓ ଭଗବାନଙ୍କ ଦର୍ଶନର ବ୍ୟବସ୍ଥା କରାଯାଇଛି। ମାନସୀ ପଟ୍ଟନାୟକ

(ମାମି)ଙ୍କ ସହିତ ଅନିଲ କୁମାର ସିଂ ସମସ୍ତ ବ୍ୟବସ୍ଥାର ଆୟୋଜକ ଥିବାବେଳେ ରାଜସାହେବର ସମସ୍ତ ସଭ୍ୟମାନେ ସହଯୋଗ କରିଛନ୍ତି। ଏହି ବ୍ରତ ପାଳନ କରିବା ନିମନ୍ତେ ନୟାଗଡ଼ ଜିଲ୍ଲା ମଧ୍ୟରୁ ବହୁ ମା'ମାନେ ଆସିଥିବା ସୂଚନା ମିଳିଛି।

ବିଶ୍ୱହିନ୍ଦୁ ପରିଷଦ ସଭାପତିଙ୍କ ପରଲୋକ

ଭଞ୍ଜନଗର,୮।୧୦(ନି.ପ୍ର): ବିଶ୍ୱ ହିନ୍ଦୁ ପରିଷଦ ଘୁମୁସର ସାଂଗଠନିକ ଜିଲା ସଭାପତି ସୁଧିର କୁମାର ନାୟକ(୬୨)ଙ୍କ ପରଲୋକ ଘଟିଛି। ସେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ବଡ ବାପା ପୁଅ ଭାଇ ହେବେ। ବିଧାୟକ ନାୟକ ସୁଧିରଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି । ସୁଧୀର

ଜଣେ ମେଳାପି, ପରୋପକାରୀ, ଜୟ ଶ୍ରୀରାମ ପ୍ରଚାରକ, ଦେଶପ୍ରେମୀ, ତିଲିସିଙ୍ଗି ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ପ୍ରତିଷ୍ଠାତା ସମେତ ଅନେକ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ତାଙ୍କର ବିୟୋଗରେ ବିଶ୍ୱହିନ୍ଦୁ ପରିଷଦର ବରିଷ୍ଠ କର୍ମକର୍ତ୍ତା ମୁରଲୀଧର ପଣ୍ଡା, ଗୁପ୍ତେଶ୍ୱର ସୁବୁଦ୍ଧି ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ ଯେ, ସୁଧିର ଗତକାଲି ତାଙ୍କ ବାସଭବନ ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ତିଲିସିଙ୍ଗିରେ ଥିବା ସମୟରେ ଅସୁସ୍ଥ ଅନୁଭବ କରିଥିଲେ। ଏହାପରେ ତାଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲକୁ ନିଆଯାଇଥିଲା। ସେଠାରେ ସେ ସନ୍ଧ୍ୟାରେ ପରଲୋକ ଗମନ କରିଥିଲେ। ଏହାପରେ ପୁରୀରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି। ଏହି ସମୟରେ ବିଶ୍ୱ ହିନ୍ଦୁ ପରିଷଦର ଅନେକ କର୍ମକର୍ତ୍ତା ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

ବିଧାୟକ ଗୌରୀଶଙ୍କର ମାଝୀଙ୍କ ବିଭିନ୍ନ ଗ୍ରାମ ଗସ୍ତ

ନବରଙ୍ଗପୁର,୮।୧୦(ନି.ପ୍ର): ପାର୍ବଣ ଋତୁରେ ବିଧାୟକ ନବରଙ୍ଗପୁର ଗୌରୀଶଙ୍କର ମାଝି ନିଜ ନିର୍ବାଚନ ମଣ୍ଡଳୀର, କୋଷାଗୁମୁଡା ବ୍ଲକର, କୋକଡି ସେମଳା ପଞ୍ଚାୟତ, ଭାଣ୍ଡି ଗୁଡା, ସେମଳା, କୋକଡି ସେମଲାର ତଳସାହି, ଡଙ୍ଗରୀ ସାହି, ଆସଙ୍ଗା ନୁଆଗୁଡ଼ା, ପୂଜାରୀ ସାହି, କଣ୍ଟା ସାରୁ ଗୁଡା,ବାସନୀ ପଞ୍ଚାୟତର ବାରମାସି, ବଡ଼ମସି ଗାଁ ପଞ୍ଚାୟତର ମେନ୍ ରାସ୍ତା, ପୁଜାରୀ ସାହି, ଡେବରା ଗୁଡା, ଧଡ୍ରି ଗୁଡା, ଏସ.ମାଳିଗୁଡା, ଆମ୍ବ ଦୋଳା, କୁମଝର, ମହୁଲ ପଦର, ସାନ ମସିଗାଁ, ତେନ୍ତୁଳିଖୁଣ୍ଟି ବ୍ଲକର ଓଷାରେ ଉପସ୍ଥିତ ରହି ମାଁ ଗଜଲକ୍ଷ୍ମୀ ଓ ବୃନ୍ଦାବତୀଙ୍କ କୃପା ଆଶିଷ ଲାଭ କରିଥିଲେ। ସେହିପରି ଗ୍ରାମର ସାମୁହିକ ସମସ୍ୟା ସୁବିଧା ଅସୁବିଧା ପଚାରିବୁଝି ତୁରନ୍ତ ସମାଧାନ ପାଇଁ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି କୁଞ୍ଜବିହାରୀ ଦାଶ, ବଡମସିଗାଁ ମଣ୍ଡଳ ସଭାପତି ରମେଶ ଭତ୍ରା, ଭୀମ ସମରଥ, ବିରେନ୍ଦ୍ର ପୂଜାରୀ, ବିମଳ ଭାଇ, ଲକ୍ଷ୍ମୀ ଭାଇ, ଲଛମନ ମାଝି, ତେନ୍ତୁଳିଖୁଣ୍ଟି ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ, ଅଞ୍ଚଳଗୁମ୍ମା ମଣ୍ଡଳ ସଭାପତି ଅଭିମନ୍ୟୁ ନାୟକ,

ପୁଜାରୀ ଗୁଡା, ଚରାମୂଳା, କନେଇ ମୁଣ୍ଡା, ଆଉଁଳି ଗୁମ୍ମମା, ପଟା ଗୁଡା, ଖାତିଗୁଡ଼ା, ବଙ୍ଗଳାଗୁଡା, ଦିଗି, ସଲପା, ଘଟରଲିଆ ଗୁଡା ଇତ୍ୟାଦି ଗ୍ରାମକୁ ଗସ୍ତ କରିଥିବା ବେଳେ ଗଜଲକ୍ଷ୍ମୀ ଓ କୁମାରୀ କନ୍ୟାମାନେ ପାଳନ କରୁଥିବା ଜହ୍ନି ହରେକୃଷ୍ଣ ମୁଦୁଲି, ଆଶିଷ ଟାକ୍ରୀ, ସନାତନ ବିଷୋୟୀ, ନନ୍ଦାହାଣ୍ଡି ମଣ୍ଡଳ ସଭାପତି ଲକ୍ଷ୍ମଣ ନାୟକ, ନଗର ମଣ୍ଡଳ ସଭାପତି ଅମୁଲ୍ୟ ମିଶ୍ର, ସାଂସଦ ପ୍ରତିନିଧି ସନ୍ତୋଷ ପାତ୍ର ଓ ଜିଲ୍ଲା ସାଧାରଣ ସମ୍ପାଦକ ଦେବଦାସ ମହାକୁଡ ଉପସ୍ଥିତ ଥିଲେ।

ବେଆଇନ୍ ମଦ ବିକ୍ରୀ ଅଭିଯୋଗ ଆଣିଲେ ମହିଳା ଗୋଷ୍ଠୀ

ଛତ୍ରପୁର,୮।୧୦(ନି.ପ୍ର): ରମ୍ଭା ଅଞ୍ଚଳର ବାହାଡ଼ାପଲ୍ଲୀ ଗ୍ରାମରେ ବେଆଇନ୍ ଭାବେ ମଦଦୋକାନ ଗଢ଼ି ଉଠିଥିବା ଜିଲ୍ଲା ପ୍ରଶାସନଠାରେ

ଅଭିଯୋଗ ହୋଇଛି ଛଉକ୍ତ ଗ୍ରାମରେ ୧୦ଟି ରୁ ଉର୍ଦ୍ଧ୍ୱ ମଦଦୋକାନ ଦୀର୍ଘବର୍ଷ ହେଲା ଖୋଲା ଯାଇଥିବା ସାଂଗକୁ ଗ୍ରାମରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଛି। ଏପରିକି ଦୈନିକ ନୀତି ବିଶୃଙ୍ଖଳା, ଗଣ୍ଡଗୋଳ, ମାର୍ ପିଟ୍, ହେଉଛି, ଘରର ପିଲାମାନଙ୍କର ଭବିଷ୍ୟତ ନଷ୍ଟ ହେଉଛି, ମହିଳାମାନଙ୍କ ପ୍ରତି ଅସଦାଚରଣ, ନିର୍ଯାତନା ଦିନକୁ ଦିନ ବଢୁଥିବା ନେଇ ଗଞ୍ଜାମ ଜିଲ୍ଲାପାଳ, ଗଞ୍ଜାମ ଆରକ୍ଷୀ ଅଧୀକ୍ଷକଙ୍କ ଠାରେ ଅଭିଯୋଗ ହୋଇଛି । ସ୍ଥାନୀୟ ସଭମିତିସଭ୍ୟ ମାମି ଦାସ ଙ୍କ ନେତୃରେ ଗ୍ରାମର ଶତାଧିକ ମହିଳାଗୋଷ୍ଠୀ ଏକତାବଦ୍ଧ ହୋଇ ବୁଧବାର ଗଞ୍ଜାମ ଜିଲ୍ଲା ସଦରମହକୁମା ଛତ୍ରପୁର ଆସି ଜିଲ୍ଲା ପ୍ରଶାସନଠାରେ ଅଭିଯୋଗ କରିଛନ୍ତି।

୧୦୦ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ଭଞ୍ଜନଗର,୮।୧୦(ନି.ପ୍ର): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଅବକାରୀ ଟିମ୍ ପକ୍ଷରୁ ଏକ ପିକ୍‌ଅପ୍ ଗାଡିରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ କାବୁ କରିବା ସହ ବେଆଇନ ଚାଲାଣ କରିବା ଅଭିଯୋଗରେ ଜଣକୁ ଗିରଫ କରିଛି ଅବକାରୀ ବିଭାଗ। ବୁଧବାର ଅପରାହ୍ନ

ସମୟରେ ବିଶ୍ୱସ୍ତ ସୁତ୍ରରୁ ଖବର ପାଇ ଗୋଲାପଡା ଛକରେ ଚଢାଉ କରି ଏକ ପିକ୍‌ଅପ୍ ଗାଡିରୁ ୧୦୦ କେଜି ଗଞ୍ଜେଇ ଜବତ କରିଥିବା ଅବାକାରୀ ଏସ୍‌ଆଇ ଅଲିଭା ମାଝୀ ସୂଚନା ଦେଇଛନ୍ତି। ଉକ୍ତ ଗାଡିଟି କନ୍ଧମାଳ ଜିଲ୍ଲାରୁ କଟକ ଆଡକୁ ଗଞ୍ଜେଇ ନେଇ ଯାଉଥିବା ବିଶ୍ୱସ୍ତ ସୁତ୍ରର ଖବର ପାଇବା ପରେ ଗୋଲାପଡା ଛକ ଠାରେ ଚଢଉ କରିଥିଲେ। ଚାଲାଣ କରିବା ଅଭିଯୋଗରେ କଟକ ଜିଲ୍ଲା ମାଣିଆବନ୍ଧ ଇଲାକାର ସୁବ୍ରତ ପ୍ରଧାନକୁ ଗିରଫ କରିବା ସହ ତା ନିକଟରୁ ମାଜିଷ୍ଟ୍ରେଟ୍‌ଙ୍କୁ ଉପସ୍ଥିତିରେ ଗଞ୍ଜେଇ ଏବଂ ଗାଡି ଜବତ କରିବା ସହ କେସ୍ ନମ୍ବର ୧୦୨ରେ ଏକ ମାମଲା ରୁଜୁ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଏହି ଚଢଉରେ ସୁଶ୍ରୀ ମାଝୀଙ୍କ ସମେତ ବହୁମୂଲ୍ୟ ପରିଜା, ସନାତନ ନାହାକ, ସୁବଳ ପ୍ରଧାନ, କ୍ରୀଷ୍ଣ ଚନ୍ଦ୍ର ସେଠୀ, ଦିପ୍ତି ରଞ୍ଜନ ସାହୁ ପ୍ରମୁଖ

ସାମିଲ ହୋଇଥିଲେ। ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଅବକାରୀ ଟିମ୍ ପକ୍ଷରୁ ଏକ ପିକ୍‌ଅପ୍ ଗାଡିରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ କାବୁ କରିବା ସହ ବେଆଇନ ଚାଲାଣ କରିବା ଅଭିଯୋଗରେ ଜଣକୁ ଗିରଫ କରିଛି ଅବକାରୀ ବିଭାଗ। ବୁଧବାର ଅପରାହ୍ନ ସମୟରେ ବିଶ୍ୱସ୍ତ ସୁତ୍ରରୁ ଖବର ପାଇ ଗୋଲାପଡା ଛକରେ ଚଢଉ କରି ଏକ ପିକ୍‌ଅପ୍ ଗାଡିରୁ ୧୦୦ କେଜି ଗଞ୍ଜେଇ ଜବତ କରିଥିବା ଅବାକାରୀ ଏସ୍‌ଆଇ ଅଲିଭା ମାଝୀ ସୂଚନା ଦେଇଛନ୍ତି। ଉକ୍ତ ଗାଡିଟି କନ୍ଧମାଳ ଜିଲ୍ଲାରୁ କଟକ ଆଡକୁ ଗଞ୍ଜେଇ ନେଇ ଯାଉଥିବା ବିଶ୍ୱସ୍ତ ସୁତ୍ରର ଖବର ପାଇବା ପରେ ଗୋଲାପଡା ଛକଠାରେ ଚଢଉ କରିଥିଲେ। ଚାଲାଣ କରିବା ଅଭିଯୋଗରେ କଟକ ଜିଲ୍ଲା ମାଣିଆବନ୍ଧ ଇଲାକାର ସୁବ୍ରତ ପ୍ରଧାନକୁ ଗିରଫ କରିବା ସହ ତା ନିକଟରୁ ମାଜିଷ୍ଟ୍ରେଟ୍‌ଙ୍କୁ ଉପସ୍ଥିତିରେ ଗଞ୍ଜେଇ ଏବଂ ଗାଡି ଜବତ କରିବା ସହ କେସ୍ ନମ୍ବର ୧୦୨ରେ ଏକ ମାମଲା ରୁଜୁ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଏହି ଚଢଉରେ ସୁଶ୍ରୀ ମାଝୀଙ୍କ ସମେତ ବହୁମୂଲ୍ୟ ପରିଜା, ସନାତନ ନାହାକ, ସୁବଳ ପ୍ରଧାନ, କ୍ରୀଷ୍ଣ ଚନ୍ଦ୍ର ସେଠୀ, ଦିପ୍ତି ରଞ୍ଜନ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

OFFICE OF THE DISTRICT MANAGER
ODISHA STATE CIVIL SUPPLIES CORPORATION LTD./
C- 1946 GANJAM : CHATRAPUR.

Mobile No. 9438200041 District Website:www.ganjam.odisha.govt.in

Tender No. 5812, 5833 / Dated 06.10.2025.

District Manager, Odisha State Civil Supplies Corporation Ltd, Ganjam invites tenders in Double Cover System through ONLINE MODE ONLY for the Works below:

1	Name ofthe Work	Selection and appointment of (i) Level-I Tranpost Contractor for transportation of food grains from FSD, FCI to RRCs (ii) Level-II Transport Contractor for transpiration of food grains from RRCs to Retail Centers (FPS) of Jagannathprasad Block of Gunjam district, State of Odisha.
2	Availability of bid document in the podal	from 09.10.2025
3	Last Date / Time for receipt of bids in the portal	Dt. 24.10.2025 up to 05 .30 PM
4	Date/ Time of opening of Technical Bid	Dt.28.10.2025 at 10.00 AM
5	Name and address of the Officer Inviting Tender	District Manager. OSCSC Ltd, Ganjam, Chatrapur

Tender Documents & othcr details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

Sd/-
OIPR:07034/11/0005/2526 District Manager. OSCSC Ltd, Ganjam, Chatrapur

ରେଢ଼ାଖୋଲରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ
ଅଞ୍ଚଳବାସୀଙ୍କ ମନରେ ଖୁସିର ଲହରି

ସମ୍ବଲପୁର,୮।୧୦(ନି.ପ୍ର): ସମ୍ବଲପୁର ଜିଲ୍ଲା ଅଧୀନସ୍ଥ ରେଢ଼ାଖୋଲ ଉପଖଣ୍ଡରେ ଶୀଘ୍ର ହିଁ ଏକ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପିତ ହେବାକୁ ଯାଉଛି। ଏହି ଘୋଷଣା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଓ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ କରିବା ପରେ ଅଞ୍ଚଳରେ ଆନନ୍ଦର ଲହର ସୃଷ୍ଟି ହୋଇଛି । ରେଢ଼ାଖୋଲ ବିଧାୟକ ଓ ବିରୋଧୀ ଦଳ ନେତା ପ୍ରସନ୍ନ ଆଚାର୍ଯ୍ୟ ଏହି ସିଦ୍ଧାନ୍ତକୁ ସ୍ୱାଗତ କରି କହିଛନ୍ତି ଯେ, ଅଞ୍ଚଳର ନୂତନ ପିଢ଼ି ପାଇଁ ଏହା ଏକ ସୁନା ସୁଯୋଗ ସୃଷ୍ଟି କରିବ ଓ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବ। ସେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି । ସମାଜସେବୀ ଓ ବିଜେପି ନେତା ଗୋବିନ୍ଦ ଅଗ୍ରୱାଲ କହିଛନ୍ତି ଯେ, ବହୁ ବର୍ଷ ଧରି ରେଢ଼ାଖୋଲରେ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଦାବି ହୋଇ ଆସୁଥିଲା। ମାନ୍ୟବର ମନ୍ତ୍ରୀ ଶ୍ରୀ ପ୍ରଧାନ ପାଳନ ସହ ତାହାକୁ ସଫଳ କରିବାରେ ନିଷ୍ଠା ଓ ପ୍ରତିବଦ୍ଧତା ସହ ଅଗ୍ରସର ହୋଇଛନ୍ତି । ବିଜେପି ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି ପ୍ରେସ ବିଜ୍ଞପ୍ତି ଜାରି କରି କହିଛନ୍ତି ଯେ, ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀ କେନ୍ଦ୍ର ମନ୍ତ୍ରୀ ନିଜ ନିର୍ବାଚନୀ ପ୍ରତିଶ୍ରୁତିକୁ ପାଳନ କରି ଅଞ୍ଚଳବାସୀଙ୍କ ଆଶାକୁ ସାକାର କରିଛନ୍ତି ଓ ବିକାଶ ଧାରରେ ଏକ ମାଇଲ ଖୁଣ୍ଟ ସ୍ଥାପନ କରିଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅଭିନନ୍ଦନ ସହ ସାଧୁବାଦ ଜଣାଇଛନ୍ତି ।

ଲଗାଣ ବର୍ଷାର କରାମତି
ଭାଙ୍ଗିଲା ବ୍ଲକ ପାଚେରୀ, ତୁରନ୍ତ ନିର୍ମାଣ ଦାବି

ଟିକାବାଲି,୮।୧୦(ନି.ପ୍ର): କନ୍ଧମାଳ ଜିଲ୍ଲାର ଟିକାବାଲି ବ୍ଲକ ଅଞ୍ଚଳରେ ଗତକାଲିର ଲଗାଣ ବର୍ଷା ହେତୁ ଅନେକ କ୍ଷୟକ୍ଷତି ଘଟିଛି। ଲଗାତାର ପ୍ରବଳ ବର୍ଷା କାରଣରୁ ସ୍ଥାନୀୟ ବ୍ଲକର ପାଚେରୀର ଏକ ବୃହତ ଅଂଶ ଭୁଶୁଡ଼ି ପଡ଼ିଛି । ପ୍ରାପ୍ତ ସୂଚନା ଅନୁଯାୟୀ, ଗତ କିଛି ଦିନ ହେବ ଲାଗି ରହିଥିବା ବର୍ଷା ପାଣିରେ ପାଚେରୀଟି ଦୁର୍ବଳ ହୋଇଯାଇଥିଲା। ଗତ ମଙ୍ଗଳବାର ପ୍ରବଳ ବର୍ଷା ଚାପରେ ଏହାର ଏକ ବଡ଼ ଭାଗ ସମ୍ପୂର୍ଣ୍ଣ ଭାଙ୍ଗି ଟଳି ପଡ଼ିଥିବା ଦେଖିବାକୁ ମିଳିଛି। ପାଚେରୀ ଭାଙ୍ଗିବା ଯୋଗୁଁ ତାହାର ନିକଟରେ ଲାଗିଥିବା ଏକ ଲୁହାରେ ନିର୍ମିତ ବିଜ୍ଞାପନ ଫଳକ ମଧ ଭାଙ୍ଗି ଉଜୁଡ଼ି ଯାଇଥିବା

ଦେଖିବାକୁ ମିଳିଛି । ପାଚେରୀ ଭାଙ୍ଗିବା ଯୋଗୁଁ ସୁରକ୍ଷାଜନିତ ସମସ୍ୟା ଉପୁଜିବାର ଆଶଙ୍କା ଥିବାରୁ ତଥା ଅନ୍ୟାନ୍ୟ ଅସୁବିଧାକୁ ଦୃଷ୍ଟିରେ ରଖି ଏହି ଭାଙ୍ଗି ଯାଇଥିବା ଅଂଶକୁ ତୁରନ୍ତ ପୁନଃନିର୍ମାଣ କରିବା ପାଇଁ ବ୍ଲକ ପ୍ରଶାସନ ନିକଟରେ ସାଧାରଣରେ ଦାବି ହେଉଛି । ସୁରକ୍ଷା ଓ ସ୍ଥିତିକୁ ସ୍ୱାଭାବିକ କରିବା ପାଇଁ ବ୍ଲକ ପ୍ରଶାସନ ତୁରନ୍ତ ଏହି ଘଟଣା ଉପରେ ଦୃଷ୍ଟି ଦେଇ ଯଥାଶୀଘ୍ର ପାଚେରୀ ମରାମତି ଏବଂ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଅଞ୍ଚଳବାସୀ ନିବେଦନ କରିଛନ୍ତି।

ବସ ଧକ୍କାରେ ବାଇକ ଆରୋହୀ ମୃତ, ତିନି ଗୁରୁତର

ବଣାଇ,୮।୧୦(ନି.ପ୍ର): ବଣାଇ ଉପଖଣ୍ଡ ଅଧୀନ ଲହୁଣୀପଡ଼ା ଥାନା ଅନ୍ତର୍ଗତ ବାସୁବାହାଲ ନିକଟରେ ଏକ ଦୁଃଖଦ ସଡ଼କ ଦୁର୍ଘଟଣା ଘଟିଛି। ଲିଙ୍ଗରାଜ ନାମକ ଏକ ଘରୋଇ ବସ ଏକ ବାଇକକୁ ପଛରୁ ଧକ୍କା ଦେଇଥିବାରୁ ବାଇକ ଆରୋହୀ ଘଟଣାସ୍ଥଳରେ ମୃତ୍ୟୁ ବରଣ କରିଛନ୍ତି ଏବଂ ଅନ୍ୟ ତିନି ଜଣ ଗୁରୁତର ଅବସ୍ଥାରେ ଅଛନ୍ତି। ମୃତକଙ୍କ ପରିଚୟ ଗଣିଘଷା ଗ୍ରାମବାସୀ ହେମନ୍ତ ମହାନ୍ତ ବୋଲି ଜଣାପଡିଛି। ଆହତମାନେ ଦଳମକୁଚା ଗ୍ରାମର ପଙ୍କଜ ପାତ୍ର, ତାଙ୍କ ମାଉସୀ ଓ ମାଉସୀଙ୍କ ୧୪ ମାସର ଶିଶୁ। ସେମାନେ ବଣେଇ ଡାକ୍ତରଖାନାରେ ଚିକିତ୍ସାଧୀନ ମାମୁଁଙ୍କୁ ଦେଖି ଘରକୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ସାକ୍ଷୀମାନଙ୍କ କହିବା ଅନୁସାରେ, ବସ ଧକ୍କା ପରେ ବାଇକ ରାସ୍ତାରୁ ପ୍ରାୟ ୧୦ ଫୁଟ ତଳକୁ ଖସିଯାଇଥିଲା। ଘଟଣାସ୍ଥଳରେ ହେମନ୍ତ ମହାନ୍ତଙ୍କ ମୃତ୍ୟୁ ହୋଇଥିଲା ଏବଂ ଅନ୍ୟମାନେ ଗୁରୁତର ଅବସ୍ଥାରେ ଅସ୍ତବ୍ୟସ୍ତ ଅବସ୍ଥାରେ ପଡ଼ି ଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ଆହତମାନଙ୍କୁ ବଣେଇ ଉପଖଣ୍ଡ ଡାକ୍ତରଖାନାକୁ ନେଇଯାଇଥିଲା। ଡାକ୍ତରମାନେ ପ୍ରାଥମିକ ଚିକିତ୍ସା ପରେ ତିନି ଜଣଙ୍କ ଅବସ୍ଥା ଗୁରୁତର ଦେଖି ରାଉରକେଲାକୁ ପଠାଇ ଦେଇଛନ୍ତି। ଲହୁଣୀପଡ଼ା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ମର୍ଗ ହାଉସରେ ରଖିଛନ୍ତି। ପୋଷ୍ଟମର୍ଟମ ପରେ ଶବ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ଅଧିକାରୀମାନେ ଜଣାଇଛନ୍ତି। ଉଲ୍ଲେଖନୀୟ, ଗତ ୧୦ ଦିନ ପୂର୍ବରୁ ଏହି ଲିଙ୍ଗରାଜ ବସ ମାଲିକଙ୍କ ଅନ୍ୟ ଏକ ବସ ଦୁର୍ଘଟଣା ଘଟିଥିଲା, ସେଠାରେ ୬ ଜଣ ମୃତ୍ୟୁ ବରଣ କରିଥିଲେ। ଲଗାତାର ଏଭଳି ଦୁର୍ଘଟଣା ଘଟିବାରୁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଆକ୍ରୋଶ ଦେଖାଯାଇଛି ଏବଂ ବସ ମାଲିକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି ଉଠିଛି।

ବିଶ୍ୱ ପ୍ରାଣୀ ଦିବସ ପାଳିତ

କେନ୍ଦ୍ରାପଡା,୮।୧୦(ନି.ପ୍ର): କେନ୍ଦ୍ରାପଡା ପ୍ରାଣୀ ସମ୍ପଦ ବିଭାଗ ଆନୁକୂଲ୍ୟରେ ୧୦୦ ତମ ବିଶ୍ୱ ପ୍ରାଣୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ସିଡିଭିଓ ଡା. ମନୋଜ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବରେ ସହକାରୀ ଜିଲ୍ଲାପାଳ ଦିନେଶ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଏସ୍‌ପିସିଏ ଉପାଧ୍ୟକ୍ଷ ଫକୀର ଚରଣ ଖଟୁଆ,ଏଡିଭିଓ ଡା. ପ୍ରଭଞ୍ଜନ ରଞ୍ଜନ କବି

ଅଂଶ ଗ୍ରହଣ କରିଥିଲେ । ଉପନିର୍ଦ୍ଦେଶକ ଡା. ତୁଷାର ଚନ୍ଦ୍ର ମିଶ୍ର ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ଗୋଶାଳାର ପ୍ରତିନିଧି ତରୁଣ ରଞ୍ଜନ ପ୍ରଧାନ, ବିଜୟ କୁମାର କବି, ସର୍ବେଶ୍ୱର ମିଶ୍ର, ସରୋଜ କୁମାର ଦାସ ଓ ସତ୍ୟଭାମା ରାଉତ ଯୋଗ ଦେଇଥିଲେ। ସୁସ୍ଥ ଓ ବିକଶିତ ସମାଜ ଗଠନ ଦିଗରେ ପ୍ରାଣୀଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। କୀଟ ପତଙ୍ଗ ଠାରୁ ବଣ ଜଙ୍ଗଲର ହିଂସ୍ର ପ୍ରାଣୀ ପର୍ଯ୍ୟନ୍ତ ଏକ ସନ୍ତୁଳିତ ଉନ୍ନତ ପ୍ରଦୂଷଣମୁକ୍ତ ସମାଜ ଗଠନ ପାଇଁ ଅପରିହାର୍ଯ୍ୟ। ଓଡ଼ିଶାର ବଣଜଙ୍ଗଲ, ପହାଡପର୍ବତ, ସମୁଦ୍ର ହ୍ରଦ, ନଈନାଳ, ଝରଣା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର। ଶିମିଳିପାଳର କଳାବାଘ ଠାରୁ ଆରମ୍ଭ କରି ଭିତର କନିକାର କୁମ୍ଭୀର, ଚିଲିକାର ଡଲଫିନ୍ ଠାରୁ ଟିକରପଡାର ଜୀବଜନ୍ତୁ, ଗହୀର ମଥାର ଅଲିଭରିଡ୍‌ଲେ କଇଞ୍ଚ, ପାରାଦୀପ ସମୁଦ୍ରର ମାଛ, କଙ୍କଡା, ବିଶେଷ କରି ଶୀତ ଋତୁରେ ବିଦେଶାଗତ ସୁନ୍ଦର ପକ୍ଷୀମାନଙ୍କର ସମାଗମ ଜନମାନସକୁ ଆକର୍ଷିତ କରିଥାଏ। ଏସବୁ ପ୍ରାଣୀ ଓ ପ୍ରାକୃତିକ ସମ୍ପଦର ସୁରକ୍ଷା ସଂପର୍କରେ ବକ୍ତାମାନେ ମତ ବ୍ୟକ୍ତ କରିଥିଲେ। ପ୍ରାଣୀ ଓ ପ୍ରାକୃତିକ ସମ୍ପଦର ସୁରକ୍ଷା ନିମିତ୍ତ ଉଦ୍ଦିଷ୍ଟ ଯୋଜନା ସଂପର୍କରେ ସିଡିଭିଓ ଡା. ପଟ୍ଟନାୟକ ସୂଚନା ଦେଇଥିଲେ। ବୁଲା ଗାଈଗୋରୁ ଓ କୁକୁରଙ୍କ ପାଇଁ ଦୁର୍ଘଟଣା ବଢୁଥିବାରୁ ଏହାର ପ୍ରତିକାର କରିବାକୁ ଏସ୍‌ପିସିଏର ଉପାଧ୍ୟକ୍ଷ ଫକୀର ଚରଣ ଖଟୁଆ ଅନୁରୋଧ କରିଥିଲେ। ଡା. ବିକାଶ ବେହେରା, ଡା.ମନିଷ ସିଂହ ପ୍ରମୁଖ ଏ ସଂପର୍କରେ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଏଡିଭିଓ ଡା. କବି ଧନ୍ୟବାଦ ଦେଇଥିଲେ ।

ଅମିୟ ବିଜେଡିର ସେଣ୍ଟ୍ରାଲ ଜୋନ ସୋସିଆଲ ମିଡିଆ ସଂଯୋଜକ

ସୁବର୍ଣ୍ଣପୁର,୮।୧୦(ନି.ପ୍ର): ବିଜୁ ଜନତା ଦଳର ୫ଟି ଜୋନ ଓ ୩୧ଟି ଜିଲ୍ଲା ସାଙ୍ଗଠନିକ ସୋସିଆଲ ମିଡ଼ିଆ ସଂପାଦକଙ୍କ ନାମ ପ୍ରକାଶ ପାଇଛି। ସେହି କ୍ରମରେ ସୁବର୍ଣ୍ଣପୁରର ଉଦିୟମାନ ଯୁବନେତା ଅମିୟ ରଞ୍ଜନ ଦାଶଙ୍କୁ ବୌଦ୍ଧ, ସୁବର୍ଣ୍ଣପୁର, କନ୍ଧମାଳ, ଢେଙ୍କାନାଳ, ଅନୁଗୁଳ, ବଲାଙ୍ଗୀର ଜିଲ୍ଲା ପାଇଁ ସୋସିଆଲ ମିଡିଆ ସଂଯୋଜକ ଭାବରେ ମନୋନୀତ କରାଯାଇଥିବାରୁ ସେ ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବାସହ ଏହି କମିଟିର ଆବାହକ ଡ଼. ଅମର ପଟ୍ଟନାୟକ, ରାଜ୍ୟ ସମ୍ପାଦକ (ଯୁବ ବ୍ୟାପାର) ଅମରେଶ ପତ୍ରୀ, ଟିମ୍ ସଂଯୋଜକ ଜ୍ୟୋତିରଞ୍ଜନ ଜେନା ଏବଂ ସୋନପୁର ବିଧାୟକ ନିରଞ୍ଜନ ପୁଝାରୀ, ଜିଲ୍ଲା ବିଜେଡି ସଭାପତି ସରୋଜ କମ୍ପ ଓ ସମସ୍ତ ବରିଷ୍ଠ କର୍ମକର୍ତ୍ତା ମାନଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି ।

ମାଙ୍କଡ, ବୁଲା କୁକୁର ଓ ଗୋରୁଗାଈଙ୍କ ଉପଦ୍ରବ
ଦେବଗଡ଼ ପୌରାଞ୍ଚଳବାସୀ ଅଣନିଃଶ୍ୱାସୀ

ରିଆମାଳ,୮।୧୦(ନି.ପ୍ର): ଅନୁନ୍ନତ ଦେବଗଡ଼ ଜିଲ୍ଲାର ଗ୍ରାମାଞ୍ଚଳ ଲୋକେ ହାତୀ, ଭାଲୁ ଏବଂ ବାଘ ଆକ୍ରମଣରେ ଧନଜୀବନ ହରାଉଛନ୍ତି। ଏପରିକି ମାଙ୍କଡ଼, ବୁଲା କୁକୁର ଏବଂ ଗୋରୁଙ୍କ ଉପଦ୍ରବରେ ଦେବଗଡ଼ ପୌରାଞ୍ଚଳବାସୀ ଅଣନିଃଶ୍ୱାସୀ ହୋଇପଡ଼ିଛନ୍ତି। ଏନେଇ ପୌର କର୍ତ୍ତୃପକ୍ଷ, ବନଖଣ୍ଡ ଅଧିକାରୀ, ଜିଲ୍ଲା ପ୍ରଶାସନ ନିକଟରେ ବହୁବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁ ନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଦେବଗଡ଼ ପୌରାଞ୍ଚଳରୁ ସଚେତନ ବରିଷ୍ଠ ସାମ୍ବାଦିକ ଅଶୋକ ନନ୍ଦଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ବିକାଶ ଭବନରେ ଆୟୋଜିତ ଅଭିଯୋଗ ଶୁଣାଣି ଶିବିରର ଦ୍ୱାରସ୍ଥ ହୋଇ ମାଙ୍କଡ଼, ବୁଲା କୁକୁର ଏବଂ ଗୋରୁଙ୍କ ଉପଦ୍ରବରୁ ରକ୍ଷା କରିବା ପାଇଁ ଜିଲ୍ଲାପାଳଙ୍କୁ ଦାବି କରିଛନ୍ତି। ଖାଦ୍ୟାଭାବ ଯୋଗୁଁ ମାଙ୍କଡ଼ ପଲ ଜଙ୍ଗଲ ମଧ୍ୟରୁ ଦେବଗଡ଼ ସହରକୁ ପଶି ଆସିବା ସହ ବ୍ୟାପକ କ୍ଷୟକ୍ଷତି ଘଟାଉଛନ୍ତି। ମାଙ୍କଡ଼ ଦଳ ଦଳ ହୋଇ ଘରେ ପଶି ଖପର ଉଜାଡ଼ି ଦେଉଛନ୍ତି। ଘରେ ଥିବା ଖାଦ୍ୟ ଶସ୍ୟ ଖାଇଦେବା ସହ ବାଡ଼ିବଗିଚା ନଷ୍ଟ କରୁଛନ୍ତି । ଲୋକଙ୍କୁ ସଂଘବଦ୍ଧ ଆକ୍ରମଣ କରୁଥିବାରୁ ପ୍ରତ୍ୟହ କେହି ନା କେହି ଆହତ ହେଉଥିବା ଦେଖୁବାକୁ ମିଳୁଛି। ପୌରାଞ୍ଚଳରେ ବୁଲା କୁକୁର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସହରରେ ଦୁର୍ଘଟଣା ବୃଦ୍ଧି ସହ କୁକୁର କାମୁଡ଼ାରେ ଲୋକେ ଆହତ ଦେଖୁବାକୁ ମିଳୁଛି। ଦେବଗଡ଼ ପୌରାଞ୍ଚଳରେ ଅନେକ ଗୋ ପାଳକ ଗୋରୁ ଗାଈ ମାନଙ୍କୁ ବାହାରେ ଛାଡି ଦେଉଛନ୍ତି। ଗୋରୁ ଗାଈ ରାସ୍ତା ଏବଂ ଜନଗହଳିପୂର୍ଣ୍ଣ ବଜାର ଅଞ୍ଚଳରେ ବିଚରଣ ସହ ରାସ୍ତା ଉପରେ ଶୋଇ ରହୁଛନ୍ତି। ଅନେକ ସମୟରେ ଦୁର୍ଘଟଣାରେ ମୂଲ୍ୟଦାନ ଧନ ଜୀବନ ହାନି ହେଉଛି। ଜିଲାପାଳ ତୁରନ୍ତ ସମସ୍ୟାର ସମାଧାନ ନେଇ ଆବଶ୍ୟକ ପଦ କରିବାକୁ ସଚେତନ ନାଗରିକ ଦାବି କରିଛନ୍ତି।

ନିଆଳିରେ ଗଜଲକ୍ଷ୍ମୀ ପୂଜା



ନିଆଳି,୮।୧୦(ନି.ପ୍ର): ନିଆଳି ବଜାର ସମେତ ନିଆଳି ବ୍ଲକର ବିଭିନ୍ନ ପଞ୍ଚାୟତରେ ମା ଗଜଲକ୍ଷ୍ମୀଙ୍କ ପୂଜା ପାରମ୍ପରିକ ରୀତି ନୀତି ଅନୁଯାଇ ପାଳିତ ହୋଇଛି। ପ୍ରାଚୀ ନଦୀରୁ କଳସ ଯାତ୍ରା ପରେ ପୂଜା କାର୍ଯ୍ୟ କରାଯାଇଥିଲା। ଜଲାର ପୁର ପଂଚାୟତରେ ଟୋଲା ଓ ପନିମାଳ ଛକରେ ଗଜ ଲକ୍ଷ୍ମୀ ପୂଜା ଧୁମ୍ ଧାମରେ ପାଳିତ ହୋଇଥିବା ବେଳେ ନିଆଳି ବଜାରରେ ମୁକ୍ତ ହସ୍ତ ଗଜ ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଧୂମଧାମରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି। କର୍ତ୍ତା ରଂଜନ ସାହୁ ଉକ୍ତ ପୂଜା କମିଟିର ସଭାପତି ପ୍ରଭୁ ଚରଣ ବିଶ୍ୱାଳ, ଇଗୁଲ ଲେଙ୍କା ହେମନ୍ତ ସାହୁ, ଶ୍ରୀମତ ନାୟକ, ଚିନୁ ସାହୁ, ବିଶ୍ୱଜିତ ଜେନା, ପ୍ରମୋଦ କୁମାର ବେହେରା, ଟୁଟୁ ସାହୁ, ଟୁଲୁ ସାହୁ, ଟିଟା ସାହୁ, ତ୍ରିଲୋଚନ ବେହେରା, ତ୍ରିଲୁ ସାହୁ, ଏସ କେ ଚନ୍ଦୁ, ଶେଖ ଅତିଫ, ରମା ମହାପାତ୍ରଙ୍କ ସମେତ ଅନେକ ପୂଜା କର୍ତ୍ତା ଏହି ପୂଜାରେ ସହଯୋଗ କରିଛନ୍ତି।

ଗନ୍ଧରାଡ଼ି ଯୁଗ୍ମ ମନ୍ଦିର ପରିଦର୍ଶନ କଲେ ସରକାରୀ ଦଳ ମୁଖ୍ୟ ସଚେତକ

ବୌଦ୍ଧ,୮।୧୦(ନି.ପ୍ର): ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ଗ୍ରାମ ପଞ୍ଚାୟତର ଜଗତୀ ଗ୍ରାମ ନିକଟରେ ଥିବା ଅଷ୍ଟମ ଶତାବ୍ଦୀ ନିର୍ମିତ ଗନ୍ଧରାଡ଼ି ଯୁଗ୍ମ ମନ୍ଦିର(ହର ଓ ହରି)ଙ୍କ ପରିଦର୍ଶନ କରିଛନ୍ତି ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ । ବୁଧବାର ଶ୍ରୀ ପ୍ରଧାନ ଉକ୍ତ ଐତିହାସିକ ମନ୍ଦିରରେ ପହଞ୍ଚି ହର ସିଦ୍ଧେଶ୍ୱର ଓ ବିଷ୍ଣୁ ନୀଳ ମାଧବଙ୍କ ଦର୍ଶନ କରିବା ସହ ଐତିହ୍ୟ ସମ୍ପନ୍ନ ଏଭଳି ମନ୍ଦିର ଅବହେଳିତ ହୋଇ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ। ବଲାଙ୍ଗୀର ପଥରଚେପାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୯ ନିର୍ବାଚନ ପ୍ରଚାରରେ ଆସି ବୌଦ୍ଧ ସହରରେ ଥିବା ରାମେଶ୍ୱର ଓ ଚାରିଶମ୍ଭୁ ମନ୍ଦିର ଉନ୍ନତିକରଣ ୮ କୋଟି ଘୋଷଣା କରିଥିଲେ ମଧ ଏଠାରେ ମାଟି ମୁଠାଏ ପଡ଼ିନଥିବା ପରିତାପର ବିଷୟ ବୋଲି କହିଥିଲେ। କେଉଁଥିପାଇଁ ଏହା ଅଟକିଛି ସେ ବିଷୟରେ ମୁଁ ଏ ଏସ ଆଇ ଓ କେନ୍ଦ୍ର ମନ୍ତ୍ରୀଙ୍କ ସହିତ ଆଲୋଚନା କରି ଏହି ଗନ୍ଧରାଡ଼ି ମନ୍ଦିର ରାଜ୍ୟରେ ଏକ ନମ୍ବର ପର୍ଯ୍ୟଟନ ସ୍ଥଳ ହେବ ସେଥିପ୍ରତି ଦୃଷ୍ଟି ଦେବି ବୋଲି କହିଥିଲେ। ଏହା ପରେ ଅଭାବ ଅସୁବିଧା ସମ୍ପର୍କରେ ସେବାୟତ ଓ ସେଠାରେ ନିୟୋଜିତ ଭାରତୀୟ ପତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର କର୍ମଚାରୀ ମାନଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ବେଳେ ଗନ୍ଧରାଡ଼ି ଲୋକକଳା ମହୋତ୍ସବ କମିଟିର ସମ୍ପାଦକ ଶମ୍ଭୁ ଗିରି, କୋଷାଧ୍ୟକ୍ଷ ନିରଞ୍ଜନ ଗିରି, ଅର୍ଥ କମିଟିର ମୁଖ୍ୟ ଗଜେନ୍ଦ୍ର ବାରିକ, ପ୍ରଚାର ପ୍ରସାର କମିଟିର ସଂଯୋଜକ ସୁଧାଂଶୁ ଶେଖର ମିଶ୍ର, ମନୋଜ ଗୁରୁ, ଆଦି ଜେନା, ସେବାୟତ ସୁଶୀଲ ପାଣିଗ୍ରାହୀ, ହୃଦାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ସୌମ୍ୟ ରଞ୍ଜନ ସ୍ୱାଇଁ ଆଇଟି ସେଲ ସଂଯୋଜକ

ଖୋର୍ଦ୍ଧା,୮।୧୦(ନି.ପ୍ର): ସମ୍ୟରଞ୍ଜନ ସ୍ୱାଇଁ ଖୋର୍ଦ୍ଧା ଜିଲ୍ଲା ଆଇଟି ସେଲ ସଂଯୋଜକ ଭାବେ ନିଯୁକ୍ତି ହୋଇଛନ୍ତି। ରାଜ୍ୟ ବିଜେଡ଼ି ପକ୍ଷରୁ ତାଙ୍କ ନାମ ଘୋଷଣା ହେଲା ପରେ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଏବଂ ଖୋର୍ଦ୍ଧା ଓ ବେଗୁନିଆର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ନିକଟରେ ହୃଦୟରୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ସମ୍ୟରଞ୍ଜନ ବର୍ତ୍ତମାନ କାଇପଦର ଗ୍ରାମପଞ୍ଚାୟତର ନାଏବ ସରପଞ୍ଚ ଭାବେ କାର୍ଯ୍ୟ କରୁଥିଲା ବେଳେ ସେ ଜଣେ ଆଗ ଧାଡ଼ିର ଯୁବ ନେତୃତ୍ୱ, ଦକ୍ଷ ସଂଗଠକ, ସମାଜସେବକ ରୂପେ ଖୋର୍ଦ୍ଧା ବ୍ଲକ ଅଞ୍ଚଳରେ ନୁହେଁ ସମ୍ପୂର୍ଣ୍ଣ ଖୋର୍ଦ୍ଧା ଜିଲ୍ଲାରେ ଭଲଭାବେ ପରିଚିତ। ତାଙ୍କର ନିଷ୍ଠା ଦଳ ପାଇଁ ଦକ୍ଷତାର ସହିତ କାର୍ଯ୍ୟ କରିବାର ଶୈଳୀକୁ ଦେଖି ବିଜୁ ଜନତା ଦଳ ତାଙ୍କୁ ଏହି ପଦବୀରେ ଅବସ୍ଥାପିତ କରିଛନ୍ତି। ଏହି ଅବସରେ ସେ କହିଛନ୍ତି ଆଗାମୀ ଦିନରେ ବିଜୁ ଜନତା ଦଳ କିପରି ସୁଦୃଢ ଓ ମଜବୁତ ହେବ, ସେଥିପାଇଁ ପରିଶ୍ରମ କରିବି ଯୁବକ ମାନଙ୍କୁ ଆଇଟି କ୍ଷେତ୍ରରେ ଏକ ନୂଆ ଦିଶାରେ ନେବି। ଯୁବ ଚେହେରା ସମ୍ୟ ରଞ୍ଜନ ସ୍ୱାଇଁଙ୍କ ନିଯୁକ୍ତି ପରେ ଖୋର୍ଦ୍ଧା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

ବିଜେପିରେ ସାମିଲ ହେଲେ ବିଜେଡି ସମିତିସଭ୍ୟ ସରୋଜ ପ୍ରଧାନ

ହରଭଙ୍ଗା,୮।୧୦(ନି.ପ୍ର): ବିଜେପିରେ ସାମିଲ ହେଲେ ବିଜେଡି ସମିତି ସଭ୍ୟ ସରୋଜ ପ୍ରଧାନ। ସୂଚନା ମତେ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଗ୍ରାମପଞ୍ଚାୟତର ବିଜେଡି ସଭାପତି ତଥା ସମିତିସଭ୍ୟ ସରୋଜ ପ୍ରଧାନ ଅନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହେଲେ। ଆଦରଣୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ, ରାଜ୍ୟ

ରାଜନୀତିର ଚର୍ଚ୍ଚିତ ଚେହେରା ବଡ଼ଭାଇ ସରୋଜ କୁମାର ପ୍ରଧାନଙ୍କ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ବିଜେଡି ଦଳ ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି। ବୌଦ୍ଧ ବିଧାୟକଙ୍କ ପ୍ରତିନିଧିତ୍ୱ କରୁଥିବା ତଥା ଅଞ୍ଚଳର ସୁଖ ଦୁଃଖର ସାଥି ସୁଶାନ୍ତ କୁମାର ପ୍ରଧାନଙ୍କ ଉପସ୍ଥିତିରେ ଦଳୀୟ ଉତ୍ତରୀୟ ଓ ଟୋପି ପରିଧାନ କରି ଅନୁଷ୍ଠାନିକ ଭାବେ ସମିତିସଭ୍ୟ ସରୋଜ ପ୍ରଧାନ ବିଜେପି ଦଳରେ ସାମିଲ ହେଲେ। ଦଳରେ ସାମିଲ ହୋଇଥିବାରୁ ବିଜେପି ତରଫରୁ ମଧ ସମିତିସଭ୍ୟ ସରୋଜ ପ୍ରଧାନଙ୍କୁ ସ୍ୱାଗତ କରାଯାଇଥିଲା। ଗୋଟେ ପଟେ ଦୀର୍ଘ ଚବିଶ ବର୍ଷର ବିଜେଡି ଗଡ଼କୁ ଭାଙ୍ଗି ପ୍ରଥମ ଥର ପାଇଁ ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ବିଜେପି ବିଧାୟକ ନିର୍ବାଚିତ ହୋଇଥିବା ବେଳେ ଅନ୍ୟପଟେ ବିଜେପିର କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ବିଜେଡ଼ି ଦଳ ଛାଡ଼ି ଗୋଟେ ପରେ ଗୋଟେ ଆଗଧାଡିର ନେତା ଠୁ ଆରମ୍ଭ କରି ସରପଞ୍ଚ, ସମିତିସଭ୍ୟ ବିଜେପିରେ ସାମିଲ ହେବା ଜିଲ୍ଲାରେ ଏକ ଚର୍ଚ୍ଚାର ବିଷୟ ପାଲଟିଛି। ଦିନକୁ ଦିନ ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ବିଜେପି ଶକ୍ତିଶାଳୀ ହେବା ସହ ଦିନେ ବିଜେଡ଼ିର ଦୁର୍ଗ ସାଜିଥିବା ବୌଦ୍ଧ ନିର୍ବାଚନ ମଣ୍ଡଳୀରେ ବିଜେଡ଼ି ଶୂନ ହୋଇଯିବା ନେଇ ଚର୍ଚ୍ଚା ଜୋର ଧରିଛି।

ବରିଷ୍ଠ ନାଗରିକ ଅନ୍ତର୍ଜାତୀୟ ଦିବସ ପାଳନ

ଡୁଙ୍ଗୁରିପାଲି,୮।୧୦(ନି.ପ୍ର): ଡୁଙ୍ଗୁରିପାଲି ବ୍ଲକ ପଞ୍ଚାୟତ ସମିତି ସଭା ଗୃହରେ ବରିଷ୍ଠ ନାଗରିକ ଆନ୍ତର୍ଜାତୀୟ ଦିବସ ପାଳନ ହୋଇଛି। ଡୁଙ୍ଗୁରିପାଲି ବ୍ଲକ ୨୬ ଗୋଟି ପଂଚାୟତରୁ ବରିଷ୍ଠ ନାଗରିକ ମାନେ ଉପସ୍ଥିତ ହୋଇ ଏକ ସାଧରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବିଡ଼ିଓ ଦିଲିପ କୁମାର ବାଡ଼ାଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ମକରଧଜ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ହେମନ୍ତ ବିଶ୍ୱାଳ ଯୋଗ ଦେଇ ଥିଲେ। ମୁଖ୍ୟ ଅତିଥିମାନେ ତାଙ୍କର ବକ୍ତବ୍ୟରେ ବରିଷ୍ଠ ନାଗରିକ ମାନଙ୍କର ସରକାରୀ ସୁବିଧା ଯାହାକି ବାର୍ଦ୍ଧକ୍ୟ ଭତ୍ତା, ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ବୀମା କାର୍ଡ ଭଳି ଯୋଜନା ଉପରେ ବିସ୍ତୃତ ବୁଝାଇ ଥିଲେ ଏବଂ ଶେଷରେ ନୀତି ଦିନ ଯୋଗ ପ୍ରାଣାୟାମ କରି ଶରୀର ସୁସ୍ଥ ରହିବା ସହିତ ମାନସିକ ସୁସ୍ଥ ରହିଥାଏ ଯୋଗ ପ୍ରାଣାୟମ ନିୟମମିତ କରିବାକୁ କହିଥିଲେ।

ଜିଲ୍ଲା ଡୁମାଲ ପରିଷଦର ବାର୍ଷିକ ବୈଠକ

ସୁବର୍ଣ୍ଣପୁର,୮।୧୦(ନି.ପ୍ର): ମା' ମାହେଶ୍ୱରୀ ମେଳଣ ପଡ଼ିଆ କାନ ପୁର ଠାରେ ଜିଲ୍ଲା ଡୁମାଲ୍ ପରିଷଦ ଜିଲ୍ଲା ସଭାପତି ଅଶ୍ୱିନୀ ମହାକୁରଙ୍କ ପୌରହିତ୍ୟରେ ବାର୍ଷିକ ବୈଠକ ଅନୁଷ୍ଠିତ ହୋଯାଇଅଛି। ୩୨,୪୨୮ ଡୁମାଲ୍ ପରିବାର ସର୍ଭେ ସମ୍ପନ କରି ସାମାଜିକ ଅର୍ଥନୈତିକ ଅଭିବୃଦ୍ଧି, ସମାଜ ସଂସ୍କାର ପାଇଁ ନୀତିଗତ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ଆଲୋଚନାରେ ମାହେଶ୍ୱରୀ ସେବକ, ହାଣ୍ଡିବର୍ଗ, କେନ୍ଦ୍ର କମିଟି କାର୍ଯ୍ୟକର୍ତ୍ତା ଅଂଶ ଗ୍ରହଣ କରି ନିଜ ମତାମତ ପ୍ରଦାନ କରିଥିଲେ। ଅତିଥି ଭାବରେ ରାଜ୍ୟ ଡୁମାଲ୍ ପରିଷଦ ଉପସଭାପତି ଲୋକନାଥ ମାହାର, ରାଜ୍ୟ ପରିଷଦ କର୍ଯ୍ୟ କାରିଣୀ ସଦସ୍ୟ ଭୂଷଣ କୁମାର ପାତ୍ର, ଜିଲ୍ଲା ଆଇନ ସେଲ ଅଧ୍ୟକ୍ଷ ସ୍ୱୟଂଭୂ ନାଥ ଖଣ୍ଡଗିରି ଉଦବୋଧନ ଦେଇ ଜାତି ସମାଜର ସିଦ୍ଧାନ୍ତ ସର୍ବାଗ୍ରେ ତେଣୁ ସମସ୍ତେ ଅନୁପାଳନ କରିବା ବାଞ୍ଛନୀୟ ବୋଲି ମତପ୍ରକାଶ କରିଥିଲେ। ଜିଲ୍ଲା ସମ୍ପାଦକ କିଶୋର କର୍ମୀ ବାର୍ଷିକ ବିବରଣୀ ଓ ଆୟ ବ୍ୟୟ ଉପସ୍ଥାପନ କରି ଥିଲେ। ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ମୀନକେତନ ମହାକୁର ସଭା ପରିଚାଳନା କରିଥିଲେ। କେନ୍ଦ୍ର କାର୍ଯ୍ୟକାରୀ ସଦସ୍ୟ ଦାମୋଦର ମହାକୁର, ନୃସିଂହ ପଧାନ, ବଶିଷ୍ଟ ପର୍ଡିଆ, ଶ୍ରୀକାନ୍ତ କର୍ମୀ, ରବି ବଘାର, କୃଷ୍ଣ ଚନ୍ଦ୍ର କମ୍ପ, ଅଶ୍ୱିନୀ ପାତ୍ର, ପବିତ୍ର ପଧାନ, ରଘୁନାଥ ମହାକୁର, ଜଗନ୍ନାଥ ପାତ୍ର, ପୁରନ୍ଦର ଦନ୍ତା, ଲାଲ୍ ବାହାଦୁର ପଧାନ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ଥିଲେ। ଶେଷରେ ଜିଲ୍ଲା ସହସମ୍ପାଦକ ମନୋରଞ୍ଜନ ପଧାନ ଧନ୍ୟବାଦ ପ୍ରଦାନକରିଥିଲେ। ପଡୋଶୀ ବୌଦ୍, ବରଗଡ଼, ବଲାଙ୍ଗୀର ଜିଲ୍ଲାର ଡୁମାଲ ସମାଜ କାର୍ଯ୍ୟକର୍ତ୍ତା ସମେତ ୧୦୦୦ରୁ ଉର୍ଦ୍ଧ୍ୱ ଜାତି ଗଙ୍ଗା ଉପସ୍ଥିତ ଥିଲେ।

ପଶ୍ଚିମ ଓଡ଼ିଶା ମତ୍ସ୍ୟଜୀବୀ ତିଅର ମହାସଂଘର ବୈଠକ

ଡୁଙ୍ଗୁରିପାଲି,୮।୧୦(ନି.ପ୍ର): ଡୁଙ୍ଗୁରିପାଲି ସ୍ଥାନୀୟ ଆରଏମସି ପରିସରରେ ପଶ୍ଚିମ ଓଡିଶା ମତ୍ସ୍ୟଜିବୀ ତିଆର ମହାସଂଘର ସୁବର୍ଣ୍ଣପୁର ଜିଲ୍ଲା କମିଟିର ଆହ୍ୱାନ କ୍ରମେ କାଯ୍ୟକାରୀ ସଭାପତି ସୂର୍ଯ୍ୟକୁମାର ବେହେରାଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ପଶ୍ଚିମ ଓଡିଶା ମତ୍ସ୍ୟଜିବୀ ତିଅର ମହାସଂଘର ସଭାପତି ଲୀଳାମୟ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବୈଠକରେ ହୀରାକୁଦ, ସମ୍ବଲପୁର, ସୁଲସୁଲିଆ, ଗର୍ଭନା, ସୋହେଲା, ବରପାଲି, ସଚଲମା, ଦୁଲଣ୍ଡି, ରେଶମ, ଡୁଙ୍ଗୁରିପାଲି, ବେହେରାମାଲ, ରାମପୁର, ବହୁବସା, ବଲେନପାଲି, ବୈଦୁପାଲି, ସର୍ଗୁଲ, ଲୋଇସିଂହା, କୁସଙ୍ଗ, ବୁରୋମୁଣ୍ଡା, ବଲାଙ୍ଗିର, ଟିଟିଲାଗଡ ଅଂଚଳରୁ ପ୍ରତିନିଧିମାନେ ଯୋଗ ଦେଇଥିଲେ । ଆଲୋଚନାରେ ସମାଜର ସଂଗଠନକୁ ମଜଭୁତ କରି ଜାତିର ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା ହୋଇଥିଲା । ସମାଜର ନିମ୍ନସ୍ତରରେ ଥିବା ଲୋକଙ୍କ ଉନ୍ନତି ପାଇଁ ସମାଜ ବିଭିନ୍ନ ପଦକ୍ଷେପ ନେବା, ସମାଜର କୁସଂସ୍କାର ଦୂର କରିବା, ପୂର୍ବ ପୁରୁଷମାନେ ତିଆରି କରିଥିବା ଜାତି ସମ୍ବିଧାନକୁ ଅକ୍ଷୁର୍ଣ ରକ୍ଷୀ ଏହାକୁ ଅନୁସରଣ କରି ଜାତି ସମାଜର ବିଭିନ୍ନ କାର୍ଯ୍ୟ କରାଗଲେ ଦିବଂଗତ ସେହି ପୁର୍ବପୁରଷମାନଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳୀ ହେବ ବୋଲି ଉପସ୍ଥିତ ସମସ୍ତେ ବକ୍ତବ୍ୟ ପ୍ରଦାନ କରିଥିଲେ । ତାଙ୍କ ଦ୍ୱାରା ପ୍ରଣୀତ ଜାତି ଆଇନକୁ ଅବମାନନା କଲେ ଏହା ସେମାନଙ୍କ ପ୍ରତି ଅପମାନ ସଦୃଶ ବୋଲି ବିବେଚନା କରାଗଲା । ଏଣୁ ସମସ୍ତେ ପ୍ରଣୀତ ଜାତି ସମ୍ବିଧାନକୁ ଗ୍ରହଣ କରାଯିବାକୁ ବୈଠକରେ ସର୍ବସମ୍ମତି କ୍ରମେ ଅନୁମୋଦନ କରାଯାଇଛି । ଉକ୍ତ ସମାଜକୁ ସହବନ୍ଧନ କରିବାକୁ ଆଲୋଚନା ହୋଇଥିଲା। କାର୍ଯ୍ୟାଳୟ କୋଠା ନିର୍ମାଣ ପାଇଁ ଲୀଳାମୟ ବେହେରା ୨କିସିମିଲ ଜମି ଦାନ କରିବାକୁ ସେ ଘୋଷଣା କରିଥିଲେ। ବରଗଡ ଜିଲ୍ଲାରୁ ଉଦ୍ଧବ ବେହେରା, ମନହର ବେହେରା, ସମାରୁ ବେହେରା, ରୁଷ୍ଟୁ ବେହେରା, ପ୍ରଫୁଲ୍ଲ ବେହେରା, ସୁବର୍ଣପୁର ଜିଲ୍ଲାରୁ ଖୁସିଲାଲ ବେହେରା, ଶିବରାଜ ବେହେରା, ରଞ୍ଜିତ ବେହେରା, ନରସିଂହ ବେହେରା, ହୀତ ବେହେରା, ମାଧବ ବେହେରା, ଯଜ୍ଞକୁମାର ବେହେରା, ଯୋଗେଶ୍ୱର ବେହେରା, ବଲାଙ୍ଗିର ଜିଲ୍ଲାରୁ ସୁଦାମ ବେହେରା, ଅମରଜିତ ବେହେରା, ବାବୁଲା ବେହେରା, ନନ୍ଦି ବେହେରା, ନନ୍ଦନ ବେହେରା, ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହ ଯୋଗ କରିଥିଲେ । ଶେଷରେ ସୂର୍ଯ୍ୟକୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ଗଜଲକ୍ଷ୍ମୀ ପୂଜା ଶୃଙ୍ଖଳାର ସହିତ ପାଳିବା ପାଇଁ ଜିଲ୍ଲାପାଳଙ୍କ ଆହ୍ୱାନ

କେନ୍ଦ୍ରାପଡ଼ା,୮।୧୦(ନି.ପ୍ର): କେନ୍ଦ୍ରାପଡ଼ାର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ପାଇଁ କେନ୍ଦ୍ରାପଡ଼ା ପୌରସଂସ୍ଥା ଟାଉନ ହଲରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର. ଆୟାର ଏଥିରେ ଅଧ୍ୟକ୍ଷତା କରି କହିଲେ କେନ୍ଦ୍ରାପଡ଼ାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ହେଉଛି ଭାଇଚାରାର ଅନନ୍ୟ ଉଦାହରଣ। ଏହି ଭାଇଚାରାର ଉତ୍ସବକୁ ଶାନ୍ତି ଓ ଶୃଙ୍ଖଳାର ସହିତ ପାଳନ କରିବା ପାଇଁ ଜିଲ୍ଲାପାଳ ସମସ୍ତ ପୂଜା କମିଟିର ସଭାପତି, ସମ୍ପାଦକ ଏବଂ କର୍ମକର୍ତ୍ତାଙ୍କୁ ନିବେଦନ କରିଥିଲେ। ଆଇନର ପରିଧି ମଧ୍ୟରେ ରହି ସମସ୍ତେ ଏହି ଗଣପର୍ବକୁ ଆନନ୍ଦ ଉଲ୍ଲାସର ସହ ଉପଭୋଗ କରିବାକୁ ଜିଲ୍ଲାପାଳ କହିଥିଲେ। ଏହି ବୈଠକରେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ କହିଲେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡିକରେ ସିସିଟିଭି ଲଗାଯାଇଛି। ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ ମୁତୟନ, ଚୋରି ଓ ଅସାମାଜିକ ତତ୍ତ୍ୱକୁ ମୁକାବିଲା ପାଇଁ ସାଧା ପୋଷାକରେ ପୋଲିସ ମୁତୟନ ହେବେ। ମେଲଣ ଏବଂ ଭସାଣୀ ଉତ୍ସବରେ ରାତି ୧୨ ଟା ପର୍ଯ୍ୟନ୍ତ ବାଦ୍ୟଯନ୍ତ୍ର ବଜାଇବା ନିମନ୍ତେ ଆବଶ୍ୟକ ଅନୁମତି ପ୍ରଦାନ କରାଯିବାକୁ ପୂଜା କମିଟି ଗୁଡିକ ପକ୍ଷରୁ ପ୍ରଶାସନକୁ ନିବେଦନ କରାଯାଇଥିଲା। ଏଥିନିମନ୍ତେ ରାଜ୍ୟ

ସରକାରଙ୍କ ଠାରୁ ଆବଶ୍ୟକ ଅନୁମତି ମଗାଯିବ ବୋଲି ଜିଲ୍ଲାପାଳ ପ୍ରତିଶୃତି ଦେଇଥିଲେ।ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜ୍ୟୋତିରଞ୍ଜନ ଗୌଡ଼, ଡିଏସପି (ଡିଆଇବି) ଲକ୍ଷ୍ମୀନାରାୟଣ ତିୱାରୀ, କେନ୍ଦ୍ରାପଡ଼ା ବିଡ଼ିଓ ଅଭିଷେକ ସ୍ୱାଇଁ, କେନ୍ଦ୍ରାପଡ଼ା ତହସିଲଦାର ରବି ନାରାୟଣ ଆଚାର୍ଯ୍ୟ, ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳ, କେନ୍ଦ୍ରାପଡ଼ା ପୌରସଂସ୍ଥା ନିର୍ବାହୀ ଅଧିକାରୀ ଅଜିତ ପ୍ରସାଦ ନାରାୟଣ ଗିରି,ରିଜର୍ଭ ଇନସପେକ୍ଟର ପ୍ରଶାନ୍ତ ରଣସିଂହ, ଟାଉନ ଥାନା ଅଧିକାରୀ ଦିଲ୍ଲିପ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ବିଭିନ୍ନ ପୂଜା କମିଟିର ସଭାପତି, ସମ୍ପାଦକ, କର୍ମକର୍ତ୍ତା, ବୁଦ୍ଧିଜୀବୀ, ଶାନ୍ତି କମିଟି ସଦସ୍ୟ, ସମାଜର ବିଭିନ୍ନ ବର୍ଗର ଲୋକମାନେ ଉପସ୍ଥିତ ରହି ଗଜଲକ୍ଷ୍ମୀ ପୂଜାକୁ ସରସ ସୁନ୍ଦର କରିବା ପାଇଁ ଗଠନମୂଳକ ମତାମତ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଗଜଲକ୍ଷ୍ମୀ ପୂଜା ଅବସରରେ ମେଲୋଡ଼ି, ମେଲଣ, ଶୋଭାଯାତ୍ରା ଏବଂ ଭସାଣି କାର୍ଯ୍ୟକ୍ରମକୁ ସୁଚାର ରୂପେ ପରିଚାଳନା କରିବା ପାଇଁ ତିନୋଟି ସମନ୍ୱୟ କମିଟି ଗଠନ କରାଯାଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା।

ପଥର ଖଣିରେ ବ୍ଲାଷ୍ଟିଙ୍ଗ, ତିନି ମୃତ

ପାରଳାଖେମୁଣ୍ଡି,୮।୧୦(ନି.ପ୍ର): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଅନ୍ତର୍ଗତ ସୀମାନ୍ତ ଆନ୍ଧ୍ର ପ୍ରଦେଶର ଜଙ୍ଗଲ ପାଡୁ ଗ୍ରାମ ନିକଟସ୍ଥ (ମେଲିଆପୁଟି ମଣ୍ଡଳର ଗଙ୍ଗାରାଜୁ ପୁରମ) ରାଜଯୋଗ ଗ୍ରାନାଇଟ୍ ଖଣି ଖାଦନରେ ଏକ ପାହାଡରେ ବିସ୍ଫୋରଣ ଘଟି ପଥର ଖଣୀରେ ଶ୍ରମିକ ଭାବେ କାମ କରୁଥିବା ତିନି ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏହି ଘଟଣାରେ ଅନ୍ୟ ତିନି ଗୁରୁତର ହୋଇଥିବା ବେଳେ ଆଉ କିଛି ଜଣ ଆହତ ମଧ୍ୟ ହୋଇଥିବା ସୂଚନା ମିଳିଛି। ଆହତଙ୍କ ପରିଚୟ ସ୍ପଷ୍ଟ ହୋଇ ନଥିବା ବେଳେ ମୃତକ ମାନେ ବାହାର ରାଜ୍ୟର ବୋଲି ସୂଚନା ମିଳିଛି। ମୃତ୍ୟୁ ତିନି ଜଣଙ୍କ ମଧ୍ୟରେ ବିହାର ରାଜ୍ୟର ଶ୍ରବଣ କୁମାର (୪୫), ରାଜସ୍ଥାନର ହେମ ରାଜ (୨୦) ଓ ମଧ୍ୟ ପ୍ରଦେଶର ପିଣ୍ଟୁ (୨୨)। ଘଟଣା ସ୍ଥଳରେ ହିଁ ସେମାନଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାଥମିକ ଭାବେ ଗୁରୁତର ଆହତ ଥିବା ତିନି ଶ୍ରମିକଙ୍କୁ ଆନ୍ଧ୍ରର ଟେକାଲି ହସ୍ପିଟାଲକୁ ପ୍ରାଥମିକ ଚିକିତ୍ସା ନିମନ୍ତେ ପଠାଯାଇଥିବା ସୂଚନା ମିଳିଛି । ସେହିପରି ଗୁରୁତର ଆହତ ତିନି ଜଣ ସ୍ଥାନୀୟ ଅଞ୍ଚଳର ବୋଲି କୁହାଯାଉଛି । ସ୍ଥାନୀୟ ଅଞ୍ଚଳ ବାସୀଙ୍କ କହିବା ବେଳେ ପଥର ବିସ୍ଫୋରଣ ପାଇଁ ସମସ୍ତ ସରଞ୍ଜାମ ପ୍ରତି ସହ ବିସ୍ଫୋରଣ ପାଇଁ ଅପେକ୍ଷାରେ ରହିଥିବା ବେଳେ ଅପରାହ୍ନ ୪ ସମୟରେ ବଜ୍ରପାତ ହେବା ଫଳରେ ଏହା ବିସ୍ଫୋରିତ ହୋଇଥିଲା । ଘଟଣା ସ୍ଥଳରେ ଆନ୍ଧ୍ର ପୋଲିସ, ଅଗ୍ନିଶମ ବିଭାଗ ଏବଂ ପାତାପାଟନାମ ମଣ୍ଡଳ ରେଭେନ୍ୟୁ ଅଫିସର ପହଁଞ୍ଚି ପ୍ରାଥମିକ ଭାବେ ତଦନ୍ତ ଆରମ୍ଭ କରିଛନ୍ତି । ତେବେ କୌଣସି ପ୍ରକାରର ଅନିୟମିତତା କାରଣରୁ ଏଭଳି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି । ବିସ୍ଫୋରଣର ପ୍ରକୋପ ଏତେ ଥିଲା ଯେ ମୃତକଙ୍କ ଶରୀରର ଅଧିକାଂଶ ଅଙ୍ଗ ଖଣ୍ଡ ବିଖଣ୍ଡିତ ହେବା ସହ ଜଳି ଯାଇଛି । ତେବେ ଗୁରୁତର କି ଆହତଙ୍କ ମଧ୍ୟରେ ଓଡିଶାର କେତେ ଶ୍ରମିକ ଉକ୍ତ ପଥର କୁଆରିରେ କାର୍ଯ୍ୟ କରୁଥିଲେ ନା ନାହିଁ ତାହା ବର୍ତ୍ତମାନ ସୁଦ୍ଧା ଜଣାପଡ଼ି ନାହିଁ।

ବିଦ୍ୟାଳୟ ସମ୍ମୁଖରେ ଆଣ୍ଠୁଏ ପାଣି, ଶିକ୍ଷୟତ୍ରୀଙ୍କ ଘରେ ପାଠପଢୁଛନ୍ତି ଛାତ୍ରଛାତ୍ରୀ

ଆଳି,୮।୧୦(ନି.ପ୍ର): ଆଳି ଶିକ୍ଷା ବିଭାଗ ଅଧିନରେ ଥିବା ନଅର ସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଲଗାଣ ବର୍ଷା ଯୋଗୁଁ ଆଣ୍ଠୁଏ ଉଚ୍ଚର ପାଣି ବିଦ୍ୟାଳୟ ରାସ୍ତା ସମେତ ବିଦ୍ୟାଳୟର ପ୍ରାଚୀର ମଧ୍ୟରେ ପ୍ରାୟ ଦୁଇ ଫୁଟ ଉଚ୍ଚତାର ଲହଡି ଭାଙ୍ଗୁଥିବାରୁ କୁନି ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଯିବା ଆସିବା କରିପାରୁନାହାନ୍ତି। ସୂଚନାଥାଉ କି କଳସପୁର ପଞ୍ଚାୟତ ନଅରସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ ରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ କ୍ଲାସ ଚାଲୁଥିବା ବେଳେ ଜଣେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ନେଇ ମୋଟ ୧୩ ଜଣ ଛାତ୍ରଛାତ୍ରୀ ଉକ୍ତ ସ୍କୁଲରେ ବିଦ୍ୟା ଅଧ୍ୟୟନ କରନ୍ତି । ବିଦ୍ୟାଳୟର ଦୁଇ ପାର୍ଶ୍ୱରେ ଦୁଇଟି ଦଳ ପୁଷ୍କରିଣୀ ଥିବାରୁ ଚଳିତ ବର୍ଷ ଅତ୍ୟଧିକ ଲଗାଣ ବର୍ଷା ହେତୁ ବିଦ୍ୟାଳୟ ରାସ୍ତା ସମେତ ସମ୍ପୂର୍ଣ୍ଣ ବିଦ୍ୟାଳୟ ପରିସର ଜଳମଗ୍ନ ହୋଇଥିବା ଦେଖିବାକୁ ମିଳିଛି । ରାସ୍ତା ଓ ବିଦ୍ୟାଳୟରେ ପାଣି ପଶିବା ହେତୁ ଭୟରେ କୁନି କୁନି ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ ଯିବାକୁ ଭୟ କରୁଛନ୍ତି। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀଙ୍କ ଘରେ ନିୟମିତ ବିଦ୍ୟାଳୟର କ୍ଲାସ ଚାଲୁଥିବା ବେଳେ ମଧ୍ୟାହ୍ନ ଭୋଜନ ମଧ୍ୟ ସେଠାରେ ଦିଆଯାଉଥିବା ପ୍ରଧାନ ଶିକ୍ଷକ ପ୍ରକାଶ କରିଛନ୍ତି । ଏନେଇ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସଦାନନ୍ଦ ଲେଙ୍କା ଗତମାସ ଆଳି ବିଇଓଙ୍କୁ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଏନେଇ ଆମେ ଆଳି ଶିକ୍ଷା ବିଭାଗ ଅଧିକାରୀ ଅଜିତ କୁମାର ବାରିକଙ୍କୁ ପଚାରିବାରୁ ଏ ବିଷୟରେ ରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଠୁ ଏକ ଲିଖିତ ଅଭିଯୋଗ ପାଇଛୁ ଯେହେତୁ ପୂଜା ଛୁଟିଥିଲା ଆମେ ଏ ସମ୍ବୋଧରେ ଅନୁଧ୍ୟାନ କଲାପରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିବୁ ଯାହା ସୁବିଧା ସୁଯୋଗ ଆମ ଦ୍ୱାରା ଉକ୍ତ ବିଦ୍ୟାଳୟ ପାଇଁ ସମ୍ଭବପର ହୋଇପାରିବ ଆମେ ନିଶ୍ଚିତ ଚେଷ୍ଟା କରିବୁ ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ । ବିଭାଗୀୟ ଅଧିକାରୀଙ୍କ ପ୍ରତିଶୃତି ପରେ କେବେ ନଅରସାହି ସରକାରୀ ବିଦ୍ୟାଳୟ ର ସମସ୍ୟା ଦୂର ହେଉଛି ଦେଖିବାକୁ ବାକିରହିଲା।

ଗୋପ ଛକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା

ନୀଳଗିରି,୮।୧୦(ନି.ପ୍ର): ନୀଳଗିରି-ବଉଳଗଡିଆ ରାସ୍ତା ଦୀର୍ଘ ବର୍ଷ ଧରି ମରଣ ଯନ୍ତା ପାଲଟି ଥିବା ବେଳେ ପ୍ରତେକ ଦିନ ଦୁର୍ଘଟଣା ଘଟି ଚାଲିଛି । ବୁଧବାର ଅପରାହ୍ନ ପ୍ରାୟ ୨ ଘଟିକା ସମୟରେ ଶ୍ୟାମସୁନ୍ଦରପୁର ପଞ୍ଚାୟତ ରାଉଳ ଖୁଣ୍ଟା ଗ୍ରାମର ମୁରଲୀ ନାୟକଙ୍କ ଝିଅ ସେବତୀ ନାୟକ (୨୫)କୌଣସି ବ୍ୟକ୍ତିଗତ କାମ ପାଇଁ ବାଇକ ଯୋଗେ ନୀଳଗିରିରୁ କାମ ସାରି ଘରକୁ ଫେରୁଥିଲେ । ହଠାତ ରାସ୍ତା ର ଖାଲ ରେ ପଡି ରାସ୍ତା ମଝିକୁ ଛିଟିକି ପଡ଼ି ବିପରୀତ ଦିଗରୁ ଆସୁଥିବା ଏକ ପିକଅପ ଆଗରେ ପଡି ଯାଇଥିଲେ । ପିକଅପ ଚାଳକ ଯଥା ସମ୍ଭବ ଚେଷ୍ଟା କରି ବିଫଳ ହୋଇଥିବା ବେଳେ ପିକଅପର ଏକ ଚକା ସେବତୀଙ୍କ ଗୋଡରେ ଚଢି ଯିବା ଫଳରେ ଗୋଡଟିର ଅବସ୍ଥା ଶୋଚନୀୟ ହୋଇ ପଡିଥିଲା । ସୂଚନାରୁ ପ୍ରକାଶ ଦୁର୍ଘଟଣା କରି ଡ୍ରାଇଭର ଗାଡିକୁ ଦ୍ରୁତ ଗତିରେ କଣ୍ଟିଆ ଟିକର ରାସ୍ତାରେ ଉଭାନ ହୋଇଯିବା ପାଇଁ ଚେଷ୍ଟା କରୁଥିବା ବେଳେ ସ୍ଥାନୀୟ ବାସିନ୍ଦା ପିଛା କରି ଡ଼ାଲିଙ୍ଗିଆ ଛକରେ ଧରି ପୋଲିସ ରେ ଜିମା ଦେବା ସହିତ ଦୁର୍ଘଟଣା ଗ୍ରସ୍ତ ସେବତୀଙ୍କୁ ପ୍ରଥମେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ପଠାଇ ଥିବା ବେଳେ ସେବତୀଙ୍କ ଅବସ୍ଥା ଶୋଚନୀୟ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲ ପଠାଯାଇଥିବା ସୂଚନା ମିଳିଛି ।

ହାଲୁକା ମୋଟର ଯାନ ତାଲିମ ଉଦ୍‌ଯାପିତ

ପାରଳାଖେମୁଣ୍ଡି,୮।୧୦(ନିପ୍ର): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ୟୁନିୟନ ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷିଣ ଅନୁଷ୍ଠାନରେ ହାଲୁକା ମୋଟର ଯାନ ମାଲିକଙ୍କୁ ଡ୍ରାଇଭିଂ ତାଲିମ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଏହି ୩୧ ଦିନିଆ ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୩୫ ଜଣ ପୁରୁଷ ତାଲିମ ପ୍ରାର୍ଥୀ ଉପସ୍ଥିତ ଥିଲେ।

ଉଦ୍‌ଯାପନୀ ସଭାରେ ଅନୁଷ୍ଠାନର ନିର୍ଦ୍ଦେଶକ ତ୍ରିନାଥ ନାଗ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଜୀବିକା ମିଶନ ଜିଲ୍ଲା ପ୍ରକଳ୍ପ ପ୍ରବନ୍ଧକ ତିମନ ବାରା, ଷ୍ଟେଟ୍‌ବ୍ୟାଙ୍କର ପୂର୍ବତନ ମୁଖ୍ୟ ପ୍ରବନ୍ଧକ ନିରଞ୍ଜନ ନନ୍ଦ ଓ ବରିଷ୍ଠ ପ୍ରାଧ୍ୟାପକ ଦିଲୀପ କୁମାର ତନ୍ତୀ ଯୋଗଦେଇ ମନଯୋଗ ସହକାରେ ତାଲିମ ନେଇ ଉତ୍ତୋରତ୍ତୋର ଉନ୍ନତି କରିବାକୁ ପରାମର୍ଶ ଦେଇଥିଲେ। ଏହା ସହିତ ସମସ୍ତେ ସ୍ୱାବଲମ୍ବୀ ହେବାକୁ ଉପଦେଶ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ପ୍ରଶିକ୍ଷକ ତପନ ଦୋରା ଉପସ୍ଥିତ ଥିଲେ। ଅନୁଷ୍ଠାନର ଅଧ୍ୟାପକ ତଥା ପାଠ୍ୟ ସଂଯୋଜକ ପ୍ରଦୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଆରତୀ ମଞ୍ଜରୀ ଦାସଙ୍କ କବିତା ଗ୍ରନ୍ଥ ଲୋକାର୍ପିତ

ଖୋର୍ଦ୍ଧା,୮।୧୦(ନି.ପ୍ର): ଆରତୀ ମଞ୍ଜରୀ ଦାସଙ୍କ ଦ୍ୱିତୀୟ କବିତା ସଂକଳନ 'ଉରଣ'ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଶାଚକ୍ର ପ୍ରକାଶନୀର ତତ୍ତ୍ୱାବଧାରକ କବି ଓ ପ୍ରାବନ୍ଧିକ ବୈକୁଣ୍ଠନାଥ ରାଜଗୁରୁଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ସାହିତ୍ୟ ସମାଲୋଚକ ପ୍ରାଧ୍ୟାପକ ଡ. ଶଶାଙ୍କ ଶେଖର ରଥ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପୁସ୍ତକର ଲୋକାର୍ପଣ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ଓ ଶ୍ୱେତ ପଦ୍ମାସିନୀ ମହାନ୍ତି କବିତାଗୁଡ଼ିକର ଆଙ୍ଗିକ ଓ ଆତ୍ମିକ ବିଭବ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଶିଶୁ ସାହିତ୍ୟିକ ଗୋବିନ୍ଦ ଚନ୍ଦ୍ର ମହାରଣା

ଏବଂ ଗବେଷକ ସତ୍ୟବାଦୀ ବଳିୟାରସିଂହ ଖୋରଧାର ସାହିତ୍ୟିକ ସମାବେଶଗୁଡ଼ିକରେ ଶ୍ରୀମତୀ ଦାଶଙ୍କ କବିତାଗୁଡ଼ିକର ବୈଶିଷ୍ଟ୍ୟ ପ୍ରତିପାଦନ କରିଥିଲେ। ଶ୍ରୀମତୀ ଦାଶ ଜଣେ ନାରୀ ପାଇଁ ଜୀବନ ସଂଗ୍ରାମ ଭିତରେ ସାହିତ୍ୟ ସାଧନା ଅତ୍ୟନ୍ତ ଆୟାସସାଧ ବୋଲି ମତ ପୋଷଣ କରିଥିଲେ। ସୁସଂଗଠିକା ଇତିଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବିକ୍ରମ କେଶରୀ ଚମ୍ପି, ଡ. ନୀଳାଦ୍ରିନାଥ ଜଗଦ୍ଦେବ ଓ ବଂଶୀଧର ଦାସଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲ ପୁଣ୍ୟ ପ୍ରସାଦ ରଥ ସ୍ୱାଗତ ଭାଷର ଦେଇଥିଲେ।

୭୧ ତମ ବନ୍ୟ ପ୍ରାଣୀ ସପ୍ତାହ

ଜଙ୍ଗଲ ସୁରକ୍ଷା ନ ହେଲେ ବିପର୍ଯ୍ୟୟ ବଢ଼ିବ

ସୁବର୍ଣ୍ଣପୁର,୮।୧୦(ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବନଖଣ୍ଡ ପକ୍ଷରୁ ବିଭାଗର ସଭା ଗୃହରେ ୭୧ ତମ ବିଶ୍ୱ ବନ୍ୟ ପ୍ରାଣୀ ସପ୍ତାହ ପାଳିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଯୋଗ ଦେଇ କହିଛନ୍ତି, ଜନତା ସଚେତନ ନ ହେଲେ ଏବଂ ପ୍ରଶାସନ ସହ ମିଶି ବନ୍ୟ ପ୍ରାଣୀ ଓ ଜଙ୍ଗଲର ସୁରକ୍ଷା ନ କଲେ ପ୍ରାକୃତିକ ବିପର୍ଯ୍ୟୟ ଆହୁରି ବଢି ଚାଲିବ। ଯଦ୍ୱାରା ମଣିଷ ସମାଜ ବଞ୍ଚିବା କଷ୍ଟକର ହୋଇପଡ଼ିବ। ସମ୍ମାନିତ ଅତିଥି ତଥା ଏସପି ନାରାୟଣ ନାଏକ ଓ ଡିଏଫ୍‌ଓ ମଦନ ଲାଲ ଶର୍ମା କହିଲେ, ପୃଥିବୀରେ ପ୍ରଥମେ ବନ୍ୟ ପ୍ରାଣୀ ସୃଷ୍ଟି ହୋଇ ଥିଲେ, କିନ୍ତୁ ମଣିଷ ବହୁ ପରେ ସୃଷ୍ଟି ହୋଇ ବନ୍ୟ ପ୍ରାଣୀଙ୍କ ବାସ ସ୍ଥାନ ଜଙ୍ଗଲ କ୍ଷୟ କରି ଚାଲିଛୁ। ବନ୍ୟଜନ୍ତୁଙ୍କୁ ମାରିବା ପାଇଁ ମଧ୍ୟ ପଛାଉ ନାହିଁ । ବନ୍ୟ ପ୍ରାଣୀଙ୍କ ପ୍ରତି ଉଦାରତା ପ୍ରଦର୍ଶନ ନ କଲେ ଜଙ୍ଗଲ ଓ ବନ୍ୟ ପ୍ରାଣୀ ସୁରକ୍ଷା ଅସମ୍ଭବ ହେବ । ନିମନ୍ତ୍ରିତ ଅତିଥି ପ୍ରାଧ୍ୟାପକ ଉମାକାନ୍ତ ନାଗ, ସମାଜସେବୀ ଗୋବିନ୍ଦ ମହାରଣା ବନ୍ୟ ପ୍ରାଣୀଙ୍କ ସୁରକ୍ଷା ଉପରେ ସୁଚିନ୍ତିତ ମତାମତ ରଖିଥିଲେ। ସୋନପୁର ସିଏଫ୍ ଗିରିଧାରୀ ନାଗ, ବୀର ମହାରାଜପୁର ଏସିଏଫ୍ ଅବିନାଶ ବରିହା, ରେଞ୍ଜ ଅଫିସର ସୁଭାଷ ମହାପାତ୍ର, ଫରେଷ୍ଟର ଭକ୍ତ ବନ୍ଧୁ ମିଶ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ସମସ୍ତ ଫରେଷ୍ଟ ଓ ରେଞ୍ଜ ଅଫିସର କର୍ମଚାରୀ ଉପସ୍ଥିତ ରହି ନିଜ ନିଜ ଅଞ୍ଚଳର ସମସ୍ୟା ଏବଂ ଅନୁଭୂତି ବର୍ଣ୍ଣନା କରିଥିଲେ । ଏସଏମଏସ ପ୍ରିୟାଂଶୁ ସାହୁ ସଂଯୋଜନା କରିଥିବା ବେଳେ ବିନିକା ରେଞ୍ଜ ଅଫିସର ବନମାଳୀ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଜିଲ୍ଲାର ବହୁ ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ।

ଇଞ୍ଜିନିୟରଙ୍କୁ ମରଣାନ୍ତକ ଆକ୍ରମଣ, ସିକ୍ୟୁରିଟି ଗିରଫ

ଜଟଣୀ,୮।୧୦(ନି.ପ୍ର): ସ୍ଥାନୀୟ ପଧାନସାହି ପଞ୍ଚାୟତ ବୋଡଣ୍ଡା ଠାରେ ଥିବା ଏକ କମ୍ପାନୀର ଇଞ୍ଜିନିୟର ଉଦୟ ଶଙ୍କର ନାଥଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଉକ୍ତ ସଂସ୍ଥାର ସିକ୍ୟୁରିଟି ଗାର୍ଡ ଛବିନ୍ଦ୍ର ଭୋଇକୁ ଗିରଫ କରାଯାଇଛି । ଗତ ୨୯ ତାରିଖ ସନ୍ଧ୍ୟାରେ ଛବିନ୍ଦ୍ର ଆକ୍ରମଣ କରିବାରୁ ଉଦୟ ଶଙ୍କର ଗୁରୁତର ଆହତ ହୋଇଥିଲେ । ଏୟାରଫିଲଡ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଛବିନ୍ଦ୍ର ଭୋଇକୁ ଗିରଫ କରିଛି। ତା ନାମରେ ପୂର୍ବରୁ ଏୟାରଫିଲଡ ଥାନାରେ ୩ ମାମଲା ରହିଛି। ତାକୁ କୋର୍ଟ ଚାଲାଣ କରାଯାଇଛି।

ଘରୋଇ ଜାଗାକୁ ନେଇ କୋର୍ଟରେ ମାମଲା

ମାପଚୂପ ପାଇଁ ତହସିଲଦାରଙ୍କ ନୋଟିସକୁ ଗ୍ରାମବାସୀଙ୍କ ବିରୋଧ

ନିଆଳି,୮।୧୦(ନି.ପ୍ର): ନିଆଳି ତହସିଲଦାର ତାରିଣୀ ରଂଜନ ରାୟ ପୁଣି ବିବାଦରେ। କେତେବେଳେ କୋର୍ଟ ନିର୍ଦ୍ଦେଶକୁ ମାନୁ ନାହାନ୍ତି ତ ଆଉ କେତେବେଳେ ନିଜ କ୍ଷମତା ବାହାରକୁ ଯାଇ କାର୍ଯ୍ୟ କରିବାକୁ ପଛାଉ ନାହାନ୍ତି। ଗତ କିଛି ଦିନ ତଳେ କୋର୍ଟର ନିର୍ଦ୍ଦେଶକୁ ନ ମାନି ପହଙ୍ଗା ଅଞ୍ଚଳରେ ଉଚ୍ଛେଦ କରିବାକୁ ଯାଇ ଜନ ସାଧାରଣଙ୍କ ନିକଟରୁ ହଟ ହଟା ହୋଇ ଫେରିଥିଲେ। ଏବେ ପୁନର୍ବାର ଅଁଳ ପଂଚାୟତ ନୂଆ ବଜା ଗ୍ରାମରେ ଘରୋଇ ଜାଗାକୁ ନେଇ କୋର୍ଟରେ ମାମଲା ଥିବା ସତ୍ତ୍ୱେ ଗତ ୨୩ ତାରିଖ ଦିନ ତହସିଲଦାର ଉକ୍ତ ଜାଗାକୁ ମାପଚୁପ କରିବା ନିମନ୍ତେ ଯାଇଥିଲେ। ଗ୍ରାମବାସୀଙ୍କ ବିରୋଧ ଯୋଗୁ ସେଠାରୁ ଫେରି ଆସିଥିଲେ। ସାଧାରଣ ଲୋକଙ୍କ ଉପରେ ରାଗ ସୁଝାଇବାକୁ ଯାଇ ପୁନର୍ବାର ଆସନ୍ତା ୧୭ ତାରିଖ ଦିନ ସେହି ଜାଗାକୁ ମାପିବା ନିମନ୍ତେ ନୋଟିସ ଜାରି କରିଥିବାରୁ ଗ୍ରାମବାସୀ ମାନେ ବୁଧବାର ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ। ଯଦି ଆସନ୍ତା ୧୭ ତାରିଖ ଦିନ କୋର୍ଟ ନିର୍ଦ୍ଦେଶ ନ ମାନି ତହସିଲଦାର ମାପ କରନ୍ତି, ନୂଆ ଗାଁ ଗ୍ରାମବାସୀ ମାନେ ବିରୋଧ କରିବା ସହ ଆଇନକୁ ହାତକୁ ନେବେ ବୋଲି ଚେତାବନୀ ଦେଇଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ଶିଶିର ରାଉତ, କାଶୀନାଥ ରାଉତ, ରମାକାନ୍ତ ରାଉତ, ସୁନାକର ରାଉତ, ଚକ୍ରଧର ନାୟକ, ମହେନ୍ଦ୍ର ନାୟକ, ନରହରି ଦାସଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ତହସିଲଦାରଙ୍କ କାର୍ଯ୍ୟାଳୟରେ ଭେଟି ମାପ ନ କରିବା ନିମନ୍ତେ ପ୍ରତିବାଦ କରିଥିଲେ।

ମଣ୍ଡପରେ ଦର୍ଶନ ଦେଲେ ଯୁଗଳ ମୂର୍ତ୍ତି

ସୁବର୍ଣ୍ଣପୁର,୮।୧୦(ନି.ପ୍ର): ହରଗୋରୀ ଯାତ୍ରାର ଦ୍ୱିତୀୟ ଦିନରେ ଜଣାଶୁଣା ମୂର୍ତ୍ତିକାର ଗୋଲେଖନାଥ ସାହୁଙ୍କ ବାସଭବନରୁ ହରଙ୍କୁ ବିରାଟ ପଟୁଆରରେ ଅଣାଯାଇ ବୁଢିମା ମନ୍ଦିର ସନ୍ନିକଟ ହରଗୋରୀ ମଣ୍ଡପରେ ସ୍ଥାପନ କରାଯାଇଛି। ବାଜା, ରୋଷଣି ନୃତ୍ୟ

ଗୀତ ମଧ୍ୟରେ ଭୁବନେଶ୍ୱରର ଏନ୍ ମଞ୍ଜୁ ମୁଣ୍ଡେଇ ହରଙ୍କୁ ଆଣିବା ବେଳେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ରାସ୍ତାର ବିଭିନ୍ନ ସ୍ଥାନରେ ପଦଧୌତ ସହିତ ପୂଜାର୍ଚ୍ଚନା କରାଯାଇଥିଲା। ଗୁରୁବାର ଠାରୁ ଯୁଗଳ ମୂର୍ତ୍ତି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ । ଏଥିପାଁ ପୂଜା ମଣ୍ଡପ ଲୋକାରଣ୍ୟ ରହିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ।

ବ୍ରାହ୍ମଣ ମହାସଭା ପକ୍ଷରୁ ଶୋକ

କେନ୍ଦ୍ରାପଡ଼ା,୮।୧୦(ନି.ପ୍ର): ନିଖିଳ ଓଡିଶା ରାଜ୍ୟ ବ୍ରାହ୍ମଣ ମହାସଭାର ପ୍ରତିଷ୍ଠାତା,ସ୍ୱନାମଧନ୍ୟ ଚିକିତ୍ସକ ତଥା କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ଅସ୍ଥିଶଲ୍ୟ ବିଭାଗର ପ୍ରାକ୍ତନ ପ୍ରଫେସର ଡାକ୍ତର ବିଷ୍ଣୁଚରଣ ମିଶ୍ରଙ୍କ ବିୟୋଗରେ କେନ୍ଦ୍ରାପଡା ଜିଲ୍ଲା ବ୍ରାହ୍ମଣ ମହାସଭା ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି । ଏହି ଉପଲକ୍ଷେ ଏକ ଶୋକସଭା ତମାଳ ଶାସନସ୍ଥିତ ଶ୍ରୀଶ୍ରୀ ଦଧିବାମନଜୀଉ ମନ୍ଦିର ପରିସରରେ ଉପଦେଷ୍ଟା ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ କେନ୍ଦ୍ରାପଡା ଜିଲ୍ଲା ମହାସଭାର ସମ୍ପାଦକ ପଣ୍ଡିତ କିଶୋର ଚନ୍ଦ୍ର ମିଶ୍ର, କ୍ଷମାନିଧି ମିଶ୍ର, ମହେଶ୍ୱର ରଥ, ପ୍ରଦୀପ ମିଶ୍ର, ପ୍ରଣବ ମିଶ୍ର, ପ୍ରଦ୍ୟୁମ୍ନ ମିଶ୍ର, ଦୟାନିଧି ମିଶ୍ର, ରାମଚନ୍ଦ୍ର ରଥ, ନୀଳମଣୀ ସୁତାର ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାର ସଦଗତି ନିମେନ୍ତ ୧ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । ଆସନ୍ତା ୯ତାରିଖରେ ଏକ ସମ୍ମିଳନୀ କରାଯିବା ପାଇଁ ସ୍ଥିର କରାଯାଇଛି ।

ଜନଶୁଣାଣିରେ ବୃକ୍ଷରୋପଣ ଓ ପରିବେଶ ସୁରକ୍ଷା ଦାବି

ଟେନସା,୮।୧୦(ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲା କୋଇଡା ତହସିଲ ସନୁଆଠାରେ ବାର୍ଷିକ ୮,୦୦,୦୦୦ ଟନ୍ କ୍ଷମତା ବିଶିଷ୍ଟ ଲୁହା ପଥର ବିଶୋଧନ କାରଖାନା ସ୍ଥାପନ ପାଇଁ ପ୍ରସ୍ତାବ ରହିଛି। ମେସର୍ସ ଏସ୍‌ଏନ୍‌ଏନ୍ ମିନେରାଲସ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ପ୍ରତିଷ୍ଠା ହେବାକୁ ଥିବା ଉକ୍ତ କାରଖାନା ପାଇଁ ପରିବେଶ ଜନ ଶୁଣାଣି ସନୁଆ ପ୍ରାଥମିକ ସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ବୁଧବାର ଏହି ଜନଶୁଣାଣୀରେ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଚନ୍ଦ୍ର ଶେଖର ଚୌହାନ, କୋଇଡା ତହସିଲଦାର ନିର୍ମଳ କୁମାର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ତେବେ ଏଥିରେ ଏସ୍‌ଏନ୍‌ଏନ୍ ମିନେରାଲସ୍‌କୁ ସମର୍ଥନ କରାଯାଥିବା ସୂଚନା ମିଳିଛି। ସମାଜସେବୀ ଆନନ୍ଦ କୁମାର ବାରିକ, କରୁଣାକର ପାତ୍ର, ସାଂସଦ ପ୍ରତିନିଧି ଚେତନଦୀପ ନାୟକ, ସମିତି ସଭ୍ୟ ଉର୍ମିଳା ଦେହୁରୀ, ପୂର୍ବତନ ବିଧାୟକ ଭୀମସେନ ଚୋଧୁରୀ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ନାଏକ, ପୂର୍ବତନ ସରପଞ୍ଚ ଅଭିନାଶ ସୁମନ ବାଗେ ପ୍ରମୁଖ ନିଜ ନିଜ ମତାମତ ଦେଇଥିଲେ। ସୂଚନା ଅନୁଯାୟୀ ସମସ୍ତେ ଏସ୍‌ଏନ୍‌ଏନ୍ ମିନେରାଲସ୍‌କୁ ସମର୍ଥନ ଜଣାଇଥିଲେ। ଏହା ସହ ପ୍ରଦୂଷଣ ଭଳି ବହୁ ଅସୁବିଧାର ପ୍ରତିକାର ବ୍ୟବସ୍ଥା ଏବଂ ଅଞ୍ଚଳର ବିକାଶ ପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। ସ୍ଥାନୀୟ ଲୋକଙ୍କୁ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି, ରାସ୍ତା ମରାମତି ଓ ବିକାଶ, ପାନୀୟ ଜଳ ଯୋଗାଣ, ବୃକ୍ଷ ରୋପଣ ପାଇଁ ଗ୍ରାମବାସୀ ଦାବି କରିଥିଲେ। ସମସ୍ତ ଦାବିକୁ ପୂରଣ କରାଯିବ ବୋଲି କମ୍ପାନୀର ମନୋରଞ୍ଜନ କର ପ୍ରତିଶ୍ରୁତି ଦେଇଥିଲେ ।

କପା ଚାଷୀଙ୍କ ପଞ୍ଜୀକରଣ ପ୍ରଚାର ରଥ ଶୁଭାରମ୍ଭ

ପାରଳାଖେମୁଣ୍ଡି,୮।୧୦(ନି.ପ୍ର): ଭରତୀୟ କପା ନିଗମ ଲିମିଟେଡ୍ ଓ ନିୟନ୍ତ୍ରିତ ବଜାର କମିଟି ପାରଳାଖେମୁଣ୍ଡି ପକ୍ଷରୁ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ମଧୁମିତା ମୁଖ୍ୟ ଅତିଥି ଭାବରେ ଯୋଗଦେଇ କପା ଚାଷୀଙ୍କ ସଚେତନତା ରଥକୁ ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଚଳିତ କପା ବର୍ଷ ୨୦୨୫-୨୬ ଏମଏସପି ଅନୁଯାୟୀ କପା ବିକ୍ରି କରିବାକୁ ଗୁଗୁଲ ପ୍ଲେଷ୍ଟୋଟ ଏଂ ଆପଲ ଆଇଓଏସ ପୋଷ୍ଟରେ ଉପଲବ୍ଧ ମୋବାଇଲ୍ ଆପ୍ କପାସ କିଷାନ ମାଧ୍ୟମରେ ଚାଷୀ ମାନେ ନିଜ ନାମ ପଞ୍ଜିକରଣ କରିପାରିବେ। ପଞ୍ଜୀକରଣ କରିବାର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ । ଏହି ପ୍ରଚାର ରଥ ଜିଲ୍ଲାର ସମସ୍ତ ବ୍ଲକରେ ପ୍ରଚାର ପ୍ରସାର କରାଯିବ। ଏଣୁ ସମସ୍ତ ଚାଷୀ ଭାଇ ମାନଙ୍କୁ ଅନୁରୋଧ ପଞ୍ଜିକରଣ ପାଇଁ ଇଚ୍ଛୁକ ଚାଷୀମାନେ ସେମାନଙ୍କ ପଞ୍ଜିକରଣ କରିବା ନିମନ୍ତେ ନିଜ କାଗଜପତ୍ର ଯଥା ଜମି ରେକର୍ଡ, ରାଜସ୍ୱ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯଥାର୍ଥ ପ୍ରମାଣିତ କପା ଫସଲର ରେକର୍ଡ, ଆଧାର କାର୍ଡ, ନିଜ ଫୋଟ ସହିତ ସମୟସୀମା ମଧ୍ୟରେ ପଞ୍ଜୀକରଣ କରିବାକୁ ଅନୁରୋଧ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷୀ ଅଧିକାରୀ ଏମ. ପ୍ରକାଶ ରାଓ, ରେବତୀ ମୋହନ ରାଉତ, ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି ପାରଳାଖେମୁଣ୍ଡି ସମେତ ନିୟନ୍ତ୍ରିତ ବଜାର କମିଟି ଓ ଜିଲ୍ଲା କୃଷି ବିଭାଗୀୟର ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

୩ ବ୍ୟାଟେରୀ ଚୋର ଗିରଫ

ବୋଲଗଡ,୮।୧୦(ନି.ପ୍ର): ବୋଲଗଡ ଥାନା ପୁଲିସ ବୁଧବାର ୩ଜଣ ବ୍ୟାଟେରୀ ଲୁଟେରାଙ୍କୁ ଗିରଫ କରିଛି। ବୋଲଗଡ ଅଞ୍ଚଳର ବିଭିନ୍ନ ଗ୍ରାମରୁ ଟ୍ରାକ୍ଟର ଓ ଅଟୋରୁ ବ୍ୟାଟେରୀ ଚୋରି ହେଉଥିବା ଅଭିଯୋଗ ହୋଇଆସୁଥିଲା। ଗତ ୪ତାରିଖ ରାତିରେ କୁସୁପଲା ଗ୍ରାମରୁ ୨ଟ୍ରାକ୍ଟର ଓ ଗୋଟିଏ ଅଟୋରୁ ୩ ବ୍ୟାଟେରୀ ଓ ଅସନପଲ୍ଲୀରେ ଲାଗିଥିବା ଷ୍ଟ୍ରିଟ ଲାଇଟର ୨ ବ୍ୟାଟେରୀ ଚୋରି ହୋଇଥିଲା। ଏହି ମାମଲାରେ ବନ୍ଧସାହି ଗ୍ରାମର ରାକେଶ ଜେନା ଓରଫ ଚନ୍ଦନ ଓ ବିଷ୍ଣୁ ଚରଣ ଘଡେଇ ଓରଫ ଚନ୍ଦୁକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ଠାରୁ ୫ଟି ବ୍ୟାଟେରୀ ଜବତ କରାଯାଇଛି। ସେହିପରି ସେପ୍ଟେମ୍ବର ୧୯ରେ ମଣ୍ଡଳସିଂର ମା' ବ୍ରାହ୍ମଣୀ ଦେବୀ ମନ୍ଦିରରୁ ଇନଭର୍ଟର ବ୍ୟାଟେରି ଚୋରି ହୋଇଥିଲା। ପୋଲିସ ସେହିଗ୍ରାମର ଦୀନବନ୍ଧୁ ସାହୁଙ୍କୁ ଗିରଫ କରି ବ୍ୟାଟେରୀ ଜବତ କରିଛି । ବିଷ୍ଣୁଙ୍କୁ କୋର୍ଟ ଚାଲାଣ କରାଯାଇଛି। ତେବେ ବ୍ୟାଟେରୀ ଚୋରି ଦଳର ଆହୁରି ଅନେକ ସଦସ୍ୟ ଫଦାରେ ବୁଲୁଛନ୍ତି। ସେମାନଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଏସଆଇ ଲିଲି ପାଡ଼ୀ ସୂଚନା ଦେଇଛନ୍ତି ।

ବନାଞ୍ଚଳ ସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ

ନୀଳଗିରି,୮।୧୦(ନି.ପ୍ର): ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୁଲ୍ୟରେ ଔପଦା ବ୍ଲକ୍ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଦଲଦଲି ଠାରେ ୭୧ତମ ବନାଞ୍ଚଳ ସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ-୨୦୨୫ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟର ହୃଷୀକେଶ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ବାଲେଶ୍ୱର ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ନୀଳଗିରି ତହସିଲଦାର ସୋନମ୍ ଦାସ, ଶ୍ୟାମସୁନ୍ଦରପୁର ସରପଞ୍ଚ ପୁରୁଷୋତ୍ତମ ସେଠୀ, ସମିତି ସଭ୍ୟ ଭୋଳାନାଥ ମାଝୀ, କୁଳଡିହା ରେଞ୍ଜର ସୁବ୍ରତ ବେହେରା, ପରିବେଶବିତ୍ ମନୋରଞ୍ଜନ ଦାସ ଏବଂ କମଳଲୋଚନ ପଣ୍ଡା ମଞ୍ଚାସିନ ରହି ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଜନତାଙ୍କୁ ବିଶଦ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟତଃ କିପରି ଜଙ୍ଗଲକୁ ସୁରକ୍ଷା ଦେଇହେବ, ଜୈବ ବିବିଧତା ସହ ହାତୀ ମଣିଷର ଲଢେଇକୁ ରୋକାଯାଇପାରିବ ସେ ବିଷୟରେ ସୂଚନା ଦେଇଥିଲେ। ଶେଷରେ ପ୍ଲାକାର୍ଡ ମାଧ୍ୟମରେ ସଚେତନତାର ବାର୍ତ୍ତାଲେଖି ଏକ ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନିଜ ଜୀବନକୁ ବାଜିଲଗାଇ କର୍ତ୍ତବ୍ୟ ସମ୍ପାଦନ କରିଥିବା ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ସମେତ ଯୁବ ପରିବେଶବିତ ତଥା କମଳଲୋଚନ ପଣ୍ଡା, ସବୁଜବାହିନୀ କର୍ମଚାରୀ, ସ୍ଥାନୀୟ ସମାଜସେବୀଙ୍କୁ ବିଭାଗ ପକ୍ଷରୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।

ରାସ୍ତା ମରାମତି ଦାବିରେ ପଞ୍ଚାୟତ ଅଫିସ ତାଲା ପକାଇଲେ ଗ୍ରାମବାସୀ

ବଣାଇ,୮।୧୦(ନି.ପ୍ର): ବଣାଇ ବ୍ଲକ ସରସରା ପଂଚାୟତ କାର୍ଯ୍ୟାଳୟରେ ରାସ୍ତା ମରାମତି ପାଇଁ ଗ୍ରାମବାସୀ ମାନେ ତାଲା ପକାଇ ବିକ୍ଷୋଭ କରିଥିବା ଜଣାପଡିଛି। ସୂଚନା ଅନୁସାରେ, ସାନ ସରସରା ଗ୍ରାମ ଠାରୁ ସରସରା ଗ୍ରାମ ପର୍ଯ୍ୟନ୍ତ ୪ କିଲୋମିଟର ରାସ୍ତା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଥିବା ବେଳେ ତାକୁ ମରାମତି କରିବା ପାଇଁ ବଣାଇ ଉପଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ସମୟରେ ଅଭିଯୋଗ କରିଥିଲେ ମଧ୍ୟ ରାସ୍ତା ମରାମତି ପାଇଁ ପ୍ରଶାସନ ପକ୍ଷରୁ କେହି ତତ୍ପରତା ଦେଖାଇ ନ ଥିବାରୁ ଶେଷରେ ଗ୍ରାମବାସୀ ମାନେ ଏକତ୍ର ହେଇ ରାସ୍ତା ତୁରନ୍ତ ମରାମତି ଲାଗି ସରପଞ୍ଚଙ୍କ ସାଙ୍ଗରେ ଆଲୋଚନା କରି ବିଫଳ ହେବା ପରେ ପଞ୍ଚାୟତ ଅଫିସରେ ତାଲା ପକାଇ ବିକ୍ଷୋଭ କରିବା ସହିତ ଯେ ପର୍ଯ୍ୟନ୍ତ ଏହି ସମସ୍ୟାର ସମାଧାନ ନ ହେଉଛି ଏମିତି ତାଲା ପଡି ରହିବ ବୋଲି ଗ୍ରାମବାସୀ ପ୍ରକାଶ କରିଥିଲେ। ଘଟଣା ବାବଦରେ ଖବର ପାଇ ଘଟଣା ସ୍ଥଳକୁ ବଣାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରୁଥିବା ଜଣା ପଡିଛି।

ଶୀତଳଭଣ୍ଡାରରେ ନଦୀ ସଂଯୋଗୀକରଣ ଯୋଜନା

୨ ବର୍ଷ ଧରି ଦକ୍ଷିଣ ପାର୍ଶ୍ୱ କେନାଲ କାର୍ଯ୍ୟ ବନ୍ଦ

ଆନନ୍ଦପୁର,୮।୧୦(ନି.ପ୍ର):ପ୍ରାୟ ୩ ହଜାର କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ବହୁ ପ୍ରତୀକ୍ଷିତ ଆନନ୍ଦପୁର ବ୍ୟାରେଜର ଦକ୍ଷିଣ ପାର୍ଶ୍ୱ କେନାଲ ନିର୍ମାଣ କାର୍ଯ୍ୟ ୨ ବର୍ଷ ହେଲା ବନ୍ଦ ପଡିଛି । ଫଳରେ ଅନିଶ୍ଚିତତାକୁ ଏହି ପ୍ରକଳ୍ପ ଚାଲିଯାଇଛି । ଏଭଳି ସ୍ଥିତିରେ ବିପଦ ସାଜିଛି ଏହି ଅଧାଗଢା କେନାଲ । ବ୍ୟାରେଜର ବାମପାର୍ଶ୍ୱ କେନାଲ ନିର୍ମାଣ ଶେଷ ହୋଇଥିବା ବେଳେ ଦକ୍ଷିଣପାର୍ଶ୍ୱ କେନାଲ ନିର୍ମାଣ କାମ ୨ ବର୍ଷ ହେଲା ଅଟକିଛି । ଜଳସମ୍ପଦ ବିଭାଗ ସଚିବଙ୍କ ଘନଘନ ସମୀକ୍ଷା ପରେ ବି କାମ ଆଗେଇପାରୁ ନଥିବାରୁ ଟେଣ୍ଡର ରଦ୍ଦ ପାଇଁ ବିଭାଗ ପକ୍ଷରୁ ସୁପାରିସ କରାଯାଇଥିଲା । ଆନନ୍ଦପୁର ବ୍ୟାରେଜର ବାମପାର୍ଶ୍ୱରେ

୨୮କି.ମି. କେନାଲ ନିର୍ମାଣ ସରିଛି । ଦକ୍ଷିଣପାର୍ଶ୍ୱରେ ମାତ୍ର ୨କି.ମି. କେନାଲ ନିର୍ମାଣ ଶେଷ ହୋଇଛି । ପ୍ରଥମ ଦଫାରେ ଦକ୍ଷିଣ ପାର୍ଶ୍ୱରେ ୧୪କି.ମି. କେନାଲ ନିର୍ମାଣ ପାଇଁ ସ୍ଥିତ ହୋଇଥିଲା । ଏବେ ମାତ୍ର ୯କି.ମି. ନିର୍ମାଣ କରାଯାଇଛି । ସରେଇଁ ନିକଟରେ କୁଶେଇ ନଦୀଶଯ୍ୟାରେ ଭୂତଳ କେନୋଲ ନିର୍ମାଣ ସରିଥିବା ବେଳେ ଯାଜପୁର ଜିଲ୍ଲା ସୀମାରେ କାମ ଶେଷ ହୋଇଛି । ସରେଇଁ ଗ୍ରାମ ନିକଟରେ ଜମି ଅଧିଗ୍ରହଣରେ ସମସ୍ୟା ଥିବାରୁ ସେଠାରେ କାମ ଆଗେଇ ପାରୁନାହିଁ । ଆନନ୍ଦପୁର ପୌରାଞ୍ଚଳ ୧୫ନମ୍ବର ୱାର୍ଡ ପୋଡାଖମଣ ରାସ୍ତା, ଶୈଳଙ୍ଗ ଓ କଇନିପୁରା (ବଣମୁଣ୍ଡ) ନିକଟରେ କେନାଲ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡିରହିଛି । କେନାଲରେ ପାଣି ଜମି ଥିବାରୁ ଏହା ଗୃହପାଳିତ ପଶୁ ଓ ଜନସାଧାରଣଙ୍କ ପାଇଁ ବିପଦ ସୃଷ୍ଟି କରିଛି । ଅନେକ ସ୍ଥାନରେ ମାଟି ଅତଡା ଖସି ପୋତି ହେବା ଭଳି ପରିସ୍ଥିତ ସୃଷ୍ଟି ହୋଇଛି । ଜଳସମ୍ପଦ ବିଭାଗ ଅତିରିକ୍ତ ଶାସନ ସଚିବ ଅନୁ ଗର୍ଗ କେନାଲ କାମ ସମୀକ୍ଷା କରିଥିଲେ । ହେଲେ କାମ ଆରମ୍ଭ ହୋଇପାରି ନାହିଁ । ଏ ସମ୍ପର୍କରେ ବ୍ୟାରେଜ କେନାଲ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ କେ.ପ୍ରେମକୁମାର କହିଛନ୍ତି, ଠିକାସଂସ୍ଥା ଠିକ୍‌ରେ କାମ କରୁନଥିବାରୁ ବାରମ୍ବାର ତାଗିଦ କରାଯାଇଥିଲା । ଏବେ ଟେଣ୍ଡର ବାତିଲ ପାଇଁ ବିଭାଗ ପକ୍ଷରୁ ସୁପାରିଶ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ପଠାଯାଇଛି । ନିର୍ମାଣ ଦାୟିତ୍ୱରେ ଥିବା ତିନି ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କୁ ନେଇ ବୈଠକ ହୋଇଛି ଏବଂ ନବ୍ଦଛନ ଟେଣ୍ଡରରେ ପୁଣି କାମ ଆରମ୍ଭ ହେବ ବୋଲି ଅଧିକ୍ଷଣ ଯନ୍ତ୍ରୀ ସୂଚନା ଦେଇଛନ୍ତି ।

ଗୋଧୂଳି ଗଜଲକ୍ଷ୍ମୀ ପୂଜାରେ ଯୋଗ ଦେଲେ ଉପଜିଲ୍ଲାପାଳ

ଚମ୍ପୁଆ,୮।୧୦(ନି.ପ୍ର): ପୁରପଲ୍ଲୀରେ ମା ଗଜଲକ୍ଷ୍ମୀଙ୍କ ପୂଜା ଅତି ଧୁମଧାମ ସହିତ ପାଳନ ହେଉଥିବା ବେଳେ ଗାଁ ଗାଁରେ ଏହି ଧନ ଦାତ୍ରୀ ଦେବିଙ୍କର ପୂଜା ଶ୍ରଦ୍ଧା, ଭକ୍ତି ଓ ନିଷ୍ଠାର ସହ ପାଳନ କରାଯାଉଛି। ବିଭିନ୍ନ ପୂଜା କମିଟି ଦ୍ୱାରା ପାଳିତ ଏହି ଗଜଲକ୍ଷ୍ମୀ ପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେଉଛି। ଏହି ପରିପ୍ରେକ୍ଷୀରେ ଚମ୍ପୁଆ ଏନଏସିର ୧ ନମ୍ବର ୱାର୍ଡ ଗୋଧୂଳି ଗ୍ରାମରେ ଅନୁଷ୍ଠିତ ମା ଗଜଲକ୍ଷ୍ମୀ ପୂଜାରେ ସ୍ଥାନୀୟ ଉପଜିଲ୍ଲାପାଳ ଉମାକାନ୍ତ ପରିଡା ଯୋଗଦେଇଥିଲେ। କମିଟି ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳା ଓ ପରିବେଶକୁ ଭଲପାଉଥିବା ଶ୍ରୀ ପରିଡା ଯୋଗଦେଇ ଗ୍ରାମାଞ୍ଚଳର ଉନ୍ନତି ହେଲେ ସହରାଂଚଳ ତଥା ଦେଶର ଉନ୍ନତି ହୋଇଥାଏ ବୋଲି କହିବା ସହିତ ପ୍ରତ୍ୟେକ ମା ନିଜ ପିଲାମାନଙ୍କୁ ଶିକ୍ଷାଦାନ କ୍ଷେତ୍ରରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏଥିସହିତ

ରାଜ୍ୟ ସରକାରଙ୍କ ଶିକ୍ଷା ପାଇଁ ବିଭିନ୍ନ ଯୋଜନାମାନ ଗ୍ରହଣ କରି ନିଜ ଶିଶୁକୁ ସୁନାଗରିକ କରି ଗଢିତଳିବାକୁ ଆହ୍ୱାନ ଦେଇଥିଲେ। ବିଶେଷ ଭାବରେ ଆଦିବାସୀ ଅଧିସୁତ ଅଞ୍ଚଳ ଗୁଡିକରେ ବଢୁଥିବା ନିଶା ବ୍ୟବହାର ଯୁବ ପିଢିକୁ ଭୁଲ ବାଟକୁ ନେଉଥିବାରୁ ଦିନକୁଦିନ ଯୁବ ପିଢି ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିବା କହିଥିଲେ। ଏପରିକି ଗୋଧୂଳି ଗ୍ରାମକୁ ଏକ ନିଶାମୁକ୍ତ ଗ୍ରାମ ଭାବେ ଗଠନ କରାଯାଉବୋଲି ୫୬ ବର୍ଷ ଧରି ପୂଜା କରିଆସୁଥିବା ଏହି ପୂଜା କମିଟିର ସଦସ୍ୟ ମାନଙ୍କୁ ଏବଂ ଉପସ୍ଥିତ ମା ମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ପୂର୍ବତନ ଶିକ୍ଷକ ଲକ୍ଷ୍ମିକାନ୍ତ ନାଏକ, ବୁଦ୍ଧିଜୀବି ଇଶ୍ୱର ନାଏକ, ଶିକ୍ଷକ ଅବିନାଶ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ଅନୁରୋଧ କ୍ରମେ ଶ୍ରୀ ପରିଡା ଉକ୍ତ ମଞ୍ଚରେ ଏକ ଜଗନ୍ନାଥ ଭଜନ ପରିବେଶଣ କରିଥିଲେ। ପରେପରେ ପିଲାମାନଙ୍କ ଦ୍ୱାରା ନୃତ୍ୟ ସଂଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଆଦିତ୍ୟ ଆଲୁମିନିୟମ ପକ୍ଷରୁ କୃଷକଙ୍କ ପାଇଁ କ୍ଷେତ୍ର ପରିଦର୍ଶନ

ସମ୍ବଲପୁର ରେଙ୍ଗାଲି,୮।୧୦(ନି.ପ୍ର): କୃଷକମାନଙ୍କ ଜୀବନ ଶୈଳୀରେ ଉନ୍ନତି ଆଣିବା ଓ ନୂତନ ପ୍ରଣାଳୀରେ ଚାଷ କରି ଆର୍ଥିକ ଦୃଢତା ଆଣିବା ଉଦ୍ଦେଶ୍ୟ ନେଇ ଆଦିତ୍ୟ ଆଲୁମିନିୟମ, ଲପଙ୍ଗା ତରଫରୁ ଏକ ବିଶେଷ କୃଷକ କ୍ଷେତ୍ର ପରିଦର୍ଶନ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରେଙ୍ଗାଲି ବ୍ଲକର ଜଙ୍ଗଲା, ବୋମାଲୋଇ, କତରବଗା, ଗିଚାମୁରା ଓ ଲପଙ୍ଗା ପଞ୍ଚାୟତର ମୋଟ ୪୫ ଜଣ ଚାଷୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ଅଞ୍ଚଳରେ ଥିବା ଆଞ୍ଚଳିକ ଜନକଲ୍ୟାଣ ଅନୁଷ୍ଠାନକୁ ନେଇଯାଇ ଉନ୍ନତ କୃଷି ଆଧାରିତ କାର୍ଯ୍ୟ ଓ ପ୍ରଣାଳୀ ସମ୍ପର୍କରେ ପ୍ରାୟୋଗିକ ଜ୍ଞାନ ଦିଆଯାଇଥିଲା।

ଚାଷୀମାନେ ସେଠାରେ ଜୈବିକ ସାର ପ୍ରସ୍ତୁତି, ଉନ୍ନତ ପରିବା ଚାଷ ପ୍ରଣାଳୀ, ଓ ସୌର ଶକ୍ତି ଚାଳିତ ପ୍ରକ୍ରିୟାକରଣ ୟୁନିଟ (ଯଥା ଅଦା ଆଚାର, ମସଲା, ସର୍ବତ ଇତ୍ୟାଦି ପ୍ରସ୍ତୁତି) ପରିଦର୍ଶନ କରିଥିଲେ। ପରିଶେଷରେ ଅନୁଷ୍ଠାନ ପକ୍ଷରୁ ଚାଷୀ ଜୀବନ ଉନ୍ନତି ସମ୍ପର୍କିତ ଏକ ଶିକ୍ଷାଦାୟକ କ୍ଷୁଦ୍ର ଫିଲ୍ମ ଦେଖାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମଟିକୁ ଆଦିତ୍ୟ ଆଲୁମିନିୟମର ଉପ ପ୍ରବନ୍ଧକ ମନୋରଞ୍ଜନ ବେହେରାଙ୍କ ନିତ୍ୟ ନିର୍ଦ୍ଦେଶନାରେ ପରିଚାଳନା କରାଯାଇଥିଲା ଓ ସିଏସଆର ଟିମ୍ ସମ୍ପୂର୍ଣ୍ଣ ସହଯୋଗ କରିଥିଲା । ଚାଷୀମାନେ ଏଭଳି ଉପକାରୀ ଓ ଶିକ୍ଷାଦାୟକ ଯୁଗାନ୍ତ କାରି ପ୍ରୟାସ ପାଇଁ ଆଦିତ୍ୟ ଆଲୁମିନିୟମ ଓ ପ୍ରଶାସନକୁ ଭୂରୀ ଭୂରୀ ପ୍ରଶଂସା ସହ ଧନ୍ୟବାଦ ଜଣାଇଛନ୍ତି ।

ଅସରାଏ ବର୍ଷାରେ ବିଦ୍ୟାଳୟ ପରିସରରେ ଆଣ୍ଠୁଏ ପାଣି, ଛାତ୍ର ଛାତ୍ରୀ ହିନସ୍ତା

ଚମ୍ପୁଆ,୮।୧୦(ନି.ପ୍ର): ଚମ୍ପୁଆ ଶିକ୍ଷା ବିଭାଗ ଅଧିନସ୍ତ ରଜିଆ ପଞ୍ଚାୟତର ଚତରି ସାହି ପ୍ରାଥମିକ ବିଦ୍ୟାଳୟର ଅବସ୍ଥା ଦିନକୁ ଦିନ ଦୟନିୟ ହେବାରେ ଲାଗିଛି। ଅସରାୟ ବର୍ଷା ହେଲେ ବିଦ୍ୟାଳୟର ପ୍ରବେଶ ଦ୍ୱାରଠାରୁ ଆରମ୍ଭ କରି ଶ୍ରେଣୀ ଗୃହ ପର୍ଯ୍ୟନ୍ତ ଆଣ୍ଠୁଏ ଲେଖାଏଁ ପାଣି ଜମା ରହୁଥିବା ବେଳେ ବିଦ୍ୟାଳୟକୁ ଆସୁଥିବା ଛାତ୍ର ଛାତ୍ରୀ ଓ ଶିକ୍ଷକ ଠାରୁ ଆରମ୍ଭ କରି ଅଭିଭାବକ ପର୍ଯ୍ୟନ୍ତ ନାନା ସମସ୍ୟାର ସମ୍ମୁଖିନ ହେଉଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ୨୦୦୦ ମସିହାରେ ଏହି ଚତରି ସାହିଠାରେ ଶିକ୍ଷାଦାନ ପାଇଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହୋଇଥିଲା। ମାତ୍ର ବିଭିନ୍ନ ସଂଘର୍ସ ଦେଇ ଗତି କରୁଥିବା ଏହି ବିଦ୍ୟାଳୟ ଦିନକୁ ଦିନ ତା'ର ଅସ୍ତିତ୍ୱ ହରାଇବାକୁ ବସିଲାଣି। ଚଳିତବର୍ଷ ଲଗାଣ ବର୍ଷା ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଥିବା ବେଳେ ଅସରାୟ ବର୍ଷା ହେଲେ ଏହି ବିଦ୍ୟାଳୟ ପରିଷରରେ ଅଣ୍ଠୁଏ ଲେଖାଏଁ ପାଣି ଜମା ହୋଇରହୁଛି। ମାତ୍ର ଏଥିପ୍ରତି ଶିକ୍ଷା ବିଭାଗ ବା ପଞ୍ଚାୟତ ଅଧିକାରୀଙ୍କ ନଜର ପଡିପାରୁନାହିଁ। କୁନିକୁନି ପିଲାମାନେ

ବିଦ୍ୟାଳୟକୁ ଆସୁଥିବା ବେଳେ ଏହି ପାଣି ଭିତରେ ପଶି କାଦ ସରସର ହୋଇ ବିଦ୍ୟାଳୟକୁ ଆସୁଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ ସନ୍ତୋଶ ନାଏକଙ୍କୁ ପଚାରିବାରୁ କହିଛନ୍ତି ଯେ ମୋ ପାଖରେ ଏ ନେଇ କୌଣସି ସୂଚନା ନାହିଁ ବୁଧବାର ବିଦ୍ୟାଳୟ ଖୋଲିଲା ଦିନେ ଦୁଇଦିନ ମଧ୍ୟରେ ଉକ୍ତ ବିଦ୍ୟାଳୟକୁ ଯାଇ ଆବଶ୍ୟକ ପଦକ୍ଷେପ ନିମନ୍ତେ ଖର୍ଚ୍ଚ ଅଟକଳ କରାଯିବା ସହିତ ଚମ୍ପୁଆ ବିଡିଓଙ୍କ ଦୃଷ୍ଟିକୁ ଅଣାଯାଇ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

ଗୁମୁରା ସମିତିସଭ୍ୟ ଉଦୟଙ୍କ ପରଲୋକ

ଝୁମ୍ପୁରା,୮।୧୦(ନି.ପ୍ର):ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଗୁମୁରା ପଞ୍ଚାୟତର କାର୍ଯ୍ୟରତ ସମିତିସଭ୍ୟ ଉଦୟ ପାତ୍ର(୫୫)ଙ୍କ ମଙ୍ଗଳବାର ରାତି ଦେହାନ୍ତ ହୋଇଯାଇଛି। ଫଳରେ ଗୁମୁରା ପଞ୍ଚାୟତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସେ ଜଣେ ମେଳାପୀ, ମିଷ୍ଟଭାସି, ପରପୋକାରୀ ବ୍ୟକ୍ତି ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ, ପୁଅ, ବୋହୂ ଓ ପରିବାର ବର୍ଗ ଉପସ୍ଥିତ ଥିଲେ । ତେବେ ସେ ଦୀର୍ଘଦିନ ହେବ ଯକୃତ ଜନିତ ରୋଗରେ ଚିକିତ୍ସା ହେଉଥିଲେ । ମଙ୍ଗଳବାର ସନ୍ଧ୍ୟା ସମୟରେ ସେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଚମ୍ପୁଆ ମେଡିକାଲ ନେଇଥିଲେ । ସେଠାରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା । ଉଦୟଙ୍କ ପରଲୋକ ଖବର ପାଇ ଆଖପାଖ ଅଞ୍ଚଳ ସ୍ତବ୍ଧ ହୋଇଯାଇଥିଲା । ତାଙ୍କର ଶେଷ ଦର୍ଶନ ପାଇଁ ଝୁମ୍ପୁରା ବ୍ଲକ ଅଧକ୍ଷା ମାଳତୀ ନାଏକ, ଉପାଧ୍ୟକ୍ଷ ମାନସ ରଞ୍ଜନନ ବିଶ୍ୱାଳ, ବିଡିଓ ଦୃବାନନ୍ଦ ଅଢା, ଜିଡିପ୍ଲସ ମାନସ ରଞ୍ଜନ, ପିଇଓ ଶୁଭଦର୍ଶି କର, ଝୁମ୍ପୁରା ବ୍ଲକ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ତଥା ବାଲିବନ୍ଧ ସମିତିସଭ୍ୟ ମହେନ୍ଦ୍ର ପଟ୍ଟନାୟକ, ନାରଦପୁର ସମିତିସଭ୍ୟ ଅଯୋଧ୍ୟା ନାଏକ, ଝୁମ୍ପୁରା ସମିତିସଭ୍ୟ କୁଞ୍ଜବିହାରୀ ନାଏକ, ମାଲଦା ସମିତିସଭ୍ୟ ଗୀତାଞ୍ଜଳି ପ୍ରମୁଖଙ୍କ ସମେତ ବହୁ ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଗାଁ ମଶାଣୀରେ ଉଦୟଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।

ଭିନ୍ନ ଏଟିଏମ୍‌କାର୍ଡ ଧରେଇ ୪୨ ହଜାର ଉଠାଇ ନେଲେ ଯୁବକ

ହାଟଡିହି,୮।୧୦(ନି.ପ୍ର):ଦିନକୁ ଦିନ ସାଇବର ଠକେଇ ଅଭିଯୋଗ ବଢି ଚାଲିଥିବବା ବେଳେ ଏବେ ଲୁଟେରାମାନେ ଓଟିଏମ୍ କାଉଣ୍ଟର ନିକଟରେ ଘୁରି ବୁଲୁଛନ୍ତି। କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନାରେ ଏପରି ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ ନନ୍ଦିପଦା ଥାନା ସମଣା ପଞ୍ଚାୟତ ଚାପୁଣ୍ଡିଆ ଗ୍ରାମର ବିଜୟ ସାହା ଗତକାଲି ବ୍ୟାଙ୍କ ଅଫ୍ ଇଣ୍ଡିଆର ବ୍ୟବହୃତ ଏଟିଏମ୍‌କାର୍ଡରେ ହାଟଡିହି ସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏଟିଏମ୍‌କୁ ଟଙ୍କା ଉଠାଇବାକୁ ଆସିଥିଲେ। ସେ ଏଟିଏମ୍‌ରୁ ୫ହଜାର ଟଙ୍କା ଉଠାଇ ଗଣିବା ସମୟରେ ଏଟିଏମ୍ କାର୍ଡଟି ମେସିନରେ ରହିଥିଲା । ସେଠାରେ ଠିଆ ହୋଇଥିବା ଜଣେ ଅଜଣା ବ୍ୟକ୍ତି ତାଙ୍କୁ କାର୍ଡଟି ବାହାର କରି ଭିନ୍ନ ଏକ କାର୍ଡ ତାଙ୍କ ହାତକୁ ଧରାଇ ଦେଇଥିଲେ । ସେହି ସମୟରେ ସେ ତାଙ୍କ କାର୍ଡ କି ନୁହଁ ତାହା ପରୀକ୍ଷା ନକରି ପଳାଇ ଆସିଥିଲେ । ବିଜୟ ବେଙ୍ଗାଲୁରୁଠାରେ ସୁରକ୍ଷା ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ପତ୍ନୀଙ୍କ ନାମରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ବଞ୍ଚ ଠାରେ ଜମା ଖାତା ରହିଛି । ପରଦିନ ତାଙ୍କ ମୋବାଇଲକୁ ୪୨ ହଜାର ଟଙ୍କା ଉଠାଯାଇଥିବା ମେସେଜ ଆସିବା ପରେ ସେ ସଙ୍ଗେ ସଙ୍ଗେ ତାଙ୍କ କାର୍ଡଟି ଦେଖିଥିଲେ । ତାଙ୍କର ବ୍ୟାଙ୍କ ଅଫ୍ ଇଣ୍ଡିଆ ଏଟିଏମ୍‌କାର୍ଡ ପରିବର୍ତ୍ତେ ତାଙ୍କୁ ସେହି ଅଜଣା ବ୍ୟକ୍ତି ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କର କାର୍ଡ ଧରାଇ ଦେଇଥିବା ଦେଖିଥିଲେ । ତାଙ୍କ ଏଟିଏମ୍‌କାର୍ଡ ବ୍ୟବହାର କରି ନିକଟସ୍ଥ ଏକ ପ୍ରେଟ୍ରୋଲ ପମ୍ପରୁ ୪୨ହଜାର ଟଙ୍କା ଉଠାଯାଇଛି । ଏନେଇ ସେ ନନ୍ଦିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଜଣା ବ୍ୟକ୍ତି ଜଣକ ସ୍ଥାନୀୟ ଅଞ୍ଚଳର ହୋଇଥିବା ଅନୁମାନ କରାଯାଉଛି । ଏନେଇ ନନ୍ଦିପଦା ପୋଲିସ ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛି ।

ବେଆଇନ ବାଲିଘାଟ ପାଇଁ ମୂଲ୍ୟବାନ ଗଛ କଟାକୁ ଗ୍ରାମବାସୀଙ୍କ ବିରୋଧ

ହାଟଡିହି,୮।୧୦(ନି.ପ୍ର):ବେଆଇନ୍ ବାଲିଘାଟ ପାଇଁ ରାସ୍ତା ନିର୍ମାଣ ବେଳେ ମୂଲ୍ୟବାନ ଗଛ କଟାକୁ ଗ୍ରାମବାସୀମାନେ ବିରୋଧ କରିଛନ୍ତି । ଏପରି ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ କରଗୋଳା ବୈତରଣୀ ବାଲିଘାଟ ନିକଟରେ । ପୂର୍ବରୁ ଏଠାରେ ଲିଜ୍ ବାଲିଘାଟ ଥିବାବେଳେ ପ୍ରଶାସନ ପକ୍ଷରୁ ତାହାକୁ ଏବେ ଲିଜ୍ ଦିଆଯାଇନାହିଁ । ଗ୍ରାମବାସୀମାନେ ଜଙ୍ଗଲ ବିଭାଗ ସହଯୋଗରେ ୨୦୧୭ ମସିହାରେ ହଜାର ହଜାର ଗଛ ଲଗାଇ ଏକ ସୁନ୍ଦର ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରିଥିଲେ । କିନ୍ତୁ କିଛି ବ୍ୟକ୍ତି ବେଆଇନ୍ ଭାବେ ବାଲି ଉତ୍ତୋଳନ କରିବାକୁ ଏବେ ରାସ୍ତା ନିର୍ମାଣ କରୁଛନ୍ତି । ଗ୍ରାମବାସୀଙ୍କ ଅଜାଣତରେ ମଙ୍ଗଳବାର ରାତିରେ ୫୦ରୁ ଊର୍ଦ୍ଧ୍ୱ ଶାଗୁଆନ, ଶିଶୁ, ଆକାଶିଆ ଆଦି ଗଛକୁ ଓପାଡି ଦେଇଛନ୍ତି

ଏପରିକି ଅନେକ ଗଛକୁ ଓପାଡି ନଦୀରେ ଭସାଇ ଦେଇଥିବା ଜଗବନ୍ଧୁ ଜେନା, ମୁରଲୀ ସେଠୀ, ଲକ୍ଷ୍ମୀନାରାୟଣ ନନ୍ଦ, ଜଗତ ନାରାୟଣ ଜେନା, ମହେନ୍ଦ୍ର ପଣ୍ଡା, ଅନ୍ତର୍ଯ୍ୟାମୀ ସାହୁ, ନଟବର ମହାରଣା, ବେଣୁ ଜେନା, ଶ୍ରୀଧର ଜେନା, ଗଣେଶ ଜେନା, ଗୋପାଳ ସେଠୀ, ଶୁକଦେବ ପଣ୍ଡା, ସୁବାଷ ଜେନା, କିଶୋର ଜେନା, ନାରାୟଣ ଓଝା, ନଟବର ବେହେରା, ଅଲେଖ ଜେନା, ନରହରି ପତି, ପରୀକ୍ଷିତ ଜେନା, ବଳରାମ ପଣ୍ଡା, କ୍ଷୀରୋଦ ସାହୁ, ନୀଳମଣି ଜେନା, ନରହରି ଜେନା ପ୍ରମୁଖ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଯାହାକୁ ନେଇ ଆଜି ଶତାଧିକ ଏକଜୁଟ ହୋଇ ଏପରି ବେଆଇନ ବାଲିଘାଟକୁ ବନ୍ଦ କରିବା ସହିତ ମୂଲ୍ୟବାନ ଗଛ ଓପାଡି ଥିବା ଓ ନଷ୍ଟ କରିଥିବା ଦୁର୍ବୃତ୍ତଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ।

ହଦଗଡ଼ ବନାଞ୍ଚଳ ପକ୍ଷରୁ ବନ୍ୟପ୍ରାଣୀ ସପ୍ତାହ ପାଳିତ

ଆନନ୍ଦପୁର,୮।୧୦(ନି.ପ୍ର):କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ହଦଗଡ ବନାଞ୍ଚଳ ପକ୍ଷରୁ କାଠକଟା ବନପାଳ କାର୍ଯ୍ୟାଳୟ ଠାରେ ୭୧ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ବନଖଣ୍ଡ ଅଧିକାରୀ ପ୍ରଶାନ୍ତ କୁମାର ପଣ୍ଡା,

ଏସିଏଫ୍ ଅଶୋକ କୁମାର ବିଶ୍ୱାଳ, ରେଞ୍ଜର ମାର୍ସାଲ କିସ୍କୁ ପ୍ରମୁଖ ଯୋଗ ଦେଇ ବନ୍ୟପ୍ରାଣୀ ଓ ମଣିଷଙ୍କ ମଧ୍ୟରେ କିପରି ସୁସମ୍ପର୍କ ରହିବ, ମଣିଷମାନେ ଜଙ୍ଗଲରେ ପଶି ବନ୍ୟଜନ୍ତୁ ଶିକାର କରିବେ ନାହିଁ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବନପାଳ ମଳୟ କୁମାର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ କାଠକଟା ବନପାଳ ଲକ୍ଷ୍ମୀଧର କିସ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ କଣ୍ଟିପାଳ, ସୁଜୁନାପାଳ, କାଠକଟା, ବାହିବା ଆଦି ଗ୍ରାମର ଜଙ୍ଗଲ ସୁରକ୍ଷା କମିଟିର ସଦସ୍ୟମାନେ ଯୋଗ ଦେଇଥିଲେ।

ରାଜପ୍ରସାଦରେ ପାଇକ ଆଖଡ଼ା

ତାଳଚେର, ୮।୧୦(ନି.ପ୍ର): ଉତ୍କଳର ପରମ୍ପରାକୁ ବଜାୟ ରଖିବା ନେଇ ବାରମାସରେ ତେରପର୍ବ ଓଡ଼ିଶାବାସୀ ପାଳନ କରୁଥିବା ଅବସରରେ ତାଳଚେର ରାଜପ୍ରସାଦରେ ଦଶହରା ଓ ପୂର୍ଣ୍ଣିମା ଉପଲକ୍ଷେ ରାଜା ସୌଭାଗ୍ୟ ଚନ୍ଦ୍ର ଦେବ୍ ମେମୋରିଆଲ୍ ୨୦୨୫ ପକ୍ଷରୁ ପାଇକ ଆଖଡ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ତାଳଚେରର ମା' ଅଧିଷ୍ଠାତ୍ରୀ ଦେବୀଙ୍କ ଆଜ୍ଞମାଳ ଆଣିବାପରେ ବୀରପାଇକମାନେ

ଏକ ବିରାଟ ପଟୁଆରରେ ଦଶହରା ପଡ଼ିଆଠାରୁ ବାହାରି ରାଜପ୍ରସାଦ ଠାରେ ପହଞ୍ଚିଥିଲେ ଓ ପ୍ରତ୍ୟେକ ସାହି ଛକରେ ଶ୍ରଦ୍ଧାଳୁମାନେ ମା'ଙ୍କୁ ବନ୍ଦାପନା କରି ଆର୍ଶିବାଦ ଭିକ୍ଷା କରିଥିଲେ । ଏହି ଆଖଡ଼ାରେ ବଁଅରପାଳ ବ୍ଲକ ବୁଢ଼ାପଙ୍କ, ତାଳଚେର ବ୍ଲକ ସଣ୍ଡପଡ଼ା, ଖୋଲୁଆ, ଗୋପାଳପ୍ରସାଦ ପାଇକ ସଂଘ, ମା'ହିଙ୍ଗୁଳା କ୍ଷେତ୍ରିୟ ସଂଘ (ଗୋପାପ୍ରସାଦ), କିଶୋରପାଳ, କଙ୍କିଳି, ରେଙ୍ଗାଳି, ବଜ୍ରକୋଟ, ଡ଼େରେଙ୍ଗ, କୁଲେଇ, ସୁଲେଇପାଳ, ଝୁଲାଖୁଂଟିଆ ଇତ୍ୟାଦି ଗ୍ରାମର ପ୍ରତିଯୋଗୀମାନେ ଏହି ପାଇଖଆଖଡ଼ାରେ ଭାଗନେଇ ସେମାନଙ୍କର ପାରମ୍ପାରିକ ରୀତିନୀତି ଅନୁଯାୟୀ ଖେଳପ୍ରଦର୍ଶନ କରିଥିଲେ । ବୀର କ୍ଷେତ୍ରିୟମାନେ ନିଜର ଉଚ୍ଚକୋଟୀ ବୀରତ୍ୱ ପ୍ରଦର୍ଶନ କରି ସମସ୍ତଙ୍କ ମନକୁ ଜିଣି ପାରିଥିଲେ। ଏହି କାର୍ଯ୍ୟକ୍ରମକୁ ଦେଖିବାକୁ ରାଜପ୍ରସାଦଟି ଲୋକାରଣ୍ୟ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମରେ ତାଳଚେର ଉପଜିଲ୍ଲାପାଳ ସମୀର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ତାଳଚେର ରାଜାସାହେବ ବିଜେନ୍ଦ୍ର ଚନ୍ଦ୍ର ଦେବ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ଦେଓଗାଁ ବଜାରରେ ଲକ୍ଷ୍ମୀପୂଜା

ଘଷିପୁରା,୮।୧୦(ନି.ପ୍ର):ଘଷିପୁରା ବ୍ଲକ ଅନ୍ତର୍ଗତ ଦେଓଗାଁ ବଜାରରେ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ଦୀର୍ଘବର୍ଷ ଧରି ଅନୁଷ୍ଠିତ ହେଉଥିବା ଲକ୍ଷ୍ମୀପୂଜା ମହାସମାରୋହରେ ହେଉଛି । ବଜାରରେ ଆଲୋକମାଳାରେ ସଜ୍ଜିତ କରାଯାଇ ବେଶ୍ ଆକର୍ଷଣୀୟ କରାଯାଇଛି । ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ହୋଇଛି। ସଦସ୍ୟ କାଳନ୍ଦୀ ଚରଣ ଦାସ, ଅନନ୍ତ ଚରଣ ରାଉତ, ଯୋଗେନ୍ଦ୍ର କୁମାର ପଣ୍ଡା, ପ୍ରଦୀପ

କୁମାର ପଣ୍ଡା, ରମାକାନ୍ତ ବଳଙ୍କ ସମେତ କମିଟିର ସଭାପତି ମନୋରଞ୍ଜନ ପତି, ଚିତ୍ତରଞ୍ଜନ ପାଣିଗ୍ରାହୀ, ଜୟ ପ୍ରସାଦ ଦାସ, ଦୀପୁ ସାହୁ, ପ୍ରଭାତ ପୃଷ୍ଟି, ପେଣ୍ଟଲ ଦାସ, ବିଟନ ଦାସ, ଫିନୁ ଦାସ, ଦେବୁନ ସେଠୀ, ମିଟୁଆ ନାଥ, ଡିଲୁ ଦାସଙ୍କ ସହ ବଜାରର ସମସ୍ତ ବ୍ୟବସାୟୀମାନେ ସହଯୋଗ କରିଥିଲେ ।

ଆଇନଜୀବୀ ସୁରକ୍ଷା ଆଇନ ପ୍ରଣୟନ ପାଇଁ ଦାବି

ଆଠମଲ୍ଲିକ, ୮।୧୦ (ନି.ପ୍ର):ରାଜ୍ୟ ଆଇନଜୀବୀ ପରିଷଦ ସଭ୍ୟ ତଥା ବ୍ରହ୍ମପୁର ଗଞ୍ଜାମ ଓକିଲସଂଘର ବରିଷ୍ଠ ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ହତ୍ୟା କରାଯିବା ଘଟଣାକୁ ନେଇ ବୁଧବାର ଓକିଲସଂଘ ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁଶାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସ୍ୱର୍ଗତ ଆଇନଜୀବୀ ଶ୍ରୀ ପଣ୍ଡାଙ୍କ ହତ୍ୟା ଘଟଣାକୁ ସର୍ବସମ୍ମତି ଭାବେ ଦୃଢ ନିନ୍ଦା କରାଯାଇଥିଲା । ସଭାପତି ଶ୍ରୀ ମହାପାତ୍ର ଏକ ଶୋକସଭା ପାଇଁ ପ୍ରସ୍ତାବ ଆଗତ କରିଥିଲେ। ସମ୍ପାଦକ ଅର୍ଜୁନ ରାଉଳ ପ୍ରସ୍ତାବକୁ ସମର୍ଥନ ଜଣାଇଥିଲେ । ପରେ ସ୍ୱର୍ଗତ ଶ୍ରୀ ପଣ୍ଡାଙ୍କ ଅମରଆତ୍ମାର ସଦଗତି ନିମନ୍ତେ ଦୁଇମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଆଇନଜୀବୀମାନଙ୍କ ବୃତ୍ତିକୁ ନେଇ ଘଟୁଥିବା ଏଭଳି ଘଟଣା ଉପରେ ଓକିଲସଂଘର ବରିଷ୍ଠ ଆଇନଜୀବୀ ତଥା ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅସିତ ରଞ୍ଜନ ଦେଓ, ବରିଷ୍ଠ ଆଇନଜୀବୀ ଜିତେନ୍

କୁମାର ମିଶ୍ର, ବାମନ କୁମାର ମିଶ୍ର ବିଜୟ କୁମାର ମହାକୁଡ଼ ଓ ଭବାନୀ ପ୍ରସାଦ ଜ୍ୟୋତିଷରାୟ ଏହି ହତ୍ୟାକାଣ୍ଡ ଘଟଣାକୁ ନେଇ ତୀବ୍ର ନିନ୍ଦା ପ୍ରକାଶ କରିବାସହ ଗଭୀର ଶୋକ ପ୍ରକାଶ କରି ଶୋକ ସନ୍ତପ୍ତ ପରିବାର ପ୍ରତି ସମବେଦନା ପ୍ରକାଶ କରିଥିଲେ । ଆଇନଜୀବୀମାନଙ୍କ ସୁରକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ତୁରନ୍ତ ଆଇନଜୀବୀ ସୁରକ୍ଷା ଆଇନ ଆଣିବାକୁ ଦାବି କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓକିଲସଂଘ ଉପସଭାପତି ବିଦ୍ୟୁତ କୁମାର ପାଣିଗ୍ରାହୀ, ସ୍ୱତନ୍ତ୍ର ସରକାରୀ ଓକିଲ ଅନ୍ତର୍ଯ୍ୟାମୀ ରାଉଳ, ସରକାରୀ ଓକିଲ ବିଜୟ କୁମାର ଦନ୍ତା, ସରକାରୀ ଓକିଲ ଅବନୀ କୁମାର ଆଚାର୍ଯ୍ୟ, ସୁଧାଂଶୁ କୁମାର ଶତପଥି, ଅଲେଖ ଚନ୍ଦ୍ର କର୍ମୀ, ସୁନୀଲ କୁମାର ଶାସନି, ରାଜେଶ କୁମାର ମିଶ୍ର, ଗଣେଶ ଚନ୍ଦ୍ର କର୍ମୀ, ସନ୍ତୋଷ କୁମାର ତ୍ରିପାଠୀ, ଜିତେନ୍ଦ୍ର କୁମାର ମୁଖି, ରାମଚନ୍ଦ୍ର କର୍ଣ୍ଣ, ମାଧବ ଚନ୍ଦ୍ର ସାହୁ, ଉଗ୍ରସେନ ସେଠି, ଲଲାଟେନ୍ଦୁ ଦାଶ, ପୀତବାସ ସାହୁ, ପ୍ରଭାକର କହଁର, ସୁନୀଲ କୁମାର ପ୍ରଧାନ, ସମୀର କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଓଡିଶା ରାଜ୍ୟ ଆଇନଜୀବୀ ପରିଷଦ ପ୍ରସ୍ତାବ କ୍ରମେ ଓକିଲସଂଘ ର ସମସ୍ତ ଆଇନଜୀବୀ ପେନ ଡାଉନ କରିଥିଲେ ।

ପ୍ରଦୂଷଣ ନିୟମକୁ ଜଟିଆ ଷ୍ଟିଲ ଅଣଦେଖା କରୁଥିବା ଅଭିଯୋଗ

ଦାନଗଦି /କଳିଙ୍ଗନଗର, ୮।୧୦ (ନି.ପ୍ର):ରାଜ୍ୟ ସରକାର ପରିବର୍ତ୍ତନ ହେବା ପରେ ପ୍ରାୟତ ସମସ୍ତ ବିଭାଗର ନବକଳେବର ହୋଇସାରିଛି। ମାତ୍ର ବର୍ତ୍ତମାନ ଦେଖିବାକୁ ମିଳିଛି କି ନବକଳେବର ପରେ ଦାୟିତ୍ୱରେ ଥିବା ଅଧିକାରୀ ନିଜର କାର୍ଯ୍ୟ ଠିକ୍ ଭାବରେ ସମ୍ପାଦନା କରିବାରେ ବିଫଳ ଯାହାର ଅନେକ ଉଦାହରଣ ରହିଛି। ଏହି ବିଭାଗରେ ଅଧିକାରୀମାନେ ନିଜର କାର୍ଯ୍ୟକୁ ଠିକ୍ ଭାବରେ ସମ୍ପାଦନା କରୁନଥିବା ପରି ପରିଲକ୍ଷିତ ହୋଇଛି। ଯାଜପୁର ଜିଲ୍ଲାରେ ଥିବା ଏକାଧିକ ବଡ଼ ବଡ଼ କାରଖାନା ନିଜର ବର୍ଜ୍ୟବସ୍ତୁ ଓ ବିଷାକ୍ତ ଧୂଆଁ, ବିଷାକ୍ତ ଜଳରେ ଯାଜପୁର ଜିଲ୍ଲା ପରିବେଶକୁ ନଷ୍ଟ କରୁଥିବା ବେଳେ ଅଧିକାରୀମାନେ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ଭଳି ଅନୁଭବ ହେଉଛି। ଠିକ୍ ସେହିପରି ଜଟିଆ ଷ୍ଟିଲ ଦିନ ରାତି ପ୍ରଦୂଷଣ କରୁଥିବା ବେଳେ ବାରମ୍ବାର ପ୍ରଦୂଷଣ ନିୟନ୍ତ୍ରଣ ବିଭାଗର ଅଧିକାରୀଙ୍କୁ ଅବଗତ କରାଯାଇଛି। ମାତ୍ର ଅଧିକାରୀ

କହିବା ଅନୁସାରେ ଜଟିଆ ଷ୍ଟିଲ ଅଧିକାରୀ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଅଧିକାରୀଙ୍କୁ ଅବଗତ କରିଛନ୍ତି କି ଲାଇନ୍ କଟିଗଲା ପରେ ପାଞ୍ଚ ମିନିଟ୍ ପାଇଁ ଧୂଆଁ ବାହାରୁଛି। ଯାହାକି ସମ୍ପୂର୍ଣ୍ଣ ଭାବେ ମିଥ୍ୟା ଦିନ ରାତି ପ୍ରାୟ ସମୟରେ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଛି। କିନ୍ତୁ ବାରମ୍ବାର ଅଭିଯୋଗ ହେଉଥିବା ବେଳେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନାହିଁ ଯାହାକୁ ନେଇ ଅଧିକାରୀଙ୍କ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଠିକ୍ ସେହିପରି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗକୁ ମଧ ରାଷ୍ଟ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଏକ୍ସରେ ନିର୍ଦ୍ଦେଶନା ଅଛି କି କଳିଙ୍ଗନଗରରେ ଥିବା କିଛି ନିର୍ଦ୍ଦିଷ୍ଟ କାରଖାନା ପ୍ରଦୂଷଣ କରୁଥିବା ଅଭିଯୋଗକୁ ତୁରନ୍ତ ଅନୁଧ୍ୟାନ କରନ୍ତୁ। ମାତ୍ର ବର୍ତ୍ତମାନ ସୁଦ୍ଧା ସେପରି କିଛି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇଥିବା ଦେଖିବାକୁ ମିଳିନାହିଁ। ତେଣୁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ କଳିଙ୍ଗନଗର ତଥା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ପକ୍ଷରୁ ଏପରି ଦାୟିତ୍ୱ ହିନ କାର୍ଯ୍ୟ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

ପାଲଲହଡ଼ା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ପାଲଲହଡ଼ା,୮।୧୦(ନି.ପ୍ର): ପାଲଲହଡ଼ା ଉପଖଣ୍ଡ ଷ୍ଟାଡିୟମଠାରେ ପାଲଲହଡ଼ା ଫୁଟବଲ ଆସୋସିଏସନ୍ ଆନୁକୁଲ୍ୟରେ ୩୭ ତମ ରାଜ୍ୟସ୍ତରୀୟ ପାଲଲହଡ଼ା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଠାରୁ ଆରମ୍ଭ ହୋଇଛି। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପାଲଲହଡା ଏସଡିପିଓ କୈଳାଶ ଚନ୍ଦ୍ର ସେଠି, ଦେବଗଡ଼ ସାଂସଦଙ୍କ ପ୍ରତିନିଧି ଅରୁଣ କୁମାର ସାହ, ବିଜେପି ବରିଷ୍ଠ ନେତା ଲିଙ୍ଗରାଜ ଦାସ, ବରିଷ୍ଠ ବିଜେପି ନେତା ତଥା ଆଇନଜୀବୀ ତନ୍ମୟ କୁମାର ସାହୁ, ଫୁଟବଲ କ୍ଲବର ଅଧକ୍ଷ ସୁଧାଂଶୁ କପରଦାର, ଫୁଟବଲ କ୍ଲବ ସଭାପତି ରଘୁନନ୍ଦନ ଆଚାର୍ଯ୍ୟ ଓ ସଂପାଦକ ଆଶିଷ ସାମଲ ମଞ୍ଚାସିନ ଥିଲେ। ରାଜ୍ୟର ବଛା ବଛା ଆଠ ଗୋଟି

ମ୍ୟାଚରେ ରାଉରକେଲା ବିଜୟୀ

ଟିମ୍ ଅଂଶଗ୍ରହଣ ପାଇଁ ସମ୍ମତି ଜଣାଇଥିବା ବେଳେ ଉଦ୍‌ଘାଟନୀ ମ୍ୟାଚରେ ଝାରସୁଗୁଡା ଓ ରାଉରକେଲା ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଖେଳ ଅମୀମାଂଶିତ ରହିବା ପରେ କମିଟି ର ନିଷ୍ପତି କ୍ରମେ ଟ୍ରାଇବେକର ଦ୍ୱାରା ଖେଳ ହୋଇଥିଲା। ଏଥିରେ ରାଉରକେଲା ବିଜୟୀ ହୋଇଥଲା। ରାଉରକେଲା ପ୍ରଥମ ଦଳ ଭାବରେ ସେମି ଫାଇନାଲ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଖେଳକୁ ଜାତୀୟ ସ୍ତରର ରେଫରି ଦିଲ୍ଲୀପ ରାଉତ ପରିଚାଳନା କରିଥିଲେ। ମ୍ୟାଚ୍ ବଲାଙ୍ଗୀର ଓ ସମ୍ବଲପୁର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ସୂଚନା ମିଳିଛି। ପାଲଲହଡ଼ା ଫୁଟବଲ କ୍ଲବର ଅଭୟ ନାଏକ, ବସନ୍ତ କୁମାର ବେହେରା ଓ ହରିହର ବେହେରା ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

ଓକିଲ ସଂଘର କଲମ ଛାଡ଼ ଆନ୍ଦୋଳନ

ବ୍ରହ୍ମପୁର, ୮।୧୦(ନିପ୍ର): ମହାନଗର ନିଗମ ବ୍ରହ୍ମପୁର ସହରର ଜଣେ ଜଣାଶୁଣା ବରିଷ୍ଠ ଆଇନ୍‌ଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା କରିବା ଘଟଣା ପ୍ରତିବାଦରେ ବୁଧବାର ରାଜ୍ୟର ସମସ୍ତ କୋର୍ଟରେ ଆଇନ୍‌ଜୀବୀମାନେ କଲମ ଛାଡ଼ ଆନ୍ଦୋଳନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଓକିଲ ସଂଘ ତରଫରୁ ମଧ୍ୟ ଏପରି କଲମ ଛାଡ଼ ଆନ୍ଦୋଳନ କରାଯିବା ପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ତୀବ୍ର ନିନ୍ଦା କରାଯିବା ସହ ଦୋଷୀଙ୍କୁ ତୁରନ୍ତ ଗିରଫ କରିବା ସହ ଆଇନଜୀବୀ ଶ୍ରୀ ପଣ୍ଡାଙ୍କ ପରିବାରକୁ ଏକ କୋଟି ଟଙ୍କା ସହାୟତା ପ୍ରଦାନ କରିବାକୁ ଗଞ୍ଜାମ ଓକିଲ ସଂଘ ତରଫରୁ ଦାବି କରାଯାଇଥିଲା । ପରେ ପରେ ଆଇନଜୀବୀ ଶ୍ରୀ ପଣ୍ଡାଙ୍କୁ ଗୁଳି ମାଡ଼ କରି ହତ୍ୟା କରାଯିବା ଘଟଣା ପ୍ରତିବାଦରେ ଗଞ୍ଜାମ ଓକିଲ ସଂଘର କର୍ମକର୍ତ୍ତାମାନେ ଏକ ବିରାଟ ଶୋଭାଯାତ୍ରାରେ କୋର୍ଟ ପରିସରରୁ ବାହାରି ଦକ୍ଷିଣାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚିବା ସହ ଆଇଜିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ ।

ପୋଷାକ ବଣ୍ଟନରେ ଅନିୟମିତତା: ତଦନ୍ତଦାବି

ବ୍ରହ୍ମପୁର, ୮।୧୦(ନିପ୍ର): କୁକୁଡ଼ାଖଣ୍ଡି ବ୍ଲକ୍ ଅଧୀନସ୍ଥ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଗୁଡ଼ିକରେ ୟୁନିଫର୍ମ ବଣ୍ଟନରେ ଘୋର ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ପୂର୍ବରୁ ପୂର୍ବତନ ଜିଲ୍ଲା ସମବାୟ ସଂଘ ସଭାପତି ସନାତନ ସଂଗ୍ରାମ ସିଂ ଗଜାମ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ । ଜିଲ୍ଲାପାଳ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିବା ବେଳେ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ । ବର୍ତ୍ତମାନ କୁକୁଡ଼ାଖଣ୍ଡି ବ୍ଲକର ସମିତିସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟମାନେ ଆଇସିଡ଼ିଏସ୍ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରି ଠିକ୍ ତଦନ୍ତ ପାଇଁ ଅନୁରୋଧ କରିଛନ୍ତି । ମୁଖ୍ୟମନ୍ତ୍ରୀ ପରିଧାନ ଯୋଜନା ଓ ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନାରେ ପିଲାମାନଙ୍କ ପାଇଁ ସରକାର ମାଗଣା ପୋଷାକ ପ୍ରଦାନ ବ୍ୟବସ୍ଥା କରିଛନ୍ତି । କିନ୍ତୁ କୁକୁଡ଼ାଖଣ୍ଡି ବ୍ଲକରେ ଏହି ଯୋଜନା ଠିକ୍ ରୂପେ କାର୍ଯ୍ୟକାରୀ ହେଉ ନଥିବା ଅଭିଯୋଗ ହୋଇଛି । ବ୍ଲକର ବିଭିନ୍ନ ଟେଲରିଂ ଗ୍ରୁପ୍ ଏବଂ ସ୍ୱୟଂସହାୟିକା ଗୋଷ୍ଠୀ ପିଲାଙ୍କ ପୋଷାକ ତିଆରି କାର୍ଯ୍ୟାଦେଶ ପାଇଛନ୍ତି । କିନ୍ତୁ ପୋଷାକ ତିଆରି କ୍ଷେତ୍ରରେ ଅଭିଜ୍ଞତା ନଥିବାରୁ ବଜାରରୁ ପୋଷାକ କିଣାଯାଉଥିବା ଅଭିଯୋଗ ହେଉଛି । ମାପ ମଧ୍ୟ ନିଆଯାଉ ନଥିବାରୁ ପୋଷାକ ବଡ଼ଛୋଟ ହେଉଛି ଏବଂ କିଛି ଦିନ ପରେ ଫାଟି ଯାଉଛି । ପିଲାମାନଙ୍କ ପାଇଁ ସରକାର ଯେଉଁ ଯୋଜନା କରିଥିଲେ ତାହା ବାଟବଣା ହେଉଥିବା ଭଳି ମନେ ହେଉଛି । ଗୁଳୁଗୁରେ ଶିକ୍ଷା ବିଭାଗର ଅଧିକାରୀ ତଥା ଆଇସିଡ଼ିଏସ୍‌ର ଅଧିକାରୀଙ୍କୁ ଏହି ବିଷୟରେ ଅବଗତ କରାଯାଇଛି । କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ତଦନ୍ତ ହୋଇନାହିଁ । ତୁରନ୍ତ ଏହାର ତଦନ୍ତ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ଚେତାବନି ଦେଇଛନ୍ତି ।

ଆଇନ୍‌ଜୀବୀ ହତ୍ୟାକାଣ୍ଡ: ଗୋଇନ୍ଦା ବିଫଳତାର ନିଦର୍ଶନ

ବ୍ରହ୍ମପୁର, ୮।୧୦(ନିପ୍ର) ସୋମବାର ରାତିରେ କୁମାର ପୂର୍ଣ୍ଣିମା ଉପଲକ୍ଷେ ସହରରେ ଚାରିଆଡ଼େ ଉତ୍ସବର ମାହୋଲ୍ ଚାଲିଥିବା ବେଳେ ଭାଜପାର ନେତା ତଥା ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅତ୍ୟନ୍ତ ଅନୁଗତ ଥିବା ବରିଷ୍ଠ ଆଇନ୍‌ଜୀବୀ ପୀତବାସ ପଣ୍ଡାଙ୍କୁ ଯେଉଁଭଳି ଭାବେ ଅତ୍ୟନ୍ତ ନିର୍ଦ୍ଦୟ ଓ ଜଘନ୍ୟ ଭାବେ ଦୁଇ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ହତ୍ୟାକାଣ୍ଡ ଘଟାଇ ଚାଲିଗଲେ ତାହା ଦୁର୍ଭାଗ୍ୟଜନକ । ଶ୍ରୀ ପଣ୍ଡାଙ୍କ ଭଳି ଜଣେ ସରକାରୀ ଦଳ ସହ ସମ୍ପୃକ୍ତ ରାଜନେତାଙ୍କ ଏଭଳି ଜଘନ୍ୟ ଭାବେ କୋଲ୍ଡ ବ୍ଲଡ୍ ମର୍ଡ଼ର କେବଳ ଦଳୀୟ କର୍ମୀ ନୁହଁନ୍ତି ତାଙ୍କର ଶୁଭଚିନ୍ତକ, ଶତ୍ରୁପୋ ସର୍ବୋପରି ସମସ୍ତ ସହର ବାସୀଙ୍କୁ ସ୍ତବ୍ଧ କରିଦେଇଛି । କୁମାର ପୂର୍ଣ୍ଣମୀ ଉତ୍ସବ ପରିପ୍ରେକ୍ଷୀରେ ସମ୍ବେଦନଶୀଳ ସ୍ଥାନରେ ପୋଲିସ ମୁତୟନ ବନ୍ଦୋବସ୍ତ ଓ ପୋଲିସ ପାଟ୍ରୋଲିଂ ସକ୍ରିୟ ଥିବା ବେଳେ ସହରରେ ଏଭଳି ଏକ ହାଇ ପ୍ରୋଫାଇଲ୍ ମର୍ଡ଼ର ଘଟିଯିବା ପୋଲିସର ଗୁଇନ୍ଦା ବିଭାଗର ଖବର ସଂଗ୍ରହ ପ୍ରକ୍ରିୟା ଅତ୍ୟନ୍ତ ଦୁର୍ବଳ, ଅଦକ୍ଷ, ଅବୈଜ୍ଞାନିକ ଓ ପୁରୁଣା କାଳିଆ ଅଟେ ଏଥିରୁ ପ୍ରମାଣିତ । ମୁଖ୍ୟମନ୍ତ୍ରୀ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଏସ୍ଆଇଟି ଗଠନ କରି ନିରପେକ୍ଷ ତଦନ୍ତ ଆଦେଶ ଦିଅନ୍ତୁ । ତାଙ୍କ ପରିବାରକୁ ସରକାର ଓ ଦଳ ସହାୟତାର ହାତ ବଢ଼ାନ୍ତୁ ବୋଲି ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜିବ କୁମାର ପଟ୍ଟନାୟକ ଅପିଲ୍ କରିଛନ୍ତି ।

ପୀତବାସ ପଣ୍ଡାଙ୍କ ହତ୍ୟାକାଣ୍ଡର ତଦନ୍ତ ପାଇଁ ୬ ଟିମ୍ ଗଠିତ

ବ୍ରହ୍ମପୁର, ୮।୧୦(ନିପ୍ର): ବରିଷ୍ଠ ଆଇନ୍‌ଜୀବୀ ପୀତବାସ ପଣ୍ଡା ହତ୍ୟା କାଣ୍ଡର ତଦନ୍ତ ଭାର ବ୍ରହ୍ମପୁର ଏସ୍‌ଡ଼ିପିଓଙ୍କୁ ପ୍ରଦାନ କରାଯାଇଛି । ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବଛାବଛା ପୋଲିସ ଅଧିକାରୀଙ୍କୁ ନେଇ ୬ ଗୋଟି ଟିମ୍ ଗଠନ କରାଯାଇଥିବା ନେଇ ବ୍ରହ୍ମପୁର ଏସ୍‌ପି ଡ଼. ଶର୍ବଣା ବିବେକ୍ ଏମ୍ ସୂଚନା ଦେଇଛନ୍ତି । ଏପରିକି ଗଠିତ ଟିମ୍ ଘଟଣାସ୍ଥଳ ଠାରୁ ଆରମ୍ଭ କରି ଅପରାଧୀମାନେ ଆସିଥିବା ଏବଂ ଯାଇଥିବା ରାସ୍ତାରେ ରହିଥିବା ବ୍ରହ୍ମପୁର ମହାନଗର ନିଗମର ସିସି କ୍ୟାମେରା ଠାରୁ ଆରମ୍ଭ କରି ସରକାରୀ ଓ ବେସରକାରୀ ସମେତ ପ୍ରାୟ ୪୦ ରୁ ଊର୍ଦ୍ଧ୍ୱ ସିସି ଟିଭି କ୍ୟାମେରାକୁ ଯାଞ୍ଚ କରାଯାଇ ପୋଲିସ ଟିମ୍ ଖୋଳତାଡ଼ କରୁଥିବା ସହ ସବୁ ଦିଗରୁ ତଦନ୍ତ ଜୋରଦାର ଆରମ୍ଭ ହୋଇଛି । ଦୁଇ ଡ଼ିଏସ୍‌ପିଙ୍କ ତତ୍ତ୍ୱାବଧାନରେ ପୋଲିସ ଟିମ୍‌ରେ ଆଇଆଇସି ଏବଂ ସବ୍ ଇନିସ୍ପେକ୍ଟର ସାମିଲ ଅଛନ୍ତି । ବୃତ୍ତିଗତ ଶତ୍ରୁତାରୁ ଆରମ୍ଭ କରି ପର୍ସିନାଲ୍ ଲିଙ୍କ ପର୍ଯ୍ୟନ୍ତ ସବୁ ଦିଗର ଖୋଳତାଡ଼ ଆରମ୍ଭ ହୋଇଛି ଅତି ଶୀଘ୍ର ଅପରାଧୀମାନଙ୍କୁ ଧରାଯିବ ବୋଲି ବ୍ରହ୍ମପୁର ଏସ୍‌ପି ଡ଼. ଶର୍ବଣା ବିବେକ୍ ଏମ୍ କହିଛନ୍ତି ।

ଗଞ୍ଜାମ ଓକିଲ ସଂଘ ପକ୍ଷରୁ କ୍ୟାଣ୍ଡେଲ୍ ଶୋଭାଯାତ୍ରା

ବ୍ରହ୍ମପୁର, ୯।୧୦(ନିପ୍ର): ବରିଷ୍ଠ ଆଇନ୍‌ଜୀବୀ ପୀତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା ଘଟଣା ପ୍ରତିବାଦରେ ଗଞ୍ଜାମ ଓକିଲ ସଂଘ ପକ୍ଷରୁ ଏକ କ୍ୟାଣ୍ଡେଲ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି କ୍ୟାଣ୍ଡେଲ୍ ଶୋଭାଯାତ୍ରା ସ୍ଥାନୀୟ ଗାନ୍ଧୀନଗର ଛକଠାରୁ ଏକ ବିରାଟ ପଟୁଆରରେ ବାହାରି କଂଗ୍ରେସ ଅଫିସ୍ ଦେଇ ପୁଣି ଗାନ୍ଧୀନଗର ଛକଠାରେ ଥିବା ଗାନ୍ଧୀମୂର୍ତ୍ତିଙ୍କ ଠାରେ ପହଂଚି ଆଇନ୍‌ଜୀବୀ ଶ୍ରୀ ପଣ୍ଡାଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରିବା ସହ ତାଙ୍କ ଉଦ୍ଦେଶ୍ୟରେ ସ୍ମୃତି ଚାରଣ କରିଥିଲେ । ଗଞ୍ଜାମ ଓକିଲ ସଂଘର ସହ ସମ୍ପାଦକ ଅସିତ୍ ସାବତଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା କ୍ୟାଣ୍ଡେଲ୍ ଶୋଭାଯାତ୍ରା କାର୍ଯ୍ୟକ୍ରମରେ ବରିଷ୍ଠ ଆଇନ୍‌ଜୀବୀ କପିଳେଶ୍ୱର ପଟ୍ଟନାୟକ, ମୋହନ ସିଙ୍ଗାରୀ, ନିର୍ମଳ ସାହୁ, ପ୍ରଦୀପ ବେହେରା, ପ୍ରମୋଦ ମହାରଣା, ବିରଞ୍ଚି ନାରାୟଣ ମହାପାତ୍ର, ବାପୁଜୀ ପଟ୍ଟନାୟକ, ସୁଧାକର ସେଠୀ, ସୀତାଂଶୁ ପଣ୍ଡା, କୁଞ୍ଜବିହାରୀ ପଣ୍ଡା, ତାପସ ସାହୁ, ଜଗନ୍ନାଥ ମିଶ୍ର, ସୁଧୀର ମିଶ୍ରଙ୍କ ସମେତ ବହୁ ଆଇନ୍‌ଜୀବୀମାନେ ଉପସ୍ଥିତଥିଲେ ।

ବରିଷ୍ଠ ଆଇନଜୀବୀଙ୍କ ପରଲୋକ

ବ୍ରହ୍ମପୁର, ୮।୧୦(ନିପ୍ର) : ଗଞ୍ଜାମ ଓକିଲ ସଂଘର ବରିଷ୍ଠ ସଦସ୍ୟ କିଶୋର ଚନ୍ଦ୍ର ମିଶ୍ରଙ୍କ ବିଶାଖାପାଟଣା ଏକ ଘରୋଇ ମେଡ଼ିକାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ବିୟୋଗ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା ।

ବାୟୁସେନାର ୯୩ତମ ପ୍ରତିଷ୍ଠା ଦିବସ ପାଳିତ

ବ୍ରହ୍ମପୁର, ୮।୧୦(ନିପ୍ର): ସ୍ଥାନୀୟ ଲାଞ୍ଜିପଲ୍ଲୀସ୍ଥିତ ହସ, ଯୋଗ ଓ ବ୍ୟାୟାମ କେନ୍ଦ୍ର ପରିସରରେ ଭାରତୀୟ ବାୟୁସେନାର ୯୩ ତମ ପ୍ରତିଷ୍ଠା ଦିବସ, ଓଡ଼ିଶା ବାୟୁ ସେନା

ସଂଘ, ଗଞ୍ଜାମ ଜିଲ୍ଲା ଶାଖାର ସଭାପତି ବାୟୁବୀର ସର୍ଜେଣ୍ଟ ଦେବେନ୍ଦ୍ର ସାହୁଙ୍କ ନିର୍ଦ୍ଦେଶନାରେ ଏବଂ କାର୍ଯ୍ୟକାରୀ ସମ୍ପାଦକ ବାୟୁବୀର ସର୍ଜେଣ୍ଟ୍ ଶାନ୍ତନୁ କୁମାର ମିଶ୍ର ଏବଂ କାର୍ଯ୍ୟ ନିର୍ବାହୀ ସଭ୍ୟ ବାୟୁବୀର ସର୍ଜେଣ୍ଟ୍ ରମେଶ ଚନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ପୂର୍ବାହ୍ନ ୮ଟା ସମୟରେ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ବାୟୁସେନାର ସଙ୍ଗୀତ ଗାନ ପରେ ସଭାପତି ସର୍ଜେଣ୍ଟ୍ ଶ୍ରୀ ସାହୁ ପ୍ରତିଷ୍ଠା ଦିବସର ଉଦ୍ଦେଶ୍ୟ, ମହତ୍ୱ, ଦେଶ ପାଇଁ ବାୟୁବୀରଙ୍କ ବଳିଦାନ ଓ ସେମାନଙ୍କ ବୀରତ୍ୱ ବିଷୟରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଭାବେ ନିମନ୍ତ୍ରିତ ହୋଇଥିବା ଲାଞ୍ଜିପଲ୍ଲୀସ୍ଥ ବରିଷ୍ଠ ନାଗରିକ ମଞ୍ଚର ସଭାପତି ତଥା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଉଦ୍ଭିଦ ବିଜ୍ଞାନ ପ୍ରଫେସର ଡ଼ଃ ଭାସ୍କର ପାଢ଼ୀ ତାଙ୍କର ବକ୍ତବ୍ୟରେ ଭାରତୀୟ ସେନାଙ୍କର ଦେଶମାତୃକା ପାଇଁ ସେବା, ବଳିଦାନ, ଶତ୍ରୁ ବିରୁଦ୍ଧରେ ଶକ୍ତି ପ୍ରଦର୍ଶନ ଆଦି ବିଷୟରେ ସ୍ମୃତି ଚାରଣ ଓ ଭୂୟସୀ ପ୍ରଶଂସା କରିବା ସହ ଉପସ୍ଥିତ ସମସ୍ତ ବାୟୁବୀରଙ୍କ ଆଗାମୀ ଦୀର୍ଘ ଜୀବନ ସୁଖମୟ ଓ ନିରାମୟ ହେବାପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବାୟୁସେନା ସଂଘ ଉପ ସଭାପତି ସୀମାଞ୍ଚଳ ବେହେରା, ସମ୍ପାଦକ ସର୍ଜେଣ୍ଟ୍ ଭଗତ ଜେନା, ଅନେକ କାର୍ଯ୍ୟ ନିର୍ବାହୀ ସଦସ୍ୟଙ୍କ ସମେତ ବିଂଶାଧିକ ବାୟୁବୀର ଏବଂ ଲାଞ୍ଜିପଲ୍ଲୀ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ସୁରେଶ ଜେନା, ଉପଦେଷ୍ଟା କେ. କ୍ରୀଷ୍ଣା ରାଓ ଓ କୋଷାଧକ୍ଷ ପ୍ରଫୁଲ୍ଲ ପାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

କର୍ମବୀର ବୃନ୍ଦାବନ ନାୟକଙ୍କ ୪୧ତମ ଶ୍ରାଦ୍ଧ ବାର୍ଷିକୀ

ବ୍ରହ୍ମପୁର, ୮।୧୦(ନିପ୍ର): ବୃନ୍ଦାବନ ନାୟକ ସ୍ମୃତି କମିଟି ତରଫରୁ କର୍ମବୀର ବୃନ୍ଦାବନ ନାୟକଙ୍କ ୪୧ ତମ ଶ୍ରାଦ୍ଧ ବାର୍ଷିକ ମହୋତ୍ସବ ସ୍ଥାନୀୟ ଗୀତାଭବନ ପରିସରରେ ପାଳିତ ହୋଇଯାଇଛି । ପ୍ରାତଃ ସମୟରେ ସ୍ଥାନୀୟ ନୀଳକଣ୍ଠେଶ୍ୱର ପୁଷ୍କରଣୀରେ ତିଳ ତର୍ପଣ କରାଯିବା ପରେ ସମାଧିପୀଠରେ ମାଲ୍ୟାର୍ପଣ କରାଯାଇଥିଲା । ସେହିପରି କମାପଲ୍ଲୀ ଛକଠାରେ ଥିବା ବୃନ୍ଦାବନ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇ ସ୍ମୃତି ଚାରଣ କରାଯାଇଥିଲା । ଏହି ଅବସରରେ ଏସ୍‌ଏମ୍‌ଆଇଟି ସଭାପତି ଡ଼. ଭଗବାନ ଗନ୍ତାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ରହ୍ମପୁର ପୂର୍ବତନ ସାଂସଦ ଚନ୍ଦ୍ରଶେଖର ସାହୁ, ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡ଼ି ସଭାପତି ବିକ୍ରମ କୁମାର ପଣ୍ଡା, ପୂର୍ବତନ ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ କାଜୁ ନିଗମ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ମହାରଣା, ପ୍ରମୋଦ ପଣ୍ଡା, ମହାନ୍ ସଂଘର ସଭାପତି ସୁଶାନ୍ତ ସାବତ, ରବି ପଟ୍ଟନାୟକ, ବିଚିତ୍ରାନନ୍ଦ ବେବର୍ତ୍ତା, କର୍ପୋରେଟର ଡ଼. ସୋନାଲି ଗନ୍ତାୟତ, ଜାମୁଲା ଶଙ୍କର ନାରାୟଣ ଏବଂ ଶିବ ଶଙ୍କର ସାହାଣିଙ୍କ ସମେତ ବୃନ୍ଦାବନ ନାୟକ ସ୍ମୃତି କମିଟିର ବହୁ କର୍ମକର୍ତ୍ତା ଉପସ୍ଥିତଥିଲେ ।

AFFIDAVIT

By virtue of an affidavit sworn before the Notary Public, SWAMPATNA, dated 08-10-2025, I, LILILATA SETHY, W/o-ANIL KUMAR SETHY, AT/PO-TANGARPADA, PS-PATNA, DIST-KEONJHAR, PIN-758030, declare that I have changed the name of my minor son from Ranak Sethi (old name) to Arpan Kumar Sethy (new name). Henceforth, he will be known as Arpan Kumar Sethy for all purposes.

Lililata Sethy
Deponent

AFFIDAVIT

Before Notary Public, Bhubaneswar I, Dhirendra Kumar Khandelwal, S/O, Gyarsilal Khandelwal, currently residing at Flat 815, Balaji Complex, Jharpada, Bhubaneswar 751006, do hereby solemnly affirm and declare that my name is inadvertently mentioned as Dhirendra Khandelwal in my daughter Vedika Khandelwal's educational documents (Board Certificate) however in other official documents it is mentioned as Dhirendra Kumar Khandelwal including my passport. I hereby declare that both the names in the above pertain to the one and same person Dhirendra Kumar Khandelwal.

AFFIDAVIT

I, Deepak Barik, aged about 28 years, S/o- Bhagaban Barik, resident of Aradipada, Rambhilla, Ranital, Bhadrak Rural, Bhadrak, PIN- 756111, Odisha declared by this affidavit No. 2008, dtd-05/10/2025 that now onwards I shall be known as **DEEPAK KUMAR BARIK** for all future purposes.

Centre for Community Development (CCD)
Gajapati, Contact Mobile: 9437062516

NOTICE INVITING TENDER

Tender Document No. 01 Dated: 08-10-2025

Tender: Centre for Community Development (CCD), invites tender in sealed covers under two bid system i.e. Technical Bid & Financial Bid from registered Civil Engineers / Contractors (A Class) for construction of Common Facility Centre (CFC) for Gajapati Millets and Agri Products Trust.

Date of Commencement of Tender	Last Date of & Time of Submission of Tender	Date & Time for Opening of Tender	Cost of Tender Document
08/10/2025	28/10/2025 by 2:00 PM	28/10/2025 at 3:00 PM	₹ 10.000/-

A complete set of bid documents pertaining to each tender containing the details of the terms and conditions may be downloaded from the website **www.ccdodisha.org.in**, OR **www.fmc.org.in**, OR **www.devnext.org.in** and the same can be submitted along with the cost of tender document in form of Demand Draft. Any corrigendum/addendum/information related to this Notice Inviting Tender (hereinafter referred to as "NIT") will only be uploaded in the website **www.ccdodisha.org.in** and shall not be published in any newspaper. Centre for Community Development (CCD).

Sd/- Secretary,
Centre for Community Development (CCD)

E-mail: rwdmohana@gmail.com

GOVERNMENT OF ODISHA
OFFICE OF THE EXECUTIVE ENGINEER RURAL WORKS DIVISON MOHANA

O - 849

NATIONAL COMPETITIVE BIDDING THROUGH e-Procurement

Identification No. Online Tender 05/MOHANA/2025-26

1. Name of the work : Building works
2. Total No. Work : 08 (Eight)) Nos.
3. Estimated Cost : 4.20 Lakhs to 5.04 Lakhs
4. Class of Contractor : As per Annexure
5. Period of Completion : As per Annexure
6. Other Details:-

Procurement Officer	Bid Identification No.	No. of Works	Availability of Tender online for bidding		Last Date & Time of seeking tender clarification	Date & Time of opening of tender
			From	To		
1	2	3	4	5	6	7
Executive Engineer, Rural Works Division, Mohana	Online Tender 05/MOHANA/ 2025-26	08 (Eight) Nos.	10.10.2025 from 11.00	20.10.2025 upto 5.00 PM	17.10.2025 upto 5.00 PM	22.10.2025 at 11.00 AM

Further details can be seen from the Website www.tendersodisha.gov.in

Sd/-
Executive Engineer
R.W. Division , Mohana

OIPR : 25148/11/0047/2526

ରେଜିଷ୍ଟ୍ରି ସଂ. ଡି.ଏଲ୍.-33004/99 REGD. NO. D. L.-33004/99

सत्यमेव जयते

भारत का राजपत्र
The Gazette of India

ସି.ଜି.-ଡି.ଏଲ.-ଅ-24092025-266339
CG-DL-E-24092025-266339

ଅସାଧାରଣ
EXTRAORDINARY
ଭାଗ ୨ - ଖଣ୍ଡ ୩ - ଉପ-ଖଣ୍ଡ (ii)
PART II - Section 3 - Sub-section (ii)
ପ୍ରାଧିକାରୀଙ୍କ ଦ୍ୱାରା ପ୍ରକାଶିତ
PUBLISHED BY AUTHORITY

ସଂ. ୪୧୭୬] ନୂଆଦିଲ୍ଲୀ, ମଙ୍ଗଳବାର, ସେପ୍ଟେମ୍ବର ୨୩, ୨୦୨୫/ଆଶ୍ୱିନ ୧, ୧୯୪୭
No. 4176] NEW DELHI, TUESDAY, SEPTEMBER 23, 2025/ASVINA 1, 1947

ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ
ବିଜ୍ଞପ୍ତି

ନୂଆଦିଲ୍ଲୀ ତା. ୨୩ ସେପ୍ଟେମ୍ବର, ୨୦୨୫

ଏସ୍.ଓ. ୪୨୯୪(ଇ) - ଜାତୀୟ ରାଜମାର୍ଗ ଅଧିନୀୟମ, ୧୯୫୬ (୧୯୫୬ ର ୪୮) (ଏହାପରେ ଏଥିରେ ପୂର୍ବୋକ୍ତ ଅଧିନିୟମ ଭାବରେ ବର୍ଣ୍ଣନା କରାଯାଇଛି) ର ଧାରା ୩ "କ" ଅଧିନସ୍ଥ ଉପଧାରା (୧) ରେ ପ୍ରଦତ୍ତ କ୍ଷମତାର ପ୍ରୟୋଗ କରି, ଏହା ସମାଧାନ ହେବା ପରେ ଓଡ଼ିଶାର କେନ୍ଦ୍ରାପଡ଼ା ଜିଲ୍ଲାରେ ଏନ୍.ଏଚ. ୫୩ ର ୪୩.୧୫ କି.ମି. ରୁ ୫୪.୨ କି.ମି. ପର୍ଯ୍ୟନ୍ତ ଗ୍ରାମ (ସମୂହ) ନାମ ଅଙ୍ଗୁଳାଇ-୩୨୧, ପୁରୁଷୋତ୍ତମପୁର-୨୦୧ ତାଲୁକ-ମାର୍ଶାଘାଇ ଭୂ-ଖଣ୍ଡର ନିର୍ମାଣ (ପ୍ରଶସ୍ତିକରଣ/ପେଭଡ୍ ଶୋଲ୍ଡର ସହିତ ୨-ଲେନ୍/୪-ଲେନ୍ ର ନିର୍ମାଣ ଆଦି), ରକ୍ଷଣାବେକ୍ଷଣ, ପ୍ରବନ୍ଧନ ଏବଂ କାର୍ଯ୍ୟ ଅନୁପାଳନ ପାଇଁ ସର୍ବସାଧାରଣଙ୍କ ଉପଯୋଗ ନିମନ୍ତେ ଏହି ଭୂମି ରହିଛି । ଯାହାର ସଂକ୍ଷିପ୍ତ ବର୍ଣ୍ଣନା ନିମ୍ନ ଅନୁସୂଚୀରେ ଦିଆଯାଇଛି, ଏହି ଭୂମି ଅଧିଗ୍ରହଣ ନିମନ୍ତେ କେନ୍ଦ୍ର ସରକାର ନିଜ ଉଦ୍ଦେଶ୍ୟ ଘୋଷଣା କରିଛନ୍ତି ।

ଏହି ଜମି ସମ୍ବନ୍ଧରେ ଆଗ୍ରହୀ କୌଣସି ବ୍ୟକ୍ତି ସରକାରୀ ରାଜପତ୍ର ରେ ଏହି ବିଜ୍ଞପ୍ତି ପ୍ରକାଶନର ୨୧ ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ଏପରି ଜମିର ଉପଯୋଗ ନିମନ୍ତେ କଥିତ ଆଇନର ଧାରା ୩ (ଗ)ର ଉପଧାରା (୧) ଅନୁସାରେ ନିଜର ଆପତ୍ତି ଜଣାଇ ପାରିବେ ।

ଏପରି ସମସ୍ତ ଆପତ୍ତି ଗୁଡ଼ିକ ସକ୍ଷମ ଅଧିକାରୀ, ଅର୍ଥାତ୍ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ସିଭିଲ କେନ୍ଦ୍ରାପଡ଼ାଙ୍କ ନିକଟରେ ଲିଖିତ ଭାବରେ ଆପତ୍ତିର ଉପଯୁକ୍ତ ଆଧାର ସହିତ ଦାଖଲ କରିବେ ଏବଂ ସକ୍ଷମ ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ କିମ୍ବା ଓକିଲଙ୍କ ଜରିଆରେ ଶୁଣାଣି ପାଇଁ ସୁଯୋଗ ପ୍ରଦାନ କରିବେ । ସମସ୍ତ ଆପତ୍ତିକୁ ଶୁଣିବା ପରେ ଆବଶ୍ୟକସ୍ଥଳେ ଉପଯୁକ୍ତ ଅନୁସନ୍ଧାନ କରି ସକ୍ଷମ ଅଧିକାରୀଙ୍କ ହୃଦବୋଧ ଅନୁସାରେ ଆବଶ୍ୟକ ନିର୍ଦ୍ଦେଶରେ ଆପତ୍ତିକୁ ଅନୁମୋଦନ ବା ଖାରଜ କରିବେ ।

କଥିତ ଆଇନର ଧାରା ୩ଗ ର ଉପଧାରା (୨) ଅନୁସରଣରେ ସକ୍ଷମ ଅଧିକାରୀଙ୍କ ଦ୍ୱାରା କରାଯାଇଥିବା ଯେକୌଣସି ନିର୍ଦ୍ଦେଶ ଚୂଡ଼ାନ୍ତ ହେବ ।

ଏହି ଅଧିସୂଚନା ଆଧାରରେ ଅଧିଗ୍ରହଣ ହେବାକୁ ଥିବା ଜମିର ଯୋଜନା ଏବଂ ଅନ୍ୟାନ୍ୟ ବିବରଣୀ ଇଚ୍ଛୁକ ବ୍ୟକ୍ତିଙ୍କ ନିରୀକ୍ଷଣ ନିମନ୍ତେ ଉପରୋକ୍ତ ସକ୍ଷମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ।

ଅନୁସୂଚୀ

ଓଡ଼ିଶା ରାଜ୍ୟର କେନ୍ଦ୍ରାପଡ଼ା ଜିଲ୍ଲାରେ ଜାତୀୟ ରାଜପଥ ୫୩ ର ୪୩.୧୫ କି.ମି ରୁ ୫୪.୨ କି.ମି. ପର୍ଯ୍ୟନ୍ତ ଗ୍ରାମ (ସମୂହ) ନାମ ଅଙ୍ଗୁଳାଇ-୩୨୧, ପୁରୁଷୋତ୍ତମପୁର-୨୦୧ ତାଲୁକ-ମାର୍ଶାଘାଇ ପାଇଁ ଅଧିଗ୍ରହଣ ହେବାକୁ ଥିବା ନିର୍ମାଣ ହୋଇଥିବା ଅଥବା ନିର୍ମାଣ ହୋଇ ନଥିବା ଜମିଗୁଡ଼ିକର ସବିଶେଷ ବିବରଣୀ ।

[ଫାଇଲ ସଂଖ୍ୟା : Cha/Paradip/8Lane/LA/3(a)/Kujanga/3A

ଜିଲ୍ଲା : କେନ୍ଦ୍ରାପଡ଼ା

ଶେଖ୍ ଅମିନ୍ ଖାନ୍, ନିର୍ଦ୍ଦେଶକ

https://egazette.gov.in/WriteReaDdata/2025/266339.pdf
ପ୍ରକାଶିତ ତାରିଖ ୨୩ ସେପ୍ଟେମ୍ବର ୨୦୨୫
https://bhoomirashi.gov.in

ଦ୍ରଷ୍ଟବ୍ୟ : ଏହି ବିଜ୍ଞପ୍ତିର ବ୍ୟକ୍ତିଗତ କପି ମଧ୍ୟ ସିଏଏଲଏ/ପିଆଇୟୁ/ପିଏମୟୁ/ଆରଓ/ଇଡି ଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେବ ଏବଂ ଜମି ମାଲିକମାନେ ଉକ୍ତ ବିଜ୍ଞପ୍ତିକୁ ସେଠାରେ ଦେଖିପାରିବେ ।

TATA

ଟାଟା କ୍ୟାପିଟାଲ ହାଉସିଂ ଫାଇନାନ୍ସ ଲିମିଟେଡ୍

ପଞ୍ଜୀକୃତ କାର୍ଯ୍ୟାଳୟ :୧୧ ତମ ମହଲା, ଟାୱାର ଏ, ପେନିନସୁଲା ବିଜନେସ ପାର୍କ, ଗଣପତରାଓ କଦମ ମାର୍ଗ, ଲୋୟର ପ୍ୟାରେଲ,ମୁମ୍ବାଇ- ୪୦୦୦୧୩
ଶାଖା ଠିକଣା : ଟାଟା କ୍ୟାପିଟାଲ ହାଉସିଂ ଫାଇନାନ୍ସ ଲିମିଟେଡ, ପ୍ଲଟ ନଂ- ୧୯୦, ୨୦୪ ଏବଂ ୨୦୫, ୩ୟ ମହଲା, ରବି ଟକିଜ୍ ସ୍କୋୟାର ନିକଟ, ଗୌରୀ ମନ୍ଦିର ବିପରୀତ, ଲିୱିସ୍ ରୋଡ, ଥାନା-ବଡଗଡ, ଭୁବନେଶ୍ୱର-୭୫୧୦୧୪.

ସ୍ଥାବର ସମ୍ପତ୍ତି ବିକ୍ରୟ ନିମନ୍ତେ ବିଜ୍ଞପ୍ତି
(ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୯(୧) ପାଠ କରାଯାଇ ରୁଲ୍ ୮(୬) ଅନୁଯାୟୀ)

ସିକ୍ୟୁରିଟି ଇଣ୍ଟରେଷ୍ଟ(ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୬) ଓ ରୁଲ ୯(୧) ପାଠ କରାଯାଇ ସିକ୍ୟୁରିଟି ଇଣ୍ଟରେଷ୍ଟ ଆଇନ୍, ୨୦୦୨ର ଫାଇନାନ୍ସିଆଲ ଆସେଟ୍ସ୍ ଏବଂ ଏନ୍‌ଫୋର୍ସମେଣ୍ଟର ସିକ୍ୟୁରିଟାଇଜେସନ ଏବଂ ରିକନଷ୍ଟ୍ରକ୍ସନ୍ ଅନୁଯାୟୀ ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ୧୫ ଦିନର ଇ-ନିଲାମ ବିଜ୍ଞପ୍ତି।
ଏତଦ୍ୱାରା ସର୍ବସାଧାରଣଙ୍କୁ ସାଧାରଣଭାବେ ଏବଂ ବିଶେଷକରି ନିମ୍ନଲିଖିତ ଋଣଗ୍ରହୀତା ଏବଂ/ ସହ-ଋଣଗ୍ରହୀତା, କିମ୍ବା ସେମାନଙ୍କର ଉତ୍ତରାଧିକାରୀ/ ପ୍ରତିନିଧିମାନେ (ଋଣଗ୍ରହୀତା)ମାନଙ୍କୁ ସୂଚନା ଦିଆଯାଉଛି ଯେ, ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଯାହା ଟାଟା କ୍ୟାପିଟାଲ ହାଉସିଂ ଫାଇନାନ୍ସ ଲିଃ(ଟିସିଏଚ୍‌ଏଫ୍‌ଏଲ)କୁ ବନ୍ଧକ ଦିଆଯାଇଛି, ଟିସିଏଚ୍‌ଏଫ୍‌ଏଲ୍‌ର କ୍ଷମତାପ୍ରାପ୍ତ ଅଧିକାରୀ ସେହି ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି ତାହା ୨୮-୧୦-୨୦୨୫ରେ "ଯେଉଁଠାରେ ଅଛି" ଏବଂ "ଯାହାଅଛି" ଏବଂ "ସେଥିରେ ଯାହାଅଛି" ଏବଂ "ଅପରିବର୍ତ୍ତିତ ଆଧାର"ରେ ନିମ୍ନଲିଖିତ ଋଣଗ୍ରହିତା ଏବଂ ସହ-ଋଣଗ୍ରହିତାଙ୍କ ଠାରୁ ବକେୟା ରାଶି ଆଦାୟ କରିବା ନିମନ୍ତେ ବିକ୍ରୟ କରାଯିବ । ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ରାଶି ଜମା ନିମ୍ନରେ ଉଲେଖ କରାଯାଇଛି।
ଏତଦ୍‌ଦ୍ୱାରା ସୂଚନା ଦିଆଯାଉଛି ଯେ ଯଦି ବିକ୍ରୟରେ କୌଣସି ସ୍ଥଗିତ/ ବିଘ୍ନ ନଘଟେ ତେବେ ଉପରୋକ୍ତ ସୁରକ୍ଷିତ ସାମଗ୍ରୀ/ ସମ୍ପତ୍ତି ଉପରୋକ୍ତ ତା.୨୮-୧୦-୨୦୨୫, ଅପରାହ୍ନ ୨.୦୦ ଘଣ୍ଟା ସମୟରେ ଇ-ନିଲାମ ପ୍ରଣାଳୀରେ ବିକ୍ରୟ କରାଯିବ । ଇ-ନିଲାମରେ ଅଂଶଗ୍ରହଣ କରିବା ପାଇଁ ମୁଦ ଦିଆଯାଇ ଲଫାଫା ମଧ୍ୟରେ ଇଏମଡିର ଡିମାଣ୍ଡ ଡ୍ରାଫ୍ଟ ଟିସିଏଚ୍‌ଏଫ୍‌ଏଲର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ୨୭-୧୦-୨୦୨୫ ଅପରାହ୍ନ ୫:୦୦ ଘଣ୍ଟା ସୁଦ୍ଧା କିମ୍ବା ଏହା ପୂର୍ବରୁ, ଶାଖା ଠିକଣା : ଟାଟା କ୍ୟାପିଟାଲ ହାଉସିଂ ଫାଇନାନ୍ସ ଲିମିଟେଡ, ପ୍ଲଟ ନଂ- ୧୯୦, ୨୦୪ ଏବଂ ୨୦୫, ୩ୟ ମହଲା, ରବି ଟକିଜ୍ ସ୍କୋୟାର ନିକଟ, ଗୌରୀ ମନ୍ଦିର ବିପରୀତ, ଲିୱିସ୍ ରୋଡ, ଥାନା-ବଡଗଡ, ଭୁବନେଶ୍ୱର-୭୫୧୦୧୪ରେ ଦାଖଲ କରିବାକୁ ହେବ ।
ସୁରକ୍ଷିତ ସାମଗ୍ରୀ/ସ୍ଥାବର ସମ୍ପତ୍ତି "ଯେଉଁଠାରେ ଯେପରି ଅବସ୍ଥାରେ ଅଛି" ବିକ୍ରୟ କରାଯିବ ଯାହାର ସଂକ୍ଷିପ୍ତ ବିବରଣୀ ନିମ୍ନରେ ଦିଆଯାଇଛି।

କ୍ର. ନଂ.	ଲୋନ୍ ଆକାଉଣ୍ଟ ନଂ.	ଋଣଗ୍ରହୀତା (ମାନେ)/ସହ-ଋଣଗ୍ରହୀତା (ମାନେ)/ଉତ୍ତରାଧିକାରୀ(ମାନେ)/ଆଇନତଃ ପ୍ରତିନିଧି/ ଗ୍ୟାରେଣ୍ଟର (ମାନେ)ଙ୍କ ନାମ	ଡିମାଣ୍ଡ ନୋଟିସ ତାରିଖ	ସଂରକ୍ଷିତ ମୂଲ୍ୟ	ବକେୟା ରାଶି ତାରିଖ ସୁଦ୍ଧା
1.	TCHHL0538000100231335 & TCHIN0538000100231798	ଶ୍ରୀ ସମୀର କୁମାର ନନ୍ଦ- ଋଣଗ୍ରହୀତା ଶ୍ରୀମତୀ ସୋନାଲି ନନ୍ଦ- ସହ-ଋଣଗ୍ରହୀତା	ଟ. ୧୪,୭୮,୬୦୨/- (ଚଉଦ ଲକ୍ଷ ଅଠସ୍ତରୀ ହଜାର ଛଅ ଶହ ଦୁଇ ଟଙ୍କା କେବଳ) ବକେୟା ଯାହା ଆପଣ ଲୋନ୍ ଆକାଉଣ୍ଟ ନଂ. **TCHHL0538000100231335** ରେ ପଇଠ କରିବେ ଏବଂ ଟ. ୭୨,୪୩୪/- (ବାସ୍ତରୀ ହଜାର ଚାରି ଶହ ଚଉତିରିଶ ଟଙ୍କା କେବଳ) ବକେୟା ଯାହା ଆପଣ ଲୋନ୍ ଆକାଉଣ୍ଟ ନଂ. **TCHIN0538000100231798** ରେ ପଇଠ କରିବେ, ଅର୍ଥାତ୍ ମୋଟ ଟ. ୧୫,୫୧,୦୩୬/- (ପନ୍ଦର ଲକ୍ଷ ଏକାବନ ହଜାର ଛତିଶ ଟଙ୍କା କେବଳ) ୦୭.୦୯.୨୦୨୪	ଟ.୨୬,୦୦,୦୦୦/-(ଛବିଶ ଲକ୍ଷ ଟଙ୍କା କେବଳ) ଅମାନତ ରାଶି ଜମା (ଇଏମଡି):- ଟ.୨.୬୦,୦୦୦/-(ଦୁଇ ଲକ୍ଷ ଷାଠିଏ ହଜାର ଟଙ୍କା କେବଳ) ଦଖଲର ପ୍ରକାର:-ବାସ୍ତବ	ଟ.୯୯୦୯୫/- (ଅନେଶତ ହଜାର ପଞ୍ଚାନବେ ଟଙ୍କା କେବଳ) ବକେୟା ଯାହା ଆପଣ ଏଗ୍ରିମେଣ୍ଟ ନଂ. **TCHIN0538000100231798** ରେ ପଇଠ କରିବେ ଏବଂ ଟ. ୧୬୬୬୬୪୯/- (ଷୋହଳ ଲକ୍ଷ ଛଅଷଠି ହଜାର ଛଅ ଶହ ଅଣଚାଷ ଟଙ୍କା କେବଳ) ଯାହା ଆପଣ ଏଗ୍ରିମେଣ୍ଟ ନଂ.**TCHHL0538000100231335** ରେ ପଇଠ କରିବେ, ମୋଟ ରାଶି ଟ. ୧୭୬୫୭୪୪/- (ସତର ଲକ୍ଷ ପଞ୍ଚଷଠି ହଜାର ସାତ ଶହ ଚଉରାଳିଶ ଟଙ୍କା କେବଳ) ୦୩.୧୦.୨୦୨୫

ସ୍ଥାବର ସମ୍ପତ୍ତିର ବିବରଣୀ: ଜମିର ସମସ୍ତ ଅଂଶ, ଅବସ୍ଥିତି: ଜିଲ୍ଲା-ଖୋର୍ଦ୍ଧା, ତହସିଲ-ବାଲିଅନ୍ତା, ମୌଜା-ଭଇଁଚୁଆଁ, ମ୍ୟୁଟେସନ ଖାତା ନଂ.୭୭୨/୧୪୫୧, ପ୍ଲଟ୍ ନଂ.-୧୩୯୫/୩୯୭୩, ଏରିଆ-ଏ ୦.୦୨୭୫ ଡେସିମିଲ, ସ୍ଥିତି-ସ୍ଥିତିବାନ, (କିସମ-ଘରବାରି) । ପରିସୀମା: ଉ-ରାସ୍ତା, ଦ-ପ୍ଲଟର ଅବଶିଷ୍ଟ ଅଂଶ, ପୂ-ସୀତମ୍ ସ୍ୱାଗତିକା ପଟ୍ଟନାୟକ, ପ-ପ୍ଲଟର ଅବଶିଷ୍ଟ ଅଂଶ।

ନିଲାମରେ, ସର୍ବସାଧାରଣଙ୍କୁ ସାଧାରଣ ଭାବେ ଆହ୍ୱାନ କରାଯାଉଛି ଯେ,ସେମାନେ ସେମାନଙ୍କର ବିଡ୍ (ଗୁଡିକ) ବ୍ୟକ୍ତିଗତ ଭାବେ ଦାଖଲ କରିବେ । କୌଣସି ଅଧିକାରୀ କିମ୍ବା ଅନ୍ୟ ବ୍ୟକ୍ତି ଏହି ବିକ୍ରୟ ସମ୍ବନ୍ଧରେ ସମ୍ପୃକ୍ତ ଥିବେ, ସେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ବିକ୍ରୟ କରାଯାଇଥିବା ସ୍ଥାବର ସମ୍ପତ୍ତିକୁ ନିଲାମ, ଅଧିକାର କିମ୍ବା ଅଧିକାର କରିବାକୁ କୌଣସି ଚେଷ୍ଟା କରିପାରିବେ ନାହିଁ।
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ରେ ଉଲ୍ଲେଖ ଥିବା ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରାଯିବ ଏବଂ ଅଧିକ ସର୍ତ୍ତାବଳୀ ନିମ୍ନରେ ଦିଆଯାଇଛି।
ଦ୍ରଷ୍ଟବ୍ୟ: ସମ୍ପତ୍ତିଗୁଡିକର ଇ-ନିଲାମ ପୋର୍ଟାଲ **http://sarfaesi.auctiontiger.net** ଜରିଆରେ ୨୮-୧୦-୨୦୨୫ ର ଅପରାହ୍ନ ୨.୦୦ଘଣ୍ଟାରୁ ଅପରାହ୍ନ ୩.୦୦ ମଧ୍ୟରେ ପ୍ରତ୍ୟେକ ଥର ପାଇଁ ୫ ମିନିଟର ସୀମିତ ସଂପ୍ରସାରଣ ସହିତ ଅନୁଷ୍ଠିତ ହେବ ।

ସର୍ତ୍ତାବଳୀ:

୧: ନିମ୍ନ ତଫସିଲରେ ନିର୍ଦ୍ଦିଷ୍ଟ କରାଯାଇଥିବା ବିବରଣୀଗୁଡିକ ନିମ୍ନସ୍ୱାକ୍ଷରକାରୀଙ୍କର ସର୍ବୋତ୍ତମ ସୂଚନା ଅନୁଯାୟୀ ଦିଆଯାଇଛି, କିନ୍ତୁ ଏହା ଦ୍ୱାରା ଘୋଷଣା କରାଯାଉଛି ଯେ, ନିମ୍ନ ସ୍ୱାକ୍ଷରକାରୀ କୌଣସି ତ୍ରୁଟି, ଭୁଲ ତଥ୍ୟ କିମ୍ବା ଛାଡିଯାଇଥିବା ବିଷୟବସ୍ତୁ ନିମନ୍ତେ ଉତ୍ତରଦାୟୀ ହେବେ ନାହିଁ। ଯଦି ନିଲାମ ରାଶି କିମ୍ବା ନିଲାମଧାରୀ ସମ୍ବନ୍ଧରେ କୌଣସି ବିବାଦ ଉପୁଜେ, ତେବେ ସ୍ଥାବର ସମ୍ପତ୍ତି ପୁନର୍ବାର ନିଲାମ କରାଯିବ, ଯାହା କି କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିର୍ଣ୍ଣୟ ଉପରେ ନିର୍ଭର କରେ । ୨. ସ୍ଥାବର ସମ୍ପତ୍ତି ସଂରକ୍ଷିତ ମୂଲ୍ୟଠାରୁ କମରେ ବିକ୍ରୟ କରାଯିବ ନାହିଁ। ୩. ନିଲାମ ରାଶି ବୃଦ୍ଧି ଟ. ୧୦,୦୦୦/- (ଦଶ ହଜାର ଟଙ୍କା କେବଳ) ହେବ। ୪. ସମ୍ପତ୍ତି କ୍ରୟ ନିମନ୍ତେ ସମସ୍ତ ବିଡ୍‌ରେ ଉପରଲିଖିତ ଅମାନତ ରାଶି ଯାହା ଡିମାଣ୍ଡ ଡ୍ରାଫ୍ଟ ଆକାରରେ "ଟାଟା କ୍ୟାପିଟାଲ ହାଉସିଂ ଫାଇନାନ୍ସ ଲିମିଟେଡ"ଙ୍କ ସପକ୍ଷରେ ଏହାର ଶାଖା ଠିକଣାରେ ଜମା ଦେବାକୁ ହେବ । ନିଲାମ ପରେ ସଫଳ ହୋଇନଥିବା ନିଲାମଧାରୀଙ୍କୁ ଡିମାଣ୍ଡ ଡ୍ରାଫ୍ଟ ଫେରସ୍ତ ଦିଆଯିବ । ଏନଇଏଫଟି / ଆରଟିଜିଏସ/ଆଇଏମପିଏସ ମାଧ୍ୟମରେ ଇଏମଡି ପ୍ରଦାନ କରିବା ନିମନ୍ତେ ଦୟାକରି କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ । ୫. ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତି ସଫଳ ବୋଲି ବିବେଚିତ ହେବେ ଯଦି ସେ ପୁରୁଷ/ମହିଳା ଆଇନଗତ ଭାବେ ନିଲାମ ଡାକିବାକୁ ଯୋଗ୍ୟ ଏବଂ ବିଡ୍ ଆମାଉଣ୍ଟ ଧାର୍ଯ୍ୟ ସଂରକ୍ଷିତ ମୂଲ୍ୟଠାରୁ କମ ହୋଇ ନଥିବ । କ୍ଷମତାପ୍ରାପ୍ତ ଅଧିକାରୀ ସର୍ବୋଚ୍ଚ ନିଲାମକୁ ନାକଚ କରିଦେବାର ଅଧିକାର ଅଛି, ଯେତେବେଳେ ନିଲାମ ଡକାଯାଇଥିବା ରାଶି ସ୍ପଷ୍ଟ ରୂପେ ଯଥେଷ୍ଟ ନୁହେଁ। ୬. ଲିଖିତ କାରଣ ଦର୍ଶାଇ କ୍ଷମତାପ୍ରାପ୍ତ ଅଧିକାରୀ ବିକ୍ରୟକୁ ସ୍ଥଗିତ/ବନ୍ଦ କରିବାର ନିର୍ଣ୍ଣୟ ନେଇପାରନ୍ତି। ୭. ସ୍ଥାବର ସମ୍ପତ୍ତିକୁ ଯାଞ୍ଚ କରିବା ନିମନ୍ତେ ପୂର୍ବରୁ ଯୋଗାଯୋଗ କରି ୧୪-୧୦-୨୦୨୫ ପୂର୍ବାହ୍ନ ୧୧ ଘଣ୍ଟାରୁ ଅପରାହ୍ନ ୫.୦୦ ଘଣ୍ଟା ମଧ୍ୟରେ କରିପାରିବେ। ୮. ସଫଳ ନିଲାମଧାରୀ ଘୋଷଣା ହେବା ଠିକ ପରେ କ୍ରୟ ରାଶି /ବିଡ୍ ରାଶିର ୨୫% ଅମାନତ ରାଶିକୁ ମିଶାଇ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ୨୪ ଘଣ୍ଟା ମଧ୍ୟରେ ଜମା ଦେବାକୁ ହେବ ଏବଂ ଜମା ଦେବାରେ ବିଫଳ ହେଲେ ସମ୍ପତ୍ତିକୁ ତତକ୍ଷଣାତ୍ ଘରୋଇ ସଂସ୍ଥା ଦ୍ୱାରା ନୂତନ ଭାବେ ନିଲାମ/ବିକ୍ରୟ କରାଯିବ। ୯. ଯଦି ଉପରଲିଖିତ ଅନୁଯାୟୀ ପ୍ରାଥମିକ ଜମା ଦିଆଯାଇଥାଏ, ତେବେ କ୍ରୟର ଅବଶିଷ୍ଟ ଦେୟ ରାଶି ବିକ୍ରୟ ଘୋଷଣା କରାଯିବା ତାରିଖଠାରୁ ୧୫ ଦିନ କିମ୍ବା ଏହା ପୂର୍ବରୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ଜମା ଦେବାକୁ ହେବ। ଯଦି ୧୫ତମ ଦିବସ ରବିବାର କିମ୍ବା ଅନ୍ୟ ଛୁଟି ଦିନ ହୋଇଥାଏ ତେବେ ୧୫ତମ ଦିବସ ପରେ ପ୍ରଥମ କାର୍ଯ୍ୟାଳୟ ଦିବସରେ ଜମା ଦେବାକୁ ହେବ। ୧୦. ଯଦି ଉପରଲିଖିତ ସମୟସୀମା ମଧ୍ୟରେ ଜମା ଦେବାରେ ବିଫଳ ହୁଅନ୍ତି ତେବେ ଉକ୍ତ ସମ୍ପତ୍ତିକୁ ଘରୋଇ ସଂସ୍ଥାଙ୍କ ମାଧ୍ୟମରେ ନୂତନ ଭାବେ ନିଲାମ/ବିକ୍ରୟ କରାଯିବ । ଜମା ଦିଆଯାଇଥିବା ରାଶି ସହିତ ଇଏମଡିକୁ ଟାଟା କ୍ୟାପିଟାଲ ହାଉସିଂ ଫାଇନାନ୍ସ ଲିମିଟେଡଙ୍କ ଦ୍ୱାରା ବାଜ୍ୟାପ୍ତ କରାଯିବ ଏବଂ ବିଫଳ ହୋଇଥିବା କ୍ରୟକାରୀ ସମ୍ପତ୍ତି ଉପରେ ସମସ୍ତ ଦାବି ହରାଇବେ। ୧୧. ସମ୍ପତ୍ତିର ଆଇନଗତ ସମସ୍ୟାର ବିବରଣୀ ଯାହା ଟାଟା କ୍ୟାପିଟାଲ ହାଉସିଂ ଫାଇନାନ୍ସ ଲିମିଟେଡକୁ ଜଣାଅଛି : ଉପରୋକ୍ତ ଟେବୁଲ ଅନୁଯାୟୀ, ଯାହା ସମ୍ପତ୍ତି ନିମନ୍ତେ ପ୍ରଯୁଜ୍ୟ। ଆଗ୍ରହୀ ନିଲାମଧାରୀଙ୍କୁ ଉପଦେଶ ଦିଆଯାଉଛି ଯେ, ସେମାନେ ସ୍ୱତନ୍ତ୍ର ଭାବେ ସମ୍ପତ୍ତି ଉପରେ ଥିବା ଆଇନଗତ ସମସ୍ୟାଗୁଡିକ ତନଖି କରିବା ସହିତ ସମ୍ପତ୍ତିର ସାମ୍ବିଧାନିକ ଦାୟ, ଖଜଣା, ବିଦ୍ୟୁତ ଶୁଳ୍କ ଇତ୍ୟାଦି ବକେୟା ବୁଝିନେବେ । ୧୨. ଅନ୍ୟାନ୍ୟ ବିବରଣୀ କିମ୍ବା ଇ-ନିଲାମ ନିମନ୍ତେ ଆବଶ୍ୟକ ଅନ୍‌ଲାଇନ୍ ଟ୍ରେନିଂ ନିମନ୍ତେ ଆଶାୟୀ ନିଲାମଧାରୀମାନେ ସେବା ପ୍ରଦାନକାରୀ, ଏମ/ଏସ ଇ-ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲଜିସ୍ ଲିମିଟେଡ୍ (ଅକ୍ସନଟାଇଗର), ଠିକଣା: ବି-୭୦୫, ୱାଲ ଷ୍ଟ୍ରୀଟ୍-୨, ଓରିଏଣ୍ଟ କ୍ଲବ ବିପରୀତ, ଗୁଜରାଟ କଲେଜ ନିକଟ, ଏଲିସ୍ ବ୍ରିଜ୍,ଅହମ୍ମଦାବାଦ-୩୮୦ ୦୦୬, ଗୁଜରାଟ (ଭାରତ). ଇ-ମେଲ୍ ଆଇଡି: **support@auctiontiger.net** ଏବଂ **ramprasad@auctiontiger.net** କିମ୍ବା ମନୀଷ ବଂଶଲ, ଇ-ମେଲ୍ ଆଇଡି- **Manish.Bansal@tatacapital.com**. କ୍ଷମତାପ୍ରାପ୍ତ ଅଧିକାରୀଙ୍କ ମୋ ନଂ-୮୫୮୮୯୮୩୬୯୬ରେ ଯୋଗାଯୋଗ କରିପାରିବେ। ଦୟାକରି ଆପଣଙ୍କର ପ୍ରଶ୍ନଗୁଡିକ ହ୍ୱାଟସ୍‌ଆପ୍ ନଂ- ୯୯୯୯୦୭୮୬୬୯ରେ ପଠାନ୍ତୁ। ୧୩. ସର୍ବୋଚ୍ଚ ନିଲାମଧାରୀଙ୍କୁ ଘୋଷିତ ସର୍ବୋଚ୍ଚ ରାଶି ଉପରେ ୧% ଟିଡିଏସ ଦେବାକୁ ପଡିବ । ସର୍ବୋଚ୍ଚ ନିଲାମଧାରୀ ରାଶି ସମ୍ପତ୍ତି ମାଲିକ/ଋଣଗ୍ରହୀତା(ମାନେ)ଙ୍କ **PAN** ରେ ଜମା ଦେବେ ଏବଂ ଏହି ଚାଲାଣର ଏକ ନକଲ ଆମ କମ୍ପାନୀ ନିକଟରେ ଜମା ଦେବେ। ୧୪. ଉପରୋକ୍ତ ବିଷୟରେ ବିଶଦ ବିବରଣୀ ନିମନ୍ତେ ଦୟା କରି ସୁରକ୍ଷିତ ଋଣଦାତାଙ୍କ ୱେବସାଇଟ **https://surl.li/xvylsc** ଦେଖନ୍ତୁ । ୧୫. ଦୟାକରି ଲିଙ୍କ୍ **https://www.tatacapital.com/property-disposal.html** ଦେଖନ୍ତୁ ।

ଦୟାକରି ଧ୍ୟାନ ଦିଅନ୍ତୁ – ଏହି ସମ୍ପତ୍ତି ବିକ୍ରୟ/ନିଲାମ ନିମନ୍ତେ ଉପରଲିଖିତ ନିଲାମ ଅଂଶୀଦାରଙ୍କ ବ୍ୟତୀତ ଟିସିଏଚଏଫଏଲ ଅନ୍ୟ କୌଣସି ବ୍ରୋକର/ଏଜେଣ୍ଟ ନିଯୁକ୍ତ କରିନାହାନ୍ତି। ଏହି ବିଷୟରେ ସମସ୍ତ ପ୍ରଶ୍ନ ଏବଂ ଅନୁସନ୍ଧାନ ନିମନ୍ତେ ଆଗ୍ରହୀ ବ୍ୟକ୍ତିମାନେ କେବଳ ନିମ୍ନସ୍ୱାକ୍ଷରକାରୀ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସହିତ ଯୋଗାଯୋଗ କରିପାରିବେ ।

ସ୍ଥାନ : ଓଡ଼ିଶା
ତାରିଖ : ୦୯-୧୦-୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ଟାଟା କ୍ୟାପିଟାଲ ହାଉସିଂ ଫାଇନାନ୍ସ ଲିମିଟେଡ୍

ଯୁବପିଢ଼ିଙ୍କ ପାଇଁ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ

ନାଲକୋ-ସିଟିସିସି ଏମ୍‌ଓୟୁ

ଭୁବନେଶ୍ୱର, ୮।୧୦(ନିପ୍ର): ନାଲକୋ) ଗ୍ରାମୀଣ ଯୁବବର୍ଗଙ୍କୁ ଦକ୍ଷତା ବିକାଶ ମାଧ୍ୟମରେ ସଶକ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି । ଏହିକ୍ରମରେ ଦାମନଯୋଡିତଥା ଅନୁଗୋଳ ସ୍ଥିତ କମ୍ପାନୀର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ଯୁବକମାନଙ୍କ ପାଇଁ ଏକ ଦକ୍ଷତା ତାଲିମ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ନାଲକୋ ଫାଉଣ୍ଡେସନ ଭାରତ ସରକାର ଏସଏସଏମଇ ମନ୍ତ୍ରଣାଳୟର ସେଣ୍ଟ୍ରାଲ୍ ଟୁଲ୍ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର (ସିଟିସିସି) ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି।ଏହି ପଦକ୍ଷେପର ଅଂଶ ସ୍ୱରୂପ ନାଲକୋର ମାଇନ୍ସ ଓ ରିଫାଇନାରୀ କମ୍ପ୍ଲେକ୍ସ ଅନୁଗୋଳ ପାର୍ଶ୍ୱବର ଗ୍ରାମରୁ ୨୦ ଜଣ ଲେଖାଏଁ ମୋଟ ୪୦ ଯୁବକ / ଯୁବତୀଙ୍କୁ ଭୁବନେଶ୍ୱର ସ୍ଥିତ ସିଟିସିସିଠାରେ ଏକ ପାଞ୍ଚ ମାସିଆ ଆବାସିକତାଲିମ ପ୍ରଦାନ କରାଯିବ । ଭୁବନେଶ୍ୱର ସ୍ଥିତ କର୍ପୋରେଟ କାର୍ଯ୍ୟାଳୟରେ ବିଜେନ୍ଦ୍ର ପ୍ରତାପ ସିଂହ ସିଏମ ଡି , ପଙ୍କଜ କୁମାର ଶର୍ମା ନିର୍ଦ୍ଦେଶକ (ଅର୍ଥ) ତଥା ନାଲକୋ ଫାଉଣ୍ଡେସନ୍ ଓ ସିଟିସିସି ଭୁବନେଶ୍ୱରର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି।

ଅସିଚାଳନାରେ ସମ୍ବଲପୁରକୁ ବ୍ରୋଞ୍ଜ ମେଡାଲ

ସମ୍ବଲପୁର, ୮।୧୦ (ନିପ୍ର): ଅସିଚାଳନାର ଦ୍ୱିତୀୟ ଦିବସରେ ଛାତ୍ରୀଙ୍କ କ୍ରିଡ଼ କଟକ ଜ୍ୱାହାରଲାଲ୍ ନେହେରୁ ଇଣ୍ଡୋର ଷ୍ଟାଡିୟମ ଚତୁର୍ଥ ଓଡ଼ିଶା ରାଜ୍ୟ ଅସିଚାଳନା ପ୍ରତିଯୋଗିତାରେ ଦ୍ୱିତୀୟ ଦିନରେ ସମ୍ବଲପୁରକୁ ବ୍ରୋଞ୍ଜ ମେଡାଲ ପଦକ ମିଳିଛି । ସବ ଜୁନିଅର ଇପି ରେ ହର୍ଷିତା ନାୟକ ଭାଗ ନେଇଥିଲେ ସେ ଏଥିରେ ତୃତୀୟ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ବ୍ରୋଞ୍ଜ ପଦକ ଆଣିଛନ୍ତି। ବର୍ତ୍ତମାନ ସେ ସେଣ୍ଟ ଜୋସେଫ କନଭେଣ୍ଟ ସେକେଣ୍ଡାରୀ ସ୍କୁଲର ଷଷ୍ଠ ଶ୍ରେଣୀର ଛାତ୍ରୀ । ସ୍ୱର୍ଣ୍ଣ ପଦକ ହାସଲ କରି ସ୍କୁଲ ଓ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ଏବଂ ସେ ଜାତୀୟ ସ୍ତରୀୟ ଅସିଚାଳନା ପାଇଁ ମନୋନୀତ ହୋଇଛନ୍ତି । ପଦକ ବିଜେତା କୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଡ଼ଃ ସତ୍ୟନାରାୟଣ ତାଣ୍ଡି ଅଭିନନ୍ଦନ ଜଣାଇଛନ୍ତି । ଏହି ଖବର ପାଇ ସମ୍ବଲପୁର ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି ।

ଡିଜିଟାଲ ଟିକେଟିଂରେ

ଅଗ୍ରଣୀ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ

- ଇ-ଟିକେଟ୍ ପ୍ରତି ଯାତ୍ରୀ ଆକର୍ଷିତ

ଭୁବନେଶ୍ୱର, ୮।୧୦(ନିପ୍ର): ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ଛଅ ମାସରେ ଡିଜିଟାଲ ଟିକେଟିଂରେ ଅପୂର୍ବ ବୃଦ୍ଧି ଦେଖିଛି। ଇ-ଟିକେଟିଂ, ଅଟୋମେଟିକ ଟିକେଟ୍ ଭେଣ୍ଡିଂ ମେସିନ୍ (ଏଟିଭିଏମ) ଓ ମୋବାଇଲ୍ ଆଧାରିତ ୟୁଟିଏସ (ଅଣସଂରକ୍ଷିତ) ଟିକେଟିଂରେ ଯାତ୍ରୀଙ୍କ ଆସ୍ଥା ଓ ସୁବିଧା ଅଦ୍ଭୁତ ଭାବରେ ବଢ଼ିଛି । ଏହା ରେଳମଣ୍ଡଳରେ ଯାତ୍ରୀ ସେବାକୁ ଶୀଘ୍ର, ଧାଡ଼ିମୁକ୍ତ ଓ ପ୍ରଯୁକ୍ତିମୁଖୀ କରିଛି । ଇ ଟିକେଟିଂ ପ୍ରତି ଯାତ୍ରୀମାନଙ୍କ ଆକର୍ଷଣ ବିଶେଷ ଭାବେ ବଢ଼ିଛି । ସମଗ୍ର ଟିକେଟ୍ ରେ ୬୮% ବୃଦ୍ଧି ହୋଇଛି, ଯାହା ଡିଜିଟାଲ ପଦ୍ଧତି ମାଧ୍ୟମରେ ଟିକେଟ୍ କ୍ରୟ ପ୍ରତି ଯାତ୍ରୀମାନଙ୍କ ସଚେତନତା ଓ ଆସ୍ଥାର ସ୍ପଷ୍ଟ ପରିଚୟ । ଇଟିକେଟିଂ ଦ୍ୱାରା ଟିକେଟ୍ ବିକ୍ରୟ ପୂର୍ବ ତୁଳନାରେ ୩୪.୮% ବଢ଼ିଛି ଏବଂ ମୋବାଇଲ୍ ଟିକେଟିଂ ମାଧ୍ୟମରେ ୮୫% ବୃଦ୍ଧି ହୋଇଛି । ଯାତ୍ରୀମାନେ କ୍ରମଶଃ ଡିଜିଟାଲ୍ ମାଧ୍ୟମରେ ଟିକେଟ୍ କ୍ରୟ କରିବାକୁ ଅଧିକ ପସନ୍ଦ କରୁଛନ୍ତି, ଯାହା ରେଳ ଯାତ୍ରାକୁ ଅଧିକ ସହଜ ଓ ସୁବିଧାଜନକ କରୁଛି। ଯେକୌଣସି ସ୍ଥାନରୁ ମୋବାଇଲ ଟିକେଟ୍ ବୁକିଂ କରିବାର ସୁବିଧା, ଡିଜିଟାଲ ପେମେଣ୍ଟ ମୋଡ୍‌ଗୁଡ଼ିକ (ଯେପରି କାର୍ଡ, ନେଟ୍ ବ୍ୟାଙ୍କିଂ) ସହ ଏକୀକୃତ ପ୍ରଣାଳୀ ଏବଂ ସଠିକ ସମୟ ଟିକେଟ୍ ଉପଲବ୍ଧତା ଏହାର ବ୍ୟବହାରକୁ ଦ୍ରୁତ ଭାବେ ବୃଦ୍ଧି କରିଛି । ଇ-ଟିକେଟ ଓ ମୋବାଇଲ୍ ଟିକେଟିଂ ପ୍ରଣାଳୀ ଯୋଗୁଁ ବୁକିଂ କାଉଣ୍ଟରଗୁଡ଼ିକରେ ଲମ୍ବା ଧାଡ଼ିକୁ ଦୂର କରିବାରେ ସଫଳତା ମିଳିଛି। ଯାତ୍ରୀମାନେ ଡିଜିଟାଲ ପେମେଣ୍ଟ ବିକଳ୍ପ ବ୍ୟବହାର କରି ଯେକୌଣସି ସମୟରେ ଓ ଯେକୌଣସି ସ୍ଥାନରୁ ଟିକେଟ୍ ବୁକିଂ କରିପାରୁଛନ୍ତି। ଯାହା ଯାତ୍ରୀମାନଙ୍କ ମୂଲ୍ୟବାନ ସମୟ ସଞ୍ଚୟ କରୁଛି। ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଡିଜିଟାଲ୍ ପ୍ରଣାଳୀକୁ ଆହୁରି ଶକ୍ତିଶାଳୀ କରିବା ପାଇଁ ଆପ୍ ବ୍ୟବହାରରେ ବିସ୍ତାର ଏବଂ ଏହାର ଉପଯୋଗକାରୀ ବନ୍ଧବ ଉନ୍ନୟନ, ଅଧିକ ଭିଡ଼ ଥିବା ଷ୍ଟେସନ୍‌ଗୁଡ଼ିକରେ ଅଧିକ ସ୍ଥାପନ, ନଗଦହୀନ ଟିକେଟିଂ ପ୍ରଚାର ପାଇଁ ସଚେତନତା ଅଭିଯାନ, ନିର୍ବିଘ୍ନ ପରିଚାଳନା ପାଇଁ ଡିଜିଟାଲ୍ ଢାଞ୍ଚାକୁ ଆହୁରି ଶକ୍ତିଶାଳୀ କରିବା ଏବଂ ବିଶ୍ୱସନୀୟତା ବଢ଼ାଇବା ପାଇଁ ନିୟମିତ ଅଡିଟ୍ ଓ ସିଷ୍ଟମ୍ ନିରୀକ୍ଷଣ କରୁଛି।

ସଡ଼କ ଦୁର୍ଘଟଣା: କାର ଚାଳକ ଓ ଷଣ୍ଢ ମୃତ

କୁଜଙ୍ଗ,୮।୧୦(ନିପ୍ର): କଟକ-ପାରାଦୀପ ରାସ୍ତାର ପଙ୍କପାଳ ନିକଟରେ ଘଟିଥିବା ମର୍ମନ୍ତୁଦ ଦୁର୍ଘଟଣାରେ ଜଣେ କାର ଚାଳକ ଓ ଷଣ୍ଢ ପ୍ରାଣ ହରାଇଛନ୍ତି। ଜଣେ ଆହତ ହୋଇଥିବା ଜଣାପଡ଼ିଛି। ପାରାଦୀପ ଅଭିମୁଖେ ଆସୁଥିବା ଏକ ସ୍ୱିଫ୍ଟ ଡିଜାୟାର୍ କାର କୁଜଙ୍ଗ ଥାନା ପଙ୍କପାଳ ହାଇସ୍କୁଲ ନିକଟରେ ରାସ୍ତାରେ ଶୋଇଥିବା ଏକ ଷଣ୍ଢକୁ ଧକ୍କା ଦେଇ ରାସ୍ତା କଡ଼ରେ ଥିବା ଗଛରେ ପିଟି ହୋଇଥିଲା। ଫଳରେ ଗଛ ଉପୁଡ଼ି ପଡ଼ିବା ସହିତ ଚାଳକ ଷ୍ଟିୟରିଂରେ ଚାପି ହୋଇ ଯାଇଥିଲା । ଘଟଣା ସ୍ଥଳରେ ଷଣ୍ଢର ମୃତ୍ୟୁ ହୋଇଥିବା ବେଳେ ଷ୍ଟିୟରିଂକୁ ଗ୍ୟାସ କଟରରେ କାଟି ଚାଳକକୁ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଆହତ ବ୍ୟକ୍ତିଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇ ଛାଡ଼ି ଦିଆ ଯାଇଛି । ପୋଲିସର ସୂଚନା ଅନୁଯାୟୀ କଟକ ଜିଲ୍ଲା ନରସିଂହପୁର ଥାନା ବଡବାରେଣି ଗ୍ରାମର ରସାନନ୍ଦ ନାୟକଙ୍କ ପୁଅ ଅଜିତ ନାୟକ ପାରାଦୀପର ଲକ୍ ଥାନା ଅନ୍ତର୍ଗତ ଚୂନ ଗ୍ରାମରେ ରହି ଗାଡ଼ି ଚାଳକ ରୂପେ କାର୍ଯ୍ୟ କରୁଥିଲେ। ସୋମବାର ରାତିରେ ଅଜିତ ଓ ତାଙ୍କର ଜଣେ ବନ୍ଧୁ ବସନ୍ତ ରାଉତ ରାହାମା ଅଞ୍ଚଳରେ ଚାଲିଥିବା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ଯାଇଥିଲେ । ଫେରିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ।

କୁଜଙ୍ଗ ପୋଲିସ ଓ ଅଗ୍ନିଶମ ବାହିନୀ ସମସ୍ତଙ୍କୁ ଉଦ୍ଧାର କରି ହସ୍ପିଟାଲ ନେଇଥିଲେ। ଅଜିତଙ୍କ ପତ୍ନୀ ଝରଣା ରାଣୀ ନାୟକ କୁଜଙ୍ଗ ଥାନାରେ ଏତଲା ଦେବା ପରେ ପୋଲି ମାମଲା ରୁଜୁ କରି ତଦନ୍ତ ଚଳାଇଛି।

କଳିଙ୍ଗରାଜ ଚାଷ, ଚାଷୀ ମୁହଁରେ ହସ

ଭୁବନେଶ୍ୱର, ୮।୧୦(ନିପ୍ର): ଦୃଢ଼ ଇଚ୍ଛାଶକ୍ତି ଥିଲେ ଜଟିଳରୁ ଜଟିଳତର କାର୍ଯ୍ୟ ମଧ୍ୟ ସହଜ ହୋଇପାରିବ, ଯାହାକୁ ସତ୍ୟ ପ୍ରମାଣିତ କରିଛନ୍ତି ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକ୍ ଅନ୍ତର୍ଗତ ବଞ୍ଜାରୀ ଗ୍ରାମର ଜୟଦେବ ବିଶ୍ୱାଳ । ଜଣେ ସଫଳ ଚାଷୀ ଭାବରେ ବର୍ତ୍ତମାନ ସେ ଅନେକ ଚାଷୀଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ନିଜର ୧୬ ଏକର ଜମିରେ ମକା, ପୋଟଳ, ବାଇଗଣ ଭଳି ବିଭିନ୍ନ ପନିପରିବା, ଫଳ (କଦଳୀ, ଆମ୍ବ) ଚାଷ କରିବା ସହିତ ଅଧିକାଂଶ ଜମିରେ ସେ ଧାନ ଚାଷ କରୁଛନ୍ତି । ଅଧିକ ଅମଳକ୍ଷମ ହେବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର ଝାରସୁଗୁଡ଼ା ଦ୍ୱାରା ଆୟୋଜିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେଠାରେ ଶ୍ରୀ ବିଶ୍ୱାଳଙ୍କୁ ବୈଜ୍ଞାନିକମାନେ 'କଳିଙ୍ଗରାଜ' ଚାଷ ପଦ୍ଧତି ସମ୍ବନ୍ଧୀୟ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ଏହାସହିତ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା ବିକଶିତ ଓ ପ୍ରଚାରିତ ଏହି କିସମର ବିହନ ପ୍ରଦାନ କରିଥିଲେ। ସେ ୨ ଏକର ଜମିରେ 'କଳିଙ୍ଗରାଜ' ମକା ଚାଷ କରି ଲାଭ ଉଠାଇଛନ୍ତି । ପୂର୍ବରୁ ସ୍ଥାନୀୟ ବଜାରରୁ କିଣିଥିବା ମକା ତଥା ସ୍ୱୟଂ ସଂରକ୍ଷିତ ବିହନ ଚାଷ କରି କମ ଉତ୍ପାଦନ ପାଉଥିଲେ। କିନ୍ତୁ ଝାରସୁଗୁଡ଼ା କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ସହଯୋଗ ଓ ତାଲିମ ପାଇ କଳିଙ୍ଗରାଜ ମକା ଚାଷରୁ ସେ ବର୍ଷକୁ ୨ ଲକ୍ଷ ୩୦ ହଜାର ଟଙ୍କା ପାଉଥିବାବେଳେ ୧ ଲକ୍ଷ ୧୨ ହଜାର ଟଙ୍କା ଲାଭ କରୁଛନ୍ତି । ଉନ୍ନତ ପ୍ୟାକେଜ୍ ଓ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବା ଯୋଗୁ ତାଙ୍କ ଆୟ ବୃଦ୍ଧି ପାଇଛି। ୪ଗ୍ରାମର ଚାଷୀମାନଙ୍କୁ ସେ ମକା ଚାଷରୁ ଆୟ କିଭଳି ଦ୍ୱିଗୁଣିତ ହୋଇପାରିବ ସେ ନେଇ ଜ୍ଞାନ ପ୍ରଦାନ କରୁଛନ୍ତି । ବିଭିନ୍ନ ଫସଲ ଓ ବଗିଚା ପରିଚାଳନା ପାଇଁ ପ୍ରତିଦିନ ଜଣଙ୍କୁ ନିୟୋଜିତ କରୁଛନ୍ତି । ଧାନ ଓ ମକା ଚାଷ ସମୟରେ ପ୍ରତିବର୍ଷ ଶ୍ରମ ଦିବସରେ ୨୩୦ରୁ୨୪୦ ଜଣଙ୍କୁ ନିୟୋଜିତ କରୁଛନ୍ତି। ଯାହାଦ୍ୱାରା ସେ ସ୍ଥାନୀୟ ଅଞ୍ଚଳର ଆର୍ଥିକ ପ୍ରଗତିରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛନ୍ତି ।

ରାଇରଙ୍ଗପୁର କଚେରି ପଡିଆରେ ବିକଶିତ ଓଡ଼ିଶା ପ୍ରଦର୍ଶନୀ

ରାଇରଙ୍ଗପୁର, ୮।୧୦ (ନିପ୍ର): ନୂଆଦିଲ୍ଲୀର ଇନସ୍ପାୟାର୍ ଫାଉଣ୍ଡେସନ ଆନୁକୂଲ୍ୟରେ ତିନିଦିନିଆ ବିକଶିତ ଓଡ଼ିଶା ପ୍ରଦର୍ଶନୀ-୨୦୨୫ ରାଇରଙ୍ଗପୁର ଷ୍ଟାଡିୟମ ପଡିଆଠାରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ, ରାଜ୍ୟ ବିଜେପି ସଂପାଦକ ନବୀନ ରାମ, ବିଧାୟକ ଜଲେନ ନାଏକ, ବିଧାୟକ ଭାଦବ ହାଁସଦା, ବିଧାୟକ ପ୍ରକାଶ ସୋରେନ , ପଶ୍ଚିମ ମୟୂରଭଂଜ ଜିଲ୍ଲା ବିଜେପି ସଭାପତି ଜୁରିଲାଲ ମହାନ୍ତ, ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜିବ ମହାନ୍ତି, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ମନୋଜ ଦାସ, ଅନୁଷ୍ଠାନର ସିଇଓ ବିନୋଦ କୁମାର, ପ୍ରୋଜେକ୍ଟ ମୁଖ୍ୟ ଅନିଶା ଯାଦବ, ସଂଯୋଜକ ଅଦିତୀ ସାକସେନା ପ୍ରମୁଖ ଏହାକୁ ଉଦଘାଟନ କରିଛନ୍ତି । ପ୍ରଦର୍ଶନୀରେ ୫୦ରୁ ଉର୍ଦ୍ଧ୍ୱ ସରକାରୀ ଓ ବେସରକାରୀ ସଂସ୍ଥା ଅଂଶ ଗ୍ରହଣ କରିଛନ୍ତି । ନୂତନ ଆଧାର କାର୍ଡ ଏବଂ ସଂଶୋଧନ କରାଯିବା ସହ ବିଭିନ୍ନ କର୍ମ ସଂସ୍ଥାନ ସମ୍ବନ୍ଧୀୟ ବହୁବିଧ ଯୋଜନା ଏଠାରେ ପ୍ରଦର୍ଶିତ ହୋଇଛି।ପ୍ରଦଶନୀ ପୂର୍ବାହ୍ନ ୧୦.୩୦ ରୁ ଅପରାହ୍ନ ୫.୩୦ ମିନିଟ ପର୍ଯ୍ୟନ୍ତ ଖୋଲା ରହୁଛି। ଷ୍ଟିଲ ଅଥରଟି ଅଫ୍ ଇଣ୍ଡିଆ ଲିମିଟେଡ୍, ଏସବିଆଇ, ଏମସିଏଲ, ଏଲ୍‌ଆଇସି, ଆଇସିଏଆର, ସିପେଟ, ଟ୍ରାଇଫେଡ, ତ୍ରିପୁରା ପର୍ଯ୍ୟଟନ୍, ଆୟୁଷ ମନ୍ତ୍ରାଳୟ, ମହାରାଷ୍ଟ୍ର ବାଉଁଶ ବିକାଶ ବୋର୍ଡ, ଜଳବାୟୁ ପରିବର୍ତ୍ତନ ବିଭାଗ, ଗୋଆ କେନ୍ଦ୍ରୀୟ ଜଳ ବିଭାଗ, କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଜ୍ୟ କୃଷି ବିଭାଗ ଇତ୍ୟାଦି ଏଥିରେ ଭାଗ ନେଇଛନ୍ତି ।

ମୃତ୍ୟୁ ସହ ଲଢୁଛନ୍ତି ମହାଦେବ ସହାୟତାକରିବାକୁ ନିବେଦନ

ଖପ୍ରାଖୋଲ,୮/୧୦ (ଅଶୋକ କୁମାର ବାଗ): ଖପ୍ରାଖୋଲ ବ୍ଲକ ଘୁନଶର ଗ୍ରାମର ୫୫ ବର୍ଷୀୟ ମହାଦେବ ଧରୁଆ। ଲୋକଙ୍କ ଘରେ ଦିନକୁଲିଆ କାମ କରି ନିଜ ପରିବାରରେ ଚାରିଜଣଙ୍କ ପେଟ ପୋଷୁଥିଲେ। ଗରିବ ହେଲେ ମଧ ହସଖୁସିରେ ଦିନ ଯାଉଥିଲା। କିନ୍ତୁ ଜୀବନ ଅକସ୍ମାତ ଦୁଃଖରେ ଉଜୁଡି ଗଲା।। ଗତ ଜୁନ ମାସରେ ପେଟରେ ଭୟଙ୍କର ଯନ୍ତ୍ରଣା ଆରମ୍ଭ ହେଲା। ପ୍ରଥମେ ଖପ୍ରାଖୋଲ ଡାକ୍ତରଖାନାରେ ଚିକିତ୍ସା ହେଲେ, ପରେ ତାଙ୍କ ଅବସ୍ଥା ଦେଖି ବଲାଙ୍ଗୀର ହସ୍ପିଟାଲକୁ ପଠାଯାଇଥିଲା , ସେଠୁ ବୁର୍ଲା ମେଡିକାଲକୁ ରେଫର କରାଗଲା। କିନ୍ତୁ ଗରିବ ମହାଦେବଙ୍କ ପାଖରେ ନ ଥିଲା ଆୟୁଷ୍ମାନ କାର୍ଡ, ନ ଥିଲା ଟଙ୍କା । ବଡ ପୁଅ ଅସହାୟ ହୋଇ ଦାଦନ ଯିବି କହି ସର୍ଦାରଠାରୁ ୪୦ ହଜାର ଟଙ୍କା ଆଣି ବାପାଙ୍କ ଅସ୍ତ୍ରୋପଚାର କରାଇଲେ। କିନ୍ତୁ ଭାଗ୍ୟ ତାଙ୍କ ସହିତ ନଥିଲା – ଅସ୍ତ୍ରୋପଚାର ପରେ ମଧ ସେ ସୁସ୍ଥ ହୋଇପାରିଲେ ନାହିଁଛ ବର୍ତ୍ତମାନ ପାଞ୍ଚ ମାସ ହେଲା, ସେ ଜୀବନ ଓ ମୃତ୍ୟୁ ମଧରେ ଲଢେଇ କରୁଛନ୍ତି। ପେଟର ଅସ୍ତ୍ରୋପଚାର ରେ ଥିବା ଷ୍ଟିଚ ଛିଣ୍ଡି ପେଟ ଫାଟିଯାଇଛି, ଯାହା ଦେଇ ମଳ ମୂତ୍ର ବାହାରୁଛି। ସାହାଯ୍ୟର ହାତ ବଢେଇବାକୁ କେହି ଆସୁନାହାନ୍ତି। ମହାଦେବଙ୍କ ସ୍ତ୍ରୀ ଆସୁସ୍ଥ ସ୍ୱାମୀଙ୍କ ଜୀବନ ରକ୍ଷା ପାଇଁ ପ୍ରଶାସନ ଓ ସରକାରଙ୍କୁ ଗୁହାରୀ କରିଛନ୍ତି। ସେ କହିଛନ୍ତି – ମୋର ସ୍ୱାମୀଙ୍କୁ ଉଚ୍ଚତର ଚିକିତ୍ସା ମିଳିଲେ ବଞ୍ଚିଯିବେ, ନହେଲେ ସେ ମୁହୂର୍ତ୍ତେ ମୃତ୍ୟୁକୁ ଆଲିଙ୍ଗନ କରିବେ। ସ୍ଥାନୀୟ ଲୋକେ ମଧ ଏହି ପରିବାର ପାଇଁ ପ୍ରଶାସନଙ୍କ ହସ୍ତକ୍ଷେପ ଦାବି କରୁଛନ୍ତି।

ନବକାକଳିର କାର୍ତ୍ତିକ କବିତା ଆସର

ଜଗତସିଂହପୁର,୮/୧୦ (ନି ପ୍ର) ଜଗତସିଂହପୁର ବ୍ଲକର ମୁଦପୁର ପଞ୍ଚାୟତ ସିଦ୍ଧଳର ଶ୍ରୀ ଜଗନ୍ନାଥ ମନ୍ଦିର ସଭାଗୃହରେ ସାହିତ୍ୟ ପତ୍ରିକା ନବକାକଳିର ମାସିକ ସଭା କାର୍ତ୍ତିକ କଥା ଓ କବିତା ଆସର ସମ୍ପାଦକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ପୌରୋହିତ୍ୟରେ ଶ୍ରୀରାଧାକୃଷ୍ଣଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପଣ୍ଡିତ ରବି ନାରାୟଣ ପଣ୍ଡାଙ୍କ ବେଦଧ୍ୱନିରେ ଅନୁଷ୍ଠିତ ହୋଇଯାଇଛି । ସଭାରେ ମୁଖ୍ୟ ଅତିଥି ଭାବେ ଝଙ୍କଡ଼ ସାହିତ୍ୟ ସଂସଦର ଉପସଭାପତି ଡ. ବିଷ୍ଣୁପ୍ରିୟା ଦାସ, ମୁଖ୍ୟବକ୍ତା ରୂପେ ଅଧକ୍ଷା ଡ. ବୈଜୟନ୍ତୀ ମାଳା ଶତପଥୀ, ବରେଣ୍ୟ ଅତିଥି ରୂପେ କବି ଅଜୟ କୁମାର ବେହେରା, ବାଲିଘରର ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ, ଗଙ୍ଗୋତ୍ରୀର ସମ୍ପାଦକ କୈଳାସ ଚନ୍ଦ୍ର ପ୍ରଧାନ, ପଲ୍ଲୀପ୍ରଭା ସାହିତ୍ୟ ସଂସଦର ସଭାପତି ଚୈତନ୍ୟ ରାଉତ, ଜାହ୍ନବୀର ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ , ପଣ୍ଡିତ ସୁରେନ୍ଦ୍ରନାଥ ଦାଶ ଶର୍ମା ଏବଂ ବର୍ଷିଆନ କବି ପଣ୍ଡିତ ଭସ୍କର ଚନ୍ଦ୍ର ଶତପଥୀ ଯୋଗ ଦେଇ ରାଧା କୃଷ୍ଣଙ୍କ ଉପରେ ସାରଗର୍ଭକ ଆଲୋଚନା କରିଥିଲେ । ଓଡିଶା ସାହିତ୍ୟ ଏକାଡେମୀ ଲେଖକମାନଙ୍କୁ ପ୍ରଥମେ ଲୋକଲୋଚନକୁ ଆଣିଥିବା ବହୁକଷ୍ଟ ଓ ଅର୍ଥ ବ୍ୟୟ କରି ସମ୍ପାଦକ ଓ ପ୍ରକାଶକ- ମାନେ କାର୍ଯ୍ୟ କରୁଥିବାରୁ ସେମାନଙ୍କୁ ପୁରସ୍କୃତ କରିବାକୁ ଦାବି ଜଣାଇଥିଲେ । ମାତୃପ୍ରସାଦ ଶତ୍ରୁଜି ଓ ଅମିତା ଦାସଙ୍କ ସଂଯୋଜନାରେ ୪୫ ଜଣ କବି କାର୍ତ୍ତିକ ମାସ ଉପରେ ସ୍ୱରଚିତ କବିତା ପାଠ କରିଥିଲେ । ଅମିତ ଦାସଙ୍କ ସମ୍ପାଦିତ ମିନିପତ୍ରିକା ଅପାକୁ ଅତିଥିଗଣ ଲୋକାର୍ପଣ କରିଥିଲେ ।

ଓକିଲ ସଂଘର କଲମ ଛାଡ଼

ଜଗତସିଂହପୁର,୮/୧୦(ନି ପ୍ର ରାଜ୍ୟ ଆଇନଜୀବି ପରିଷଦର ସଦସ୍ୟ ତଥା ବ୍ରହ୍ମପୁରର ବରିଷ୍ଠ ଆଇନଜୀବି ପୀତବାସ ପଣ୍ଡାଙ୍କ ହତ୍ୟା ପ୍ରତିବାଦରେ ଏବଂ ଓଡ଼ିଶା ରାଜ୍ୟ ଆଇନଜୀବି ପରିଷଦର ଆହ୍ୱାନ କ୍ରମେ ଆଜି ଜିଲ୍ଲା ଓକିଲ ସଂଘ, ଜଗତସିଂହପୁର ପକ୍ଷରୁ କଲମଛାଡ ସ୍ୱରୂପ ପ୍ରତିବାଦ କରାଯାଇଥିଲା । ଆଇନଜୀବି ସ୍ବର୍ଗତ ପୀତବାସ ପଣ୍ଡାଙ୍କ ହତ୍ୟାକୁ ଦୁର୍ଭାଗ୍ୟଜନକ କହିବା ସହିତ ଓକିଲ ସଂଘ ପକ୍ଷରୁ ଏହାର ଦୃଢ଼ ନିନ୍ଦା କରାଯାଇଥିଲା । ଏହି ଅବସରରେ ସ୍ୱର୍ଗତ ଆଇନଜୀବି ପୀତବାସ ପଣ୍ଡାଙ୍କ ହତ୍ୟାକାରୀକୁ ଶୀଘ୍ର ଗିରଫ କରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଥିଲା । ଏଥିସହିତ ମୃତ ଆଇନଜୀବିଙ୍କ ପରିବାରକୁ ଏକ କୋଟି ଟଙ୍କାର କ୍ଷତିପୂରଣ ଦାବି ସହିତ ଆଇନଜୀବି ସୁରକ୍ଷା ଆଇନ ପ୍ରଣୟନ ପାଇଁ ଉପସ୍ଥିତ ଆଇନଜୀବି ମାନେ ଦାବୀ କରିଥିଲେ । ବରିଷ୍ଠ ଆଇନଜୀବି ଗୋରାଚାନ୍ଦ କାନୁନଗୋ, ଅତୁଲ୍ୟ ଚନ୍ଦ୍ର ଦାସ, ସୌରୀ ପ୍ରସାଦ ସ୍ୱାଇଁ, ପ୍ରମୋଦ ସ୍ୱାଇଁ, ଶ୍ରୀକାନ୍ତ ନନ୍ଦ, ପୀତାମ୍ବର ପଣ୍ଡା,ଗଗନ ଚନ୍ଦ୍ର ଦାଶ, ସୁବ୍ରତ ଶତପଥୀ, ରବିନ୍ଦ୍ର କୁମାର ସ୍ୱାଇଁ, ଚନ୍ଦ୍ର ଶେଖର ନାୟକ, ସରୋଜ କୁମାର ବିଶ୍ୱାଳ, ପ୍ରସନ୍ନ କୁମାର ମହାନ୍ତି, ନରେଶ ଦାସ,ନାରାୟଣ ମହାନ୍ତି,ସୁରପ୍ରସାଦ ବାରିକ, ସଂଗ୍ରାମ କେଶରୀ ମହାପାତ୍ରପ୍ରମୁଖ ଶତାଧିକ ଆଇନଜୀବି ଯୋଗଦେଇଥିଲେ।

ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ

କୋରାପୁଟ,୮।୧୦(ନି ପ୍ର): କୋରାପୁଟ ବନଖଣ୍ଡ ଅଧିକାରୀଙ୍କ ସମ୍ମିଳନୀ ଗୃହଠାରେ ୭୧ ତମ ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। କୋରାପୁଟ ବନଖଣ୍ଡ ଅଧିକାରୀ କେ ଭି ଭାସ୍କର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କୋରାପୁଟ ଏସିଏଫ ଜଗନ୍ନାଥ ବିଷୋୟୀ, ଜୟପୁର ଏସିଏଫ ଚନ୍ଦ୍ରସେନା ପୂଜାରୀ, ବନ୍ୟପ୍ରାଣୀ ତ୍ୱାବଧାରକ ରାମକୃଷ୍ଣ ସାହୁ,ବରିଷ୍ଠ ସାମ୍ବାଦିକ ସି ଏଚ ଶାନ୍ତାକର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ।ଚଳିତ ବର୍ଷର ମନୁଷ୍ୟ ବନ୍ୟଜନ୍ତୁ ସହାବସ୍ଥାନ ବିଷୟବସ୍ତୁ ଉପରେ ଆଲୋଚନା କରାଯାଇଥିଲା। ।ବନ୍ୟପ୍ରାଣୀ ସଂରକ୍ଷଣ ଉପରେ ଉତ୍ତମ କାର୍ଯ୍ୟ କରିଥିବା କୋରାପୁଟ ଓ ଜୟପୁର ଉପଖଣ୍ଡର ଦୁଇ ଜଣ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରରେ ପୁରସ୍କୃତ କରାଯାଇଥିଲା।। କୋରାପୁଟ ଉପଖଣ୍ଡ ପାଇଁ ଏମ ସନ୍ତୋଷ ରାଓ ଏବଂ ଜୟପୁର ଉପଖଣ୍ଡ ପାଇଁ ଚନ୍ଦନ ଭେମିଡିଙ୍କୁ ପ୍ରମାଣପତ୍ର ଓ ୨୫ ହଜାର ଟଙ୍କା ଲେଖାଏଁ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।ସେମିଳିଗୁଡା ଡେପୁଟି ରେଞ୍ଜ ଅଫିସର ତ୍ରିପତି ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। କୋରାପୁଟ ରେଞ୍ଜ ଅଫିସର ଏସ.କେ.ପାହାଡ଼ସିଂ ଯୋଗଦେଇ ପରିଚାଳନା କରିଥିଲେ।କୋରାପୁଟ ବନଖଣ୍ଡ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ମାନେ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

ଚୋରି ମାମଲାରେ ଅଭିଯୁକ୍ତ ଗିରଫ

ଜୟପୁର,୮।୧୦(ନି ପ୍ର):ଜୟପୁର ହାଟପଦାରେ ଥିବା ପରଫେକ୍ଟୱିଲ୍ ସ୍କାନ୍ ଦୋକାନରୁ ଚୋରି ଘଟଣାରେ ଅଭିଯୁକ୍ତକୁ ଗିରଫ କରିଛି ଟାଉନ ପୋଲିସ।ସୁଚାନ ଅନୁଯାୟୀ ଗତ ୬ ତାରିଖ ବିଳମ୍ବିତ ରାତିରେ ଦୋକାନର ସଟର ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ସହ ନଗଦ ଟଙ୍କା ଚୋରି ହୋଇଥିବାକୁ ନେଇ ଦୋକାନ ମାଲିକ ଜୟପୁର ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ଟାଉନ୍ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ,ଏସ୍‌ଆଇ ସିଦ୍ଧାନ୍ତ ବେହେରା ସଦଳବଳେଙ୍କ ସହ ଚୋରି ହୋଇଥିବା ଦୋକାନକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ବେଳେ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରି ଅଭିଯୁକ୍ତକୁ ପୋଲିସ ଧରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତ ର ନାମ ଅଜିତ ବେନିଆ ବୟସ (୧୯) ଠିକଣା ବାବୁ ସୁନାରୀ କଲୋନି ଡଙ୍ଗାଗୁଡ଼ା ଥାନା ଜୟପୁର ବୋଲି ଜଣାପଡିଛି। ଅଭିଯୁକ୍ତ ଠାରୁ ୯ଟି ନୂତନ ପିକ୍ ଅପ୍ ଭ୍ୟାନ୍ ଟାୟାର ଏବଂ ୧୧ଟି ନୂତନ ବାଇକ୍ ଟାୟାର (ଏଫଜଦ୍) ଏବଂ ଗୋଟିଏ ଲେନୋଭୋ ଲାପଟପକୁ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଟାଉନ ଥାନା ଅଧିକାରୀ ଗଣମାଧମକୁ ସୂଚନା ଦେଇଛନ୍ତି।

ଘର ବଣ୍ଟାକୁ ନେଇ ଗଣ୍ଡଗୋଳ, ଜଣେ ଆହତ

ବରୀ,୮/୧୦(ନି ପ୍ର) : ବରୀ ବ୍ଲକ ଅନ୍ତର୍ଗତ ସାହୁପଡା ରାଜସ୍ୱ ଗ୍ରାମର ପଡା ଗାଁ ମାଟିଆପଡାର ଅଞ୍ଜନ କରଙ୍କ ବଡ଼ ପୁଅ ମନ ରଞ୍ଜନ ଓ ସାନ ପୁଅ ଜ୍ଞାନ ରଞ୍ଜନଙ୍କ ମଧ୍ୟରେ ବାପା ନିର୍ମାଣ କରିଥିବା କୋଠଘର ଭାଗ ବଣ୍ଟାକୁ ବିବାଦ ରହୁଥିଲା। ଅଭିଯୋଗ ଅନୁଯାୟୀ ଗତ ୫ ତାରିଖ ଦିନ ସାନଭାଇ ଜ୍ଞାନ ରଞ୍ଜନ କୌଣସି ଜରୁରି କାମରେ ବାପାଙ୍କ ମଟର ସାଇକେଲଟିକୁ ନେଇ ଯିବାକୁ ବାହାରିଥିବା ସମୟରେ ବଡଭାଇ ମନରଞ୍ଜନ ଅତର୍କିତ ଭାବେ କଟୁରୀ ଦ୍ୱାରା ଆକ୍ରମଣ କରିଥଲେ ଏହା ଦେଖି ଜ୍ଞାନରଞ୍ଜନଙ୍କ ପତ୍ନି ସ୍ୱର୍ଣ୍ଣ ପ୍ରଭା ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ କଟୁରୀ ଦ୍ୱାରା ମନରଞ୍ଜନ ଆକ୍ରମଣ କରିବା ସହ ମନରଞ୍ଜନଙ୍କ ପତ୍ନି ତାଙ୍କୁ କାମୁଡି ଦୁଇଟି ସ୍ଥାନରେ ଖଣ୍ଡିଆ କରି ଆହତ କରିଥିଲେ। ଜ୍ଞାନରଞ୍ଜନ ଓ ତାଙ୍କ ପତ୍ନୀ ସ୍ୱର୍ଣ୍ଣ ପ୍ରଭାଙ୍କ ଶରୀର ପ୍ରବଳ ରକ୍ତସ୍ରାବ ହେଇଥିବା ସତ୍ତ୍ୱେ ବରୀ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ ହେଁ ଥାନାରେ କାର୍ଯ୍ୟରତ ଥିବା ଅଧିକାରି ରକ୍ତ ସ୍ରାବ ହେଉଥିବା ଦେଖି ପ୍ରଥମେ ଚିକିତ୍ସା ପାଇଁ ଡ଼ାକ୍ତରଖନା ଯିବାକୁ ପରାମର୍ଶ ଦେଇଥିଲେ।

ଗଜଲକ୍ଷ୍ମୀ ମଣ୍ଡପରେ ଗହଳି

ରଘୁନାଥପୁର ୮/୧୦(ନିପ୍ର) ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଓ ବିରିଡି ବ୍ଲକ ସହିତ ଆଖପାଖ ଅଞ୍ଚଳରେ ଗତ ସୋମବାର ଠାରୁ ବିଭିନ୍ନ ମଣ୍ଡପରେ ବିଧି ବିଧାନରେ ଧନଦାତ୍ରୀ ମା ଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଥିବାବେଳେ ମଙ୍ଗଳବାର ବଡ ପୂଜା ସମ୍ପନ୍ନ ହୋଇଛି। ରଘୁନାଥପୁର ବ୍ଲକର ଧରାଧରପୁର,ଗୁଆଳିପୁର, ରାଧା ନଗର,ଚାନ୍ଦପୁର,ସିଧଭୁମି,ଗୋଠିଣା, ଗରୁଆଳ,ବରାଗୋଳ, ସାନତିହଡା,ପଣ୍ଡିଆସାହି, ତରିକୁନ୍ଦ,ବଡତିହଡା,ଚାନ୍ଦପୁର, ତାରପୁର,ଅଢେଇକୁଳ,ରେଢୁଆ,ଅୟରରେ ମା ଙ୍କ ପୂଜାଅର୍ଚ୍ଚନ କରାଯାଇଛ।ସେହିପରି ବିରିଡି ବ୍ଲକ ପଣ୍ଡିଆ ଠାରେ ମା ଶାରଳା ରାଇସ ମିଲ ସହ ସର୍ବପୁରାତନ କଣ୍ଟୁଆର ଛକ ସମେତ ବିଭିନ୍ନ ଗ୍ରାମ ବଜାରରେ ମାଙ୍କ ପୂଜା ଯଥାବିଧିରେ ମଣ୍ଡପରେ ପୂଜାପାଉଛନ୍ତିଛମଣ୍ଡପ ମାନଙ୍କ ରେ ସୁସଜିତ ଆଲୋକ ମାଳା ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ କୁ ନେଇ ଦର୍ଶକଙ୍କ ଭିଡ ଜମୁଥିବା ଦେଖିବାକୁ ମିଳୁଛି।



ମହିଳା ବିଶ୍ୱକପ: ଅଷ୍ଟ୍ରେଲିଆ ଠାରୁ ହାରିଲା ପାକିସ୍ତାନ

ନୂଆଦିଲ୍ଲୀ,୮।୧୦(ଏଜେନ୍ସି): ଚଳିତ ମହିଳା ବିଶ୍ୱକପର ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ପାକିସ୍ତାନକୁ ୧୦୭ ରନରେ ପରାସ୍ତ କରିଛି ଅଷ୍ଟ୍ରେଲିଆ। ପାକିସ୍ତାନର ଏହା କ୍ରମାଗତ ତୃତୀୟ ପରାଜୟ। ଅଷ୍ଟ୍ରେଲିଆର ୨୨୧ ରନ ଜବାବରେ ପାକିସ୍ତାନ ୧୧୪ ରନରେ ଅଲଆଉଟ ହୋଇ ଯାଇଥିଲା। ସବୁଠାରୁ ଚର୍ଚ୍ଚାର ବିଷୟ ହେଲା ଯେ ଅଷ୍ଟ୍ରେଲିଆ ଏକଦା ୭୬ ରନରେ ସାତ ୱିକେଟ ହରାଇବା ସତ୍ତ୍ୱେ, ଦଳ ୨୨୧ ରନରେ ପହଞ୍ଚିଥିଲା। ବେଥ୍ ମୁନି ଏବଂ ଏଲିନା କିଙ୍ଗଙ୍କ ୧୦୬ ରନର ଭାଗୀଦାରୀ ପାକିସ୍ତାନୀ ବୋଲରମାନଙ୍କୁ କଡା ଜବାବ ଦେଇଥିଲା। ବେଥ୍ ମୁନି ୨୦୨୩ ଦିନିକିଆ ବିଶ୍ୱକପରେ ଆଫଗାନିସ୍ତାନ ବିପକ୍ଷରେ ଗ୍ଲେନ୍ ମ୍ୟାକ୍ସୱେଲଙ୍କ ପରି ଏକ ଇନିଂସ ଖେଳିଥିଲେ। ସେ ଅପରାଜିତ ୧୦୯ ରନ ଓ ଏଲିନା କିଙ୍ଗ

ଅପରାଜିତ ୫୧ ରନ କରିଥିଲେ। ତେବେ ବେଥ୍ ମୁନି ଗୋଟିଏ ପାର୍ଶ୍ୱରେ ଦୃଢ଼ ଭାବରେ ରହିଥିଲେ।ତାଙ୍କୁ କିଛି ସମୟ ପାଇଁ ସମର୍ଥନ କରିଥିବା କିମ୍ ଗାର୍ଥ ୪୭ ବଲରେ ମାତ୍ର ୨୩.୪ ଷ୍ଟ୍ରାଇକ୍ ହାରରେ ମାତ୍ର ୧୧ ରନ କରିଥିଲେ। ବେଥଙ୍କ ସହିତ ମିଶି ସେମାନେ ୩୯ ରନ ଯୋଡ଼ିଥିଲେ। ଏହା ପରେ ଏଲିନା କିଙ୍ଗ ଏବଂ ବେଥ୍ ମୁନି ଦଳକୁ ସମ୍ଭାଳିଥିଲେ। ବେଥ୍ ମୁନିଙ୍କୁ ଲେଡି ଗ୍ଲେନ୍ ମ୍ୟାକ୍ସୱେଲ୍ କୁହାଯାଏ। କାରଣ, ୨୦୨୩ ଦିନିକିଆ ବିଶ୍ୱକପ୍ ମ୍ୟାଚରେ ଆଫଗାନିସ୍ତାନ ବିପକ୍ଷରେ ଅଷ୍ଟ୍ରେଲିଆ ୨୯୨ ରନର ଲକ୍ଷ୍ୟ ପିଛା କରିବା ସମୟରେ ୯୧ ରନରେ ୭ ୱିକେଟ୍ ହରାଇଥିଲା। ସେଠାରୁ, ଗ୍ଲେନ୍ ମ୍ୟାକ୍ସୱେଲ୍ ୧୨୮ ବଲ୍ ରେ ୨୦୧ ରନ କରି ଅଷ୍ଟ୍ରେଲିଆକୁ ଏକ ଐତିହାସିକ ବିଜୟ ଆଡକୁ ନେଇଯାଇଥିଲେ।ବର୍ତ୍ତମାନ, ମହିଳା ବିଶ୍ୱକପରେ, ବେଥ୍ ମୁନି ଅଷ୍ଟ୍ରେଲିଆକୁ ସମାନ ପରିସ୍ଥିତିରୁ ଉଦ୍ଧାର

ଧୋନି ଉଡାଇବେ ଡ୍ରୋନ

ନୂଆଦିଲ୍ଲୀ,୮।୧୦(ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂହ ଧୋନି ବାଇକ୍ ଛାଡ଼ି ଡ୍ରୋନ୍ ପଛରେ ମାତିଛନ୍ତି। ଆନୁଷ୍ଠାନିକ ପ୍ରଶିକ୍ଷଣ ନେଇ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶକ (ଡିଜିସିଏ)ଙ୍କଠାରୁ ଡ୍ରୋନ୍ ଉଡ଼ାଇବାର ଲାଇସେନ୍ସ ପ୍ରାପ୍ତ କରିଛନ୍ତି। ଧୋନି ଡିଜିସିଏଙ୍କ ସ୍ୱୀକୃତିପ୍ରାପ୍ତ ପ୍ରତିଷ୍ଠାନ ଗରୁଡ଼ ଏରୋସ୍ପେସରୁ ଡ୍ରୋନ୍ ଉଡ଼ାଇବାର ତାଲିମ ନେଇଛନ୍ତି। ପୂର୍ବରୁ ସେ ଆଞ୍ଚଳିକ ସେନାର ସମ୍ମାନସୂଚକ କର୍ଣ୍ଣେଲ ପଦରେ ମଧ ଅବସ୍ଥାପିତ ହୋଇସାରିଛନ୍ତି।ଭାରତ–ପାକିସ୍ତାନ ୪ଦିନିଆ ଯୁଦ୍ଧରେ ଉଭୟ ପକ୍ଷ ଡ୍ରୋନ୍ ଆକ୍ରମଣ କରି ପରସ୍ପରକୁ ଘାଇଲା କରିବାକୁ ଚେଷ୍ଟା କରିଥିଲେଛ ଏଭଳି ସ୍ଥିତିରେ ଧୋନି ନିଜ ତରଫରୁ ଡ୍ରୋନ୍ ଉଡ଼ାଇବା ଲାଇସେନ୍ସ ହାସଲ କରି ପ୍ରଶଂସକଙ୍କୁ ପରୋକ୍ଷରେ ଦେଶ ମାତୃକାର ସେବା ପାଇଁ ସବୁବେଳେ ପ୍ରସ୍ତୁତ ରହିବାକୁ ସଙ୍କେତ ଦେଇଛନ୍ତି।

ମୁହଁ ଖୋଲିଲେ ରୋହିତ

ମୁମ୍ବାଇ,୮।୧୦(ଏଜେନ୍ସି) : ଭାରତୀୟ କ୍ରିକେଟ ଟିମର ହିଟମ୍ୟାନ୍ ରୋହିତ ଶର୍ମା ଏବେ ଅଧିନାୟକ ପଦ ଯିବା ପରେ ବେଶ୍ ଚର୍ଚ୍ଚାରେ ରହିଛନ୍ତି । ବିସିସିଆଇ ନିକଟରେ ଦିନିକି ଟିମର ଅଧିନାୟକ ଦାୟିତ୍ୱ ଶୁବମନ ଗିଲଙ୍କୁ ଦେଇଛି । ନୂଆ ଦିନିକିଆ ଅଧିନାୟକ ସହିତ ଟିମ୍ ଏବେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବ । ଅଧିନାୟକତ୍ୱ ଯିବା ପରେ ରୋହିତ ଶର୍ମାଙ୍କ ପ୍ରଥମ ବୟାନ ସାମ୍ନାକୁ ଆସିଛି । ଯାହା ଏବେ ସୋସିଆଲ ମିଡିଆରେ ଭାଇରଲ ହେବାରେ ଲାଗିଛି । ମୁମ୍ବାଇରେ ହୋଇଥିବା ସିଏଟ କ୍ରିକେଟ ରେଟିଂ ଆୱାର୍ଡସ ୨୦୨୫ରେ ରୋହିତ ଶର୍ମା ମିଡିଆ ସହିତ କଥାବାର୍ତ୍ତା ହୋଇ ନିଜ ପ୍ରତିକ୍ରିୟା ଦେଇଛନ୍ତି । ରୋହିତ କହିଛନ୍ତି, ମୋତେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବାକୁ ବହୁତ ପସନ୍ଦ ଛ ସେଠିକାର ଲୋକ କ୍ରିକେଟକୁ ବୁଝନ୍ତି ଏବଂ ସମ୍ମାନ କରନ୍ତି ।ସେଠାରେ ଖେଳିବା ସବୁବେଳେ ଅଲଗା ଅନୁଭୂତି ଦେଇଥାଏ ।ରୋହିତ ଅଧିନାୟକ ପଦ ଯିବା ପରେ ସିଧାସଳଖ ଜବାବ ଦେଇନାହାନ୍ତି ,କିନ୍ତୁ ରୋହିତଙ୍କ କଥାରୁ ଏଭଳି ଜଣାପଡୁଛି କି, ଅଧିନାୟକ ପରିବର୍ତ୍ତନକୁ ନେଇ ତାଙ୍କ ଉପରେ ବେଶ୍ କିଛି ପ୍ରଭାବ ପଡିନାହିଁ ।

ରଣଜୀ ଖେଳି ଫିଟନେଶ ପରୀକ୍ଷା ଦେବେ ପନ୍ତ

ନୂଆଦିଲ୍ଲୀ,୮।୧୦(ଏଜେନ୍ସି): ଭାରତର ଷ୍ଟାର ୱିକେଟ କିପର ବ୍ୟାଟ୍ସମ୍ୟାନ ଆଘାତ ସମସ୍ୟା ଯୋଗୁ ଏବେ ଦଳରେ ସାମିଲ ହୋଇ ପାରି ନାହାନ୍ତି । ପନ୍ତ ରଣଜୀ ଟ୍ରଫି ମାଧ୍ୟମରେ ନିଜ ଫିଟନେସ ପ୍ରମାଣିତ କରିବାକୁ ଚାହୁଁଛନ୍ତି । ସେ ଏଥିନେଇ ଡିଡିସିଏ ସଭାପତି ରୋହନ ଜେଟଲୀଙ୍କ ସହ ଆଲୋଚନ କରି ଏଥିନେଇ ଆଗ୍ରହ ପ୍ରକାଶ କରିଛନ୍ତି । ପନ୍ତଙ୍କୁ ଏଥିପାଇଁ ବିସିସିଆଇ ମେଡିକାଲ ଟିମ ନିକଟରୁ କ୍ଲିୟରାନ୍ସ ଆଣିବାକୁ ପଡିବ । ୨୮

ବର୍ଷୀୟ ପନ୍ତ ଏବେ ବେଙ୍ଗାଲୁରରେ ଥିବା ବିସିସିଆଇ ସେଂଟର ଅଫ ଏକ୍ସଲେନ୍ସିରେ ଡାକ୍ତରଙ୍କ ପରାମର୍ଶକ କ୍ରମେ ଅଭ୍ୟାସ କରୁଛନ୍ତି ।ଇଂଲଣ୍ଡ ବିପକ୍ଷ ମାଂଚେଷ୍ଟର ଟେଷ୍ଟରେ ପନ୍ତ ଆଘାତପ୍ରାପ୍ତ ହୋଇଥିଲେ । ପନ୍ତ ଯଦି ରଣଜୀ ଟ୍ରଫିରେ ଫର୍ମ ଏବଂ ଫିଟନେସର ଉପଯୁକ୍ତ ପ୍ରମାଣ ଦେବେ ତେବେ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ଟିମ ଇଣ୍ଡିଆରେ ସାମିଲ ହୋଇପାରନ୍ତି । ଦକ୍ଷିଣ ଆଫ୍ରିକା ନଭେମ୍ବରରେ ଭାରତ ଗସ୍ତରେ ଆସିବ । ୨ଟି ଟେଷ୍ଟ, ୩ଟି ଦିନକିଆ ଓ ୫ଟି ଟି୨୦ ମ୍ୟାଚ୍ଚ ଖେଳାଯିବ।

ଜୁଆ ଆଡ୍ଡା ଉପରେ ଚଢାଉ, ୨ଗିରଫ

କଣ୍ଟିଲୋ,୮।୧୦(ନି.ପ୍ର): କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶ ଏବଂ ସହକର୍ମୀଙ୍କ ଙ୍କ ସହିତ ମଙ୍ଗଳବାର ରାତିରେ ପାଟ୍ରୋଲିଙ୍ଗ ସମୟରେ ଜୁଆ ଆଡ୍ଡା ଉପରେ ଚଡ଼ଉ କରିଥିଲେ। ଫାଣ୍ଡି ଅଧିକାରୀଙ୍କ ସୂଚନା ଅନୁସାରେ କଣ୍ଟିଲୋ ପଞ୍ଚାୟତ ଅଧୀନ ପାଣ୍ଡୁ ସାହୁ ପାଟଣା ନିକଟସ୍ଥ କୁଞ୍ଜବିହାରୀ ମନ୍ଦିର ନିକଟରେ ଜୁଆଖେଳ ଚାଲିଥିବା ଖବର ପାଇବାପରେ ଜୁଆ ଆଡ୍ଡା ଉପରେ ଚଢାଉ କରିଥିଲେ। ଜୁଆଖେଳ ନିକଟରୁ କଣ୍ଟିଲୋ ନେହେରୁ ପାଟଣା ସାହିର ଶିବପ୍ରସାଦ ରାଉତ ସନ୍ତୋଷ କୁମାର ରାଉତଙ୍କୁ ଗିରଫ କରିବା ସହିତ ଗୋଟିଏ ବାଇକ୍ ,୩ ଟି ମୋବାଇଲ ଫୋନ,୨ମୁଠା ତାସ୍ ସହ ଗାମୁଛାରେ ପଡ଼ିଥିବା ନଗଦ ୩୫୦୦ ଟଙ୍କା ଜବତ କରି ଉପରୋକ୍ତ ୨ ଯୁବକଙ୍କ ସମେତ

ମୋଟ ୮ ଜଣ ଙ୍କ ନାମରେ ଖଣ୍ଡପଡ଼ା ପୋଲିସ କେସ ନଂ ୨୮୮/୨୫ ରେ ମାମଲା ରୁଜୁ ହୋଇଥିବା ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶ ସୂଚନା ଦେଇଛନ୍ତି। ପୋଲିସ ଜୁଆ ଆଡ୍ଡା ଉପରେ ଚଢ଼ାଉ କରିବା ପାଇଁ ବୁଦ୍ଧିଜୀବୀ ଓ ଜନସାଧାରଣ ଦାବି କରିବା ସହିତ ସ୍ଥାନୀୟ ପୋଲିସ ପ୍ରଶାସନର ଏତାଦୃଶ କାର୍ଯ୍ୟ ପାଇଁ ସାଧୁବାଦ ଜଣାଇଛନ୍ତି।

ଗଣପତି ମଧୁ ବୈଶ୍ୟ ସମାଜ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ମାହାଙ୍ଗା ,୮।୧୦ (ନି.ପ୍ର) : ଗଣପତି ମଧୁବୈଶ୍ୟ ସମାଜ ସାଲେପୁର–ନିଶ୍ଚିନ୍ତକୋଇଲି–ମାହାଙ୍ଗା ତରଫରୁ ମାହାଙ୍ଗା ବ୍ଲକର ଗୋତରା ପଂଚାୟତସ୍ଥିତ ଆପିଲୋ ଗ୍ରାମରେ ରାମଚନ୍ଦ୍ର ସାହୁଙ୍କ ସାନଭାଇ ବିପିନ ବିହାରୀ ସାହୁଙ୍କ ବିୟୋଗରେ ସ୍ମୃତିଚାରଣ ସଭା ମଧୁବୈଶ୍ୟ ସମାଜର ସଭାପତି ଦୈତାରୀ ସାହୁଙ୍କ ପୌରହିତରେ ଅନୁଷ୍ଠିତ

ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ସ୍ୱର୍ଗତ ସାହୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ତତ୍‌ପରେ ମଧୁବୈଶ୍ୟ ସମାଜର ସହସଂପାଦକ ମନୋଜ କୁମାର ସାହୁ ଦିବଂଗତ ଆତ୍ମାଙ୍କ ସ୍ମୃତିଚାରଣ କରିବା ସହିତ ଅତିଥିପରିଚୟ ପ୍ରଦାନ କରିଥିଲେ ।ତତ୍‌ପରେ ସ୍ୱର୍ଗତ ସାହୁଙ୍କ ବନ୍ଧୁ ପରିବାରବର୍ଗ ତରଫରୁ ସ୍ମୃତିଚାରଣ କରାଯାଇଥିଲା। ଅନୁଷ୍ଠାନର ସଂପାଦକ କ୍ଷୀରୋଦ କୁମାର ସାହୁ, କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ମଲ୍ଲ, ସଂଗଠନର ସଂପାଦକ ନଗେନ୍ଦ୍ରନାଥ ସାହୁ, ସ୍ମୃତିଚାରଣ ସଭାରେ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ମଧୁବୈଶ୍ୟ ସମାଜର ବରିଷ୍ଠ ସଭ୍ୟ ତଥା ଅବସରପ୍ରାପ୍ତ ଆରକ୍ଷୀ ଅଧିକାରୀ କବି କୁଳମଣି ସାହୁଙ୍କ ଦ୍ୱାରା ଭାଗବତ ପଠନ କରାଯାଇଥିଲା। ପରିଶେଷରେ ଅନୁଷ୍ଠାନର ଉପଦେଷ୍ଟା ମଣ୍ଡଳୀର ବରିଷ୍ଠ ସଭ୍ୟ ଜାତି ସାରଥି ଧନେଶ୍ୱର ସାହୁଙ୍କ ସୁପୁତ୍ର ପ୍ରମୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଣପତି ମଧୁବୈଶ୍ୟ ସମାଜର ସଭ୍ୟସଭ୍ୟା ଓ ସ୍ୱର୍ଗତ ବିପିନ ବିହାରୀ ସାହୁଙ୍କର ସହପାଠୀ ଏବଂ ପରିବାର ବର୍ଗ ଉପସ୍ଥିତ ରହିଥିଲେ।

ଖଣ୍ଡପଡାରେ ନୂତନ ବନାଞ୍ଚଳ ଅଧିକାରୀଙ୍କ ଯୋଗଦାନ

ଖଣ୍ଡପଡ଼ା ,୮।୧୦ (ନି.ପ୍ର): ଖଣ୍ଡପଡ଼ା ସହରସ୍ଥିତ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟରେ ନୂତନ ଅଧିକାରୀ ଭାବେ ଦିଲ୍ଲୀପ କୁମାର ପଟ୍ଟନାୟକ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏଥି ପୂର୍ବରୁ ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଭାବେ

ଅତିରିକ୍ତ ଦାୟିତ୍ୱରେ ଗଣିଆ ବନାଞ୍ଚଳ ଅଧିକାରିଣୀ ସୁମନ ମାଝୀଙ୍କ ଠାରୁ ନୂତନ ଅଧିକାରୀ ଭାବେ ଶ୍ରୀ ପଟ୍ଟନାୟକ ଦାୟିତ୍ୱ ଗ୍ରହଣ କରିବା ଅବସରରେ ବନ ବିଭାଗର ସମସ୍ତ କର୍ମଚାରୀ କାର୍ଯ୍ୟାଳୟ ପରିସରରେ ଉପସ୍ଥିତ ଥିଲେ। ପ୍ରକାଶଥାଉକି ନୂତନ ବନାଞ୍ଚଳ ଅଧିକାରୀ ଶ୍ରୀ ପଟ୍ଟନାୟକ ଏଥିପୂର୍ବରୁ ରାୟଗଡା ଡିଭିଜନର ଗୁଡାରି ଅଞ୍ଚଳରେ ବନାଞ୍ଚଳ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ନୂତନ ବନାଞ୍ଚଳ ଅଧିକାରୀଙ୍କୁ ସମସ୍ତ ବନବିଭାଗ କର୍ମଚାରୀମାନେ ଶୁଭେଚ୍ଛା ଜଣାଇଥିଲେ। ଖଣ୍ଡପଡ଼ା ବନାଞ୍ଚଳ ଅଧିନ ସଂରକ୍ଷିତ ଜଙ୍ଗଲର ସୁରକ୍ଷା ସହ ଜୀବଜନ୍ତୁଙ୍କ ସୁରକ୍ଷାକୁ ସେ ପ୍ରାଥମିକତା ଦେବେ ବୋଲି ନୂତନ ବନାଞ୍ଚଳ ଅଧିକାରୀ ଶ୍ରୀ ପଟ୍ଟନାୟକ ଏକ ସାକ୍ଷାତକାରରେ ପ୍ରକାଶ କରିଛନ୍ତି।

ଗାଦିମଡ଼ାଙ୍କ ଉପରେ କେବେ ଜିଲ୍ଲାପାଳଙ୍କ ନଜର ପଡିବ?

ଅସ୍ତରଙ୍ଗ, ୮।୧୦ (ନି.ପ୍ର): ଦୀର୍ଘ ୧୦ବର୍ଷ ରୁ ଉର୍ଦ୍ଧ ହେବ ଗାଦି ମାଡି ବସିଛନ୍ତି ଅସ୍ତରଙ୍ଗ ଅଞ୍ଚଳର ଅନେକ ସରକାରୀ କର୍ମଚାରୀ। ଗତ ୧୫ତାରିଖରୁ ବାୟୋମେଟ୍ରିକ ଉପସ୍ଥାନ ବାଧ୍ୟତାମୂଳକ କରାଯାଇଥିଲେ ମଧ ଏ ଯାବତ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସଠିକ ସମୟରେ କର୍ମଚାରୀ ଆସୁନାହାନ୍ତି। ଯାହାର ବାସ୍ତବିକ ଉଦାହରଣ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀ। ଜିଲ୍ଲାପାଳ ଅଚାନକ ଅସ୍ତରଙ୍ଗ ମେଡିକାଲ ଗ୍ରସ୍ତ କରି ସଠିକ ତଦନ୍ତ ସହ ସିସିଟିଭି ଯାଞ୍ଚ କଲେ ଗାଦି ମଡ଼ାଙ୍କ କାର୍ଯ୍ୟକଳାପ ସାମ୍ନାକୁ ଆସିବ। ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବ୍ଲକ, ତହସିଲ, ଶିକ୍ଷାବିଭାଗ ସହ ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟରେ କର୍ମଚାରୀ ମାନେ ଧାର୍ଯ୍ୟ ସମୟରେ ଅଫିସ ଆସୁନାହାନ୍ତି କିମ୍ବା ଅଫିସ ଛାଡୁ ନାହାନ୍ତି। ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ମୁତାବକ, ସପ୍ତାହକୁ ୬ଦିନ ଓ ମାସକୁ ୨୪ଦିନ ଡ୍ୟୁଟି କରିବା କଥା, କିନ୍ତୁ କେହି ଏହି ନିୟମ ମାନୁ ନାହାନ୍ତି। ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ଥିଲେ ମଧ ମାସ ଶେଷକୁ ଖାତାରେ ଉପସ୍ଥାନ ପକାଇ ପୂର୍ଣ୍ଣ ଦରମା ନେଉଛନ୍ତି। ଗୋଟିଏ ଦିନରେ ମାସକର ଉପସ୍ଥାନ ପକାଇବା ପାଇଁ କିରାଣୀଙ୍କ ଜରିଆରେ ହେଉଥିବା ଅଭିଯୋଗ ହେଉଛି। କିରାଣୀ ମାନେ ବର୍ଷ ବର୍ଷ ଧରି ଗୋଟିଏ ଜାଗାରେ ବସି ରହିଥିବାରୁ ଏହି ବେପାର ବେଶ ସୁରୁଖୁରୁରେ ଚାଲିଛି ବୋଲି ଚର୍ଚ୍ଚାଛ। ଏ ନେଇ ସ୍ଥାନୀୟ ସମାଜସେବୀ ବିଜୟ ବେହେରା କୁହନ୍ତି ଗୋଟିଏ ସରକାରୀ କାର୍ଯ୍ୟାଳୟ ରେ ଜଣେ ଜଣେ କର୍ମଚାରୀ ୧୦ବର୍ଷ ରୁ ଉର୍ଦ୍ଧ ରହିଲେ ମନଇଚ୍ଛା ଯାତାୟାତ ସହ ଦୁର୍ନୀତି କରୁଥିବା ଅଭିଯୋଗ ହେଉଛି। ଜିଲ୍ଲାପାଳ ଏ ଘଟଣା କୁ ଗୁରୁତ୍ୱ ସହ ନେଇ ଗାଦି ମାଡି ବସିଥିବା କର୍ମଚାରୀ ଙ୍କୁ ତୁରନ୍ତ ବଦଳି କରିବାକୁ ସାଧାରଣ ଦାବୀ ହୋଇଛି।

ତ୍ରିନାଥ ଠାକୁରଙ୍କ ବାର୍ଷିକୋତ୍ସବ

ଚାରିଛକ,୮।୧୦(ନି.ପ୍ର): ଚାରିଛକ ନିକଟସ୍ଥ ତୁଳସୀପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଚାରିଛକ – କାକଟପୁର ମୁଖ୍ୟ ରାସ୍ତା ପାର୍ଶ୍ୱରେ ପୂଜା ପାଇ ଆସୁଥିବା ତ୍ରିନାଥ ଠାକୁରଙ୍କ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳକ ନବଘନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ବିଜୟ ସାହୁ କର୍ତ୍ତା ହୋଇଥିଲେ । ପଣ୍ଡିତ ସହଦେବ ମିଶ୍ର ହୋମ ଓ ଯଜ୍ଞ କରିବାପରେ ଠାକୁରଙ୍କୁ ପୂଜକ ସନ୍ତୋଷ ଦାଶ ସ୍ନାନ କରି,ନବବସ୍ତ୍ର ପରିଧାନ କରାଇ ବେଶ କରିଥିଲେ । ତାପରେ ଠାକୁରଙ୍କ ନିକଟରେ ଚୁଡ଼ାଘସା, କଦଳୀ ଶିରିଣି,ଫଳ,ମୂଳ ଭୋଗ ଲାଗି କରିଥିଲେଛ ତ୍ରିନାଥ ମଣ୍ଡପକୁ ସମ୍ପୂର୍ଣ୍ଣ ଭାବେ ଫୁଲ ଓ ରଙ୍ଗୀନ ଆଲୋକ ମାଳାରେ ସଜ୍ଜିତ କରାଯାଇଥିଲା । ଶ୍ରୀ ଜଗନ୍ନାଥ ସୋସିଆଲ ୱେଲ ଫେୟାର ଫ୍ରେଣ୍ଡସ ଫାଉଣ୍ଡେସନ ପକ୍ଷରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ଶେଷରେ ସମସ୍ତ ଛଅଁ୮ ଠାକୁରଙ୍କ ପ୍ରସାଦ ସେବନ କରିଥିଲେ । ଗ୍ରାମର ସୁରେନ୍ଦ୍ର ଭୋଇ, ବେନୁ ଭୋଇ, ଅଭିନ ଭୋଇ, ଦେବେନ୍ଦ୍ର ବେହେରା, ପୂର୍ଣ୍ଣ ଭୋଇ,ଗୁର ଭୋଇ ପ୍ରମୁଖ ଗ୍ରାମବାସୀମାନେ ଉକ୍ତ ବାର୍ଷିକୋତ୍ସବକୁ ପରିଚାଳନା କରିଥିଲେ।

ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ

Union Bank of India

ଆସେଟ୍ ରିକଭରି ବ୍ରାଞ୍ଚ

ଡୋର୍ ନଂ.୨୬-୧୫-୧୫୦,ଆନ୍ଧ୍ର ବ୍ୟାଙ୍କ ବିଲ୍ଡିଂ, ଚାଙ୍ଗାଲରାଓପେଟା, ବିଶାଖାପଟନମ୍–୫୩୦୦୦୧, ଫୋନ୍: 0891-2537792,ଇ–ମେଲ୍ : ubin0817295@unionbankofindia.bank

ବିକ୍ରୟ ବିଷୟକ ସୂଚନା ସମ୍ବନ୍ଧରେ ଋଣଗ୍ରହୀତାମାନଙ୍କୁ ନୋଟିସ୍ (୩୦ ଦିନର ନୋଟିସ୍)
(ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୬(୨)/୮(୬))

ପ୍ରାପ୍ତେଷୁ:
ଋଣଗ୍ରହୀତା (ମାନେ)/ଗ୍ୟାରେଣ୍ଟର (ମାନେ)/ମଟଗେଜର (ମାନେ):
ଋଣଗ୍ରହୀତା/ମଟଗେଜର: ଶ୍ରୀମତୀ ସେକ୍ ଜାହାରୁନିଶା, ସ୍ୱା–ସେକ୍ ରହିମ୍ ସାହିବ, ନୂଆ କୈରପାଲି, ଲାରାସରା, ଜିଲ୍ଲା–ବରଗଡ, ଓଡ଼ିଶା–୭୬୮୦୨୭.
ସହ–ଋଣଗ୍ରହୀତା: ଶ୍ରୀ ସେକ୍ ରହିମ୍ ସାହିବ, ପିତା–ଶେଖ୍ ଲାଲ୍ ସାହେବ, ନୂଆ କୈରପାଲି, ଲାରାସରା, ଜିଲ୍ଲା–ବରଗଡ, ଓଡ଼ିଶା–୭୬୮୦୨୭.
ଗ୍ୟାରେଣ୍ଟର /ମଟଗେଜର : ଶ୍ରୀ ସେକ ଅମୀନ୍ ସାହେବ, ପିତା–ଶେଖ୍ ଲାଲ୍ ସାହେବ, ଏଚ୍ ନଂ. ୩–୧୮ଏ, ରେପୁର ରୋଡ୍, କାକିନାଡା, କାକିନାଡା ଜିଲ୍ଲା, ଆନ୍ଧ୍ରପ୍ରଦେଶ–୫୩୩୦୦୪.

ବିଷୟ : ସିକ୍ୟୁରିଟି ଇଣ୍ଟରେଷ୍ଟ ଆଇନ, ୨୦୦୨ର ଫାଇନାନ୍ସିଆଲ ଆସେଟ୍ସ ଏବଂ ଏନଫୋର୍ସମେଣ୍ଟର ସିକ୍ୟୁରିଟାଇଜେସନ ଏବଂ ରିକନଷ୍ଟ୍ରକସନ ଅନୁଯାୟୀ ବ୍ୟାଙ୍କରେ ବକେୟା ଥିବା ରାଶି ଆଦାୟ ପାଇଁ ଶ୍ରୀମତୀ ସେକ୍ ଜାହାରୁନିଶା, ସ୍ୱା–ସେକ୍ ରହିମ୍ ସାହିବଙ୍କ ଅଧିକୃତ ସଂପତ୍ତି ବିକ୍ରୟ।

ସିକ୍ୟୁରିଟି ଇଣ୍ଟରେଷ୍ଟ ଆଇନ, ୨୦୦୨ର ଫାଇନାନ୍ସିଆଲ ଆସେଟ୍ସ ଏବଂ ଏନଫୋର୍ସମେଣ୍ଟର ସିକ୍ୟୁରିଟାଇଜେସନ ଏବଂ ରିକନଷ୍ଟ୍ରକସନର ଧାରା୧୩ (୨) ଅନୁଯାୟୀ ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ହାଉସିଂ କର୍ପୋରେସନ ଶାଖା, କାକିନାଡା ୦୫.୦୭.୨୦୨୩ରେ ଏକ ଡିମାଣ୍ଡ ନୋଟିସ୍ ଜାରି କରିଥିଲେ। ସେଥିରେ ଆପଣଙ୍କୁ ଧାର୍ଯ୍ୟ ସମୟ ମଧ୍ୟରେ ବକେୟା ପରିଶୋଧ କରିବାକୁ କୁହାଯାଇଥିଲା। ଯେହେତୁ ଆପଣ ଧାର୍ଯ୍ୟ ସମୟ ମଧ୍ୟରେ ଉପରୋକ୍ତ ନୋଟିସ୍ ଅନୁଯାୟୀ କାର୍ଯ୍ୟ କରି ନାହାନ୍ତି କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୬/୮ ପାଠ କରାଯାଇ ଆଇନର ଧାରା ୧୩(୪) ଅନୁଯାୟୀ ସ୍ଥାବର ସୁରକ୍ଷିତ ସଂପତ୍ତିକୁ ୧୨.୦୯.୨୦୨୩ରେ ଦଖଲକୁ ନେଇଛନ୍ତି।

ଏପରିକି ସୁରକ୍ଷିତ ସଂପତ୍ତିକୁ ଦଖଲକୁ ନେବାପରେ ମଧ୍ୟ ଆପଣ ବ୍ୟାଙ୍କକୁ ବକେୟା ପରିଶୋଧ କରିନାହାନ୍ତି। ତେଣୁ, ଏହି ନୋଟିସ୍ ପାଇବାର ୩୦ ଦିନ ପରେ ଅନଲାଇନ୍ ଉପାୟରେ ସର୍ବସାଧାରଣ ଇ–ନିଲାମ ଡାକି ନିମ୍ନଲିଖିତ ସଂପତ୍ତି ବିକ୍ରି କରିବା ନିହାତି ଆବଶ୍ୟକ ହୋଇଛି। ଇ–ନିଲାମର ତାରିଖ ଓ ସମୟ ଏହାସହିତ ସଂପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ସେବା ପ୍ରଦାନକାରୀଙ୍କ ବିଷୟରେ ସଂପୂର୍ଣ୍ଣ ବିବରଣୀ, ଯେଉଁଠାରେ ଇ–ନିଲାମ ପରିଚାଳନା କରାଯିବ, ଆପଣଙ୍କୁ ପୃଥକ ଭାବରେ ସୂଚାଇ ଦିଆଯିବ।

ତେଣୁ, ଯଦିଆପଣ ବ୍ୟାଙ୍କକୁ ପରବର୍ତ୍ତୀ ସୁଧ, ମୂଲ୍ୟ, ଦେୟ ଏବଂ ବ୍ୟୟ ସହିତ ବକେୟା ଥିବା ରାଶି ସର୍ବସାଧାରଣରେ ବିକ୍ରୟ ବିଜ୍ଞପ୍ତି ପ୍ରକାଶନ ତାରିଖ ପୂର୍ବରୁ ପ୍ରଦାନ କରନ୍ତି ତେବେ ସଂପତ୍ତି ବିକ୍ରୟ ପାଇଁ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ ଆପଣ ଆଇନର ଧାରା ୧୩ (୮) ରେ ଧାର୍ଯ୍ୟ ସମୟ ମଧ୍ୟରେ ନିଜର ସଂପତ୍ତି ମୁକୁଳାଇ ପାରିବେ।

ସଂପତ୍ତିର ତାଲିକା

ସଂପତ୍ତିର ପରିମାଣ: ୫୦୦.୦୦ ବର୍ଗ ୟାର୍ଡସ୍, ଗ୍ରାଉଣ୍ଡ ଓ ଫାଷ୍ଟ ଫ୍ଲୋର ଆରସିସି ରୁଫ୍ ବିଲ୍ଡିଂ ସହିତ, ଗ୍ରାଉଣ୍ଡ ଫ୍ଲୋରରେ ୧୪୭୯.୦୦ ବର୍ଗ ଫୁଟ ବିଶିଷ୍ଟ ପ୍ଲିନ୍ଥ ଏରିଆ, ଡି.ନଂ–୩–୧୮ଏ, ଆସେସମେଣ୍ଟ ନଂ.୯୯୩, ୫୩୫.୦୦ ବର୍ଗ ୟାର୍ଡ (ଯାହା ପୁରୁଣା ସର୍ଭେ ନଂ. ୫୦, ନୂଆ ସର୍ଭେ ନଂ. ୬୦ରେ ଏ ୦.୧୧ ସେଣ୍ଟସ୍ ସହିତ ସମାନ) ର ଉତ୍ତର ପାର୍ଶ୍ୱ, ଅବସ୍ଥିତ: କୋଭାଡା ଗ୍ରାମ ଓ ଗ୍ରାମ ପଞ୍ଚାୟତ ଏରିଆ, କାକିନାଡା ଗ୍ରାମ୍ୟ ମଣ୍ଡଳ, ପୂର୍ବ ଗୋଦାବରୀ ଜିଲ୍ଲା, ଶ୍ରୀମତୀ ସେକ୍ ଜାହାରୁନିଶା, ସ୍ୱା–ସେକ୍ ରହିମ୍ ସାହେବଙ୍କ ନାମରେ ଅଧିକୃତ।
ପରିସୀମା: ପୂ–ରାସ୍ତା (ରେପୁରୁ ରୋଡ୍), ପ–ଶ୍ରୀ କାକରଲା ଭେଙ୍କଟରାଓଙ୍କ ନାମରେ ଅଧିକୃତ ଲେଆଉଟ୍ ଲ୍ୟାଣ୍ଡ, ଦ– ମେର୍ଲା ଭେଙ୍କଟା ସୁବାରାଓ ଚୌଧୁରୀ ଏବଂ ରାମାଲକ୍ଷ୍ମୀଙ୍କ ନାମରେ ଅଧିକୃତ ସଂପତ୍ତି, ଉ–ସାଲାଡି ମାଧବରାଓଙ୍କ ଦ୍ୱାରା ଅନ୍ୟମାନଙ୍କୁ ବିକ୍ରୟ କରାଯାଇଥିବା ସଂପତ୍ତି।

ତାରିଖ: ୦୧.୧୦.୨୦୨୫
ସ୍ଥାନ: ବିଶାଖାପଟନମ୍

ସ୍ୱା/–କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ

ଗଜଲକ୍ଷ୍ମୀ ପୂଜାରେ ବାଧକ ସାଜିଲା ଲଘୁଚାପ ବର୍ଷା

କଣ୍ଟିଲୋ ,୮।୧୦(ନି.ପ୍ର): ପବିତ୍ର କୁମାର ପୂର୍ଣ୍ଣିମା ଅବସରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମା ଗଜ ଲକ୍ଷ୍ମୀଙ୍କ ପୂଜା ଖଣ୍ଡପଡ଼ା ବ୍ଲକର ବିଭିନ୍ନ ଗ୍ରାମରେ ଧୁମ୍ ଧାମରେ ପାଳନ ହେଉଛି। କୁମାରୀ ମାନେ ଖୁଦୁରୁକୁଣୀ ଓସାର ଶେଷ ପାଳି ପର ଦିନ ଠାରୁ ଜହ୍ନି ଓଷା କରିଥାନ୍ତି ।ଏହି ଓଷାରେ ଶେଷ ହୋଇଥାଏ କୁମାର ପୂର୍ଣିମା ଦିନ। ସେଦିନ ନୂତନ ପୋଷାକ ପରିଧାନ କରି ସାଙ୍ଗସାଥୀ ମେଳରେ ବିଭିନ୍ନ ସାହି ବୁଲିଥାନ୍ତି। ମାତ୍ର ଲଘୁଚାପ ବର୍ଷା ସବୁ ବିଗାଡି ଦେଲା। ସେହିପରି ନିକଟସ୍ଥ ବଡ ବାଣପୁର,ସିଧାମୂଳା ର ବାଶେଳି ସାହି , ମୁଣ୍ଡିଆ ସାହି , ବେଣ ଗାଡିଆ,ବରକୋଳି ବନ୍ଧ ଗ୍ରାମରେ ମା ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଛି। ମେଢ଼ ନିକଟରେ ଖୋଲିଥିବା ଛୋଟ

ଛୋଟ ଦୋକାନୀ ମାନେ ଲଗାଣ ବର୍ଷା ଯୋଗୁଁ ନିରାଶ ହୋଇ ଘରକୁ ଫେରି ଥିଲେ।ଏହି ପୂଜା ପୂର୍ଣ୍ଣିମା ଠାରୁ ୫ ଦିନ ବ୍ୟାପୀ ଚାଲିବ ବୋଲି ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତାଙ୍କ ସମେତ ସଦସ୍ୟ ମାନେ ସୂଚନା ଦେଇଛନ୍ତି।

ଜନ୍ମପୀଠରେ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ପାଳିତ

ମାହାଙ୍ଗା, ୮।୧୦(ନି.ପ୍ର): ଗଣକବି ବୈଷ୍ଣବ ପାଣିଙ୍କ ସ୍ମୃତିରକ୍ଷା ପାଇଁ ଏବଂ ପାଣି ସାହିତ୍ୟ ତଥା ତାଙ୍କର ରଚିତ ଗୀତିନାଟ୍ୟର ପ୍ରଚାର ଓ ପ୍ରସାର ନିମିତ୍ତ ମାହାଙ୍ଗାର ଅନ୍ୟତମ ପୂଜ୍ୟପୂଜକ ତଥା ରାଜନୀତିଜ୍ଞ ଶରତ କୁମାର କରଙ୍କ ଦ୍ୱାରା ପ୍ରତିଷ୍ଠିତ ଗଣକବି ସ୍ମୃତିସଂସଦ ପକ୍ଷରୁ ଚଳିତବର୍ଷ ଅକ୍ଟୋବର ୭ତାରିଖ କୁମାର ପୂର୍ଣ୍ଣିମା ଦିନ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଗଣକବି ବୈଷ୍ଣବ ପାଣିଙ୍କ ଜନ୍ମପୀଠ କୋଠପଦା ସ୍ଥିତ ତାଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ରଘୁନାଥଜୀଉ ମଠ ପ୍ରାଙ୍ଗଣରେ ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶରତକର ଓ ଅନିମାକର ଫାଉଣ୍ଡେସନ୍‌ର ସହ ଅଧ୍ୟକ୍ଷ ଅଧ୍ୟାପକ ସୁମନ କର ମୁଖ୍ୟ ଅତିଥିଭାବେ ଯୋଗଦେଇ ଗଣକବି ବୈଷ୍ଣବପାଣିଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ତାଙ୍କର ଅମର ଲେଖନୀ ନିସୃତ ସମସ୍ତ ସାହିତ୍ୟ ସୃଷ୍ଟି ସମ୍ଭାରକୁ ସଂରକ୍ଷଣ କରି ରଖିବାର ଆବଶ୍ୟକତା ରହିଛି ବୋଲି ମତଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗଣକବି ସ୍ମୃତିସଂସଦ , ମାହାଙ୍ଗାର କର୍ମକର୍ତ୍ତା ଓ ସଦସ୍ୟବୃନ୍ଦ, ଶରତପ୍ରେମୀ ପରିବାରଙ୍କ ସଦସ୍ୟଙ୍କ ସମେତ ବୈଷ୍ଣବପାଣି ପ୍ରେମୀ ଜନସାଧାରଣ ଓ ସ୍ଥାନୀୟ ବୁଦ୍ଧିଜୀବି, ସାହିତ୍ୟିକ, ପାଣିସାହିତ୍ୟିକ ଅନୁରାଗୀ, ବିଶିଷ୍ଟବ୍ୟକ୍ତିବୃନ୍ଦ ଯୋଗଦେଇ ଗଣକବିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନୁରୂପ ଭାବେ ମଧ୍ୟ ରାଜଧାନୀ ଭୁବନେଶ୍ୱର ସ୍ଥିତ ଉତ୍କଳ ସଂଗୀତ ମହାବିଦ୍ୟାଳୟ ସମ୍ମୁଖସ୍ଥ ଗଣକବି ବୈଷ୍ଣବ ପାଣିଙ୍କ ପ୍ରତିମୂର୍ତ୍ତିରେ ଗଣକବି ସ୍ମୃତିସଂସଦ ମାହାଙ୍ଗା, ଶରତ କର ଓ ଅନିମାକର ଫାଉଣ୍ଡେସନ୍ ଏବଂ ମାହାଙ୍ଗା ମୈତ୍ରୀ ମଞ୍ଚ ପକ୍ଷରୁ ମାଲ୍ୟାର୍ପଣ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ନିର୍ଭୀକ ପତ୍ରିକାର ସଂପାଦକ ଅବନୀ ଚରଣ ଦାସ ରାଜଧାନୀରେ ବୈଷ୍ଣବ ପାଣିଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ ଏବଂ ଏକ ପ୍ରମୁଖ ମାର୍ଗକୁ ଗଣକବିଙ୍କ ନାମରେ ନାମିତ କରିବାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

କାର୍ତ୍ତିକ ଆରମ୍ଭରୁ ପରିବା ଦର ଆକାଶଛୁଆଁ

ଅସ୍ତରଙ୍ଗ, ୮।୧୦ (ନି.ପ୍ର): କାର୍ତ୍ତିକ ମାସ ଆରମ୍ଭ ହୋଇଯାଇଛି। ତେଣୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ଓ ସାପ୍ତାହିକ ହାଟରେ ପରିବା ଦର ଆକାଶ ଛୁଆଁ । ଗତ ୧୫ଦିନ ଧରି ଚାଲିଥିବା ଲଘୁଚାପ ବର୍ଷାରେ ବିଭିନ୍ନ ସ୍ଥାନରେ ପରିବା ଚାଷ ପ୍ରଭାବିତ ହୋଇଥିବାରୁ ଏଭଳି ସ୍ଥିତି ହୋଇଥିବା ପରିବା ବ୍ୟବସାୟୀ ମାନେ ମତ ଦେଉଛନ୍ତି। ଅଧିକାଂଶ ପରିବା ଦର କିଲୋ ପିଛା ୬୦ରୁ ଉର୍ଦ୍ଧ ରହିଛି। ବିନ୍ସ, ସଜନା ଛୁଇଁ କିଲଗ୍ରାମ ପିଛା ଦର ଶହେ ଟଙ୍କା ଟପିଛି। ଆଳୁ କିଛି ଦିନ ପୂର୍ବେ କିଲୋ ପିଛା ୨୦ଟଙ୍କା ଥିବା ବେଳେ ଅନେକ ସ୍ଥାନରେ ୨୫ଟଙ୍କା ରେ ବିକ୍ରି ହେଉଛି। ସେହିପରି ଟମାଟୋ

୪୦ଟଙ୍କା, ବାଇଗଣ ୬୦ଟଙ୍କା, ଭେଣ୍ଡି ୬୦ଟଙ୍କା, କଲରା ୬୦ଟଙ୍କା,ଦେଶୀ ପୋଟଳ ୮୦ଟଙ୍କା, ଜହ୍ନି ୭୦ଟଙ୍କା, ଝୁଡ଼ଙ୍ଗ ୭୦ଟଙ୍କା, କାକୁଡି ୫୦ଟଙ୍କା, କଞ୍ଚା କଦଳୀ ଡଜନ ୧୨୦ଟଙ୍କା ବିକ୍ରି ହେଉଛିଛ ଖାଉଟି ଦିପେଶ ସ୍ୱାଇଁ, ଅଗାଧୁ ମହାନ୍ତି ପ୍ରମୁଖ କହିଛନ୍ତି, ଏବେ ଅସ୍ତରଙ୍ଗ ବଜାର ରେ ପରିବା ଆକାଶଛୁଆଁ। ୫ଶହ ଟଙ୍କାରେ ମଧ ପରିବା ବ୍ୟାଗ ଭର୍ତ୍ତି ହେଉନାହିଁ। ପରିବା ଦରକୁ ନେଇ ବାଇଗଣ ଚାଷୀ ରଘୁନାଥ ସ୍ୱାଇଁ କହିଛନ୍ତି, ଗତ କିଛି ମାସ ଧରି ପରିବା ସୁଲଭ ଦରରେ ମିଳୁଥିଲା,କିନ୍ତୁ ସବୁଜ ପନିପରିବା ଫସଲ ଏବେ ବର୍ଷା ପ୍ରଭାବରେ ପଚିସଢ଼ି ଡେଙ୍ଗ ଦୁର୍ବଳ ହୋଇ ଝଡ଼ିବା ଅବସ୍ଥାରେ ପହଁଚିଛି। ଏଭଳି ପରିବା ଦରରେ କେବଳ ହବିଶ୍ୟାଳି ନୁହନ୍ତି, ଗରିବ ଓ ଦିନ ମଜୁରିଆଙ୍କ ମୁଣ୍ଡରେ ମଧ ଚଡକ ପଡିଛି। ଆଗକୁ ଏଭଳି ଦର ଲାଗି ରହିଲେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେବା ଆଶଙ୍କା ରହିଛି।

SMFG India Credit

ଏସ୍‌ଏମ୍‌ଏଫ୍‌ଜି ଇଣ୍ଡିଆ କ୍ରେଡିଟ୍ କମ୍ପାନୀ ଲିମିଟେଡ୍

କର୍ପୋରେଟ୍ କାର୍ଯ୍ୟାଳୟ: ୧୦ମ ମହଲା, ଅଫିସ୍ ନଂ.୧୦୧, ୧୦୨ ଏବଂ ୧୦୩,୨ ନର୍ଥ ଏଭେନ୍ୟୁ, ମେକର୍ ମାକ୍ସିଟି, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା (ଇ), ମୁମ୍ବାଇ–୪୦୦୦୫୧
ପଞ୍ଜୀକୃତ କାର୍ଯ୍ୟାଳୟ : କମରଜୋନ୍ ଆଇଟି ପାର୍କ, ଟାୱାର ବି, ୧ମ ମହଲା, ନଂ. ୧୧୧, ମାଉଣ୍ଟ ପୁନାମାଲି ରୋଡ୍, ପୋରୁର୍, ଚେନ୍ନାଇ–୬୦୦୧୧୬

ସ୍ଥାବର ସଂପତ୍ତି ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଓ ୯ ରେ ଥିବା ବିଧିବ୍ୟବସ୍ଥା ପାଠ କରାଯାଇ ସିକ୍ୟୁରିଟି ଇଣ୍ଟରେଷ୍ଟ ଆଇନ, ୨୦୦୨ର ଫାଇନାନ୍ସିଆଲ ଆସେଟ୍ସ ଏବଂ ଏନଫୋର୍ସମେଣ୍ଟର ସିକ୍ୟୁରିଟାଇଜେସନ ଏବଂ ରିକନଷ୍ଟ୍ରକସନ ଅନୁଯାୟୀ ସ୍ଥାବର ସଂପତ୍ତି (ଗୁଡିକ) ବିକ୍ରୟ ନିମନ୍ତେ ୩୦ ଦିନର ଇ–ନିଲାମ ବିକ୍ରୟ ବିଜ୍ଞପ୍ତି। ଏତଦ୍ୱାରା ସର୍ବସାଧାରଣଙ୍କୁ ସାଧାରଣଭାବେ ଏବଂ ଋଣଗ୍ରହୀତା (ମାନଙ୍କୁ) ଏବଂ ଗ୍ୟାରେଣ୍ଟରମାନଙ୍କୁ ବିଶେଷଭାବେ ସୂଚନା ଦିଆଯାଉଛଇ ଯେ, ନିମ୍ନରେ ବର୍ଣ୍ଣିତ ସ୍ଥାବର ସଂପତ୍ତି ଯାହା ସୁରକ୍ଷିତ ଋଣଦାତାଙ୍କୁ ବନ୍ଧକ/ଦାୟିତ୍ୱ ଦିଆଯାଇଛି, ତାହା ଏସଏମଏଫ୍‌ଜି ଇଣ୍ଡିଆ କ୍ରେଡିଟ୍ କମ୍ପାନୀ ଲିମିଟେଡ୍ (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଦଖଲକୁ ନିଆଯାଇଛି ଏବଂ ତାହା ''ଯେଉଁଠାରେ ଅଛି'', ''ଯାହାଅଛି'' ଏବଂ ''ସେଥିରେ ଯାହାଅଛି'' ଆଧାରରେ ଋଣଗ୍ରହୀତା (ମାନେ) ଏବଂ ଗ୍ୟାରେଣ୍ଟର (ମାନେ) ଙ୍କ ଠାରୁ ନିମ୍ନଲିଖିତ ବକେୟା ଏହାସହିତ ଭବିଷ୍ୟତ ସୁଧ ଏବଂ ଅନ୍ୟାନ୍ୟ ବ୍ୟୟ ଯାହା ଏସଏମଏଫ୍‌ଜି ଇଣ୍ଡିଆ କ୍ରେଡିଟ୍ କମ୍ପାନୀ ଲିମିଟେଡ୍ (ସୁରକ୍ଷିତ ଋଣଦାତା)ଙ୍କୁ ଦେୟ ତାହା ପରିଶୋଧ ନିମନ୍ତେ ନିମ୍ନଲିଖିତ ତାରିଖ ଓ ସମୟରେ ବିକ୍ରୟ କରାଯିବ।

ଋଣଗ୍ରହୀତା(ମାନେ)/ ଗ୍ୟାରେଣ୍ଟର(ମାନେ), ଲୋନ୍ ଆକାଉଣ୍ଟ	ଦାବି ବିଜ୍ଞପ୍ତି ତାରିଖ ଏବଂ ପରିମାଣ	ବନ୍ଧକ ଦିଆଯାଇଥିବା ସମ୍ପତ୍ତିର ବିବରଣୀ	ସଂରକ୍ଷିତ ମୂଲ୍ୟ+ ବର୍ଦ୍ଧିତ ରାଶି, ଇଏମଡି ଏବଂ ଇଏମଡି ଦାଖଲର ଶେଷତାରିଖ	(୧) ଇ–ନିଲାମର ତାରିଖ ଓ ସମୟ ଏବଂ (୨) ଆଇନଗତ ସମସ୍ୟା ଯଦି କୌଣସି ଥାଏ
(୧) ବ୍ଲୁବେରୀ ହୋଟେଲସ୍ ଏବଂ ରିସୋର୍ଟସ୍ (୨) ବିମୋହନ ପାଢୀ (୩) ସାର୍ବଣୀ ପାଢୀ LAN NO.: 216720911335022	୦୮.୧୦.୨୦୨୪ ଟ. ୫୦,୦୫,୧୪୩.୦୦/– (ପଚାଶ ଲକ୍ଷ ପାଞ୍ଚ ହଜାର ଏକ ଶହ ତେୟାଳିଶି ଟଙ୍କା କେବଳ) ୦୮.୧୦.୨୦୨୪ ସୁଦ୍ଧା	୨୨.୦୧.୨୦୨୫ରେ ସାଙ୍କେତିକ ଦଖଲକୁ ନିଆଯାଇଛି. ଜିଲ୍ଲା–ଖୋର୍ଦ୍ଧା, ତହସିଲ–ଭୁବନେଶ୍ୱର, ଡିଏସଆର୍‌ଓ–ଖୋର୍ଦ୍ଧା, ସ୍ଥାନ–ଭୁବନେଶ୍ୱର, ଥାନା–ନ୍ୟୁ କ୍ୟାପିଟାଲ, ଥାନା ନଂ.୪୭, ହାଲ୍ ଥାନା–ଖାରବେଳ ନଗର, ସବ୍ ରେଜିଷ୍ଟ୍ରାର ଭୁବନେଶ୍ୱରଙ୍କ କାର୍ଯ୍ୟ ପରିସର ଅଧୀନରେ, ମୌଜା–ଭୁବନେଶ୍ୱର ସହର, ୟୁନିଟ୍ ନଂ. ୧୦, ସତ୍ୟନଗର, ସ୍ଥିତି–ସ୍ଥିତିବାନ, ଖାତା ନଂ. ୧୧୮, (ଏକ ଶହ ଅଠର), ପ୍ଲଟ ନଂ.୫୫୬ (ପାଞ୍ଚ ଶହ ଛପନ), ଏରିଆ ଏ ୦.୦୮୭ (ସତାଅଶୀ) ଡେସିମିଲ, କିସମ–ଘରବାରି–୨ (ପଡିଆ ଜମି)	ସଂରକ୍ଷିତ ମୂଲ୍ୟ ଟ.୧,୭୯,୫୦,୦୦୦/– (ଏକ କୋଟି ଅଣାଅଶି ଲକ୍ଷ ପଚାଶ ହଜାର ଟଙ୍କା କେବଳ) + ବର୍ଦ୍ଧିତ ମୂଲ୍ୟ ଟ. ୧,୦୦,୦୦୦ (ଏକ ଲକ୍ଷ ଟଙ୍କା କେବଳ) ଏବଂ ଅମାନତ ରାଶି ଜମା ଟ. ୧୭,୯୫,୦୦୦/– (ସତର ଲକ୍ଷ ପଞ୍ଚାନବେ ହଜାର କେବଳ) ୧୨.୧୧.୨୦୨୫ ସୁଦ୍ଧା କିମ୍ବା ପୂର୍ବରୁ	(୧) ତାରିଖ: ୧୩.୧୧.୨୦୨୫, ସମୟ:ପୂର୍ବାହ୍ନ ୧୧:୦୦ ଠାରୁ ଅପରାହ୍ନ ୦୧.୦୦ ପର୍ଯ୍ୟନ୍ତ (ପ୍ରତ୍ୟେକଥର ୫ମିନିଟର ଅସୀମିତ ସଂପ୍ରସାରଣ ସହିତ) (୨) ସୋସାଇଟି ଦେୟ ଓ ରକ୍ଷଣାବେକ୍ଷଣ ଦେୟ ଇତ୍ୟାଦି ବିଷୟରେ କୌଣସି ଆଇନଗତ ସମସ୍ୟା ବିଷୟରେ କ୍ଷମତାପ୍ରାପ୍ତ ଅଧିକାରୀ ଅବଗତ ନୁହଁନ୍ତି

ବିକ୍ରୟର ସଂପୂର୍ଣ୍ଣ ସର୍ତ୍ତାବଳୀ ପାଇଁ ଏସଏମଏଫ୍‌ଜି ଇଣ୍ଡିଆ କ୍ରେଡିଟ୍ କମ୍ପାନୀ ଲିମିଟେଡ୍/ସୁରକ୍ଷିତ ଋଣଦାତାଙ୍କ ୱେବସାଇଟ୍ ରେ ପ୍ରଦାନ କରାଯାଇଥିବା ଲିଙ୍କ୍ www.smfgindiacredit.com ଦେଖନ୍ତୁ।

ସ୍ଥାନ : ଭୁବନେଶ୍ୱର
ତାରିଖ : ୦୯.୧୦.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ଏସ୍‌ଏମ୍‌ଏଫ୍‌ଜି ଇଣ୍ଡିଆ କ୍ରେଡିଟ୍ କମ୍ପାନୀ ଲିମିଟେଡ
ଯୋଗାଯୋଗ ନଂ. ୯୦୫୧୩୨୯୨୯୧

ଟିଟିପି ଆକ୍ରମଣରେ ୧୧ ପାକିସ୍ତାନୀ ଯବାନଙ୍କର ମୃତ୍ୟୁ

ନୂଆଦିଲ୍ଲୀ, ୯।୧୦ (ଏଜେନ୍ସି): ପାକିସ୍ତାନୀ ସେନା ଉପରେ ଅନେକ ବଡ଼ ଆକ୍ରମଣ ହୋଇଥିଲା। ତେହେରିକ୍-ଏ-ତାଲିବାନ୍(ଟିଟିପି) ପାକିସ୍ତାନ ଦ୍ୱାରା ହୋଇଥିବା ଏହି ଆକ୍ରମଣରେ ଏଗାର ଜଣ ପାକିସ୍ତାନୀ ସୈନିକଙ୍କ ମୃତ୍ୟୁ ହୋଇଥିଲା, ସେପେଟେଇଲେ ଅନେକ ଗୁରୁତର ଆହତ ହୋଇଥିଲେ। ରିପୋର୍ଟ ଅନୁଯାୟୀ, ପାକିସ୍ତାନୀ ସେନା ଆଫଗାନ ସୀମାରେ ଟିଟିପି ବିରୋଧରେ ଏକ ଅପରେସନ୍ ଚଳାଉଥିଲା ଏବଂ ଏହି ସମୟରେ ଗୁଳି ବିନିମୟ ହୋଇଥିଲା। ପାକିସ୍ତାନୀ ସେନା ସହିତ ଏନକାଉଣ୍ଟରରେ ୧୯ ଜଣ ଟିଟିପି ଲଢ଼ୁଆ ମଧ୍ୟ ନିହତ ହୋଇଥିଲେ। ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯେ ଟିଟିପି ଗତ କିଛି ମାସ ମଧ୍ୟରେ ପାକିସ୍ତାନୀ ସୁରକ୍ଷା ବାହିନୀ ଉପରେ ଆକ୍ରମଣକୁ ଯଥେଷ୍ଟ ତୀବ୍ର କରିଛି। ପ୍ରକୃତରେ, ଟିଟିପି ଲଢ଼ୁଆମାନେ ଏକ ଆମ୍ବୁସ୍ କରିଥିଲେ, ପ୍ରଥମେ ଉତ୍ତର-ପଶ୍ଚିମ କୁର୍ମ ଜିଲ୍ଲାରେ ଏକ ରାସ୍ତାପାର୍ଶ୍ୱ ବୋମା ବିସ୍ଫୋରଣ କରିଥିଲେ ଏବଂ ତା'ପରେ ଗୁଳିବର୍ଷଣ କରିଥିଲେ। ପାକିସ୍ତାନୀ ସେନା ଏକ ବିବୃତିରେ କହିଛି ଯେ ଏହି ଅପରେସନ୍ ସମୟରେ ଆତଙ୍କବାଦୀମାନେ ମଧ୍ୟ ନିହତ ହୋଇଥିଲେ। ପାକିସ୍ତାନୀ ତାଲିବାନ ଆକ୍ରମଣରେ ଦୁଇ ଅଧିକାରୀ, ଜଣେ ଲେଫ୍ଟନାଣ୍ଟ କର୍ଣ୍ଣେଲ ଏବଂ ଜଣେ ମେଜର ମଧ୍ୟ ନିହତ ହୋଇଥିଲେ। ଲେଫ୍ଟନାଣ୍ଟ କର୍ଣ୍ଣେଲ ଜୁନେଦ ଆରିଫ୍ ଏହି ଅପରେସନର ନେତୃତ୍ୱ ନେଉଥିଲେ। ତେହେରିକ୍-ଏ-ତାଲିବାନ ପାକିସ୍ତାନ (ଟିଟିପି) ଏହି ଆକ୍ରମଣ ପଛରେ ଦାୟୀ ବୋଲି ଘୋଷଣା କରିଛି। ଏହି ସମୟରେ ପାକିସ୍ତାନ ଦାବି କରିଛି ଯେ ଏହି ଆତଙ୍କବାଦୀମାନେ ଆଫଗାନିସ୍ତାନରେ ତାଲିମ ନିଅନ୍ତି ଏବଂ ପାକିସ୍ତାନରେ ଆକ୍ରମଣ କରନ୍ତି, ଏହି ଦାବିକୁ କାବୁଲ ବାରମ୍ବାର ଅସ୍ୱୀକାର କରୁଛି।

ଅଧ୍ୟାପକ ଓ କର୍ମଚାରୀଙ୍କ ବିଦେଶ ଯାତ୍ରା ପାଇଁ ପରାମର୍ଶ ଜାରି

କାଲିଫର୍ଣ୍ଣିଆ, ୯।୧୦ (ଏଜେନ୍ସି): ଟ୍ରମ୍ପ ପ୍ରଶାସନ ଦ୍ୱାରା ନୀତିଗତ ପରିବର୍ତ୍ତନ ପରେ ଆନ୍ତର୍ଜାତୀୟ ଯାତ୍ରା ସ୍ଥଗିତ ରଖିବାକୁ ସାଉଥ୍ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ ୟୁଏସ୍‌ସି ଏଚ୍-୧ବି ଭିସା ଥିବା ଅଧ୍ୟାପକ ଏବଂ କର୍ମଚାରୀଙ୍କ ପାଇଁ ଏକ ଯାତ୍ରା ପରାମର୍ଶ ଜାରି କରିଛି । ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଭ୍ୟନ୍ତରୀଣ ଭାବରେ ପ୍ରସାରିତ ଏକ ବିବୃତ୍ତିରେ କୁହାଯାଇଛି, 'ସତର୍କତା ଦୃଷ୍ଟିରୁ, ବର୍ତ୍ତମାନ ଆମେରିକାରେ ଓ-୧ଇ ଭିସାଧାରୀ ସମସ୍ତ ଅଧ୍ୟାପକ ଏବଂ କର୍ମଚାରୀମାନେ ପରବର୍ତ୍ତୀ ନିର୍ଦ୍ଦେଶନାମା ନ ମିଳିବା ପର୍ଯ୍ୟନ୍ତ ଆନ୍ତର୍ଜାତୀୟ ଯାତ୍ରା ଯୋଜନାକୁ ସ୍ଥଗିତ ରଖିଯିବା ଉଚିତ । ରାଷ୍ଟ୍ରପତିଙ୍କ ନୂତନ ଘୋଷଣା କାର୍ଯ୍ୟକାରୀ ହେବା ପୂର୍ବରୁ ବିଦେଶରେ ରହୁଥିବା ଓ-୧ଇ ଭିସାଧାରୀମାନଙ୍କୁ ଆମେରିକା ଫେରିଯିବାକୁ ପରାମର୍ଶରେ କୁହାଯାଇଛି । ଆହୁରି କୁହାଯାଇଛି ଯେ, ଯଦି ସମ୍ଭବ ହୁଏ, ତେବେ ଏହି ଘୋଷଣା କାର୍ଯ୍ୟକାରୀ ହେବା ପୂର୍ବରୁ ବର୍ତ୍ତମାନ ଆମେରିକା ବାହାରେ ଥିବା ଓ-୧ଇ ସ୍ଥିତିର ସମସ୍ତ ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ଆମେରିକା ଫେରିଯିବାକୁ କଡ଼ା ପରାମର୍ଶ ଦିଆଯାଇଛି । ଏହି ଚେତାବନୀ ଏକ ନୂତନ ପ୍ରବାସୀ ନିର୍ଦ୍ଦେଶ ପରେ ଆସିଛି, ଯାହା ସିଧାସଳଖ ଓ-୧ଇ ଭିସାରେ ଆମେରିକାରେ ରହୁଥିବା ବିଦେଶୀ ବୃତ୍ତିଗତମାନଙ୍କୁ ପ୍ରଭାବିତ କରୁଛି । ଏଥିସହ ଜାଣିନ୍ତୁ ଯେ, ସେପ୍ଟେମ୍ବର ୧୯ ତାରିଖରେ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୧ ସେପ୍ଟେମ୍ବର ପରେ ଦାଖଲ ହୋଇଥିବା ପ୍ରତ୍ୟେକ ନୂତନ ଓ-୧ଇ ଆବେଦନ ଉପରେ ୧୦୦,୦୦୦ ଡଲାର ଶୁଳ୍କ ଲାଗୁ କରି ଏକ ରାଷ୍ଟ୍ରପତି ଘୋଷଣାରେ ସ୍ୱାକ୍ଷର କରିଥିଲେ। 'ଆମେରିକୀୟ ଚାକିରିକୁ ସୁରକ୍ଷା' ଦେବା ଏବଂ ପ୍ରଶାସନ ଯାହାକୁ କହେ ଯେ କାର୍ଯ୍ୟକ୍ରମର ଅପବ୍ୟବହାର, ତାହା ହ୍ରାସ କରିବା ପାଇଁ ଭିସା ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ଉଦ୍ଦିଷ୍ଟ ଏହି ନିୟମ ପ୍ରାୟ ୧୨ ମାସ ପାଇଁ କାର୍ଯ୍ୟକାରୀ ହେବ । ହେଲେ, ଏହି ପୂର୍ବରୁ ଥିବା ଓ-୧ଇ ଧାରକ, ସଂଶୋଧନ ପାଇଁ ପ୍ରଯୁଜ୍ୟ ନୁହେଁ। ଏହି ନୀତି ଆନ୍ତର୍ଜାତୀୟ ପ୍ରତିଭାଙ୍କୁ ନିଯୁକ୍ତି ଦେବାକୁ ଚାହୁଁଥିବା ନିଯୁକ୍ତିଦାତା ଏବଂ ବିଶ୍ୱବିଦ୍ୟାଳୟମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି । ପ୍ରାରମ୍ଭରେ, ଅନେକ ଟେକ୍ କମ୍ପାନୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା ବିଷୟରେ ଚିନ୍ତା ପ୍ରକାଶ କରିଥିଲେ ।

ଆମେରିକାର ଆଫଗାନିସ୍ତାନ ନୀତିକୁ ଏସୀୟ ରାଷ୍ଟ୍ରଙ୍କ ବିରୋଧ

ନୂଆଦିଲ୍ଲୀ/ୱାଶିଂଟନ/କାବୁଲ, ୯।୧୦ (ଏଜେନ୍ସି): ଆମେରିକାର ଆଫଗାନ ନୀତି ପୁଣି ଥରେ ଅନ୍ତର୍ଜାତୀୟ ବିତର୍କର ବିଷୟ ପାଲଟିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଆଫଗାନିସ୍ତାନରେ ନିଜର ସାମରିକ ଉପସ୍ଥିତିକୁ ପୁନଃ ବୃଦ୍ଧି କରିବାକୁ ଏବଂ ବାଗ୍ରାମ ବାୟୁସେନା ଘାଟିକୁ ଆମେରିକାକୁ ଫେରାଇବା ପାଇଁ ତାଲିବାନ ଉପରେ ଚାପ ପକାଇବାକୁ ଚେଷ୍ଟା କରୁଛି। ତଥାପି, ଭାରତ ସମେତ ପ୍ରମୁଖ ଏସୀୟ ଶକ୍ତିମାନେ ଏହି ପଦକ୍ଷେପକୁ ଦୃଢ଼ ବିରୋଧ କରିଛନ୍ତି। ଭାରତ, ରୁଷିଆ, ଚୀନ୍, ଇରାନ ଏବଂ ମଧ୍ୟ ଏସୀୟ ଦେଶଗୁଡ଼ିକ ସହିତ ଏକ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି ଯେ, ଆଫଗାନ ମାଟି ଆଉ କୌଣସି ବିଦେଶୀ ଶକ୍ତି ପାଇଁ ସାମରିକ ଘାଟି ଭାବରେ ବ୍ୟବହାର କରାଯିବ ନାହିଁ।

ଆଫଗାନିସ୍ତାନରେ କୌଣସି ବିଦେଶୀ ସାମରିକ ଘାଟି କିମ୍ବା ଭିତ୍ତିଭୂମି ସ୍ଥାପନକୁ ବିରୋଧ କରି ଭାରତ ମଙ୍ଗଳବାର ରୁଷିଆ, ଚୀନ୍, ଇରାନ ଏବଂ ଅନ୍ୟ ସାତଟି ଦେଶ ସହିତ ସାମିଲ ହୋଇଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମ୍ପ୍ରତି ତାଲିବାନ ସରକାରଙ୍କୁ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ବାଗ୍ରାମ ଏୟାରବେସ୍ ଆମେରିକାକୁ ହସ୍ତାନ୍ତର କରିବାକୁ କହିବା ପରେ ଏହି ବିବୃତି ଆସିଛି। ଭାରତର କୂଟନୈତିକ ପଦକ୍ଷେପ ଯୋଗୁ ଟ୍ରମ୍ପଙ୍କ ଯୋଜନା ଫସର ଫାଟିବା ଆଶଙ୍କା ସୃଷ୍ଟି ହୋଇଛି।

ସମ୍ପ୍ରତି ମସ୍କୋ ଫୋରମ୍ ବୈଠକରେ, ଅଂଶଗ୍ରହଣକାରୀ ଦେଶମାନେ ଆଫଗାନିସ୍ତାନରେ ଶାନ୍ତି, ସ୍ଥିରତା ଏବଂ ବିକାଶର ଗୁରୁତ୍ୱ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବୈଠକରେ ସର୍ବସମ୍ମତିକ୍ରମେ ଏକମତ ହୋଇଥିଲେ ଯେ ଆଫଗାନିସ୍ତାନ କିମ୍ବା ଏହାର ପଡ଼ୋଶୀ ଦେଶଗୁଡ଼ିକରେ କୌଣସି ବିଦେଶୀ ସାମରିକ ଭିତ୍ତିଭୂମିର ଉପସ୍ଥିତି ଆଞ୍ଚଳିକ ଶାନ୍ତି ଏବଂ ସ୍ଥିରତା ପାଇଁ କ୍ଷତିକାରକ ହେବ। ଏହି ବୈଠକରେ ପ୍ରଥମ ଥର ପାଇଁ ତାଲିବାନ ସରକାରଙ୍କ ବୈଦେଶିକ ମନ୍ତ୍ରୀ ଆମିର ଖାନ ମୁତାକି ଯୋଗ ଦେଇଥିଲେ। କିଛି ସପ୍ତାହ ପୂର୍ବରୁ, ଟ୍ରମ୍ପ କହିଥିଲେ ଯେ, ତାଲିବାନ ବାଗ୍ରାମ ବାୟୁ ଘାଟିକୁ ଆମେରିକାକୁ ଫେରାଇ ଦେବା ଉଚିତ, କାରଣ ଏହା ଆମେରିକା ନିର୍ମାଣ କରିଥିଲା।

ବୈଠକରେ ଅଂଶଗ୍ରହଣକାରୀ ଦେଶମାନେ ସହମତ ହୋଇଥିଲେ ଯେ ଆତଙ୍କବାଦର ମୁକାବିଲା ପାଇଁ ଦ୍ୱିପାକ୍ଷିକ ଏବଂ ବହୁପାକ୍ଷିକ ସହଯୋଗକୁ ଆହୁରି ମଜବୁତ କରିବାର ଆବଶ୍ୟକତା ରହିଛି। ମିଳିତ ବିବୃତିରେ କୁହାଯାଇଛି, ଆଫଗାନିସ୍ତାନ ଆତଙ୍କବାଦକୁ ସମ୍ପୂର୍ଣ୍ଣ ଭାବରେ ବିଲୋପ କରିବା ପାଇଁ ଦୃଢ଼ ପଦକ୍ଷେପ ନେବା ଉଚିତ୍ ଏବଂ ଏହାର ଅଞ୍ଚଳକୁ କୌଣସି ପଡ଼ୋଶୀ ଦେଶ ବିରୁଦ୍ଧରେ କିମ୍ବା ବିଶ୍ୱ ଶାନ୍ତି ବିରୁଦ୍ଧରେ ବ୍ୟବହାର ନ କରିବା ନିଶ୍ଚିତ କରିବା ଉଚିତ ।

ଭାରତ ପକ୍ଷରୁ ରାଷ୍ଟ୍ରଦୂତ ବିନୟ କୁମାର ବୈଠକରେ ଅଂଶଗ୍ରହଣ କରିଥିଲେ। ଭାରତୀୟ ଦୂତାବାସ ଅନୁଯାୟୀ, ସେ କହିଥିଲେ ଯେ, ଭାରତ ଏକ ସ୍ୱାଧୀନ, ଶାନ୍ତିପୂର୍ଣ୍ଣ ଏବଂ ସ୍ଥିର ଆଫଗାନିସ୍ତାନକୁ ସମର୍ଥନ କରେ, ଯାହା ଏହାର ଲୋକଙ୍କ ପାଇଁ ସାମାଜିକ ଏବଂ ଆର୍ଥିକ ବିକାଶକୁ ସକ୍ଷମ କରିଥାଏ। ସେ ଏହା ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଯେ ଏକ ସୁରକ୍ଷିତ ଏବଂ ସ୍ଥିର ଆଫଗାନିସ୍ତାନ କେବଳ ଆଫଗାନ ନାଗରିକଙ୍କ ପାଇଁ ନୁହେଁ, ବରଂ ସମଗ୍ର ଅଞ୍ଚଳ ଏବଂ ବିଶ୍ୱ ସୁରକ୍ଷା ପାଇଁ ମଧ୍ୟ ଜରୁରୀ। ବିଶ୍ଳେଷକଙ୍କ ଅନୁସାରେ, ଭାରତର ଏହି ମତକୁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ସୈନ୍ୟ ବିସ୍ତାର ନୀତି ବିରୁଦ୍ଧରେ ଏକ ସନ୍ତୁଳିତ ଏବଂ ସ୍ପଷ୍ଟ କୂଟନୈତିକ ବାର୍ତ୍ତା ଭାବରେ ଦେଖାଯାଉଛି।

ରୁଷିଆରର ବୈଦେଶିକ ମନ୍ତ୍ରୀ ସେରଗେ ଲାଭରୋଭ କହିଛନ୍ତି, ବର୍ତ୍ତମାନର ବିଶ୍ୱ ପରିସ୍ଥିତି ଅତ୍ୟନ୍ତ ଜଟିଳ, କିନ୍ତୁ ଆଫଗାନ ସରକାର ସ୍ଥିରତା ପ୍ରତିଷ୍ଠା ପାଇଁ ଗମ୍ଭୀର ପ୍ରୟାସ କରୁଛି। ସେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଜାତିସଂଘ ରିପୋର୍ଟ ଅନୁଯାୟୀ, ଆଫଗାନିସ୍ତାନରେ ନିଶା ଚାଷ ଏବେ ଯଥେଷ୍ଟ ହ୍ରାସ ପାଇଛି। ଲାଭରୋଭ ଆଶ୍ୱାସନା ଦେଇଛନ୍ତି ଯେ ରୁଷିଆ ଆତଙ୍କବାଦ, ନିଶା କାରବାର ଏବଂ ସଂଗଠିତ ଅପରାଧ ବିରୁଦ୍ଧରେ ଆଫଗାନିସ୍ତାନକୁ ସମସ୍ତ ପ୍ରକାରର ସହାୟତା ଯୋଗାଇବ ଯାହା ଦ୍ୱାରା ସେଠାକାର ଲୋକମାନେ ଏକ ଶାନ୍ତିପୂର୍ଣ୍ଣ ଜୀବନଯାପନ କରିପାରିବେ। ସେ ଆଞ୍ଚଳିକ ସହଯୋଗ ଏବଂ ବିକାଶ ଉପରେ ମଧ୍ୟ ଗୁରୁତ୍ୱାରୋପ କରି କହିଛନ୍ତି, ରୁଷିଆ, ଚୀନ୍ ଏବଂ ଭାରତ ଭଳି ଦେଶମାନେ ବିଶ୍ୱାସ କରନ୍ତି, ଦେଶରେ ସ୍ଥାୟୀ ଶାନ୍ତି ଏବଂ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଆଫଗାନିସ୍ତାନକୁ ଅର୍ଥନୈତିକ ଏବଂ ଆଞ୍ଚଳିକ ସଂଯୋଗୀକରଣରେ ଅଧିକ ଗଭୀର ଭାବରେ ସଂଯୁକ୍ତ କରାଯିବା ଉଚିତ।

ମଧ୍ୟପ୍ରଦେଶରେ ଶିଶୁମୃତ୍ୟୁ ଘଟଣା
ସିବିଆଇ ତଦନ୍ତ ପାଇଁ ସୁପ୍ରିମ୍‌କୋର୍ଟରେ ଆବେଦନ

ନୂଆଦିଲ୍ଲୀ, ୯।୧୦ (ଏଜେନ୍ସି): ମଧ୍ୟପ୍ରଦେଶର ଛିନ୍ଦ୍‌ୱାଡ଼ା ଜିଲ୍ଲାରେ ବିଷାକ୍ତ କଫ୍ ସିରପ୍ ପିଇ ୧୪ ଶିଶୁଙ୍କ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଦାବି କରି ସୁପ୍ରିମକୋର୍ଟରେ ଏକ ଆବେଦନ କରାଯାଇଛି। ଆଇନଜୀବୀ ବିଶାଳ ତିୱାରୀଙ୍କ ଦ୍ୱାରା ଏହି ଆବେଦନ କରାଯାଇଛି। ଦେଶବ୍ୟାପୀ ବିଷାକ୍ତ କଫ୍ ସିରପ୍ ବନ୍ଦ କରିବା ସହ ସମସ୍ତ ସିରପ୍ର ବାଧ୍ୟତାମୂଳକ ପରୀକ୍ଷଣ ପାଇଁ ଆବେଦନରେ ଦର୍ଶାଯାଇଛି। ଅନ୍ୟ ରାଜ୍ୟରେ ଏଭଳି ଘଟଣା ଘଟିଥିବା ଦର୍ଶାଇ ତିୱାରୀ ଜଣେ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତିଙ୍କ ତତ୍ତ୍ୱାବଧାନରେ ଏହି ଘଟଣାର ତଦନ୍ତ କରିବାପାଇଁ ଅନୁରୋଧ କରିଛନ୍ତି। ମୃତକଙ୍କ ପରିବାର ସଦସ୍ୟଙ୍କୁ କ୍ଷତିପୂରଣ ଦେବାପାଇଁ ମଧ୍ୟ ଆବେଦନରେ ଅନୁରୋଧ କରାଯାଇଛି। ଏ ସମ୍ବିଧାନର ଧାରା ୨୧ ଅନୁଯାୟୀ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଏବଂ ଜୀବନର ଅଧିକାରକୁ ଉଦ୍ଧୃତ କରି କୁହାଯାଇଛି ଏହି ଅଧିକାର ନିଶ୍ଚିତ କରେ ଯେ ଆରୋଗ୍ୟ ପାଇଁ ଉଦ୍ଦିଷ୍ଟ କୌଣସି ଔଷଧ ମୃତ୍ୟୁର ଉପକରଣ ନହେଉ।

ଉଲ୍ଲେଖଯୋଗ୍ୟ, ଛିନ୍ଦ୍‌ୱାଡ଼ାରେ କଫ୍ ସିରପ୍ ପାଇଁ ୧୫ ବର୍ଷରୁ କମ୍ ବୟସର ୧୪ ଶିଶୁଙ୍କ ମୃତ୍ୟୁ ହେବାପରେ ଉକ୍ତ ଘଟଣାର ସିବିଆଇ ତଦନ୍ତ ଦାବି କରି କୋର୍ଟରେ ଏକ ଆବେଦନ ହୋଇଛି। ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଛି ଯେ କଫ୍ ସିରପ୍ ପିଇଥିବା ଏକାଧିକ ଶିଶୁଙ୍କ କିଡ୍ନି ଫେଲ୍ ହୋଇଯିବାରୁ ମାତ୍ର କିଛି ଦିନ ମଧ୍ୟରେ ୧୪ ଶିଶୁଙ୍କ ମୃତ୍ୟୁ ହୋଇଯାଇଛି। ମହାରାଷ୍ଟ୍ରର ନାଗପୁରରେ ମଧ୍ୟ ଏହି ସମାନ ଘଟଣା ଘଟିଥିବା ଜଣାପଡ଼ିଛି। ସେହିପରି ରାଜସ୍ଥାନରେ ମଧ୍ୟ କଫ୍ ସିରପ୍ ପିଇ ୨ ଶିଶୁଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି।

ବିଶ୍ୱବ୍ୟାଙ୍କ ରିପୋର୍ଟ: ଭାରତ ସବୁଠୁ ଆଗରେ

ନୂଆଦିଲ୍ଲୀ, ୯।୧୦ (ଏଜେନ୍ସି): ଅର୍ଥନୀତିକୁ ଦ୍ରୁତ ଗତିରେ ଆଗକୁ ବାଢ଼ାଇବାରେ ଅନ୍ୟ ସବୁ ଦେଶକୁ ଭାରତ ପଛରେ ପକାଇ ଦେଇଛି। ଏହା ଅନ୍ୟମାନଙ୍କଠାରୁ ଢେର ଦ୍ରୁତ ଗତିରେ ଆଗକୁ ବଢୁଥିବା ବିଶ୍ୱବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଉପଯୋଗିତା ବଢୁଥିବାରୁ ଭାରତୀୟ ଅର୍ଥନୀତି କ୍ଷିପ୍ର ଗତିରେ ଦୌଡୁଛି। ତେଣୁ ଏହା ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିର ମାନ୍ୟତା ବଜାୟ ରଖିବ। ନିକଟରେ ଜିଏସ୍‌ଟିରେ କରାଯାଇଥିବା ସଂସ୍କାର ଅର୍ଥନୀତିକୁ ଆଗକୁ ବିବାରେ ସମର୍ଥନ କରିବ ବୋଲି ବିଶ୍ୱବ୍ୟାଙ୍କ କହିଛି। ଏହା ନିଜର ସଦ୍ୟତମ ରିପୋର୍ଟରେ ଆକଳନ କରିଛି ଯେ ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ମୋଟ୍ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୬.୫ ପ୍ରତିଶତ ରହିବ। ଏହା ନିଜର ପୂର୍ବ ଆକଳନ ୬.୩ ପ୍ରତିଶତକୁ ବଦଳାଇ ଅଧିକ କରିଛି। କିନ୍ତୁ ୨୦୨୬-୨୭ରେ ଭାରତର ଅଭିବୃଦ୍ଧି ୬.୩ ପ୍ରତିଶତକୁ ହ୍ରାସ ପାଇବ ବୋଲି ବିଶ୍ୱବ୍ୟାଙ୍କ ଆକଳନ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲଗାଇଥିବା ୫୦ ପ୍ରତିଶତ ଶୁଳ୍କ ପ୍ରଭାବରେ ଭାରତର ଅର୍ଥନୀତି ମନ୍ଥର ହେବ ବୋଲି ଏହା କହିଛି।ଟା ଶୁଳ୍କ ପ୍ରଭାବରେ ଦେଶର ରପ୍ତାନି ପ୍ରଭାବିତ ହେବ। ସେଥିପାଇଁ ଅର୍ଥନୈତିକ ଅଭିବୃଦ୍ଧି କମିବ ବୋଲି ବିଶ୍ୱବ୍ୟାଙ୍କ ଜଣାଇଛି।

ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ରାଷ୍ଟ୍ରଗୁଡ଼ିକ ସମ୍ପର୍କରେ ଆକଳନ କରି ବିଶ୍ୱବ୍ୟାଙ୍କ ଜଣାଇଛି ଯେ ୨୦୨୫-୨୬ରେ ବାଂଲାଦେଶର ଅଭିବୃଦ୍ଧି ୪.୮ ପ୍ରତିଶତ ରହିବ। ଭୁଟାନରେ ଜଳ ବିଦ୍ୟୁତ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ହେଉଥିବାରୁ ଏହାର ଅର୍ଥନେତିକ ଅଭିବୃଦ୍ଧି ୭.୩ ପ୍ରତିଶତକୁ ଖସିଯିବ। ମାଳଦ୍ୱୀପର ଅଭିବୃଦ୍ଧି ୩.୯ ପ୍ରତିଶତ ରହିବ। ନିକଟରେ ନେପାଳରେ ଦେଖାଦେଇଥିବା ଅସ୍ଥିରତା ପ୍ରଭାବରେ ଦେଶର ଅଭିବୃଦ୍ଧି ୨.୧ ପ୍ରତିଶତକୁ ଖସିଯିବ ବୋଲି ବିଶ୍ୱବ୍ୟାଙ୍କ ଆକଳନ କରିଛି। ପର୍ଯ୍ୟଟନ ଓ ରପ୍ତାନିରେ ଘଟିଥିବା ଉନ୍ନତି ପ୍ରଭାବରେ ଶ୍ରୀଲଙ୍କାର ଅଭିବୃଦ୍ଧି ୩.୫ ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ରିପୋର୍ଟରେ କୁହାଯାଇଛି ଯେ ବିଶ୍ୱ ଅର୍ଥନୀତିରେ ମାନ୍ଦାବସ୍ଥା, ବାଣିଜ୍ୟ ନୀତିକୁ ନେଇ ଅନିଶ୍ଚିତତା, ସାମାଜିକ-ରାଜନେତିକ ଉତ୍ତେଜନା ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ପ୍ରଭାବରେ ଶ୍ରମ ବଜାରରେ ଦେଖାଦେଇଥିବା ଅସ୍ଥିରତା ଅର୍ଥନୀତି ପ୍ରତି ବିପଦ ସୃଷ୍ଟି କରିବ।

ମାତ୍ର ୬୦ ମିନିଟ୍‌ରେ ବିଶ୍ୱର ଯେ କୌଣସି ସ୍ଥାନରେ ପହଞ୍ଚି ପାରିବ ପାର୍ସଲ

ନୂଆଦିଲ୍ଲୀ,୮।୧୦ (ଏଜେନ୍ସି): ଆଜିକାଲି ଦ୍ରୁତ ବାଣିଜ୍ୟ କମ୍ପାନୀଗୁଡ଼ିକ ପାର୍ସଲ ଡେଲିଭରି ଜଗତରେ ଚହଳ ସୃଷ୍ଟି କରୁଛନ୍ତି। କେତେକ କମ୍ପାନୀ ୧୦ ରୁ ୧୫ ମିନିଟ ମଧ୍ୟରେ ଘରକୁ ସାମଗ୍ରୀ ପହଞ୍ଚାଉଛନ୍ତି ତ ଆଉ କେତେକ ଗୋଟିଏ ସହରରୁ ଅନ୍ୟ ସହରକୁ ଗୋଟିଏରୁ ଦୁଇ ଦିନ ମଧ୍ୟରେ ପାର୍ସଲ ପଠାନ୍ତିଛ ଅନ୍ତର୍ଜାତୀୟ ପାର୍ସଲଗୁଡ଼ିକ ସାଧାରଣତଃ ପାଞ୍ଚରୁ ଦଶ ଦିନ ସମୟ ନେଇଥାଏ। ତଥାପି, ଏକ ଆମେରିକୀୟ କମ୍ପାନୀ ଲଜିଷ୍ଟିକ୍ସ ଜଗତରେ ଏକ ସମ୍ପୂର୍ଣ୍ଣ ନୂତନ ଏବଂ କ୍ରାନ୍ତିକାରୀ ପଦକ୍ଷେପ ନେଇଛି। ଏହା ମାଧ୍ୟମରେ, ଆପଣଙ୍କର ପାର୍ସଲ କେବଳ ଗୋଟିଏ ଘଣ୍ଟାରେ ବିଶ୍ୱର ଯେକୌଣସି କୋଣରେ ପହଞ୍ଚିବ।

କମ୍ପାନୀର ନାମ ଇନଭର୍ସନ। ଏରୋସ୍ପେସ ଏବଂ ପ୍ରତିରକ୍ଷା କ୍ଷେତ୍ରରେ କାମ କରୁଥିବା ଏହି କମ୍ପାନୀ ବିଶ୍ୱର ପ୍ରଥମ ମହାକାଶ ଡେଲିଭରି ଯାନ ବିକଶିତ କରିଛି, ଯାହାକୁ ଆର୍କ ଯାନ କୁହାଯାଏ। ଏହା ଏକ ପୁନଃପ୍ରବେଶ ଯାନ, ଅର୍ଥାତ୍ ଏହା ମହାକାଶକୁ ଯାଇପାରିବ ଏବଂ ତା'ପରେ ବାୟୁମଣ୍ଡଳକୁ ଫେରିପାରିବ। ଏହା ଥରକେ ୨୨୭ କିଲୋଗ୍ରାମ ପର୍ଯ୍ୟନ୍ତ ମାଲ ବହନ କରିପାରିବ।

ଏହି ପ୍ରଯୁକ୍ତିବିଦ୍ୟାରେ, ଆର୍କ ଯାନରେ ସାମଗ୍ରୀ ଲୋଡ କରାଯାଏ। ଏହା ପରେ ମହାକାଶକୁ ଉଠେ, ପୃଥିବୀଠାରୁ ୧୦୦୦ କିଲୋମିଟର ଉଚ୍ଚତାରେ ପହଞ୍ଚିଥାଏ, ଏବଂ ତା'ପରେ ବିତରଣ ବିନ୍ଦୁରେ ପହଞ୍ଚିଥାଏ। ଏହା ପରେ ବାୟୁମଣ୍ଡଳରେ ପୁନର୍ବାର ପ୍ରବେଶ କରେ ଏବଂ ଏକ ପାରାଚୁଟ ସାହାଯ୍ୟରେ ସୁରକ୍ଷିତ ଭାବରେ ଅବତରଣ କରେ। ଆର୍କ ଯାନ ଘଣ୍ଟା ପ୍ରତି ୨୫,୦୦୦ କିଲୋମିଟର ବେଗରେ ଉଡ଼ିପାରେ।

ମହାକାଶ ବିତରଣ ଯାନକୁ ଅନେକ ପ୍ରକାରେ ବ୍ୟବହାର କରାଯାଇପାରିବ। ଏହି ପ୍ରଯୁକ୍ତିବିଦ୍ୟା ଯୁଦ୍ଧ ସମୟରେ ଅତ୍ୟନ୍ତ ଉପଯୋଗୀ ପ୍ରମାଣିତ ହୋଇପାରେ। ଆର୍କ ଯାନ ମହାକାଶରେ ମଧ୍ୟ ରହିପାରିବ। କମ୍ପାନୀ ଅନୁଯାୟୀ, ଏହା ୫ ବର୍ଷ ପର୍ଯ୍ୟନ୍ତ ସକ୍ରିୟ ରହିପାରିବ, ଯାହା ଏହାକୁ ଯୁଦ୍ଧକାଳୀନ ଏବଂ ଜରୁରୀକାଳୀନ ପରିସ୍ଥିତିରେ ବ୍ୟବହାର ପାଇଁ ସୁବିଧାଜନକ କରିଥାଏ।

କମ୍ପାନୀ ଦାବି କରିଛି ଯେ, ଏହି ସ୍ୱୟଂଚାଳିତ ମହାକାଶଯାନ ପୁନଃବ୍ୟବହାରଯୋଗ୍ୟ, ଯାହା ଖର୍ଚ୍ଚ ହ୍ରାସ କରେ। ତଥାପି, ଏହି ସେବାର ମୂଲ୍ୟ କିମ୍ବା ଏହାକୁ କେବେ ଲଞ୍ଚ କରାଯିବ ସେ ବିଷୟରେ କୌଣସି ସୂଚନା ପ୍ରକାଶ କରାଯାଇନାହିଁ।

ୟୁପିଆଇରେ ବଡ଼ ପରିବର୍ତ୍ତନ

ନୂଆଦିଲ୍ଲୀ,୮।୧୦ (ଏଜେନ୍ସି): ଭାରତର ଡିଜିଟାଲ ପେମେଣ୍ଟ ଇକୋସିଷ୍ଟମ ଏକ ବଡ଼ ପରିବର୍ତ୍ତନ ଦେଇ ଗତି କରିବାକୁ ଯାଉଛି। ଲକ୍ଷ ଲକ୍ଷ ଭାରତୀୟଙ୍କ ଦ୍ୱାରା ପ୍ରତିଦିନ ବ୍ୟବହୃତ ୟୁନିଫାଏଡ ପେମେଣ୍ଟ୍ସ ଇଣ୍ଟରଫେସ ୟୁପିଆଇ ପେମେଣ୍ଟ କରିବାର ପଦ୍ଧତିକୁ ସବୁଦିନ ପାଇଁ ପରିବର୍ତ୍ତନ କରିବାକୁ ପ୍ରସ୍ତୁତ ହୋଇଛି। ପେମେଣ୍ଟ କରିବା ସମୟରେ ଆପଣଙ୍କୁ ଆଉ ୪ କିମ୍ବା ୬ଅଙ୍କ ବିଶିଷ୍ଟ ପିନ୍ ମନେ ରଖିବାକୁ ଏବଂ ପଡିବ ନାହିଁ। ଇକୋନୋମିକ ଟାଇମ୍ସର ଏକ ରିପୋର୍ଟ ଅନୁଯାୟୀ, ଅକ୍ଟୋବର ୮ରୁ, ବ୍ୟବହାରକାରୀମାନେ ସେମାନଙ୍କର ମୁହଁ (ଫେସ ଅନଲକ୍) ଏବଂ ଫିଙ୍ଗରପ୍ରିଣ୍ଟ ବ୍ୟବହାର କରି ୟୁପିଆ ପେମେଣ୍ଟକୁ ଅନୁମୋଦନ କରିପାରିବେ। ଏହି ପଦକ୍ଷେପ କେବଳ ପେମେଣ୍ଟ ପ୍ରକ୍ରିୟାକୁ ଦ୍ରୁତ ଏବଂ ସହଜ କରିବ ନାହିଁ, ବରଂ ଏହାକୁ ପୂର୍ବ ଅପେକ୍ଷା ଅଧିକ ସୁରକ୍ଷିତ ମଧ୍ୟ କରିପାରିବ।

ବିଶେଷଜ୍ଞମାନେ କହିଛନ୍ତି ଯେ ଏହା ଭାରତର ଡିଜିଟାଲ ଯାତ୍ରାରେ ଏକ ମାଇଲଖୁଣ୍ଟ ହେବ, ଯେଉଁଠାରେ ଆପଣଙ୍କ ପରିଚୟ ଆପଣଙ୍କର ପାସୱାର୍ଡ ହୋଇଯିବ। ୟୁପିଆଇ ନେଟୱାର୍କ ପରିଚାଳନା କରୁଥିବା ନ୍ୟାସନାଲ ପେମେଣ୍ଟ୍ସ କର୍ପୋରେସନ ଅଫ ଇଣ୍ଡିଆ ଏନ୍‌ପିସିଆଇ ମୁମ୍ବାଇରେ ଚାଲିଥିବା ଗ୍ଲୋବାଲ ଫିନଟେକ ଫେଷ୍ଟିଭାଲରେ ଏହି ଅତ୍ୟାଧୁନିକ ବୈଶିଷ୍ଟ୍ୟକୁ ପ୍ରଦର୍ଶନ କରିବାକୁ ଯୋଜନା କରୁଛି। ଏନ୍‌ପିସିଆଇ ଏପର୍ଯ୍ୟନ୍ତ କୌଣସି ମନ୍ତବ୍ୟ ଦେଇନାହିଁ।

ଏହି ନୂତନ ବାୟୋମେଟ୍ରିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବରେ ଭାରତ ସରକାରଙ୍କ ଅନନ୍ୟ ପରିଚୟ ବ୍ୟବସ୍ଥା, ଆଧାର ଉପରେ ଆଧାରିତ ହେବ। ଏକ ସୂତ୍ର ସ୍ପଷ୍ଟ କରିଛି ଯେ ଯେତେବେଳେ ଜଣେ ଉପଭୋକ୍ତା ପେମେଣ୍ଟ କରିବା ପାଇଁ ନିଜର ମୁହଁ କିମ୍ବା ଫିଙ୍ଗରପ୍ରିଣ୍ଟ ବ୍ୟବହାର କରନ୍ତି, ସେତେବେଳେ ଆଧାର ସହିତ ସଂରକ୍ଷିତ ବାୟୋମେଟ୍ରିକ ତଥ୍ୟ ସହିତ ସେମାନଙ୍କର ଯାଞ୍ଚ କରାଯିବ। ଏହାର ଅର୍ଥ ହେଉଛି କେବଳ ସେହି ବ୍ୟକ୍ତି ଯାହାର ବ୍ୟାଙ୍କ ଆକାଉଣ୍ଟ ଏବଂ ୟୁପିଆଇ ଆଡି ତାଙ୍କ ଆଧାର କାର୍ଡ ସହିତ ଲିଙ୍କ ହୋଇଛି ସେ ପେମେଣ୍ଟକୁ ଅନୁମୋଦନ କରିପାରିବେ।

ଏହି ପ୍ରକ୍ରିୟା ଅତ୍ୟନ୍ତ ସରଳ ହେବ। ପେମେଣ୍ଟ କରିବା ସମୟରେ, ଉପଭୋକ୍ତାଙ୍କୁ ପିନ୍ ପ୍ରବେଶ କରିବା ପରିବର୍ତ୍ତେ ବାୟୋମେଟ୍ରିକ ପ୍ରମାଣୀକରଣ ଚୟନ କରିବାକୁ ପଡିବ। ଏହା ତା'ପରେ ଫୋନର କ୍ୟାମେରା କିମ୍ବା ଟିପଚିହ୍ନ ସ୍କାନରକୁ ସକ୍ରିୟ କରିବ। ସଫଳ ସ୍କାନ ପରେ, ତଥ୍ୟକୁ ଯାଞ୍ଚ ପାଇଁ ଆଧାର ସର୍ଭରକୁ ସୁରକ୍ଷିତ ଭାବରେ ପଠାଯିବ, ଏବଂ ଯାଞ୍ଚ ପରେ, ପେମେଣ୍ଟ ତୁରନ୍ତ ସଫଳ ହେବ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା କିଛି ସେକେଣ୍ଡ ମଧ୍ୟରେ ସମାପ୍ତ ହେବ, ଯାହା ପେମେଣ୍ଟ ଅଭିଜ୍ଞତାକୁ ସୁଗମ ଏବଂ ଅସୁବିଧାମୁକ୍ତ କରିବ। ଏହି ପଦକ୍ଷେପ ବିଶେଷ ଭାବରେ ସେମାନଙ୍କ ପାଇଁ ଲାଭଦାୟକ ହେବ ଯେଉଁମାନେ ସେମାନଙ୍କର ପିନ୍ ମନେ ରଖିବାରେ ଅସୁବିଧା ଅନୁଭବ କରନ୍ତି କିମ୍ବା ଯେଉଁମାନେ ସୁରକ୍ଷା ପ୍ରତି ଅଧିକ ସତର୍କ।

ପଞ୍ଜାବରେ ୭୦ ବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା

ଲୁଧିଆନା, ୯।୧୦ (ଏଜେନ୍ସି): ମଙ୍ଗଳବାର ଦିନ ପଞ୍ଜାବର ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ଚାଷୀଙ୍କ ଚିନ୍ତାକୁ ପୁଣି ଥରେ ବଢ଼ାଇ ଦେଇଛି। ପ୍ରବଳ ପବନ ସହିତ ବର୍ଷା ହେବା ଫଳରେ ପାଚିଲା ଧାନ ଫସଲ କ୍ଷେତରେ ବିଛାଡ଼ି ହୋଇଯାଇଛି ଏବଂ ବଜାରକୁ ଆସୁଥିବା ଅଧିକାଂଶ ଧାନ ଓଦା ହୋଇଯାଇଛିଛ ରାଜ୍ୟରେ ଅକ୍ଟୋବର ମାସରେ ବର୍ଷା ଗତ ୭୦ ବର୍ଷର ରେକର୍ଡ ଭାଙ୍ଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୮.୮ ମିମି ବର୍ଷା ହୋଇଥିଲା, ଯେତେବେଳେ ଅକ୍ଟୋବର ୭ରେ ସାଧାରଣ ବର୍ଷା ୦.୨ ମିମି ହୋଇଥାଏ। ପାଣିପାଗ ବିଭାଗ ଅନୁଯାୟୀ, ୧୯୫୫ରୁ ୨୦୨୪ ପର୍ଯ୍ୟନ୍ତ, ଅକ୍ଟୋବର ୭ ରେ କେବେ ଏତେ ବର୍ଷା ହୋଇନାହିଁ। କିମ୍ବା ଅକ୍ଟୋବରର ପ୍ରଥମ ସପ୍ତାହରେ କୌଣସି ଗୋଟିଏ ଦିନରେ ଏତେ ବର୍ଷା ହୋଇନାହିଁ। ଅକ୍ଟୋବର ୧ ରୁ ୭ ତାରିଖ ପର୍ଯ୍ୟନ୍ତ ପଞ୍ଜାବରେ ସ୍ୱାଭାବିକ ୨.୫ ମିମି ତୁଳନାରେ ୨୦.୭ ମିମି ବର୍ଷା ହୋଇଛି। ଏହାର ଅର୍ଥ ହେଉଛି ଏହି ବର୍ଷ ୭୨୭ ପ୍ରତିଶତ ଅଧିକ ବର୍ଷା ହୋଇଛି। ବୁଧବାର ମଧ୍ୟ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ, ହିମାଚଳ ପ୍ରଦେଶରେ ବର୍ଷା ଯୋଗୁ ଡ୍ୟାମର ଜଳସ୍ତର ପୁଣି ବୃଦ୍ଧି ପାଇଛି। ଏହା ସତଲେଜ୍, ବ୍ୟାସ୍ ଏବଂ ରବି ନଦୀ କୂଳବର୍ତ୍ତୀ ଅଞ୍ଚଳରେ ବନ୍ୟାର ଆଶଙ୍କା ବୃଦ୍ଧି ପାଇଛି।

ତୁଷାରପାତ ଯୋଗୁ ରାସ୍ତାରେ ଫସିଲା ୨୫୦ ଗାଡ଼ି

ସିମଲା, ୯।୧୦ (ଏଜେନ୍ସି): ପ୍ରବଳ ତୁଷାରପାତ ହେତୁ ଲାହୁଲର ଦାର୍ଚାରେ ଖାଦ୍ୟ ଏବଂ ସାମରିକ ସାମଗ୍ରୀ ନେଇ ଯାଉଥିବା ୨୫୦ରୁ ଅଧିକ ଯାନ ଅଟକି ରହିଛି। ଲାହୁଲରୁ ମନାଲି ଆସୁଥିବା ଡ୍ରାଇଭରମାନେ ଆପସି ଏବଂ ସାର୍ଚୁରେ ଫସି ରହିଛନ୍ତି। ସେହିପରି ଜାନ୍ସକରରୁ ମନାଲି ଆସୁଥିବା ଯାନଗୁଡ଼ିକ କାର୍ଗେୟାରେ ଫସି ରହିଛନ୍ତି ଏବଂ କାଜାରୁ ମନାଲି ଆସୁଥିବା ଯାନଗୁଡ଼ିକ ଲୋସାରରେ ଫସି ରହିଛନ୍ତି। ଏହି ତୁଷାରପାତ ଦୁଇରୁ ଆଠ ଫୁଟ ପର୍ଯ୍ୟନ୍ତ ପାଙ୍ଗୀ ଉପତ୍ୟକାକୁ ବିଚ୍ଛିନ୍ନ କରିଛି।

ପୂର୍ବରୁ ପାଙ୍ଗୀରେ ୨୦୦୯ ମସିହାରେ ୧୨ ଏବଂ ୧୩ ତାରିଖରେ ଏବଂ ୨୦୧୮ ମସିହାରେ ୨୪ ସେପ୍ଟେମ୍ବରରେ ତୁଷାରପାତ ହୋଇଥିଲା। ସଚ୍ଚାଜୋତ ରୁଟ୍ ଆନୁଷ୍ଠାନିକ ଭାବରେ ଅକ୍ଟୋବର ୧୫ ତାରିଖ ସୁଦ୍ଧା ବନ୍ଦ ହୋଇଯାଏ, କିନ୍ତୁ ଏଥର ଏହା ଅକ୍ଟୋବର ୬ ତାରିଖରେ ବନ୍ଦ ହୋଇଯାଇଛି। ରାଜ୍ୟରେ ତୁଷାରପାତ ଏବଂ ବର୍ଷା ଯୋଗୁ, ସର୍ବାଧିକ ତାପମାତ୍ରା ସ୍ୱାଭାବିକ ଠାରୁ ତିନିରୁ ୧୭.୭ ଡିଗ୍ରୀ ସେଲସିୟସ୍ କମ୍ ହୋଇଛି। ମଙ୍ଗଳବାର ରୋହତାଙ୍ଗ, ଶିଙ୍କୁଲା, ବାରାଲାଚା ଏବଂ ଚମ୍ବାର ପାଙ୍ଗୀରେ ଦୁଇ ଫୁଟ ତୁଷାରପାତ ହୋଇଛି।

ତୁଷାରପାତ ଏବଂ ବର୍ଷା ରାଜ୍ୟରେ ଧାନ ଅମଳକୁ ପ୍ରଭାବିତ କରିଛି। କେବଳ ଧାନ ନୁହେଁ ଏହା ଆଳୁ ଅମଳକୁ ମଧ୍ୟ ପ୍ରଭାବିତ କରିଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ସର୍ବାଧିକ ବର୍ଷା ବିଳାସପୁରର ବାର୍ଥିନରେ ପ୍ରାୟ ୮୦ ମିମି ରେକର୍ଡ କରାଯାଇଛି। ଧର୍ମଶାଳାରେ ସର୍ବାଧିକ ତାପମାତ୍ରା ୬.୧ ଡିଗ୍ରୀକୁ ହ୍ରାସ ପାଇଛି।

ଏଠାରେ ସର୍ବାଧିକ ତାପମାତ୍ରା ୧୯ ଡିଗ୍ରୀରେ ପହଞ୍ଚିଛି। ଯାହା ସାଧାରଣଠାରୁ ନଅ ଡିଗ୍ରୀ କମ୍। ଦୁଇ ଦିନ ଧରି ଲଗାତାର ବର୍ଷା ଏବଂ ତୁଷାରପାତ ଯୋଗୁ ଲାହୁଲରେ ତାପମାତ୍ରା ମାଇନସ ୫ ଡିଗ୍ରୀକୁ ଖସି ଆସିଛି। କୀଲଙ୍ଗରେ ସର୍ବନିମ୍ନ ତାପମାତ୍ରା ମାଇନସ୍ ୦.୫ ଡିଗ୍ରୀ ସେଲସିୟସ୍ ଏବଂ କୁକୁମସେରିରେ ୦.୩ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି।

ତେଲ ବିନିମୟରେ ଚୀନ୍‌ରୁ କ୍ଷେପଣାସ୍ତ୍ର ଓ ଡ୍ରୋନ୍ କିଣିବ ଇରାନ୍

ତେହେରାନ୍/ବେଜିଂ, ୯।୧୦ (ଏଜେନ୍ସି): ଇରାନ୍ ଉପରେ ଜାତିସଂଘର କଟକଣା ପୁନଃ ଲାଗୁ କରାଯାଇଛି। ଏହି ସମୟରେ, ଇରାନ୍ ମଧ୍ୟ ଚୀନ୍ ସହିତ ଏକ ଚୁକ୍ତି କରିବାକୁ ଚେଷ୍ଟା କରୁଛି। ଇରାନ୍ ଇଣ୍ଟରନ୍ୟାସନାଲର ଏକ ରିପୋର୍ଟ ଅନୁଯାୟୀ, ଇରାନ୍ ନିଜର ତେଲକୁ କ୍ଷେପଣାସ୍ତ୍ର, ଡ୍ରୋନ୍ ଏବଂ ବାୟୁ ପ୍ରତିରକ୍ଷା ପ୍ରଣାଳୀ ପାଇଁ ବିନିମୟ କରିବ। ଦୁଇ ଦେଶ ମଧ୍ୟରେ ସାମରିକ ସମ୍ପର୍କ ଏବଂ ଆମେରିକାର କଟକଣା ସତ୍ତ୍ୱେ ଏହି ଚୁକ୍ତିନାମା ହୋଇଛି।



ଇରାନ୍ର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡସ୍ କର୍ପସ୍ (ଆଇଆରଜିସି) ଏବଂ ସଶସ୍ତ୍ର ବାହିନୀର ଜେନେରାଲ ଷ୍ଟାଫ୍ ଚୀନ୍ କମ୍ପାନି ହାଓକ୍ସନ୍ ଏନର୍ଜି ଗ୍ରୁପ୍‌ଠାରୁ କ୍ଷେପଣାସ୍ତ୍ର, ଡ୍ରୋନ୍ ଏବଂ ବାୟୁ ପ୍ରତିରକ୍ଷା ପ୍ରଣାଳୀ କ୍ରୟ କରିବା ପାଇଁ ଆଲୋଚନା କରିଛନ୍ତି। ଇରାନ୍ ତୈଳ ଯୋଗାଣ ବିନିମୟରେ ଏହି ଚୁକ୍ତି କରାଯାଉଛି। ଚୀନ୍ ସାମରିକ ଉପକରଣ ବିନିମୟରେ ଇରାନ୍ ତୈଳ ଗ୍ରହଣ କରିବ।

ଇରାନ୍ ନିଜର ସାମରିକ ଆବଶ୍ୟକତା ପୂରଣ କରିବା ପାଇଁ ଏହି ଚୁକ୍ତି କରିଛି। ଜୁନ୍ ମାସରେ ଇସ୍ରାଏଲ ସହ ୧୨ ଦିନିଆ ଯୁଦ୍ଧରେ ଇରାନ୍ର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଗୁରୁତର ଭାବରେ କ୍ଷତିଗ୍ରସ୍ତ ହୋଇଥିଲା। ଏହା ଇରାନର ସାମରିକ କ୍ଷମତାକୁ ଗୁରୁତର ଭାବରେ ପ୍ରଭାବିତ କରିଛି। ଇରାନ ଏବେ ଚୀନ୍‌ଠାରୁ ଏଚକ୍ୟୁ-୯-ବି ଭଳି ଉନ୍ନତ ବାୟୁ ପ୍ରତିରକ୍ଷା କ୍ଷେପଣାସ୍ତ୍ର ହାସଲ କରିବାକୁ ଚାହୁଁଛି।

ଇରାନ ଇଣ୍ଟରନ୍ୟାସନାଲର ଏକ ରିପୋର୍ଟ ଅନୁଯାୟୀ, ୧୯୮୦ ଏବଂ ୧୯୯୦ ଦଶକରେ ଇରାନ୍ ପକ୍ଷରୁ ଚୀନ୍‌ଠାରୁ ଜାହାଜ ବିରୋଧୀ କ୍ରୁଜ୍ କ୍ଷେପଣାସ୍ତ୍ର କିଣାଯାଇଥିଲାଛ ଆମେରିକାର ଶାନ୍ତି ପ୍ରତିଷ୍ଠାନ ଅନୁଯାୟୀ, ୧୯୯୧ ରୁ ୧୯୯୪ ମଧ୍ୟରେ ଚୀନ୍ରୁ ଇରାନର ଅସ୍ତ୍ରଶସ୍ତ୍ର ଆମଦାନୀ ଶୀର୍ଷରେ ପହଞ୍ଚିଥିଲା। ୨୦୧୦ ମସିହାରେ ଇରାନ୍ ଦ୍ୱାରା ଚୀନରୁ ଉତ୍ପନ୍ନ ନାସର-୧ କ୍ଷେପଣାସ୍ତ୍ର ପାଇଁ ଏକ ଉତ୍ପାଦନ ଲାଇନ ଆରମ୍ଭ କରାଯାଇଥିଲା।

କିନ୍ତୁ ଜାତିସଂଘର କଟକଣା ପରେ ବେଜିଂ ଏହି ପ୍ରକଳ୍ପରୁ ଓହରି ଯାଇଥିଲା। ଗବେଷଣା ରିପୋର୍ଟ ଅନୁଯାୟୀ, ୨୦୧୫ ପରଠାରୁ ଚୀନରୁ ଇରାନକୁ ସିଧାସଳଖ ଅସ୍ତ୍ରଶସ୍ତ୍ର ବିକ୍ରୟ ରେକର୍ଡ କରାଯାଇନାହିଁ। ଯଦିଓ ଏହି ସାମ୍ପ୍ରତିକ ଚୁକ୍ତି ଆନୁଷ୍ଠାନିକ ଭାବରେ ନିଶ୍ଚିତ ହୋଇନାହିଁ, ଯଦି ଏହା ହୁଏ, ତେବେ ଏହା ଇରାନକୁ ଚୀନ୍ ସାମରିକ ଉପକରଣ ଯୋଗାଇବାର ପ୍ରଥମ ଘଟଣା ହେବ। ବେଜିଂସ୍ଥିତ ଏକ କମ୍ପାନି ହାଓକ୍ସନ୍ ଏନର୍ଜି ଗ୍ରୁପ୍ ୨୦୨୨ ମସିହାରେ ଆଇଆରଜିସିର କୁଦ୍ସ ଫୋର୍ସଠାରୁ ଲକ୍ଷ ଲକ୍ଷ ବ୍ୟାରେଲ୍ ତେଲ କିଣିଥିବା ଅଭିଯୋଗରେ ଆମେରିକାର ଟ୍ରେଜେରୀ ବିଭାଗ ଦ୍ୱାରା ପ୍ରତିବନ୍ଧକ ଲଗାଯାଇଥିଲା। ଯଦିଓ ହାଓକ୍ସନ୍ ଏହି ବିଷୟରେ କୌଣସି ମନ୍ତବ୍ୟ ଦେଇନାହିଁ। କମ୍ପାନି ପୂର୍ବରୁ ତେଲ ପାଇଁ ଇରାନକୁ ୧୧୬ ନିୟୁତ ଡଲାର ମୂଲ୍ୟର ଏୟାରବସ୍ ଏ-୩୩୦ ବିମାନ ପ୍ରଦାନ କରି ସାରିଛି।

INS MEMBER
Printed & Published by BHABYA ASHRIT PANDA on behalf of Gayatri Industries, published from SB-15, Grand Bazaar, Phulanakhara, Dist-Cuttack-754001
Printed at Gayatri Industries, TS 3/193, Mancheswar Ind. Estate, Bhubaneswar-751010.
Phone: 0674- 2582532, News Desk: Mob & Whatsapp: 7789920532, Circulation: 7789930532, e-mail: pratidin.daily@gmail.com
ସମ୍ପାଦକ- ସୁରେଶ ପରିଡ଼ା
Editor - Suresh Parida